ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁଲାଇ ୨୭/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 27/2025 | Page 14 | ₹ 7.00 | BERHAMPUR
୫୧ଶ ଭାଗ ୨୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 242 | ମୂଲ୍ୟ ₹୭/-




**'ଖୋସ୍‌ଲା କା ଘୋସ୍‌ଲା ୨'ରେ ହୁମା**

ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା 'ଖୋସ୍‌ଲା କା ଘୋସ୍‌ଲା ୨' ଫିଲ୍ମରେ ଅଭିନେତ୍ରୀ ହୁମା କୁରେଶୀ ନଜରକୁ ଆସିବେ। **୦୨**

**୧୪** **ବେନ୍ ଷ୍ଟୋକ୍ସଙ୍କ ଶତକ**

ଭାରତ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଇଂଲଣ୍ଡ ବ୍ୟାଟର ବେନ୍ ଷ୍ଟୋକ୍ସ।



# ବୈତରଣୀ, ଜଳକାରେ ବନ୍ୟା

## ବଢୁଛି ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଉତ୍ତର ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ସମେତ ଯାଜପୁର ଜିଲାରେ ବନ୍ୟା ସ୍ଥିତି ଉପୁଜିଛି। ବୈତରଣୀ, ଜଳକା ନଦୀରେ ବନ୍ୟାପାଣି ଉଛୁଳୁଥିବାବେଳେ ଅନେକ ସ୍ଥାନରେ ଜଳସ୍ତର ବିପଦ ସଙ୍କେତ ପାର ହୋଇଛି। ସେହିପରି ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ଏହିସବୁ ନଦୀ ଏବଂ ଏହାର ଶାଖା ନଦୀନାଳ ତଟାଞ୍ଚଳର ବହୁ ସ୍ଥାନ ଜଳବନ୍ଦୀ ହୋଇଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ରବିବାର ଓ ସୋମବାର ଦୁଇଦିନ ପ୍ରବଳ ବର୍ଷା ହେବା ନେଇ ସତର୍କ କରାଇଛି। ଏଥିରୁ ବନ୍ୟା ସ୍ଥିତି ଅଧିକ ଗମ୍ଭୀର ହେବା ଆଶଙ୍କା କରାଯାଉଛି। ରାଜ୍ୟ ସରକାର ବନ୍ୟା ମୁକାବିଲାକୁ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଯାଜପୁର, ଭଦ୍ରକ, ବାଲେଶ୍ୱର ଜିଲାପାଳଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ସ୍ଥିତିକୁ ଦେଖି ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରିବାକୁ କୁହାଯାଇଛି।



ବାଲେଶ୍ୱର ଜିଲା ବସ୍ତା ବ୍ଲକ ପୁନସୀତା ଗ୍ରାମରେ ଜଳକା ବନ୍ୟାପାଣି ଘେରରେ ରହିଥିବା ଏକ ପରିବାର।

ଭଣ୍ଡାରିପୋଖରୀ /ଆନନ୍ଦପୁର /ଯାଜପୁର /ବାଲେଶ୍ୱର / ଭୋଗରାଇ, ୨୬।୭ ରାଜେନ୍ଦ୍ର ଶତପଥୀ / ସୁଶାନ୍ତ କୁମାର ସାହୁ / ହର୍ଷବର୍ଦ୍ଧନ ବେହେରା /ବାଞ୍ଛାନିଧି ଦେ / ପ୍ରଦୀପ ଦାସ/

ବୈତରଣୀ ନଦୀର ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଶନିବାର ଜଳସ୍ତର ହୁ ହୁ ହୋଇ ବଢ଼ିଚାଲିଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଆନିକଟଠାରେ ବୈତରଣୀ ବିପଦ ସଙ୍କେତ ଟପିଛି। ଏଠାରେ ସତର୍କ ସଙ୍କେତ ୧୭.୮୩ ମିଟର ଓ ବିପଦ ସଙ୍କେତ ୧୮.୩୩ ମିଟର ରହିଥିବା ବେଳେ ଶନିବାର ରାତି ସାଢ଼େ ୮ଟା ସୁଦ୍ଧା ଜଳସ୍ତର ୧୮.୮୬ ମିଟର ଛୁଇଁଛି। କେନ୍ଦୁଝର ଜିଲା ଆନନ୍ଦପୁର ବ୍ୟାରେଜ୍‌ର ୧୦୦ ମିଟର ତଳକୁ ବୈତରଣୀ ବିପଦସଙ୍କେତ ୩୭.୪୪୫ ମିଟର ରହିଥିବାବେଳେ ସନ୍ଧ୍ୟା ୬ଟା ବେଳକୁ ୩୯.୧୬୦ ମିଟର ଉପରେ ପାଣି ପ୍ରବାହିତ ହେଉଥିଲା। ସେହିପରି ଏହାର ଉପରମୁଣ୍ଡ ଚମ୍ପୁଆରେ ୩୭୩.୬୪ ମିଟର, ସ୍ୱାମ୍‌ପାଟଣାରେ ୩୧୦.୯୦ ମିଟର ଉଚ୍ଚରେ ବନ୍ୟା ପାଣି ଚାଲିଛି।

ସୂଚନା ଅନୁଯାୟୀ, ସକାଳ ୮ଟାରେ ନଦୀରେ ଜଳସ୍ତର ବୃଦ୍ଧି ଲକ୍ଷ୍ୟ କରାଯାଇଥିଲା। ଅପରାହ୍ଣ ଗୋଟାଏ ସୁଦ୍ଧା ଆଖୁଆପଦାରେ ☞ପୃଷ୍ଠା-୪

# ଯୁବତୀଙ୍କୁ ଆମ୍ବୁଲାନ୍ସରେ ଗଣବଳାତ୍କାର

- ହୋମ୍‌ଗାର୍ଡ ପରୀକ୍ଷାବେଳେ ଅଚେତ ହୋଇଯାଇଥିଲେ
- ଏଭଳି ସରକାରକୁ ସମର୍ଥନ ଦେଇଥିବାରୁ ଲଜ୍ଜିତ: ଚିରାଗ

ଗୟାଜୀ, ୨୬।୭ (ପି.ଟି.)

ବିହାରର ଗୟା ଜିଲାରେ ହୋମ୍‌ଗାର୍ଡ ପରୀକ୍ଷା ବେଳେ ମୂର୍ଚ୍ଛା ଯାଇଥିବା ଜଣେ ୨୬ ବର୍ଷୀୟା ଯୁବତୀଙ୍କୁ ହସ୍ପିଟାଲ ନିଆଯାଉଥିବାବେଳେ ଚଳନ୍ତା ଆମ୍ବୁଲାନ୍ସରେ ତାଙ୍କୁ ଗଣବଳାତ୍କାର କରାଯାଇଛି। ଯୁବତୀ ଜଣଙ୍କ ହୋମ୍‌ଗାର୍ଡ ଚାକିରି ପାଇଁ ପରୀକ୍ଷା ଦେବାକୁ ଆସିଥିଲେ। ତାଙ୍କ ଦ୍ୱାରା ଚିହ୍ନଟ ୨ ଜଣଙ୍କୁ ଗିରଫ କରାଯାଇଥିବା ଶନିବାର ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୨୪ ତାରିଖରେ ବୋଧଗୟାଠାରେ ହୋମ୍‌ଗାର୍ଡ ନିଯୁକ୍ତି ଲାଗି ଶାରୀରିକ କ୍ଷମତା ପରୀକ୍ଷା ଚାଲିଥିବାବେଳେ ଯୁବତୀ ଜଣଙ୍କ ସଂଜ୍ଞାହୀନ ହୋଇପଡ଼ିଥିଲେ। ଯୁବତୀଙ୍କୁ ଆମ୍ବୁଲାନ୍ସ ଯୋଗେ ଗୟାଜୀସ୍ଥିତ ଅନୁଗ୍ରହ ନାରାୟଣ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନିଆଯାଉଥିବାବେଳେ ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ସେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ ବୟାନ ଆଧାରରେ ବୋଧଗୟା ଥାନାରେ ମାମଲା ରୁଜୁ କରାଯିବା ସହ ଆମ୍ବୁଲାନ୍ସର ଡ୍ରାଇଭର ☞ପୃଷ୍ଠା-୪






# ପରିମଳ କର୍ମୀଙ୍କୁ ୧୦ ଲକ୍ଷର ବୀମା, ଜୀବନହାନିରେ ୩୦ ଲକ୍ଷ ସହାୟତା



ଜାତୀୟ କର୍ମଶାଳା 'ଗରିମା' ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ପରିମଳ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ।

ଭୁବନେଶ୍ୱର, ୨୬।୭ (ସୁନିତ୍ ମିଶ୍ର)

ସଫେଇ କର୍ମଚାରୀମାନେ ଅନେକ ସମୟରେ ଅସ୍ୱସ୍ତିକର ପରିବେଶ ଓ ବିପଦପୂର୍ଣ୍ଣ ଅବସ୍ଥାରେ କାର୍ଯ୍ୟ କରୁଛନ୍ତି। କର୍ତ୍ତବ୍ୟରେ ନିୟୋଜିତ ଥିବାବେଳେ ଆବଶ୍ୟକ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୱିପ୍‌ମେଣ୍ଟ (ପିପିଇ) କିଟ୍ ପରିଧାନ ଓ ଅନ୍ୟ ସୁରକ୍ଷାତ୍ମକ ଉପକରଣ ଧାରଣ କରୁନାହାନ୍ତି। ଏଥିଯୋଗୁ ସେମାନଙ୍କ ମଧ୍ୟରୁ ଅନେକେ ମୃତ୍ୟୁମୁଖରେ ପଡୁଛନ୍ତି। ୨୦୧୮ ସେପ୍ଟେମ୍ବର ୨ରେ ରାୟଗଡ଼ା ଜିଲାରେ ପାଇଖାନା ଟାଙ୍କି ସଫା କରିବାକୁ ଯାଇ ୫ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୪ ସେପ୍ଟେମ୍ବର ୬ରେ କଟକରେ ନିର୍ମାଣାଧୀନ ଏକ ପାଇଖାନା ଟାଙ୍କିରେ ଅଣନିଃଶ୍ୱାସୀ ହୋଇ ୩ ଶ୍ରମିକ ପ୍ରାଣ ହରାଇଥିଲେ। ୨୦୨୪ ସେପ୍ଟେମ୍ବର ୯ରେ ଅନୁଗୋଳ ଜିଲାରେ ପାଇଖାନା ଟାଙ୍କିରେ ପଶିଥିବା ୨ ଶ୍ରମିକ ଆଉ ବାହାରିପାରି ନ ଥିଲେ। ୨୦୨୫ ଜୁନ୍ ୩ରେ ନବରଙ୍ଗପୁର ଜିଲାରେ ୪ ସଫେଇ କର୍ମୀଙ୍କ ଅନୁରୂପ ଭାବେ ପ୍ରାଣହାନି ଘଟିଥିଲା। ୨୦୨୫ ଜୁନ୍ ୯ରେ ବାଲେଶ୍ୱର ଜିଲାରେ ପାଇଖାନା ଟାଙ୍କି ସଫେଇ ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସଫେଇ କର୍ମଚାରୀଙ୍କ କ୍ଷେତ୍ରରେ ବାରମ୍ବାର ଏପରି ଘଟୁଥିବାରୁ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଅନେକଥର ଚିନ୍ତାବ୍ୟକ୍ତ କରିଛନ୍ତି। ଅନୁଗୋଳ ଘଟଣାରେ ଏନ୍‌ଏଚ୍‌ଆର୍‌ସି ଜିଲାପାଳ ଏବଂ ରାଜ୍ୟ ଶ୍ରମ ଓ ନିୟୋଜନ ବିଭାଗ ସଚିବଙ୍କୁ ଶୁକ୍ରବାର ରିପୋର୍ଟ ତଲବ କରିଛନ୍ତି। ଏଭଳି ସ୍ଥିତିରେ ପରିମଳ କର୍ମଚାରୀଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନବୀମା ସହ କର୍ତ୍ତବ୍ୟରତ ଥିବାବେଳେ ମୃତ୍ୟୁ ଘଟିଲେ ୩୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ☞ପୃଷ୍ଠା-୪

# ଏନ୍‌କାଉଣ୍ଟରରେ ୪ ମାଓବାଦୀ ନିହତ

ବିଜାପୁର/ମାଲକାନଗିରି, ୨୬।୭ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଜାପୁରରେ ଶନିବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୪ ଜଣ ମାଓବାଦୀ ନିହତ ହୋଇଛନ୍ତି। ବିଜାପୁରର ବାସଗୁଡ଼ା ଗ୍ରାମ ନିକଟରେ ଗୁଳି ବିନିମୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ୪ ମୃତଦେହ ନିକଟରୁ ଇନ୍‌ସାସ୍ ଏବଂ ଏସ୍‌ଏଲ୍‌ଆର୍ ରାଇଫଲ ସହ ବିପୁଳ ପରିମାଣର ଅସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ମିଳିଛି। ଗୋଇନ୍ଦା ସୂଚନା ଆଧାରରେ ସୁରକ୍ଷା ବଳ ବାସଗୁଡ଼ା ଗ୍ରାମ ନିକଟରେ ତଲାସି ଅଭିଯାନ ଚଳାଇଥିବାବେଳେ ମାଓବାଦୀ ଗୁଳି ଚଳାଇବାରୁ ଯବାନମାନେ ଏହାର ଜବାବ ଦେଇଥିଲେ। ସନ୍ଧ୍ୟାଠରୁ ଗୁଳି ବିନିମୟ ଜାରି ରହିଛି। ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ନାରାୟଣପୁର ଜିଲାର ଅବୁଝମଡଠାରେ ଏନ୍‌କାଉଣ୍ଟରରେ ୬ ମାଓବାଦୀ ନିହତ ହୋଇଥିଲେ।


**ଆଜିର ସମ୍ପାଦକୀୟ**

**ସ୍ଥିତିରେ ପରିବର୍ତ୍ତନ**


# ସ୍ତ୍ରୀଙ୍କ ଚାପରେ ଚାକିରି ଛାଡ଼ି ଚୋରି

ଜୟପୁର, ୨୬।୭

ସ୍ତ୍ରୀଙ୍କର ବିଳାସପୂର୍ଣ୍ଣ ଦାବିକୁ ପୂରଣ କରିପାରୁ ନ ଥିବାରୁ ରାଜସ୍ଥାନର ଜଣେ ବିବିଏ ଗ୍ରାଜୁଏଟ ବିବାହର କିଛି ଦିନ ପରେ ଚାକିରି ଛାଡ଼ି ଚୋରି କରିବା ଆରମ୍ଭ କରିଥିଲେ। ରାଜସ୍ଥାନର ଜମ୍‌ୱା ରାମଗଡ଼ ସହରରୁ ଏହିପରି ଏକ ମାମଲା ସାମ୍ନାକୁ ଆସିଛି, ଯେଉଁଥିରେ ତରୁଣ ପାରିକ୍ ନାମକ ଯୁବକଙ୍କୁ ଚୋରି ଅଭିଯୋଗରେ ପୋଲିସ ଗିରଫ କରିଛି।

ପୋଲିସ ସୂଚନା ଅନୁଯାୟୀ, ବିବାହ ପରେ ସ୍ତ୍ରୀଙ୍କର ବିଭିନ୍ନ ବିଳାସପୂର୍ଣ୍ଣ ଦାବିକୁ ପୂରଣ କରିବାରେ ତରୁଣ ଅସମର୍ଥ ଥିଲେ। ତେଣୁ ସେ ଚାକିରି ଛାଡ଼ି ଅପରାଧର ପଥକୁ ବାଛିଥିଲେ। ସନ୍ଦେହରୁ ବର୍ତ୍ତିବା ପାଇଁ ସେ ସାବଧାନପୂର୍ଣ୍ଣ ଭାବେ ଚୋରି ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ। ଚୋରି କରିବା ଲାଗି ସେ ବାରମ୍ବାର ଜମ୍‌ୱା ରାମଗଡ଼ରୁ ଜୟପୁରକୁ ଯିବା ଆସିବା କରୁଥିଲେ। ଜେରାବେଳେ ତରୁଣ କହିଛନ୍ତି, ବିବାହ ପରେ ତାଙ୍କ ସ୍ତ୍ରୀ ବିଳାସପୂର୍ଣ୍ଣ ଜୀବନଶୈଳୀ ଚାହୁଁଥିଲେ। ଏଥିପାଇଁ ସେ ତାଙ୍କ ଉପରେ ଚାପ ପକାଇଥିଲେ ଏବଂ ସ୍ୱାମୀଙ୍କଠାରୁ ପର୍ଯ୍ୟାପ୍ତ ଅର୍ଥ ଦାବି କରିଥିଲେ। ତରୁଣ ଏକ ଘରୋଇ କମ୍ପାନୀରେ କାର୍ଯ୍ୟନିର୍ବାହୀ ଭାବେ କାର୍ଯ୍ୟ କରୁଥିଲେ। ସ୍ତ୍ରୀଙ୍କ ଚାପର ବଶବର୍ତ୍ତୀ ହୋଇ ସେ ନିଜ ଚାକିରି ଛାଡ଼ିଥିଲେ ଏବଂ ଅପରାଧର ଆଶ୍ରୟ ନେଇଥିଲେ। କିଛିଦିନ ତଳେ ଜୟପୁରର ଟ୍ରାନ୍ସପୋର୍ଟ ନଗର ଅଞ୍ଚଳରେ ତରୁଣ ଜଣେ ବୃଦ୍ଧାଙ୍କଠାରୁ ସୁନାଚେନ୍ ଲୁଟ୍ କରିଥିଲେ। ଉକ୍ତ ଲୁଟ୍ ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଥିଲା। ସିସିଟିଭି ଫୁଟେଜ୍‌କୁ ଆଧାର କରି ପୋଲିସ ତରୁଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ପୂର୍ବରୁ ସେ ଅନେକ ଚୋରି ଘଟଣାରେ ଲିପ୍ତ ଥିବା ନେଇ ତରୁଣ ପୋଲିସ ସମ୍ମୁଖରେ ସ୍ୱୀକାର କରିଥିଲେ। ତେବେ ଏହି କାର୍ଯ୍ୟରେ ତରୁଣଙ୍କୁ କିଏ କିଏ ସହଯୋଗ କରୁଥିଲେ ସେ ଦିଗରେ ତଦନ୍ତ ଜାରି ରହିଛି। ସେହିପରି ତରୁଣଙ୍କର ଚୋରି କାର୍ଯ୍ୟକଳାପ ବିଷୟରେ ତାଙ୍କ ସ୍ତ୍ରୀ ଅବଗତ ଥିଲେ କି ନାହିଁ ସେନେଇ ପୋଲିସ ତଦନ୍ତ କରୁଛି।




## ସଂକ୍ଷେପରେ

### ଅବସର ପରେ ସରକାରୀ ପଦ ଗ୍ରହଣ କରିବି ନାହିଁ: ସିଜେଆଇ ଗବଇ



ଅମରାବତୀ,୨୬।୭

ପ୍ରଧାନ ବିଚାରପତି ପଦରୁ ଅବସର ନେବା ପରେ ସିଜେଆଇ ବି.ଆର୍. ଗବଇ କୌଣସି ସରକାରୀ ପଦବୀ ଗ୍ରହଣ କରିବେ ନାହିଁ। ଅବସର ପରେ ପରାମର୍ଶ ଓ ମଧ୍ୟସ୍ଥତା କାର୍ଯ୍ୟ କରିବେ ବୋଲି ଶନିବାର ମହାରାଷ୍ଟ୍ରର ଅମରାବତୀ ଜିଲା ଓ ଦୌରା ଅଦାଲତରେ ସ୍ୱର୍ଗତ ଟି.ଆର୍. ଗିଲ୍ଡା ସ୍ମାରକୀ ଇ-ଲାଇବ୍ରେରି ଉଦ୍‌ଘାଟନ ଅବସରରେ ଜଷ୍ଟିସ୍ ଗବଇ କହିଛନ୍ତି। ନଭେମ୍ବର ୨୪ରେ ସିଜେଆଇ ଅବସର ନେବାକୁ ଥିବାବେଳେ ଏହା ପରେ ସେ ସରକାରୀ ପଦବୀ ଗ୍ରହଣ କରିବେ ନାହିଁ ବୋଲି ପୂର୍ବରୁ ମଧ କହିଥିଲେ।

### ଭୂସ୍ଖଳନରୁ କେଦାରନାଥ ରାସ୍ତା ଅବରୋଧ: ଫସିଛନ୍ତି ତୀର୍ଥଯାତ୍ରୀ

ଡେରାଡୁନ୍,୨୬।୭

ପ୍ରବଳ ବର୍ଷା ଯୋଗୁ ଉତ୍ତରାଖଣ୍ଡର ଗୌରୀକୁଣ୍ଡ ନିକଟରେ ଭୂସ୍ଖଳନ ଘଟି କେଦାରନାଥ ଧାମକୁ ଯିବା ପାଇଁ ଥିବା ରାସ୍ତା ଅବରୋଧ ହୋଇଛି। ଫଳରେ ବହୁସଂଖ୍ୟାରେ ତୀର୍ଥଯାତ୍ରୀ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଛନ୍ତି। ପୂର୍ତ୍ତ ବିଭାଗ କର୍ମଚାରୀଙ୍କ ସହ ପୋଲିସ, ଏସ୍‌ଡିଆର୍‌ଏଫ୍ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ରାସ୍ତା ଅବରୋଧ ହଟାଇବା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। କେଦାରନାଥରୁ ଫେରୁଥିବା ତୀର୍ଥଯାତ୍ରୀମାନେ ମଧ ସୁରକ୍ଷା ବଳକୁ କାର୍ଯ୍ୟରେ ସହାୟତା କରୁଥିବା ଦେଖାଯାଇଛି। ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ମୁକ୍ତ ନ ହେବା ପର୍ଯ୍ୟନ୍ତ ଗୌରୀକୁଣ୍ଡ ପଟୁ ଯାଉଥିବା ତୀର୍ଥଯାତ୍ରୀମାନଙ୍କୁ ଅଟକି ରହିବାକୁ ପଡ଼ିବ। ଫସିରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରାଯିବା ସହ ପ୍ରଶାସନ ତରଫରୁ ସେମାନଙ୍କୁ ରିଲିଫ୍ ସହାୟତା ଯୋଗାଇ ଦିଆଯାଉଛି।

# ବିହାରରେ ନାଗରିକତ୍ୱ ଯାଞ୍ଚ
# ସୁପ୍ରିମକୋର୍ଟଙ୍କ ରାୟର ଅବମାନନା: ଏଡିଆର୍

ନୂଆଦିଲ୍ଲୀ,୨୬।୭

ବିହାରରେ ଭୋଟର ତାଲିକାର ସ୍ୱେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ବେଳେ ମତଦାତାମାନଙ୍କ ନାଗରିକତ୍ୱର ଯାଞ୍ଚ କରାଯାଉଛି। ନାଗରିକତ୍ୱ ଯାଞ୍ଚ କରିବାର ସାମ୍ବିଧାନିକ କ୍ଷମତା ନିର୍ବାଚନ କମିଶନ (ଇସି)ଙ୍କର ରହିଥିବା ଦାବି କରୁଥିବାବେଳେ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଏହାର ପ୍ରତିଜବାବରେ ସୁପ୍ରିମକୋର୍ଟଙ୍କ ପୂର୍ବ ରାୟର ଉଲ୍ଲଂଘନ ହୋଇଥିବା ଯୁକ୍ତି ବାଢ଼ିଛି। ପାସ୍‌ପୋର୍ଟ, ଜାତି ପ୍ରମାଣପତ୍ର ଏବଂ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ପାଇଁ ଆଧାର ଗ୍ରହଣୀୟ ହୋଇଥିବାବେଳେ ନାଗରିକତ୍ୱ ଯାଞ୍ଚ ପାଇଁ ଇସି ଗ୍ରହଣ କରୁଥିବା ଦସ୍ତାବିଜ୍ ତାଲିକାରୁ ଆଧାର କାର୍ଡ ଏବଂ ରାଶନ କାର୍ଡକୁ ବାଦ୍ ଦିଆଯିବା ସମ୍ପୂର୍ଣ୍ଣ ହାସ୍ୟାସ୍ପଦ ବୋଲି ଏଡିଆର୍ କହିଛି।

ଆଗାମୀ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଭୋଟର ତାଲିକା ସଂଶୋଧନର କାରଣକୁ ଯଥାର୍ଥ ପ୍ରତିପାଦନ କରିବାରେ ଇସି ବିଫଳ ହୋଇଛନ୍ତି। ଯେଉଁଭଳି ଢଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କରାଯାଉଛି, ତାହା ରାଜ୍ୟ ମତଦାତାମାନଙ୍କ ପ୍ରତି ଗମ୍ଭୀର ଜାଲିଆତି ବୋଲି ଆବେଦନକାରୀ ଏଡିଆର୍ ଦର୍ଶାଇଛି। ନଭେମ୍ବର ୨୪ରେ ବିହାର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପାଇଁ ଘୋଷଣା କରାଯିବାର ସମୟ ଓ ଆବଶ୍ୟକତାକୁ ନେଇ ବିବାଦ ଘନେଇଛି। ଭୋଟର ତାଲିକାରେ ରହିବା ପାଇଁ ୨୦୦୩ରେ ମତଦାତାମାନେ ବିଭିନ୍ନ କାଗଜାତ ଦାଖଲ କରିଥିଲେ। ଏବେ ସ୍ୱତନ୍ତ୍ର ସଂଶୋଧନ ଆଳରେ ବହୁସଂଖ୍ୟାରେ ମତଦାତାଙ୍କୁ ସେମାନଙ୍କ ମତଦାନ ଅଧିକାରରୁ ବଞ୍ଚିତ କରାଯିବା ସମ୍ଭାବନା ଥିବାରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି।

ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ କମିଶନରଙ୍କ କାଉଣ୍ଟର ଆଫିଡେଭିଟ୍‌ର ଜବାବରେ ଶନିବାର ଏଡିଆର୍ ପ୍ରତିଜବାବ ଦାଖଲ କରିଛି। ଗତ ୨୧ ତାରିଖରେ ଇସି ଏହାର ସତ୍ୟପାଠରେ ଦର୍ଶାଇଥିଲେ ଯେ, ସମ୍ବିଧାନର ଅନୁଚ୍ଛେଦ ୩୨୬ ଅନୁଯାୟୀ ଭୋଟରମାନଙ୍କ ନାଗରିକତ୍ୱ ଯାଞ୍ଚ କରିବା ଅଧିକାର ଏହାର ରହିଛି। ଭୋଟର ତାଲିକାରୁ କାହାକୁ ବାଦ୍‌ଦେବା ଅର୍ଥ ତାଙ୍କ ନାଗରିକତ୍ୱ ସମାପ୍ତ ହୋଇଯିବ ନାହିଁ ବୋଲି ଇସି ସ୍ପଷ୍ଟୀକରଣ ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୮ରେ ହେବାକୁ ଧାର୍ଯ୍ୟ କରାଯାଇଛି। ଇସିର ନାଗରିକତ୍ୱ ଯାଞ୍ଚ ଅଧିକାର ଯୁକ୍ତିର ଜବାବରେ ପିଟିଶନର କହିଛନ୍ତି, ଏହାର ସୁପ୍ରିମକୋର୍ଟଙ୍କ ପୂର୍ବ ରାୟର ବିରୁଦ୍ଧାଚରଣ କରୁଛି। ୧୯୫୫ର ଲାଲ ବାବୁ ହୁସେନ୍ ବନାମ କେନ୍ଦ୍ର ସରକାର ମାମଲାରେ ସୁପ୍ରିମକୋର୍ଟ ରାୟ ଦେଇ କହିଥିଲେ, ନାଗରିକତ୍ୱ ପ୍ରମାଣର ଦାୟିତ୍ୱ ନୂଆ ଆବେଦନକାରୀଙ୍କ ଉପରେ ନ୍ୟସ୍ତ, ଭୋଟର ତାଲିକାରେ ଥିବା ଲୋକଙ୍କ ଉପରେ ନୁହେଁ। ସେହିପରି ୧୯୮୫ର ଇନ୍ଦ୍ରଜିତ ବରୁଆ ବନାମ ଇସିଆଇ ମାମଲାରେ ସର୍ବୋଚ୍ଚ ଅଦାଲତ କହିଥିଲେ, ଭୋଟର ତାଲିକାରେ ନାମ ରହିଥିଲେ ଏହା ନାଗରିକତ୍ୱର ପ୍ରଥମ ପ୍ରମାଣ ଏବଂ ଏହାକୁ ଖଣ୍ଡନ କରିବା ଦାୟିତ୍ୱ ପ୍ରତିବାଦକାରୀଙ୍କର।

### ଇସ୍ରାଏଲ ଆକ୍ରମଣରେ ୨୫ ପାଲେଷ୍ଟିନୀୟ ମୃତ

ଡେର୍ ଅଲ୍ ବଲାହ, ୨୬।୭

ଗାଜାରେ ଶନିବାର ଇସ୍ରାଏଲୀ ସେନାର ଏୟାର ଷ୍ଟ୍ରାଇକ୍ ଏବଂ ଗୁଳିମାଡ଼ରେ ୨୫ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି। ଗାଜାର ଜିକିମ୍ କ୍ରସିଂଠାରେ ସହାୟତା ଟ୍ରକ୍‌କୁ ଅପେକ୍ଷା କରିଥିବା ଲୋକଙ୍କ ଉପରେ ଇସ୍ରାଏଲୀ ସେନା ଗୁଳି ଚଳାଇଥିଲା। ତେବେ ଏନେଇ ଇସ୍ରାଏଲୀ ସେନାର ପ୍ରତିକ୍ରିୟା ମିଳିପାରିନାହିଁ। ଗାଜା ସିଟିର ଏକ ଆପାର୍ଟମେଣ୍ଟ ବିଲ୍ଡିଂରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍ ଫଳରେ ୪ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଇସ୍ରାଏଲ ଏବଂ ହମାସ୍ ମଧ୍ୟରେ ଯୁଦ୍ଧ ବିରତି ଆଲୋଚନା ସ୍ଥଗିତ ଥିବା ବେଳେ ଇସ୍ରାଏଲ ପକ୍ଷରୁ ଏହି ଆକ୍ରମଣ କରାଯାଇଛି।

### ଚାଇନା ସପକ୍ଷ ଦଳର ସଦସ୍ୟଙ୍କ ବହିଷ୍କାର ନିଷ୍ପତ୍ତି ନେଇ ତାଇୱାନ୍‌ରେ ଭୋଟ

ତାଇପେଇ,୨୬।୭

ସ୍ୱୟଂଶାସିତ ତାଇୱାନ୍ ବ୍ୟବସ୍ଥାପିକାରେ କ୍ଷମତା ସନ୍ତୁଳନକୁ ସମ୍ଭାବ୍ୟ ନୂଆ ରୂପ ଦେବା ପାଇଁ ଉଦ୍ୟମ ହେଉଛି। ବିରୋଧୀ ନ୍ୟାଶନାଲିଷ୍ଟ ପାର୍ଟିରୁ ଥିବା ୨୦ ପ୍ରତିଶତ ଆଇନ ପ୍ରଣେତାଙ୍କୁ ବହିଷ୍କାର କରିବା ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ଶନିବାର ସେଠାରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ଗତବର୍ଷ ରାଷ୍ଟ୍ରପତି ନିର୍ବାଚନରେ ଶାସକ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି ବିଜୟୀ ହୋଇଥିବାବେଳେ ସଂଖ୍ୟାଗରିଷ୍ଠ ମେଣ୍ଟ ଗଠନ ପାଇଁ ଚାଇନା ସପକ୍ଷବାଦୀ ନ୍ୟାଶନାଲିଷ୍ଟ ପାର୍ଟି ବା କେଏମ୍‌ଟି ଏବଂ ତାଇୱାନ୍ ପିପୁଲ୍ସ ପାର୍ଟି ହାତରେ ଯଥେଷ୍ଟ ଆସନ ରହିଛି। ସେମାନେ ପ୍ରତିରକ୍ଷା ବଜେଟ ଭଳି ଗୁରୁତ୍ୱପୂର୍ଣ୍ଣ ବିଧେୟକକୁ ଅଟକାଇବା ସହ ବିବାଦୀୟ ପରିବର୍ତ୍ତନକୁ ଗୃହୀତ କରାଇଛନ୍ତି, ଯାହା ସରକାରଙ୍କ କ୍ଷମତା ହ୍ରାସ କରି ଚାଇନା ସପକ୍ଷରେ ଯାଉଛି। ଏଥିରେ କ୍ଷୁବ୍ଧ ତାଇୱାନୀମାନେ ଉକ୍ତ ୨୪ ବିରୋଧୀ ସଦସ୍ୟଙ୍କ ବହିଷ୍କାରକୁ ସମର୍ଥନ କରୁଛନ୍ତି।



ମାଲେଠାରେ ଶନିବାର ଅନୁଷ୍ଠିତ ମାଳଦ୍ୱୀପର ୬୦ତମ ସ୍ୱାଧୀନତା ଦିବସ ଉତ୍ସବରେ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଛନ୍ତି।

## ମାଳଦ୍ୱୀପ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ହେଲେ ମୋଦି

ମାଲେ,୨୬।୭

ମାଳଦ୍ୱୀପ ସ୍ୱାଧୀନତା ଦିବସ ଶନିବାର ପାଳିତ ହୋଇଥିବାବେଳେ ସେଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି, ଯାହା ଦ୍ୱିପାକ୍ଷିକ ସମ୍ପର୍କରେ ହୋଇଥିବା ଉଲ୍ଲେଖନୀୟ ପରିବର୍ତ୍ତନର ଅନ୍ୟତମ ସଙ୍କେତ। ଏହି ଅବସରରେ ମାଳଦ୍ୱୀପ ରାଜଧାନୀସ୍ଥିତ ରିପବ୍ଲିକ୍ ସ୍କୋୟାରରେ ତାଙ୍କୁ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ଏବଂ ତାଙ୍କ କ୍ୟାବିନେଟର ଶୀର୍ଷ ମନ୍ତ୍ରୀମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ୬୦ତମ ସ୍ୱାଧୀନତା ଦିବସ ଅବସରରେ ୫୦ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୋଦି ରାଷ୍ଟ୍ରପତି ମୁଇଜ୍ଜୁଙ୍କ ସହ ବସି ଦେଖିଥିଲେ। ସାମରିକ ପରେଡ୍ ସାଙ୍ଗକୁ ପିଲା ଏବଂ ପାରମ୍ପରିକ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ ପ୍ରଦର୍ଶନ କରାଯାଇଥିଲା। ମୋଦିଙ୍କ ସହ ତାଙ୍କ ପ୍ରତିନିଧି ଦଳରେ ଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମାଳଦ୍ୱୀପ ସହ ସମ୍ପର୍କକୁ ଆଗେଇ ନେବାକୁ ଭାରତ ଅଧିକ ଘନିଷ୍ଠତାର ସହ କାର୍ଯ୍ୟ କରିବାକୁ ଚାହେଁ ବୋଲି ଉପରାଷ୍ଟ୍ରପତି ଉଜ୍ ହୁସେନ୍ ମହମ୍ମଦ ଲତିଫ ଓ ଅନ୍ୟ ନେତୃବୃନ୍ଦଙ୍କ ସହ ଆଲୋଚନା ବେଳେ ମୋଦି କହିଛନ୍ତି। ଭାରତ ମହାସାଗର ଭାରତ ଓ ମାଳଦ୍ୱୀପ ମଧ୍ୟରେ ଦୀର୍ଘଦିନ ସମ୍ପର୍କର ଜୀବନ୍ତ ପ୍ରମାଣ ବୋଲି ଏହି ଅବସରରେ ରାଷ୍ଟ୍ରପତି ମୁଇଜ୍ଜୁ କହିଛନ୍ତି। ୨ ଦେଶ ମଧ୍ୟରେ ସମ୍ପର୍କରେ ଏକ ଦୃଢ଼ ବନ୍ଧନ ରହିଆସିଛି, ଯାହା କୂଟନୀତିରୁ ବହୁ ଊର୍ଦ୍ଧ୍ୱରେ ବୋଲି ସେ ମତ ଦେଇଛନ୍ତି।

## ୧୭ ଏମ୍‌ପିଙ୍କୁ ସଂସଦରତ୍ନ ପୁରସ୍କାର

ନୂଆଦିଲ୍ଲୀ,୨୬।୭(ପି.ଟି.)

ଲୋକ ସଭାରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ ପାଇଁ ୧୭ ଜଣ ଏମ୍‌ପିଙ୍କୁ ଚଳିତ ବର୍ଷର ସଂସଦରତ୍ନ ପୁରସ୍କାର ପାଇଁ ଚୟନ କରାଯାଇଛି। ସେମାନଙ୍କ ମଧ୍ୟରେ ଏନ୍‌ସିପି (ଏସ୍‌ପି) ଏମ୍‌ପି ସୁପ୍ରିୟା ସୁଲେ, ଭାଜପା ଏମ୍‌ପି ରବି କିଶନ ଏବଂ ନିଶିକାନ୍ତ ଦୁବେ, ଶିବସେନା (ୟୁବିଟି)ର ଅରବିନ୍ଦ ସାୱନ୍ତ ପ୍ରମୁଖ ରହିଛନ୍ତି। କ୍ରମାଗତ ତୃତୀୟ ପାଳିରେ ସଂସଦୀୟ ଗଣତନ୍ତ୍ର ପ୍ରତି ସୁସଂଗତ ଅବଦାନର ସ୍ୱୀକୃତି ସ୍ୱରୂପ ୪ ଜଣ ଏମ୍‌ପିଙ୍କୁ ସ୍ୱତନ୍ତ୍ର ଜୁରି ପୁରସ୍କାରରେ ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଓଡ଼ିଶାର ଭାଜପା ଏମ୍‌ପି ଭର୍ତ୍ତୃହରି ମହତାବ, କେରଳ ରିଭଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି ଏମ୍‌ପି ଏନ୍.କେ. ପ୍ରେମଚନ୍ଦ୍ରନ, ମହାରାଷ୍ଟ୍ରର ଏନ୍‌ସିପି-ଏସ୍‌ପି ଏମ୍‌ପି ସୁପ୍ରିୟା ସୁଲେ ଏବଂ ଶିବସେନା ଏମ୍‌ପି ଶ୍ରୀରଙ୍ଗ ଆପ୍ପା ବର୍ନେ। ଏମାନେ ସମସ୍ତେ ଷୋଡ଼ଶ ଲୋକ ସଭା ସମୟରୁ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଆସୁଛନ୍ତି।

### ଭର୍ତ୍ତୃହରିଙ୍କୁ ସ୍ୱତନ୍ତ୍ର ଜୁରି ପୁରସ୍କାର



ଭର୍ତ୍ତୃହରି ମହତାବ

ପୁରସ୍କୃତ ହେବାକୁ ଥିବା ଅନ୍ୟ ଏମ୍‌ପିମାନେ ହେଲେ ଭାଜପାର ସ୍ମିତା ଉଦୟ ୱାଗ, ଶିବସେନାର ନରେଶ ମହସ୍କେ, କଂଗ୍ରେସର ବର୍ଷା ଗାଏକ୍ୱାଡ଼୍, ଭାଜପାର ମେଧା କୁଲ୍‌କର୍ନି, ପ୍ରବୀଣ ପଟେଲ, ବିଦ୍ୟୁତ୍‌ବରନ ମାହାତୋ, ଦିଲୀପ ସାଇକିଆ ପ୍ରମୁଖ। ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଗଠିତ ଆର୍ଥିକ ସ୍ଥାୟୀ କମିଟି ଏବଂ କଂଗ୍ରେସର ଡ. ଚିରଞ୍ଜିତ ସିଂ ଚନ୍ନିଙ୍କ ଅଧ୍ୟକ୍ଷତାରେ ଗଠିତ କୃଷି ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଏବଂ ବୈଧାନିକ ନିରୀକ୍ଷଣର ମାନ ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଛି।

## ଟ୍ରକ୍ ଧକ୍କାରେ ୨୦ କାର୍ ଚୂର୍‌ମାର

ମୁମ୍ବାଇ,୨୬।୭

ମୁମ୍ବାଇ-ପୁଣେ ଏକ୍ସପ୍ରେସ୍‌ୱେର ରାଇଗଡ଼ ଜିଲା ଖୋପୋଲି ନିକଟରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ୨୦ଟି କାର୍‌କୁ ଧକ୍କା ଦେଇଛି। ଗଡ଼ାଣି ରାସ୍ତାରେ କଣ୍ଟେନର ଟ୍ରକ୍‌ଟି ବ୍ରେକ୍ ଫେଲ୍ ହେବାରୁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି। ମୁମ୍ବାଇ ଯାଉଥିବା ଲେନ୍‌ର ନ୍ୟୁ ଟନେଲଠାରୁ ଫୁଡ୍ ମଲ୍ ହୋଟେଲ ଅଞ୍ଚଳ ପର୍ଯ୍ୟନ୍ତ ରାସ୍ତାରେ ବିଏମ୍‌ଡବ୍ଲ୍ୟୁ, ମର୍ସିଡିସ୍ ସମେତ ଅନେକ କାର୍ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ବହୁ ଲୋକ ଆହତ ହୋଇଥିବାବେଳେ କାହାର ମୃତ୍ୟୁ ଘଟି ନ ଥିବା ଜଣାପଡ଼ିଛି। ୧୯ ଜଣଙ୍କ ଅବସ୍ଥା ଗମ୍ଭୀର ରହିଥିବାବେଳେ ସେମାନଙ୍କୁ ନଭି ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ନାଗକୁ କାମୁଡ଼ି ମାରିଦେଲା ବର୍ଷକର ଶିଶୁ

ନୂଆଦିଲ୍ଲୀ, ୨୬।୭



ବିହାରର ପଶ୍ଚିମ ଚମ୍ପାରଣ ଜିଲା ବେତିଆଠାରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଗୋବିନ୍ଦ କୁମାର ନାମକ ଏକ ବର୍ଷକର ଶିଶୁ ନିଜ ଘରେ ଖେଳୁଥିବା ସମୟରେ ଏକ ବିଷଧର ନାଗସାପ ଆସି ଗୋବିନ୍ଦର ହାତରେ ଗୁଡ଼େଇ ହେବାକୁ ଲାଗିଥିଲା। ଗୋବିନ୍ଦ ଉତ୍ତେଜିତ ହୋଇ ସାପଟିକୁ ଜୋର୍‌ରେ କାମୁଡ଼ି ଦେଇଥିଲା। ଏହାପରେ ସାପଟିର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ଏକ ମରିପଡ଼ିଥିବା ସାପ ନିକଟରେ ଗୋବିନ୍ଦକୁ ଦେଖି ଭୟଭୀତ ହୋଇଯାଇଥିଲେ। ତୁରନ୍ତ ଗୋବିନ୍ଦକୁ ନିକଟସ୍ଥ ବେତିଆସ୍ଥିତ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲର ଚିକିତ୍ସକ ଡାକ୍ତର ସୌରଭ କୁମାର କହିଛନ୍ତି, ଏବେ ପିଲାଟି ବିପଦମୁକ୍ତ ରହିଛି ଏବଂ ଡାକ୍ତରଙ୍କ ତତ୍ତ୍ୱାବଧାନରେ ତା'ର ଚିକିତ୍ସା ଜାରି ରହିଛି। ଠିକ୍ ସମୟରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାରୁ ଗୋବିନ୍ଦର ଜୀବନ ବଞ୍ଚିଯାଇଥିବା ସେ କହିଛନ୍ତି। ଗୋବିନ୍ଦର କାମୁଡ଼ାରେ ସାପଟି ମରିଯାଇଥିବା ନେଇ ତାଙ୍କ ପରିବାର ଲୋକେ ଏବଂ ପଡ଼ୋଶୀ କହିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଛି।

## କାର୍‌ଗିଲ ବିଜୟ ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ରାଷ୍ଟ୍ର

ନୂଆଦିଲ୍ଲୀ/ଲେହ, ୨୬।୭

କାର୍‌ଗିଲ ବିଜୟ ଦିବସ ଶନିବାର ଦେଶର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, କାର୍‌ଗିଲ ବିଜୟ ଦିବସ ହେଉଛି ଯବାନଙ୍କ ଅସାଧାରଣ ବୀରତ୍ୱର ପ୍ରତୀକ। ଯବାନଙ୍କ ସମର୍ପଣ ଏବଂ ବଳିଦାନ ସର୍ବଦା ଦେଶବାସୀଙ୍କୁ ପ୍ରେରଣା ଯୋଗାଇ ଆସୁଥିବା ସେ କହିଛନ୍ତି।



ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ୱାର୍ ମେମୋରିଆଲଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହି ଦିବସ କାରଗିଲର ପର୍ବତମାଳାରୁ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ବିତାଡ଼ିତ କରିବାରେ ଭାରତର ସଶସ୍ତ୍ର ବାହିନୀର ସଫଳତାକୁ ମନେପକାଏ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଦେଶର ସମ୍ମାନ ରକ୍ଷା ପାଇଁ ଅସାଧାରଣ ସାହସ, ସଂକଳ୍ପ ଏବଂ ଦୃଢ଼ତା ପ୍ରଦର୍ଶନ କରିଥିବା ଯବାନଙ୍କୁ ହୃଦୟରୁ ଶ୍ରଦ୍ଧାଞ୍ଜଳି ଜଣାଉଛି। କାର୍‌ଗିଲ ୱାର୍ ମେମୋରିଆଲରେ ଶହୀଦ ଯବାନଙ୍କୁ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ କାର୍‌ଗିଲ ବିଜୟ ଦିବସରେ ଶହୀଦ ଯବାନଙ୍କ ବଳିଦାନକୁ ମନେପକାଇଛନ୍ତି।

## ଫୁର୍‌ସତ୍

## ସବୁଠୁ ଶୀଘ୍ର ଜନ୍ମହୋଇ ବିଶ୍ୱ ରେକର୍ଡ

ୱାଶିଂଟନ୍

ଗତବର୍ଷ ଜୁଲାଇ ୫ରେ ଆମେରିକାର ୟୁବା ସିଟି ନିବାସୀ ମୋଲି କିନ୍ ମାତ୍ର ୨୧ ସପ୍ତାହର ଗର୍ଭଧାରଣ ପରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଚଳିତ ବର୍ଷ ଉକ୍ତ ଶିଶୁପୁତ୍ର ନାଶ୍ କିନ୍ ନିଜ ପ୍ରଥମ ଜନ୍ମଦିନକୁ ପାଳନ କରିଥିଲା। ଏହାସହ ସେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)କୁ ମଧ ହାତେଇଥିଲା। ସାରା ବିଶ୍ୱରେ ସର୍ବାଧିକ ସମୟ ପୂର୍ବରୁ ଜନ୍ମ ହୋଇଥିବା ଶିଶୁ (ୱାର୍ଲ୍ଡସ୍ ମୋଷ୍ଟ ପ୍ରିମାଚ୍ୟୁଅର ବେବି) ଶ୍ରେଣୀରେ ନାଶ୍‌କୁ ଏହି ସଫଳତା ମିଳିଛି।

ଜିଡବ୍ଲ୍ୟୁଆର୍ ଅନୁଯାୟୀ, ସର୍ବାଧିକ ସମୟ ଆଗରୁ ଜନ୍ମହେବାର ରେକର୍ଡ ପୂର୍ବରୁ ଆମେରିକାର ଆଲ୍‌ବାମାରେ ଜନ୍ମିତ ଜଣେ ଶିଶୁଙ୍କ ନାମରେ ଥିଲା। ନାଶ୍ ଉକ୍ତ ରେକର୍ଡକୁ ଭାଙ୍ଗିଛନ୍ତି। ଜନ୍ମ ସମୟରେ ନାଶ୍‌ର ଓଜନ ମାତ୍ର ୨୮୩ ଗ୍ରାମ ଥିବାବେଳେ ସେ ମାତ୍ର ୨୪ ସେ.ମି. ଲମ୍ବା ଥିଲା। ସମୟ ପୂର୍ବରୁ ଜନ୍ମ ଏବଂ ଦୁର୍ବଳ ସ୍ୱାସ୍ଥ୍ୟ ଯୋଗୁ ନାଶ୍‌କୁ ଜନ୍ମହେବାର ୬ ମାସ ପର୍ଯ୍ୟନ୍ତ ୟୁଭା ୟୁନିଭର୍ସିଟି ହେଲ୍‌ଥ କେୟାର ଅଧୀନ ଫ୍ୟାମିଲି ଚିଲ୍‌ଡ୍ରେନ୍ସ ହସ୍ପିଟାଲରେ ନବଜାତକ ଇଣ୍ଟେନ୍ସିଭ କେୟାର ୟୁନିଟ୍‌ରେ ରହି ଚିକିତ୍ସିତ ହେବାକୁ ପଡ଼ିଥିଲା। ଗତ ଜାନୁଆରୀରେ ମା' ମୋଲି ଏବଂ ବାପା ରାଣ୍ଡେଲ କିନ୍‌ଙ୍କ ସହ ଘରକୁ ଯିବା ପାଇଁ ନାଶ୍‌ଙ୍କୁ ଅନୁମତି ମିଳିଥିଲା।



ମୋଲି କହିଛନ୍ତି, ବର୍ଷେ ତଳେ ଯେତେବେଳେ ନାଶ୍ ଜନ୍ମ ହୋଇଥିଲା, ସେତେବେଳେ ତା'ର ଭବିଷ୍ୟତକୁ ନେଇ ପୂରା ପରିବାର ଅନିଶ୍ଚିତତା ମଧ୍ୟରେ ରହିଥିଲେ। ଏବେ ପୁଅର ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିଥିବାରୁ ସେମାନେ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। ମୋଲି କହିଛନ୍ତି, ପ୍ରସବ ଯାଞ୍ଚ୍ ସମୟରେ ତାଙ୍କର ଗର୍ଭାଶୟ ୨ ସେ.ମି. ବିସ୍ତାରିତ ହୋଇଥିବା ନେଇ ଜଣାପଡ଼ିଥିଲା। କିଛିଦିନ ପରେ ତାଙ୍କର ପ୍ରସବ ପୀଡ଼ା ଆରମ୍ଭ ହୋଇଯାଇଥିଲା ଏବଂ ସମୟର ଯଥେଷ୍ଟ ପୂର୍ବରୁ ନାଶ୍ ଜନ୍ମ ହୋଇଥିଲା। ଘରକୁ ଫେରିବା ପରଠାରୁ ନାଶ୍‌ର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି। ତେବେ ପୁଅର ଶାରୀରିକ ବିକାଶକୁ ଦୃଷ୍ଟିରେ ରଖି ତାଙ୍କୁ ନିୟମିତ ଭାବେ ଡାକ୍ତରଙ୍କ ସହ ଯୋଗାଯୋଗରେ ରହିବାକୁ ପଡ଼ିବ ବୋଲି ମୋଲି କହିଛନ୍ତି।

## 'ଖୋସ୍‌ଲା କା ଘୋସ୍‌ଲା ୨'ରେ ହୁମା

ମୁମ୍ବାଇ



ହୁମା କୁରେଶୀ


୨୦୦୬ରେ 'ଖୋସ୍‌ଲା କା ଘୋସ୍‌ଲା' ଫିଲ୍ମ ରିଲିଜ୍ ହୋଇଥିଲା। ବକ୍ସ ଅଫିସ୍‌ରେ ଉକ୍ତ ଫିଲ୍ମ ହିଟ୍ ସାବ୍ୟସ୍ତ ହୋଇଥିଲା। ଦିବାକର ବାନାର୍ଜୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିବା ଉକ୍ତ ଫିଲ୍ମରେ ଅଭିନେତା ଅନୁପମ ଖେର୍, ବୋମନ ଇରାନୀ, ଅଭିନେତ୍ରୀ ତାରା ଶର୍ମା ପ୍ରମୁଖ ନଜରକୁ ଆସିଥିଲେ। ୨୦୨୬ରେ ଏହି ଫିଲ୍ମର ସିକ୍ୱେଲ 'ଖୋସ୍‌ଲା କା ଘୋସ୍‌ଲା ୨' ରିଲିଜ୍ ହେବ ବୋଲି ଶନିବାର ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଉମେଶ ବିଷ୍ଟଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମ ନିର୍ମିତ ହେବ। ଫିଲ୍ମର ସ୍କ୍ରିପ୍ଟ ପ୍ରସ୍ତୁତ ହୋଇସାରିଛି ଏବଂ ଫିଲ୍ମର କାଷ୍ଟିଂ ମଧ ଆରମ୍ଭ ହୋଇସାରିଥିବା ରିପୋର୍ଟରେ କୁହାଯାଇଛି। ଫିଲ୍ମର ମୁଖ୍ୟ ଅଭିନେତ୍ରୀ ଭୂମିକା ପାଇଁ ହୁମା କୁରେଶୀଙ୍କୁ କାଷ୍ଟିଂ କରାଯାଇଛି। ଫିଲ୍ମର ସ୍କ୍ରିପ୍ଟ ହୁମାଙ୍କୁ ପସନ୍ଦ ଆସିଥିବା ନେଇ ରିପୋର୍ଟରେ କୁହାଯାଇଛି। ଆସନ୍ତା ନଭେମ୍ବରରେ 'ଖୋସ୍‌ଲା କା ଘୋସ୍‌ଲା ୨' ଫିଲ୍ମର ଶୁଟିଂ ଆରମ୍ଭ ହେବ। ଆସନ୍ତା ସେପ୍ଟେମ୍ବର ୩ରେ 'ଜଲି ଏଲ୍‌ଏଲ୍‌ବି ୩' ରିଲିଜ୍ ହେବାକୁ ଥିବାବେଳେ ସମ୍ପ୍ରତି ହୁମା ଏହାର ଶୁଟିଂରେ ବ୍ୟସ୍ତ ଅଛନ୍ତି। 'ଜଲି ଏଲ୍‌ଏଲ୍‌ବି ୩'ରେ ଅଭିନେତା ଅକ୍ଷୟ କୁମାର, ଅର୍ଶଦ ୱାର୍ଶି, ସୌରଭ ଶୁକ୍ଲା, ଅଭିନେତ୍ରୀ ଅମ୍ରିତା ରାଓ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

# ଆଦ୍ୟାଶାଙ୍କୁ 'ଏକ୍ସଲେନ୍ସ ଇନ୍ ପବ୍ଲିଶିଂ' ଆୱାର୍ଡ

ଭୁବନେଶ୍ୱର,୨୬।୭ (ସୌମ୍ୟରଞ୍ଜନ ରାଉତ)

## ୨୫ ଜଣ ପାଇଲେ 'ଫେମିନା ଆଚିଭର୍ସ-୨୦୨୫'

ଖିମ୍‌ଜୀ ପକ୍ଷରୁ ଶନିବାର ୱେଲ୍‌କମ୍ ହୋଟେଲଠାରେ 'ଫେମିନା ଆଚିଭର୍ସ-୨୦୨୫' ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଏସ୍‌ଏନ୍‌ଏମ୍ ଗ୍ରୁପର ଚେୟାରମ୍ୟାନ୍ ପ୍ରଦୀପ୍ତ ମହାନ୍ତି, ସୋଆର କୁଳପତି ପ୍ରଦୀପ୍ତ କୁମାର ନନ୍ଦ, ଅଭିନେତା ଅମୋଲ ପରାଶର ପ୍ରମୁଖ ଅନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ପ୍ରାୟ ୨୫ ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ସମ୍ମାନିତ କରାଯାଇଥିଲା। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କୁ 'ଏକ୍ସଲେନ୍ସ ଇନ୍ ପବ୍ଲିଶିଂ' ଆୱାର୍ଡ ପ୍ରଦାନ କରାଯାଇଥିଲା। ସେହିପରି କ୍ରୀଡ଼ାକ୍ଷେତ୍ରରେ ଶ୍ରାବଣୀ ନନ୍ଦ, ନୃତ୍ୟରେ ଇଲିଆନା ଚିତାରିସ୍ତି, ସମାଜସେବା କ୍ଷେତ୍ରରେ ଡ. ଶ୍ରୁତି ମହାପାତ୍ର, କଳାକ୍ଷେତ୍ରରେ ଅଭିନେତ୍ରୀ ଅର୍ଚ୍ଚିତା, ସଙ୍ଗୀତରେ ଅନ୍ତରା ଚକ୍ରବର୍ତ୍ତୀ, ଐତିହ୍ୟ ସଂରକ୍ଷଣ କ୍ଷେତ୍ରରେ ରାଜକୁମାରୀ ମୃଣାଳିକା ଭଞ୍ଜଦେଓଙ୍କ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷ ଆୱାର୍ଡ ଗ୍ରହଣ କରିଥିଲେ।



'ଫେମିନା ଆଚିଭର୍ସ-୨୦୨୫' କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କୁ 'ଏକ୍ସଲେନ୍ସ ଇନ୍ ପବ୍ଲିଶିଂ' ଆୱାର୍ଡ ପ୍ରଦାନ କରାଯାଉଛି।



ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ୱେଲ୍‌କମ୍ ହୋଟେଲଠାରେ ଆୟୋଜିତ 'ଫେମିନା ଆଚିଭର୍ସ-୨୦୨୫' ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନେ। **(ଫଟୋ: ବିକାଶ ନାୟକ)**

# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣର ସମ୍ଭାବନା ନାହିଁ: ମନମୋହନ

ଭୁବନେଶ୍ୱର,୨୬।୭(ସୁନିତ୍ ମିଶ୍ର)

ନୂଆଦିଲ୍ଲୀ ଗସ୍ତ ଶେଷକରି ଶନିବାର ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଓଡ଼ିଶା ଫେରିଛନ୍ତି। ରାଜ୍ୟରେ ଏବେ ବିଭିନ୍ନ ସ୍ଥାନରେ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ଓ ଅଦଳବଦଳ ହୋଇପାରେ ବୋଲି ଚର୍ଚ୍ଚା ଚାଲିଛି। ମନ୍ତ୍ରିମଣ୍ଡଳର ଏକ ଫେକ୍ ତାଲିକା ପ୍ରସ୍ତୁତ କରି କେତେଜଣ ସାମାଜିକ ଗଣମାଧ୍ୟମରେ ବୁଲାଉଛନ୍ତି। ଏହାକୁ ନେଇ ଚର୍ଚ୍ଚା ଆହୁରି ଜୋର୍ ଧରିଥିଲା। କେବଳ ସେତିକି ନୁହେଁ, ଭାଜପା ଭିତରେ ଓ ସରକାରୀ ଅଧିକାରୀମାନେ ମଧ୍ୟ ମନ୍ତ୍ରିମଣ୍ଡଳ ଅଦଳବଦଳ ଓ ସମ୍ପ୍ରସାରଣ ବିଷୟକୁ ନେଇ ଆଲୋଚନା କରୁଛନ୍ତି। ହେଲେ ମନମୋହନ ଦିଲ୍ଲୀରୁ ଫେରିବା ପରେ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ଓ ଅଦଳବଦଳର ସମ୍ଭାବନା ନାହିଁ ବୋଲି କହିଛନ୍ତି। ତାଙ୍କର ଏଭଳି କଥାରୁ ବର୍ତ୍ତମାନ ସମୟରେ ମନ୍ତ୍ରିମଣ୍ଡଳର ଅଦଳବଦଳ ଏବଂ ସମ୍ପ୍ରସାରଣ ନେଇ କୌଣସି କଥା ଆଉ ଆଗରେ ନ ପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ବିମାନବନ୍ଦରଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନମୋହନ କହିଛନ୍ତି, ମନ୍ତ୍ରିମଣ୍ଡଳ ସମ୍ପର୍କିତ ଚର୍ଚ୍ଚା ପାଇଁ ଯାଇ ନ ଥିଲେ। ଦିଲ୍ଲୀରେ ସଙ୍ଗଠନ ଏବଂ ଅତୀତ ରହିଥିବା କାର୍ଯ୍ୟ ବାବଦରେ ଆଲୋଚନା ହେଲା। ମନ୍ତ୍ରିମଣ୍ଡଳ ନେଇ ଆଲୋଚନା ହୋଇନାହିଁ। ଏନେଇ ସେମିତି କିଛି ସମ୍ଭାବନା ନାହିଁ। ଭାଜପାର ନୂଆ କମିଟି ଗଠନ ହେବ। ସେଥିରେ ନୂଆ ଏବଂ ପୁରୁଣା ଚେହେରାର ନେତା ରହିଛନ୍ତି। ଠିକ୍ ସମୟରେ ନିଗମ ଓ ବୋର୍ଡ ପଦବୀ ପୂରଣ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଭାଜପା ସରକାରରେ ଖାଲି ପଡ଼ିଥିବା ୬ ମନ୍ତ୍ରୀ ପଦବୀ ପୂରଣ ଏବଂ କେତେଜଣ ମନ୍ତ୍ରୀଙ୍କ ଅଦଳବଦଳ କରିବାକୁ ଆଲୋଚନା ହେଉଥିଲା। ମନମୋହନ ସଭାପତି ହେବା ପୂର୍ବରୁ ମଧ୍ୟ ଖାଲି ପଦବୀ ପୂରଣ ହେବ ବୋଲି କହିଥିଲେ। ଏପରିକି ସେ ୪ର୍ଥ ଥର ଲାଗି ରାଜ୍ୟ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଲିଙ୍ଗରାଜ ମନ୍ଦିରକୁ ଦର୍ଶନ ପାଇଁ ଯାଇ ମନ୍ତ୍ରିମଣ୍ଡଳ ଭିତରେ ଖାଲି ଥିବା ୬ ମନ୍ତ୍ରୀ ପଦ ପୂରଣ ହେବ ବୋଲି କହିଥିଲେ। ହେଲେ ଏଥର ସେ ପରୋକ୍ଷରେ ଏହି ବିଷୟକୁ ଏଡ଼ାଇଯିବା ପରେ ଚର୍ଚ୍ଚା ନୂଆ ମୋଡ଼ ନେଇଛି।

# ଭୁଲ୍ ଇଞ୍ଜେକଶନ ନେଲା ମହିଳାଙ୍କ ଜୀବନ

## ତୁରେକେଲା ଅଞ୍ଚଳରେ କ୍ୱାକ୍‌ଙ୍କ ପ୍ରାଦୁର୍ଭାବ

ଲାଠୋର/କଣ୍ଟାବାଞ୍ଜି,୨୬।୭ (ଭୁବନେଶ୍ୱର ବାରିକ/ଗୁରୁଦୟାଲ ହଂସ)

କ୍ୱାକ୍‌ଙ୍କ ଦ୍ୱାରା ଭୁଲ୍ ଇଞ୍ଜେକଶନ ନେଇ ଜଣେ ମହିଳାଙ୍କ ଜୀବନ ଯାଇଛି। ମୃତା ମହିଳା ହେଲେ ଭବାନୀ ପୁଟା (୪୨)। ଶୁକ୍ରବାର ରାତିରେ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ୍ ମହୁଲପାଟି ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ସମ୍ପୃକ୍ତ କ୍ୱାକ୍ ଜଣକ ଫେରାର ଅଛନ୍ତି। ଏନେଇ ତୁରେକେଲା ଥାନାରେ ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ମହୁଲପାଟି ଗ୍ରାମର ଡିଙ୍ଗର ପୁଟାଙ୍କ ସ୍ତ୍ରୀ ଭବାନୀ ଶୁକ୍ରବାର ଧାନବିଲରେ କାମକରି ସନ୍ଧ୍ୟାରେ ଘରକୁ ଫେରିଥିଲେ। ତେବେ ଘରକୁ ଆସିବା ପରେ ତାଙ୍କର ଗୋଡ଼ ହାତ ପ୍ରବଳ ବିନ୍ଧିଥିଲା। ଏହି ସମୟରେ ତୁରେକେଲା ବ୍ଲକ୍ ଅଧୀନ ଲର୍କି ଗ୍ରାମର ଜଣେ କ୍ୱାକ୍ ମହୁଲପାଟି ଗ୍ରାମକୁ ଚିକିତ୍ସା କରିବା ପାଇଁ ଆସିଥିଲେ। ଏହା ଜାଣି ଭବାନୀଙ୍କ ପରିବାରବର୍ଗ କ୍ୱାକ୍‌ଙ୍କୁ ଭେଟି ସମସ୍ୟା କହିଥିଲେ। ଫଳରେ ସେ ଭବାନୀଙ୍କୁ କୌଣସି ଏକ ଇଞ୍ଜେକଶନ ଦେଇ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ପରିବାର ଲୋକେ ତାଙ୍କୁ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ଅକ୍ସିଜେନ ଲଗାଇ ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସ୍ୱାମୀ ଡିଙ୍ଗର ତୁରେକେଲା ଥାନାରେ ଏତଲା ଦେଇଥିଲେ। ଭୁଲ୍ ଇଞ୍ଜେକଶନ ଦେବାରୁ ଭବାନୀଙ୍କର ମୃତ୍ୟୁ ଘଟିଥିବା ସେ ସେଥିରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଥିବା ବେଳେ ମୃତଦେହ ଜବତକରି ଶନିବାର ସକାଳେ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

ତୁରେକେଲା ଅଞ୍ଚଳରେ ଦିନକୁ ଦିନ କ୍ୱାକ୍‌ଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ଅନେକ ସମୟରେ ସାଧାରଣ ଲୋକ କ୍ୱାକ୍‌ମାନଙ୍କ ଦ୍ୱାରା ଚିକିତ୍ସିତ ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ଏନେଇ ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁଙ୍କୁ ଫୋନରେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ନ ହେବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଅନାସ୍ଥା ନିଷ୍ପତ୍ତିକୁ ଜଗିଲେଣି

ଭୁବନେଶ୍ୱର,୨୬।୭(ସୁନିତ୍ ମିଶ୍ର)

## ସରକାରର ଆସ୍ଥା, ଅନାସ୍ଥା, ଅବସ୍ଥା, ବ୍ୟବସ୍ଥା ସବୁ ଆଲୋଚନା ହେବ: ଅରୁଣ

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଦ୍ୱାରା ସରକାର ବିରୋଧରେ ପ୍ରସ୍ତାବିତ ଅନାସ୍ଥା ବିଷୟ ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ବିଜେଡି ଏ ନେଇ କ'ଣ ନିଷ୍ପତ୍ତି ନେବ, ତାହାକୁ ନେଇ ରାଜ୍ୟ ରାଜନୀତି ସରଗରମ। ବିଶେଷକରି ଭକ୍ତଙ୍କ ଏହି ବାଣ ପରେ ବିଜେଡି ଭିତରେ ଅନାସ୍ଥାକୁ ନେଇ ପ୍ରବଳ ଆଲୋଚନା ଆରମ୍ଭ ହୋଇଯାଇଛି। ଯଦି ଦଳ କଂଗ୍ରେସର ଏହି ଆହ୍ୱାନକୁ ଗ୍ରହଣ ନ କରୁଛି ତେବେ ବିଜେଡି ଓ ଭାଜପା ଭିତରେ ମଧୁର ସମ୍ପର୍କ ଥିବା ବୁଝପଡ଼ିବ। ଏହି କଥାକୁ ନେଇ ବିଜେଡି ଭିତରେ ବହୁ ମାତ୍ରାରେ ଚର୍ଚ୍ଚା ଚାଲୁଛି। ବିଜେଡି ଏହି କଥାରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରୁ ବୋଲି ତାଙ୍କ ଦଳର ଅନେକ ନେତା ଇଚ୍ଛା କରୁଛନ୍ତି। ଭକ୍ତ ଏହି କଥା ଉଠାଇବା ପରେ ଗଣମାଧ୍ୟମ ଆଗରେ ବିଜେଡି ପକ୍ଷରୁ ଦେବୀପ୍ରସାଦ ମିଶ୍ର ପ୍ରତିକ୍ରିୟା ରଖି କହିଲେ, ବିଧାନସଭା ଅଧିବେଶନ ଘୋଷଣା ହେବା ପରେ ନିଷ୍ପତ୍ତି ହେବ। ଏହି କଥା ଉପରେ ସେ କୌଣସି ଷ୍ଟାଣ୍ଡ କ୍ଲିୟର କଲେ ନାହିଁ। ଫଳରେ ଦଳର ଅନ୍ୟ ନେତାମାନଙ୍କଠାରୁ ଅନାସ୍ଥା ଉପରେ ମତାମତ ନେବା ଲାଗି ଯେଉଁ ଯୋଗାଯୋଗ କରାଯାଇଥିଲା ବହୁ ଜଣ କହିଥିଲେ, ଦେବୀ ମିଶ୍ର ଗଣମାଧ୍ୟମକୁ ଯାହା କହିଥିଲେ ସେଥିରେ ଦଳ ଏକଥାରେ ପଛଘୁଞ୍ଚା ଦେଇଥିବା ବୁଝିଯିବା କଥା। ତେଣୁ ଏ ପ୍ରସଙ୍ଗରେ ମୁହଁ ଖୋଲିବାକୁ ମନା କରିଦେଲେ। ହେଲେ ଦଳ ଭିତରେ ଏହି କଥାରେ ବିଜେଡି ନିଜର ଷ୍ଟାଣ୍ଡ କ୍ଲିୟର କରୁ ବୋଲି ଦାବି ଉଠିଛି। ଶନିବାର ଶଙ୍ଖ ଭବନଠାରେ ୮ ଜଣ ବରିଷ୍ଠ ନେତାଙ୍କୁ ନେଇ ଏକ ବୈଠକ ବସିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଏଥିରେ ବରିଷ୍ଠ ନେତା ଦେବୀ ମିଶ୍ର, ପ୍ରତାପ ଦେବ, ପ୍ରତାପ ଜେନା, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ଅତନୁ ସବ୍ୟସଚୀ ନାୟକ, ଅରୁଣ କୁମାର ସାହୁ ଏବଂ ପ୍ରମିଳା ମଲ୍ଲିକ ରହିଥିଲେ। ବୈଠକରେ କେତେକ ବିଷୟରେ ଆଲୋଚନା ହୋଇଥିବା ବେଳେ ଅନାସ୍ଥା କଥା ମଧ୍ୟ ଉଠିଥିଲା। ଅନାସ୍ଥା ବିଷୟ ବିଧାନସଭାରେ ନ ଆଣିବା ଛଡ଼ା ବାଟ କ'ଣ ରହିଛି ବୋଲି ଆଲୋଚନାର ସାରାଂଶ ଥିଲା ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ଅନାସ୍ଥାକୁ ସମର୍ଥନ କରିବା ଲାଗି ନବୀନଙ୍କ ଅନୁଗତ ଭି.କେ. ପାଣ୍ଡିଆନ୍‌ଙ୍କ ନିକଟକୁ ବାର୍ତ୍ତା ପଠାଇବା ଏବଂ ଏହା ଉପରେ ସହମତି ଆଣିବା ପାଇଁ ଆଲୋଚନା ହୋଇଥିବା ଶୁଣିବାକୁ ମଧ୍ୟ ମିଳିଛି। ଅନାସ୍ଥା ପ୍ରସଙ୍ଗରେ ଦଳର ସଭାପତି ନବୀନ ପଟ୍ଟନାୟକ କିପରି ରଣନୀତି ଆପଣାଇବେ ଏଥର ଦେଖାଯିବ ବୋଲି ଦଳର କେତେଜଣ ବରିଷ୍ଠ ନେତା ଚର୍ଚ୍ଚା ମଧ୍ୟ କରୁଛନ୍ତି। ସେଥିଲାଗି କେତେଜଣ ଦଳୀୟ ନେତା ଏହି କଥା ଉପରେ ଗଣ୍ଠି ପକାଇବା ଆରମ୍ଭ କରିଦେଇଛନ୍ତି। ଅନାସ୍ଥା ଯଦି ନ ଆଣନ୍ତି ଏବଂ ଆଗକୁ ଉପରାଷ୍ଟ୍ରପତି ନିର୍ବାଚନ କଥାରେ ଦଳର ଆଭିମୁଖ୍ୟ କ'ଣ ହେବ ସେକଥାକୁ ମଧ୍ୟ ଜଗିଲେଣି।

ଏପରି ସ୍ଥିତିରେ ଅନାସ୍ଥା ବିଷୟକୁ ନେଇ ବରିଷ୍ଠ ନେତା ଅରୁଣ ସାହୁ ଗଣମାଧ୍ୟମକୁ କହିଛନ୍ତି, ଭାଜପା ପକ୍ଷରୁ ଯେଉଁ ଚ୍ୟାଲେଞ୍ଜ କରାଯାଉଛି ବିରୋଧୀ ଅନାସ୍ଥା ଆଣନ୍ତୁ ତା'ପରେ ସେମାନେ ଦେଖିବେ। ଏହା ସେମାନଙ୍କ ଫମ୍ପା ଦମ୍ଭୋକ୍ତି। ସେମାନେ ଆଗେ ବିଧାନସଭା ଡକାନ୍ତୁ, ସେଠି ଦେଖାଦେଖି ହେବ। ସମସ୍ତେ ଜାଣିରଖିବା ଦରକାର, ବର୍ଷକୁ ବିଧାନସଭାରେ ୩ଟି ଅଧିବେଶନ ହୁଏ। ବର୍ଷାଦିନରେ ଏକ ଅଳ୍ପଦିନିଆ ଅଧିବେଶନ ବସେ ଯାହା ଅଗଷ୍ଟ ପ୍ରଥମ ସପ୍ତାହରୁ ବସିଥାଏ। ତାହା ଏପର୍ଯ୍ୟନ୍ତ କଲେନାହିଁ। ଶୁଣିବାକୁ ମିଳୁଛି ଭାଜପା ସରକାର ଏଥର ସେପ୍ଟେମ୍ବର ମାସରେ ଡାକିବେ ବୋଲି ଚିନ୍ତା କରିଛନ୍ତି। ଗୋପାଳପୁରର ଛାତ୍ରୀ ଗଣବଳାତ୍କାର, ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣା ଭଳି ରାଜ୍ୟରେ ଯେଉଁ ନାରୀ ନିର୍ଯାତନା ବଢ଼ିଚାଲିଛି ସେଥିନେଇ ସରକାର ସାହସ ଜୁଟାଇ ପାରୁନାହାନ୍ତି। ଏମାନଙ୍କ ବର୍ଷ ଏକ ବିଫଳତା ଅନେକ। ଏମାନେ ବିଧାନସଭା ଡାକନ୍ତୁ ଏମାନଙ୍କ ଆସ୍ଥା, ଅନାସ୍ଥା, ଅବସ୍ଥା ଏବଂ ବ୍ୟବସ୍ଥା ସବୁ ଆଲୋଚନା ହେବ। ରାଜ୍ୟରେ ସୃଷ୍ଟି ହୋଇଥିବା ଅସନ୍ତୋଷ ରାଜ୍ୟର ପ୍ରକୃତ ଅନାସ୍ଥା ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରାଜନୈତିକ ମହଲରେ ଚାଲିଥିବା ଚର୍ଚ୍ଚା ମୁତାବକ ବିଜେଡିର ବହୁ ନେତା ଏବେ କହୁଛନ୍ତି କଂଗ୍ରେସକୁ ରାଜ୍ୟରୁ ସଫାକରି ଭାଜପା ସହ ସଲାସୁତୁରା ଯୋଗୁ ବିଜେଡିର ଏବେ ଏହି ଅବସ୍ଥା। ବିଜେଡିକୁ ଅକ୍ତିଆର କରିଥିବା କେତେଜଣଙ୍କ ଭୁଲ୍ ରାଜନୈତିକ ଗୋଟିଚାଳନା ଏବଂ ନିହିତ ସ୍ୱାର୍ଥ ଲାଗି ଭାଜପା ରାଜ୍ୟରେ ସରକାର କରିଛି। ଏବର ସ୍ଥିତିରେ ଯଦି ଭାଜପା ସପକ୍ଷରେ ଯିବାଭଳି କୌଣସି ନିଷ୍ପତ୍ତି ବିଜେଡିକୁ ଅକ୍ତିଆର କରିଥିବା ବ୍ୟକ୍ତି ନିଅନ୍ତି, ତେବେ କର୍ମୀଙ୍କ ଯେଉଁ ଚାପ ଦଳ ଉପରେ ବଢ଼ିଛି ତାହା ଉଗ୍ରରୂପ ନେଇପାରେ।

# ମେଟ୍ରୋ ରେଳ ଟେଣ୍ଡର ବାତିଲ କଲା ଡିଏମ୍‌ଆର୍‌ସି

ଭୁବନେଶ୍ୱର,୨୬।୭(ବନ୍ଦନା ସେଠୀ)

ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମ୍‌ଆର୍‌ସି) ପକ୍ଷରୁ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର କଣ୍ଟ୍ରାକ୍ଟକୁ ବାତିଲ କରାଯାଇଛି। ଦୀର୍ଘଦିନ ଧରି କାର୍ଯ୍ୟାନ୍ୱୟନ ବିଳମ୍ବକୁ ଦର୍ଶାଇ ଡିଏମ୍‌ଆର୍‌ସି ପକ୍ଷରୁ ସେଇଗଲ୍ ଇଣ୍ଡିଆ ଲିମିଟେଡ୍ ଏବଂ ରଞ୍ଜିତ୍ ବିଲ୍ଡକନ୍ ସହିତ ହୋଇଥିବା ଚୁକ୍ତିନାମାକୁ ଜୁଲାଇ ୨୫ରେ ବାତିଲ୍ କରାଯାଇଛି। ଏହି ଦୁଇ କମ୍ପାନୀ ସହିତ ୬ଟି ମେଟ୍ରୋ ଷ୍ଟେଶନ ନିର୍ମାଣ ପାଇଁ ଚୁକ୍ତି ହୋଇଥିଲା। ମାତ୍ର ପ୍ରାୟ ୮ମାସ ହେଲା ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟରେ କୌଣସି ଆଖିଦୃଶିଆ କାମ ହୋଇ ନ ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ତେଣୁ ଭୁବନେଶ୍ୱରବାସୀଙ୍କ ମନରେ ମେଟ୍ରୋ ରେଳ ପ୍ରକଳ୍ପକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏହି ଚୁକ୍ତିନାମାରେ ଡିପୋ ରାମ୍ପ ସମେତ ନନ୍ଦନ ବିହାର ଏବଂ ତ୍ରିଶୂଳିଆ ଛକ ଦେଇ ୬ଟି ମେଟ୍ରୋ ଷ୍ଟେଶନର ଡିଜାଇନ୍ ଏବଂ ନିର୍ମାଣ ଅନ୍ତର୍ଭୁକ୍ତ ଥିଲା।

୨୦୨୪ ନିର୍ବାଚନ ପୂର୍ବରୁ ପୂର୍ବ ସରକାର ମେଟ୍ରୋ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୨୪-୨୫ ବଜେଟ୍‌ରେ ଏହି ପ୍ରକଳ୍ପ ପାଇଁ ଅର୍ଥ ବରାଦ ହେଲା। ସହର ଉପରେ ଏଲିଭେଟେଡ୍ କରିଡରରେ ମେଟ୍ରୋ ରେଳ ପଥ ନିର୍ମାଣ ହେବ ବୋଲି ଆରମ୍ଭରୁ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏଥିପାଇଁ କିଛି ମାସ ପାଇଁ ସହରରେ ମାଟି ପରୀକ୍ଷା ପାଇଁ

## ପ୍ରକଳ୍ପକୁ ନେଇ ଦ୍ୱନ୍ଦ୍ୱରେ ଭୁବନେଶ୍ୱରବାସୀ

ଖୋଳତାଡ଼ ଆରମ୍ଭ ହୋଇଥିଲା। ମାତ୍ର ହଠାତ୍ ସବୁ କାମ ବନ୍ଦ କରାଯାଇ ନିର୍ମାଣ ସାମଗ୍ରୀ ମଧ୍ୟ ଉଠାଇ ନିଆଗଲା। ନୂତନ ସରକାର ଆସିବା ପରେ ମାଟି ତଳେ ମେଟ୍ରୋ ଚାଲିବ ବୋଲି କୁହାଗଲା। ତେବେ କାମର ଅଗ୍ରଗତି ହେଉ ନ ଥିବାରୁ ଏବେ ଡିଏମଆର୍‌ସି ପକ୍ଷରୁ ଦୁଇ କମ୍ପାନୀ ସହିତ ଚୁକ୍ତି ବାତିଲ କରାଯାଇଛି। ତେଣୁ କେବେ ମେଟ୍ରୋ ପ୍ରକଳ୍ପ କାମ ଆରମ୍ଭ ହୋଇ ଶେଷ ହେବ ତାହାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷେ ମେଟ୍ରୋ ରେଳ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଜୁଲାଇ ୧୬ରେ ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଉପ-କମିଟି ବୈଠକରେ ଭୁବନେଶ୍ୱର ମେଟ୍ରୋର ଭବିଷ୍ୟତ ଏବଂ ରାଜଧାନୀ ପାଇଁ ବ୍ୟାପକ ସହରାଞ୍ଚଳ ଗତିଶୀଳତା ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଆଗକୁ ପୁଣି ବୈଠକ ବସି ଆଲୋଚନା ହେବା ସହ ନୂଆ ଡିପିଆର୍ ପ୍ରସ୍ତୁତ ପରେ କେନ୍ଦ୍ରକୁ ପ୍ରସ୍ତାବ ପଠାଯିବ। କେନ୍ଦ୍ରର ସହଯୋଗରେ ପ୍ରକଳ୍ପ ହେବ। ଏଥିସହ ନୂଆ ଢାଞ୍ଚାରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

# ଜାଲରେ ପଡ଼ିଲା ୪୫ କେଜିର କଣା ମାଛ

ପବିତ୍ରନଗର,୨୬।୭(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲଠାରେ ବ୍ରାହ୍ମଣୀ ନଦୀରୁ ଶନିବାର ସକାଳେ ୩ଟି ବଡ଼ କଣା ମାଛ ଧରାଯାଇଛି। ସ୍ଥାନୀୟ କୁଲେଇ ଗ୍ରାମର ଆରତ ବେହେରା ଓ ପ୍ରଦୀପ ବେହେରା ଏହି ମାଛ ଧରିଥିବା ବେଳେ ଗୋଟିଏର ଓଜନ ୪୫ କେଜି ରହିଛି। ଆଉ ଗୋଟିଏ ମାଛ ୩୫ କେଜି ଓଜନର ହୋଇଥିବା ବେଳେ ଅନ୍ୟଟି ୨୦ କେଜି ବୋଲି ଜଣାପଡ଼ିଛି। ପଶ୍ଚିମବଙ୍ଗରେ ଏହି ମାଛର ଚାହିଦା ଅଧିକ ରହିଥିବା ସ୍ଥାନୀୟ ଧୀବରମାନେ କହିଛନ୍ତି। ତେଣୁ କଣା ମାଛ ଧରାଯିବା ଖବର ମିଳିବା ମାତ୍ରେ କେତେଜଣ ବ୍ୟବସାୟୀ ପହଞ୍ଚି ଅଧିକ ମୂଲ୍ୟ ଦେଇ ୩ଟି ମାଛ କିଣିନେଇଛନ୍ତି। ଏହାକୁ ପଶ୍ଚିମବଙ୍ଗ ପଠାଯିବା ବୋଲି ସୂଚନା ମିଳିଛି।






# ସମରେଶଙ୍କ ଅତିରିକ୍ତ ଷ୍ଟାଣ୍ଡିଂ କାଉନ୍‌ସିଲ୍ ନିଯୁକ୍ତି ରଦ୍ଦ

ଭୁବନେଶ୍ୱର,୨୬।୭(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଅତିରିକ୍ତ ଷ୍ଟାଣ୍ଡିଂ କାଉନ୍‌ସିଲ ଥିବା ସମରେଶ ଜେନାଙ୍କ ନିଯୁକ୍ତିକୁ ରଦ୍ଦ କରିଦିଆଯାଇଛି। ଆଇନ ବିଭାଗ ପକ୍ଷରୁ ଶନିବାର ପ୍ରକାଶିତ ବିଜ୍ଞପ୍ତିରେ ସମରେଶଙ୍କ ନିଯୁକ୍ତିକୁ ରଦ୍ଦ କରାଯାଇଛି। ଆଡଭୋକେଟ ଜେନେରାଲ(ଏଜି) ପିତାମ୍ବର ଆଚାର୍ଯ୍ୟଙ୍କ ସୁପାରିଶ ଅନୁସାରେ ନିଯୁକ୍ତି ରଦ୍ଦ ହୋଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ନିର୍ଦ୍ଦେଶ ଜାରି କରାଯାଇଛି। ୨୦୨୪ ଅକ୍ଟୋବର ୧୦ ରେ ସମରେଶଙ୍କୁ ଦିଆଯାଇଥିବା ନିଯୁକ୍ତିକୁ ରଦ୍ଦ କରାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ବିଶେଷସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିଜେଡି କର୍ପୋରେଟର ଅମରେଶ ଜେନା(ବାଇଁଆ)ଙ୍କ ଭାଇ ହେଉଛନ୍ତି ସମରେଶ ଜେନା। ନିକଟରେ ଜଣେ ଯୁବତୀ ୨ବର୍ଷ ହେବ ଅମରେଶଙ୍କ ଦ୍ୱାରା ଯୌନନିର୍ଯାତନାର ଶୀକାର ହୋଇଥିବା ଅଭିଯୋଗ ପରେ ଲକ୍ଷ୍ମୀସାଗର ଥାନାରେ ଏନେଇ ଏକ ମାମଲା ହୋଇଛି। ପୀଡ଼ିତାଙ୍କ ଡାକ୍ତରୀ ମାଇନା ମଧ୍ୟ କରାଯାଇ ସାରିଛି। ଉକ୍ତ ମାମଲାରେ ଅମରେଶଙ୍କ ନାମ ଅଭିଯୁକ୍ତ ତାଲିକାରେ ରହିଥିବାରୁ ତାଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ପ୍ରଦାନ କରିବା ଲାଗି ସମରେଶ ଚେଷ୍ଟା କରିଥିଲେ। ଏହା ଜଣାପଡ଼ିବା ପରେ ସମରେଶଙ୍କ ନିଯୁକ୍ତି ରଦ୍ଦ କରାଯାଇଥିବା ଆଲୋଚନା ହେଉଛି।

# ବସ୍ ଧକ୍କାରେ ଶଳା ଭିଣୋଇ ମୃତ

ରାଜନଗର/ପଟ୍ଟାମୁଣ୍ଡାଇ,୨୬।୭ (ଭାସ୍କର ରାଉତରାୟ/କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ମଦନପୁର ଛକରେ ଶନିବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବସ୍ ଧକ୍କାରେ ୨ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଳଭଦ୍ରପୁର ଗ୍ରାମର ସାମାଜିକ କର୍ମୀ ସରୋଜ ଧଳ (୫୭) ଓ ତାଙ୍କ ଶଳା ରାଜନଗର ବ୍ଲକ ନଗଡ଼ ଗ୍ରାମର ଲମ୍ବୋଦର ପ୍ରଧାନ (୪୫)। ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକମାନେ ପଟ୍ଟାମୁଣ୍ଡାଇ-ମଦନପୁର-ରାଜନଗର ରାସ୍ତାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଶେଷରେ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା।

ସୂଚନା ଅନୁଯାୟୀ, ସରୋଜ ଓ ଲମ୍ବୋଦର ତାଙ୍କ କଳଘର କାମ ସାରି ମଦନପୁର ଛକକୁ ଏକ ସ୍କୁଟି(ନଂ.ଓଡି୦୫ଏପି ୯୪୫୦)ରେ ଆସୁଥିଲେ। ବିପରୀତ ଦିଗ ଅର୍ଥାତ୍ ପଟ୍ଟାମୁଣ୍ଡାଇରୁ ରାଜନଗର

## ଉତ୍ତ୍ୟକ୍ତ ଲୋକଙ୍କ ଟାୟାର ଜାଳି ରାସ୍ତା ଅବରୋଧ

ଯାଉଥିବା ଶୁଭଶ୍ରୀ ଯାତ୍ରୀବାହୀ ବସ୍(ନଂ.ଓଡି୦୫ଏଜେ୮୫୦୯) ସ୍କୁଟିକୁ ଧକ୍କାଦେବା ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକମାନେ ଉତ୍ତ୍ୟକ୍ତ ହୋଇ ଟାୟାର ଜାଳି ପଟ୍ଟାମୁଣ୍ଡାଇ ଭାୟା ମଦନପୁର-ରାଜନଗର ରାସ୍ତା ଅବରୋଧ କରିଥିଲେ। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହିତ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ପୂର୍ବତନ ସରପଞ୍ଚ ବାବାଜୀ ଧଳ, ଶିକ୍ଷାବିତ୍ ଗୌରାଙ୍ଗ ମହାନ୍ତି ଓ ମନ୍ମଥ ମଲ୍ଲିକ ପ୍ରମୁଖ ପହଞ୍ଚି ଉଭୟ ମୃତଦେହ ପଟ୍ଟାମୁଣ୍ଡାଇ ହସ୍ପିଟାଲକୁ ଆଣିଥିଲେ। ପୋଲିସ ଉଭୟ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆଳି ଡାକ୍ତରଖାନା ପଠାଇଛି। ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୋଲିସ ଜବତ କରିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜୟ ଓଡ଼ିଶା ପକ୍ଷରୁ 'ରକ୍ତଦାନ' ଶିବିର, ସ୍ଥାନ: ଟ୍ରାଇଡେଣ୍ଟ ଗ୍ୟାଲାକ୍ସି ଆପାର୍ଟମେଣ୍ଟ, ସମୟ: ସକାଳ, ୯ଟା।
- ବାଙ୍କବିହାରୀ ଦାସଙ୍କ ୨୫ତମ ଶ୍ରାଦ୍ଧବାର୍ଷିକ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ ଆଞ୍ଚଳିକ ସମ୍ମିଳନୀ, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନ୍ୟାଶନାଲ୍ ସିଇଓ କନ୍‌କ୍ଲେଭ୍, ସ୍ଥାନ : ସ୍ୱସ୍ତି ପ୍ରିମିୟମ୍, ସମୟ: ଅପରାହ୍ନ ୪ଟା।
- ୮୬ତମ ସିକନ୍ଦର ଆଲାମ୍ ଜୟନ୍ତୀ, ସ୍ଥାନ, ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତାର ଷଷ୍ଠ ଦିବସ, ସ୍ଥାନ: ଓଏସ୍‌ଏପି ଷଷ୍ଠ ବାଟାଲିୟନ ପରିସର, ସମୟ: ସକାଳ ୮ଟା।
- ଚାରବାଟିଆ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବର ଉଦ୍‌ଯାପନୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନବମ ନବ ଗୁଞ୍ଜନ ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ହୋଟେଲ ହରିପ୍ଲାଜା, ବାଲେଶ୍ୱର, ସମୟ: ସକାଳ ୯ଟା।
- 'ଧ୍ୱନିପ୍ରତିଧ୍ୱନି ଓ ସାଗରିକା' ର ବାର୍ଷିକ ଉତ୍ସବ, ସ୍ଥାନ:ଭେନିୟା ପାରାଡାଇଜ୍, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଓଷ୍ଟା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ:ଓଷ୍ଟା କାର୍ଯ୍ୟାଳୟ, ଭାସ୍କରଗଞ୍ଜ, ବାଲେଶ୍ୱର, ସମୟ:ଅପରାହ୍ନ ୪ଟା।

## ଭଦ୍ରକ

- ଉତ୍କଳ ସାମ୍ବାଦିକ ସଂଘର ଜିଲା ଶାଖା ପକ୍ଷରୁ ବୃକ୍ଷରୋପଣ ସଚେତନତା ସଭା ଓ କବିତା ପାଠ, ସ୍ଥାନ: ମନମୋହନ ସଙ୍ଗୀତ ପରିଷଦ, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଅଡାଳପଙ୍କ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- କ୍ୟାରମ ଟୁର୍ନାମେଣ୍ଟ,ସ୍ଥାନ:ଅମ୍ବିକା ମନ୍ଦିର ପାର୍ଶ୍ୱ କଲ୍ୟାଣ ମଣ୍ଡପ,ବାରିପଦା, ସମୟ:ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ, ସ୍ଥାନ: କୋର୍ଟ ପରିସର, କେନ୍ଦ୍ରାପଡ଼ା, ସମୟ:ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାସ୍ତରୀୟ ଲୋକ ଅଦାଲତ, ଯାଜପୁର ସମେତ ଅନ୍ୟ ଆଦାଲତ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗନଗର ବୁଲେଟିନ ପକ୍ଷରୁ ସାଧାରଣ ମହିଳାଙ୍କ ସାମର୍ଥ୍ୟରେ ସୁଭଦ୍ରା ଶକ୍ତି ଶୀର୍ଷକ ଆଲୋଚନା ଚକ୍ର, ସ୍ଥାନ: ଯାଜପୁର ରୋଡ ରୟାଲ କଳିଙ୍ଗ ହୋଟେଲ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ରଣପୁର ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ:ମହାବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୧ଟା।
- ଜିଲାବ୍ୟାପୀ ସେବା ଉତ୍ସବ ଅବସରରେ ବସ୍ତ୍ର ଓ ରାଶନ ସାମଗ୍ରୀ ବଣ୍ଟନ, ସ୍ଥାନ:ନୂଆଗାଁ ବ୍ଲକର ବିଭିନ୍ନ ଗାଁ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଜିଲାସ୍ତରୀୟ ଯୋଗାଶନ ସ୍ପୋର୍ଟ୍ସ ଚାମ୍ପିୟନଶିପ୍, ସ୍ଥାନ: ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଡିଇଓ କାର୍ଯ୍ୟାଳୟରର ବରିଷ୍ଠ ସହାୟକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା, ସ୍ଥାନ: ନବରଙ୍ଗପୁର ଜେଇଏଲ୍‌ସି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ: ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀଙ୍କୁ ରାସନ କାର୍ଡ ଓ ଇନପୁଟ ସବ୍‌ସିଡି ବଣ୍ଟନ: ସ୍ଥାନ: ରାଇଘର, ସମୟ: ଅପରାହ୍ନ ୨ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ସଭାକକ୍ଷ, ସମୟ : ସକାଳ ୮ଟା।
- ସମ୍ବଲପୁରୀ ଏକତା ମଞ୍ଚ ଆୟୋଜନରେ ଚିତ୍ରାଙ୍କନ ପ୍ରତିଯୋଗୀତା, ସ୍ଥାନ : ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା।
- ସଂସ୍କାର ଭାରତୀ ଆୟୋଜନରେ ଆଲୋଚନାଚକ୍ର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ସମ୍ବଲପୁରୀ ଦିନ୍ ସକାଶେ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ : ବାଲିବନ୍ଧା ଛକ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଦିନ୍ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ : କଳା ପରିଷଦ ସଭାକକ୍ଷ, ସମୟ : ଅପରାହ୍ନ ୨ଟାରୁ ୪ଟା।
- ସୈରିନ୍ଧ୍ରୀ ନାୟକ ସ୍ମାରକୀ ବକ୍ତୃତାମାଳା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଜିଲା ଓକିଲ ସଂଘ ପକ୍ଷରୁ ଚାରା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା, ସ୍ଥାନ: ପତିତପାପନ ଏକାଡେମୀ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ଭାଜପା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ସେକ୍ଟର-୭ ପ୍ରଜାପତି ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ରାଉରକେଲା କଲ୍‌ଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଅଟୋ ରିକ୍ସା ମାଲିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜୁନାଗଡ଼ ସାହିତ୍ୟ ସଂସଦର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ଜୁନାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୩ଟା।
- ସଶକ୍ତ ନାରୀ, ସଶକ୍ତ ଦେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବିକାଶ ନର୍ସିଂ କଲେଜ, ସମୟ: ପୂର୍ବାହ୍ନ୧୧ଟା।
- ସଶକ୍ତ ନାରୀ, ସଶକ୍ତ ଦେଶ କାର୍ଯ୍ୟକ୍ରମ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସ. ମାଲପଡା ପଞ୍ଚାୟତ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣୀ ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ନାଗରିକ କମିଟି ପକ୍ଷରୁ ନୂତନ ହସ୍ପିଟାଲର ଅବ୍ୟବସ୍ଥା ନେଇ ଜରୁରୀକାଳୀନ ବୈଠକ, ସ୍ଥାନ: ଗୋପାଳଜୀଉ ମନ୍ଦିର, କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ଅନ୍ତର୍ଗତ ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ସମୟ:ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ନାଗବାଚା ଗୁଡିରେ ହରିଆଲି ତିହାର ପାଳନ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବୋଲବମ ସେବା ସମିତି ତରବୋଡ ପକ୍ଷରୁ ଅନ୍ନ ଭୋଗ, ସ୍ଥାନ: ମା' ମଙ୍ଗଳା ଅଟୋ ପାର୍ଟସ୍ ନୂତନ ଗ୍ୟାରେଜ ତରବୋଡ଼, ସମୟ: ମଧ୍ୟାହ୍ନ ୧୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପରିବାର ଓ କର୍ମକ୍ଷେତ୍ର ପାଇଁ ପାପଗ୍ରହ ସନ୍ନିବେଶିତ ଚନ୍ଦ୍ରଙ୍କ ସ୍ଥିତି ଆଦୌ ଅନୁକୂଳ ନୁହେଁ। ପ୍ରତ୍ୟେକ କାମରେ ସମସ୍ୟା ଲାଗି ରହିବ। ଅବଶ୍ୟ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ କୌଣସି ଅସୁବିଧା ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହୋଇପାରେ।

**ବୃଷ** ବନ୍ଧୁଙ୍କ ସହଯୋଗ ଲାଭକରି ନୂଆ କାମରେ ମନ ଦେବେ। ପରିବାର ମଧ୍ୟରେ ଛୋଟବଡ଼ ସମସ୍ୟା ପୂର୍ବରୁ ରହିଥିଲେ ମଧ୍ୟ ତାହା ଶିଥିଳତାରେ ରହିଯିବ। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବନ୍ଧୁ ଠିକ୍ ସମୟରେ ଆସି ଆପଣଙ୍କୁ ସାହାଯ୍ୟ କରିବେ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ** ଅନୁଚିତ ବିଚାରଧାରାକୁ କେନ୍ଦ୍ରକରି ସମ୍ପର୍କୀୟଙ୍କ ସହ କଳହ ଲାଗିପାରେ। ଆଶା କରୁଥିବା ଦିଗରୁ ଅର୍ଥ ଓ ସମ୍ମାନ ପାଇବାର ଆଶା ରହିଛି। ଭାଗ୍ୟାଧିପ ଶନି କର୍ମଭାବସ୍ଥ ଯୋଗୁ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ହେତୁ କର୍ମକ୍ଷେତ୍ରରେ ଖୁସି ରହିବେ। ବୁଧାଦିତ୍ୟ ଯୋଗ ଫଳ ସ୍ୱରୂପ ସରକାରୀସ୍ତରରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ** ପାପଯୁକ୍ତ ରାଶ୍ୟାଧିପ ଯୋଗୁ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ମାନସିକ ଓ ଶାରୀରିକ ସୁସ୍ଥତା ରହିବ ନାହିଁ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। କୌଣସି ବ୍ୟକ୍ତିଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍ ବୁଝାମଣାଜନିତ ଅଶାନ୍ତ ପରିସ୍ଥିତି ସୃଷ୍ଟିହେବ। ସପ୍ତମାଧିପତିଙ୍କ ଦୁର୍ବଳତାଜନିତ ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ** ରବି ଦ୍ୱାଦଶରେ ରହିଥିବାରୁ ବ୍ୟୟବୃଦ୍ଧି ସାଙ୍ଗକୁ ଦୂରଯାତ୍ରା କିମ୍ବା ସ୍ଥାନାନ୍ତରଜନିତ ବ୍ୟସ୍ତତା ଅନୁଭବ କରିବେ। କର୍ମକ୍ଷେତ୍ରରେ ଜଗି ରଖି ଚଳିବା ଭଲ ହେବ। ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ହିତୈଷୀଙ୍କ ସାହାଯ୍ୟ ଓ ସହଯୋଗରୁ ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**କନ୍ୟା** ସ୍ୱଗୃହକୁ ମଙ୍ଗଳଙ୍କ ଦୃଷ୍ଟିଥିବାରୁ କୌଣସି ଜିନିଷ ପ୍ରାପ୍ତି ଆଶାରେ ଆତ୍ମୀୟଙ୍କୁ ସାହାଯ୍ୟ ପାଇଁ ଅନୁରୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଆବିର୍ଭାବ ପରିସ୍ଥିତିକୁ ଏପଟସେପଟ କରିଦେବ। ବହୁ ସଂଘର୍ଷ ପରେ ସଫଳତା ପାଇବେ। ଭଲ ସମ୍ପର୍କ ରହିଥିବା ଜଣେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି।

**ତୁଳା** ରାହୁଙ୍କ ଦୃଷ୍ଟି ବୃହସ୍ପତିଙ୍କ ଉପରେ ଥିବାରୁ ଅନ୍ୟମାନଙ୍କ ଭୁଲ୍ ଧାରଣା କାମରେ ଅନର୍ଥ ସୃଷ୍ଟି କରିବ। କର୍ମକ୍ଷେତ୍ରର ଚାପ ଯୋଗୁ ଶାନ୍ତିରେ ରହି ପାରିବେ ନାହିଁ। ଘର ଲୋକଙ୍କ କାମରେ ଅସନ୍ତୁଷ୍ଟ ହେଲେ ସୁଦ୍ଧା ପାଟି ଫିଟାଇବାର ରାସ୍ତା ନଥିବ। ଆନୁଷ୍ଠାନିକ କାମ ସାଙ୍ଗକୁ ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ବିଛା** ରାଶ୍ୟାଧିପ ରାଶିକୁ ଅବଲୋକନ କରୁଥିବାରୁ ପରିସ୍ଥିତିକୁ ଅନୁଧ୍ୟାନ କରି ପଦକ୍ଷେପ ନେବା ବୁଦ୍ଧିମାନର କାମ ହେବ। ନିଜର ଭାବୁଥିବା ବନ୍ଧୁଟିର କାର୍ଯ୍ୟକଳାପ ସନ୍ଦେହ ସୃଷ୍ଟି କରିପାରେ। ବ୍ୟବସାୟ, ସଭାସମିତି, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା କ୍ଷେତ୍ରରେ ଶୁଭଫଳ ପାଇବେ। ଶାରୀରିକ ସୁସ୍ଥତା ଅନୁଭବ କରିପାରନ୍ତି।

**ଧନୁ** ଗୁରୁକ୍ଷେତ୍ରସ୍ଥ ଶନିଙ୍କ ଯୋଗୁ ପଡ଼ୋଶୀଙ୍କ ମିତ୍ରତା ମାନସିକ ଅସୁସ୍ଥତାକୁ ଦୂରେଇବାରେ ସମର୍ଥ ହେବ। ଘରର ଅପ୍ରକାଶ୍ୟ ଘଟଣାସବୁ ଶୁଣିବେ ସିନା କାହାକୁ କିଛି କହିପାରିବେ ନାହିଁ। କାମରେ ପ୍ରତିବନ୍ଧକ ଲାଗି ରହିବା ଯୋଗୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବେ। ପରିବାରର ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ପଡ଼ିପାରେ।

**ମକର** ରାହୁଙ୍କ କୁପ୍ରଭାବରୁ କାର୍ଯ୍ୟବ୍ୟସ୍ତତା ସାଙ୍ଗକୁ ଅନ୍ୟମାନଙ୍କର ଅଭିଯୋଗ ମାନସିକ ଅସ୍ଥିରତାକୁ ବୃଦ୍ଧି କରିପାରେ। ଘରେ ହେଉ କିମ୍ବା କର୍ମକ୍ଷେତ୍ରରେ ବିନା କାରଣରେ ସନ୍ଦେହ ସୃଷ୍ଟିହେବ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବରେ ପରିବର୍ତ୍ତନ ମନକୁ ସାନ୍ତ୍ୱନା ଦେବାରେ ସହାୟକ ହେବ। ବନ୍ଧୁଙ୍କ ପ୍ରେରଣାରେ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ସମୟୋଚିତ ପଦକ୍ଷେପ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବ। ବନ୍ଧୁଙ୍କ ପାରିବାରିକ ସମସ୍ୟା ସମାଧାନ ଚିନ୍ତା ଘାରିପାରେ। ଭୁଲ୍ କାର୍ଯ୍ୟପଦ୍ଧତି ଅନୁସରଣ କଲେ ଅଫିସ୍‌ରେ ଉତ୍ତରଦାୟୀ ହେବେ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଆପୋସ ସମାଧାନର ଆଶା କରାଯାଇପାରେ।

**ମୀନ** ଷଷ୍ଠଭାବସ୍ଥ ଚନ୍ଦ୍ର ପାପଯୁକ୍ତ ଯୋଗୁ କର୍ମକ୍ଷେତ୍ରରେ ବାରମ୍ବାର ବିଫଳତା ଲାଗି ରହିପାରେ। ବୁଧ ଦୁଃସ୍ଥାନସ୍ଥ ଯୋଗୁ ବାଣିଜ୍ୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବାର ସୂଚନା ରହିଛି। ସାମୟିକ ଭାବରେ ସ୍ନାୟବିକ ଦୁର୍ବଳତା ଜନିତ ଅସୁସ୍ଥତା ଅନୁଭବ କରିପାରନ୍ତି।

ଆଜି ଜୁଲାଇ ୨୭ ତାରିଖ, ପରମାଣୁର ଜନକ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବ୍‌ଦୁଲ୍ କଲାମଙ୍କ ତିରୋଧାନ ଦିବସ, ଶ୍ରାବଣ ଶୁକ୍ଳ ତୃତୀୟା ରବିବାର। ରାଶିନକ୍ଷତ୍ର-ମଘା/ସିଂହ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୪ ଗତେ ଘ.୦୯।୪୩ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୪୪ ଗତେ ଘ.୦୬।୨୧ ମଧ୍ୟେ ରାହୁକାଳ।

## ଯୁବତୀଙ୍କୁ ଆମ୍ବୁଲାନ୍ସରେ ...

ଏବଂ ଟେକ୍‌ନିସିଆନ୍‌ଙ୍କୁ ପଚରାଉଚରା କରାଯାଇଥିଲା। ସେମାନଙ୍କ ଉତ୍ତରରେ ତାଳମେଳ ନ ରହିବାରୁ ଗିରଫ କରାଯାଇଥିବା ସିଟି ଏସ୍‌ପି ରାମାନନ୍ଦ କୁମାର କୌଶଲ କହିଛନ୍ତି। ପୀଡ଼ିତାଙ୍କ ଡାକ୍ତରୀ ମାଇନାରୁ ବଳାତ୍କାର ହୋଇଥିବା ଡାକ୍ତର ସ୍ପଷ୍ଟ କରିଛନ୍ତି। ଡାକ୍ତରୀ ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

ଯୁବତୀଙ୍କୁ ଗଣବଳାତ୍କାର ଘଟଣାକୁ ନେଇ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ସମାଲୋଚିତ ହୋଇଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଭୁଶୁଡ଼ିପଡ଼ିଥିବା ନେଇ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏଭଳି ସରକାରକୁ ସମର୍ଥନ ଦେଇଥିବାରୁ ସେ ଲଜ୍ଜିତ ବୋଲି ଗୟାଜୀରେ ଆୟୋଜିତ ଏକ ରାଲିକୁ ସମ୍ବୋଧନ କରିବାକୁ ଯିବା ପୂର୍ବରୁ ପାଟନାରେ ଚିରାଗ ଖବରଦାତାମାନଙ୍କୁ କହିଛନ୍ତି। ସେ ଆହୁରି କହିଛନ୍ତି, ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ଏହାକୁ ଦୃଷ୍ଟିରେ ରଖି ସରକାରଙ୍କୁ ବଦନାମ କରାଇବା ଉଦ୍ଦେଶ୍ୟରେ ହିଂସାତ୍ମକ ଅପରାଧ ସୃଷ୍ଟି କରାଯାଉଥିବା ଶୁଣିବାକୁ ପାଉଛି। ତଥାପି ଆଇନଶୃଙ୍ଖଳା ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ବୋଲି ହାଜିପୁର ଏମ୍‌ପି ଚିରାଗ କହିଛନ୍ତି।

## ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସବୁବେଳେ ଯିଏ ହସେ**
**ରୋଗ ତା' ପାଖେ ନ ପଶେ।**

ହସ ଏକ ସକାରାତ୍ମକ, ସବୁଠୁ ପୁରସ୍କୃତ ଏବଂ ସହଜରେ ସଫଳତା ହାସଲ କରିବାର ଏକ ଉତ୍ତମ ମାଧ୍ୟମ। ହସ ମନୁଷ୍ୟର ଭାବନା କୁ ପ୍ରତିପାଦନ କରିଥାଏ ଏବଂ ଆତ୍ମବିଶ୍ୱାସକୁ ବଢାଇଥାଏ। ହସିବା ପାଇଁ କୌଣସି ମୂଲ୍ୟ ଦେବାକୁ ପଡେ ନାହିଁ କିନ୍ତୁ ହସିବା ଦ୍ୱାରା ଆମକୁ ବହୁ ଲାଭ ମିଳିଥାଏ। ହସ ହିଁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଶ୍ରେଷ୍ଠ ମହୌଷଧି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସଜନା ଫୁଲ ରାଇକି,**
**ହେଂସରେ ମୂତିଲୁ ଚେଇଁକି ?**
**ଘର କଥା ତ ଘରେ ଥାଆନ୍ତା**
**ଦାଣ୍ଡରେ କହିଲୁ କାଇଁକି ?**

ଘରର ଗୁମର ବା ଗୋପନୀୟ କଥା ବାହାରେ ଗପିବା ଉଚିତ ହୋଇ ନ ଥାଏ। ଘର କଥା ବାହାରେ ଗପିଲେ ଘରର ମାନସମ୍ମାନ ହାନି ହେବା ସହ ଲୋକହସା ହେବାକୁ ପଡ଼ିଥାଏ ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ପ୍ରଥମ ପୃଷ୍ଠାରୁ...

## ବୈତରଣୀ, ଜଳକାରେ ...

ନଦୀର ଜଳସ୍ତର ୧୮.୦୫ ମିଟରରେ ପହଞ୍ଚିଥିଲା। ଅପରାହ୍ନ ୨ଟାରେ ଜଳସ୍ତର ଏକାବେଳେ ୨୮ ମି.ମି. ବୃଦ୍ଧି ପାଇ ବିପଦ ସଙ୍କେତ ୧୮.୩୩ ମିଟର ଛୁଇଁଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ଚମ୍ପୁଆଠାରେ ସର୍ବାଧିକ ୯୭.୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ସ୍ୱାମ୍ପାଟଣାରେ ୭୬.୪ ମି.ମି., କେନ୍ଦୁଝରରେ ୨୯.୨ ମି.ମି., ଆନନ୍ଦପୁରରେ ୧୨.୪ ମି.ମି. ଓ ଆଖୁଆପଦାରେ ୭.୦ ମି.ମି. ବର୍ଷା ରେକର୍ଡ କରାଯାଇଛି। ତେବେ ଅତିବେଶିରେ ଜଳସ୍ତର ୧୯ ମିଟର ଛୁଇଁପାରେ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଥିବା ଆଖୁଆପଦା ଜଳସମ୍ପଦ ଡିଭିଜନର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଦାସ କହିଛନ୍ତି। ଭଦ୍ରକ ଜିଲାପାଳ ଦିଲୀପ କୁମାର ରାଉତରାଏ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରି ପ୍ରସ୍ତୁତି ସମ୍ପର୍କରେ ତଦାରଖ କରିଛନ୍ତି। ବନ୍ୟା ମୁକାବିଲା ପାଇଁ ୩ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଓ ୩୨ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ବ୍ୟବସ୍ଥା କରାଯାଇ ନୋଡାଲ ଅଧିକାରୀଙ୍କୁ ମୁତୟନ କରାଯାଇ ଶୁଖିଲା ଖାଦ୍ୟ ରଖାଯାଇଛି। ଆବଶ୍ୟକ ହେଲେ ବନ୍ୟାଘେରରୁ ଲୋକଙ୍କୁ ଉଦ୍ଧାର କରାଯିବା ପାଇଁ ବନ୍ଧାଲୋ-ମଡ଼ିଆଳି ଓ ମାଳଦାରେ ଗୋଟିଏ ଲେଖାଏ ଡଙ୍ଗା ପ୍ରସ୍ତୁତ କରି ରଖାଯାଇଛି। ଭଣ୍ଡାରିପୋଖରୀର ୧୧ଟି ବନ୍ୟା ପ୍ରବଣ ପଞ୍ଚାୟତରେ ସମ୍ଭାବ୍ୟ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ଗୋଟିଏ ୟୁନିଟ ଏନ୍‌ଡିଆର୍‌ଏଫ୍ ଟିମ୍ ଓ ୨ ସେକ୍ସନ ପୋଲିସ ପହଞ୍ଚି ଭଣ୍ଡାରିପୋଖରୀ ମହାବିଦ୍ୟାଳୟରେ ଅବସ୍ଥାନ କରୁଛନ୍ତି ବୋଲି ବିଡିଓ ଦେବଦତ୍ତ ଦାସ ସୂଚନା ଦେଇଛନ୍ତି।

ବୈତରଣୀ ଜଳସ୍ତର ବୃଦ୍ଧିପାଉଥିବାରୁ କେନ୍ଦୁଝର ଜିଲାର ତଳିଆ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଶେଷକରି ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ଅଞ୍ଚଳର ୮ ଗ୍ରାମ, ଆନନ୍ଦପୁରରେ ୫ ଓ ଘସିପୁରାରେ ୫ ଗ୍ରାମ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଆନନ୍ଦପୁର ଉପଜିଲାପାଳ ନୀଳମାଧବ ସୁନା ତଳିଆ ଅଞ୍ଚଳ ପରିଦର୍ଶନକରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆବଶ୍ୟକ ସ୍ଥଳେ ପ୍ରତିକାର ପଦକ୍ଷେପ ଗ୍ରହଣ କରାଯାଇଛି। ବିଭିନ୍ନ ସ୍ଥାନରେ ଓଡ୍ରାଫ ଟିମ୍ ସଜାଗ ରହିଥିବା ସେ କହିଛନ୍ତି।

ବୈତରଣୀ ନଦୀର ଉପରମୁଣ୍ଡ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ଯୋଗୁ ଯାଜପୁର ଜିଲାରେ ବନ୍ୟା ଆଶଙ୍କା ଦେଖାଦେଇଛି। ଆନନ୍ଦପୁର ବ୍ୟାରେଜରେ ୪୧୦୦ ଘନମିଟର, କାନପୁର ଡ୍ୟାମରୁ ୧୭୧ ଘନମିଟର, କଞ୍ଜାରୀରେ ୧୦.୭୬ ଘନମିଟର ଓ ରେମାଲ ଡ୍ୟାକତରୁ ୧.୮୭ ଘନମିଟର ବନ୍ୟାଜଳ ନିଷ୍କାସିତ ହେଉଛି। ତେଣୁ ଆଗାମୀ ୧୫ ଘଣ୍ଟା ମଧ୍ୟରେ ଯାଜପୁର ଜିଲାର କୋରେଇ, ଦଶରଥପୁର, ଯାଜପୁର ଓ ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ଏକ ବଡଧରଣର ବନ୍ୟା ଆଶଙ୍କା ସୃଷ୍ଟି କରିଛି। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ତଳିଆ ଅଞ୍ଚଳର ଲୋକମାନଙ୍କୁ ବିଭିନ୍ନ ଆଶ୍ରୟସ୍ଥଳୀଗୁଡ଼ିକୁ ସ୍ଥାନାନ୍ତରହେବାକୁ ସୂଚନା ଦିଆଯାଇଛି। ଏହାବାଦ ଜଳସେଚନ ବିଭାଗ ପକ୍ଷରୁ ନଦୀବନ୍ଧଗୁଡ଼ିକର ଯାଞ୍ଚ ଆରମ୍ଭ ହେବା ସହ ଦୁର୍ବଳ ନଦୀବନ୍ଧଗୁଡ଼ିକ ଉପରେ ପ୍ରଶାସନ ପକ୍ଷରୁ ତୀକ୍ଷଣ ଦୃଷ୍ଟି ରଖାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୬ ତାରିଖ ରାତିରେ ଜିଲାର ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତ ଅଧୀନ ନୂଆପାଟଣା ଗ୍ରାମ ନିକଟରେ ବୈତରଣୀ ନଦୀବନ୍ଧ ୩୦ ଫୁଟ ପର୍ଯ୍ୟନ୍ତ ଧସି ଯାଇଥିଲା। ସେଠାରେ ପୂର୍ତ୍ତ ବିଭାଗ ଦ୍ୱାରା ସେତୁ ନିର୍ମାଣ କାର୍ଯ୍ୟ ସରୁ ନ ଥିବାବେଳେ ବିଭିନ୍ନ ନିର୍ମାଣ ସାମଗ୍ରୀ ନଦୀ ଗର୍ଭରେ ରହିଯିବାରୁ ବନ୍ୟା ଜଳ ଉପଯୁକ୍ତ ଭାବେ ନିଷ୍କାସନ ହୋଇ ନ ପାରି ଏଭଳି ସ୍ଥିତି ଦେଖା ଦେଇଥିଲା। ଜଳସେଚନ ବିଭାଗର ଯାଜପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି କହିଛନ୍ତି, ସମ୍ଭାବ୍ୟ ବନ୍ୟା ସ୍ଥିତି ଉପରେ ବିଭାଗ ସଜାଗ ରହିଛି। ଏଥିପାଇଁ ବାଲିବସ୍ତା, ବହ୍ଲା ଇତ୍ୟାଦି ବ୍ୟବସ୍ଥା କରାଯାଇଛି। ନଦୀବନ୍ଧ ଅଞ୍ଚଳରେ ରାତିରେ ପାଟ୍ରୋଲିଂ ବ୍ୟବସ୍ଥାକୁ ବୃଦ୍ଧି କରାଯାଇଛି।

ଅନ୍ୟପକ୍ଷରେ ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ବିପଦସଙ୍କେତ ଉପରେ ରହିଛି। ଏହି ନଦୀର ଉପରମୁଣ୍ଡ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ଜମ୍ବୀରା ନଦୀବନ୍ଧରେ ୬୦ ଫୁଟ୍ ଲମ୍ବର ଘାଇ ସୃଷ୍ଟି ହୋଇ ଜଳକାରେ ବନ୍ୟା ପରିସ୍ଥିତି ଭୟଙ୍କର ହୋଇଛି। ମଥାନୀଠାରେ ନଦୀର ବିପଦସଙ୍କେତ ୬.୫୦ମିଟର ରହିଥିବା ବେଳେ ଶନିବାର ଅପରାହ୍ନ ୧ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୭.୨୦ମିଟରରେ ପ୍ରବାହିତ ହେଉଥିଲା। ସନ୍ଧ୍ୟା ୭ଟା ସୁଦ୍ଧା ଏହା ହ୍ରାସ ପାଇ ୭.୦୯ ମିଟରରେ ପ୍ରବାହିତ ହେଉଛି। ଏହି ନଦୀରେ ବନ୍ୟା ଯୋଗୁ ରଘୁନାଥପୁର, କାଦରାୟାଁ, କରୁଆଁ, ପତ୍ରଝଡ଼ା, ରାଉତପଡ଼ା, ବାହାର୍ଦ୍ଦା, କୁଡ଼ିଆ, ବାସିଚକୁରି, ସଦାନନ୍ଦପୁର, ମଥାନୀ, ଦୁଧହଂସା ଆଦି ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଗାଁରେ ବନ୍ୟା ଜଳ ପ୍ରବେଶ କରିଛି। ବସ୍ତା ଓ ସଦର ବ୍ଲକର ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ଶତାଧିକ ହେକ୍ଟର ଚାଷଜମି ଜଳାର୍ଣ୍ଣବ ହୋଇଛି। ମଥାନୀ ଚଟାଣ, ଗାନ୍ଧୀଛକ, କୁଡ଼ିଆ ରାସ୍ତା, କଟିପୋଲ-ରାଉତପଡ଼ା ରାସ୍ତାର ପଳାସିଆଠାରେ ଆଣ୍ଠୁଏ ଉଚ୍ଚର ବନ୍ୟାଜଳ ପ୍ରବାହିତ ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଚାଷଜମିରୁ ଧାନ ତଳି ଭାସିଯାଇଥିବା ଦେଖିବାକୁ ମିଳିଛି। ପ୍ରଶାସନ ତରଫରୁ ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ଆଶ୍ରୟସ୍ଥଳୀରେ ସୁରକ୍ଷିତ ଭାବେ ରଖାଯାଇଛି। ପାନୀୟ ଜଳ, ଶୁଖିଲା ଖାଦ୍ୟ ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ଓଡ୍ରାଫ୍ ଓ ଅଗ୍ନିଶମ ଟିମ୍ ନିୟୋଜିତ ରହିଛନ୍ତି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବନ୍ୟାଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ବୁଢ଼ାବଳଙ୍ଗ ନଦୀର ବିପଦସଙ୍କେତ ୮.୧୩ ମିଟର ଥିବାବେଳେ ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ୫.୬୮ ମିଟରରେ ପ୍ରବାହିତ ହେଉଛି।

ଅପରପକ୍ଷରେ ଝାଡ଼ଖଣ୍ଡ ମାଳାଞ୍ଚଳରେ ଲଘୁଚାପଜନିତ ବର୍ଷା ଯୋଗୁ ଗାଲୁଡ଼ିହି ଡ୍ୟାମ୍‌ରୁ ୧୩ଟି ଗେଟ୍ ଖୋଲାଯାଇ ଘଣ୍ଟାକୁ ୫୧୬୯.୦୯ କ୍ୟୁସେକ୍ ପାଣି ସୁବର୍ଣ୍ଣରେଖାକୁ ନିଷ୍କାସନ ହେବାରୁ ରାଜଘାଟ ଗେଜ୍‌ଠାରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ସୁବର୍ଣ୍ଣରେଖା ସତର୍କ ସୂଚନା ୯.୪୫ମିଟର ଓ ବିପଦ ସଙ୍କେତ ୧୦. ୩୬ମିଟର ଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୭.୮୬ମିଟରରେ ପ୍ରବାହିତ ହେଉଛି। ଗତମାସ ୨୦ ତାରିଖରୁ ଅଦ୍ୟାବଧି ସୁବର୍ଣ୍ଣରେଖାରେ ୫ ଥର ବନ୍ୟା ଆସିବାରୁ ଜନଜୀବନ ଦୁର୍ବିଷହ ହୋଇପଡ଼ିଛି। ଭୋଗରାଇ ଓ ବାଲିଆପାଳ ବ୍ଲକ ତଳିଆ ଅଞ୍ଚଳରେ ବନ୍ୟାଜଳ ଛାଡି ନ ଥିବା ବେଳେ ପୁଣି ଏକ ବନ୍ୟା ସାମ୍ନା କରିବାକୁ ଲୋକେ ଭୟଭୀତ ହୋଇପଡିଛନ୍ତି। ପୂର୍ବବନ୍ୟାରେ ଧାନ ତଳି ପଚି ନଷ୍ଟ ହୋଇଥିବା ବେଳେ ଅନ୍ୟସ୍ଥାନରୁ ବଳକା ଧାନ ବିହନ କିଣି ଆଣି ଚାଷୀମାନେ ରୋଇବାକୁ ସଜବାଜ ହେଉଥିବା ବେଳେ ପୁଣି ବନ୍ୟା ସେମାନଙ୍କ ଅକଲ ଗୁଡୁମ୍ କରିଛି। ସୁବର୍ଣ୍ଣରେଖାର ଦୁର୍ବଳ ଥିବା ଉଭୟ ପାର୍ଶ୍ୱ ନଦୀବନ୍ଧରେ ବାଲିବସ୍ତା ପକାଯିବା ଓ ଜଗିବାକୁ ଜିଲା ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସିଂ, ବସନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ପ୍ରମୋଥ କୁମାର ଦେ, ଡାକ୍ତର ସିଂ, କନିଷ୍ଠଯନ୍ତ୍ରୀ ଚିତ୍ତରଞ୍ଜନ ଶିଅଳଙ୍କ ସହ ସେଚ କର୍ମଚାରୀ ନଦୀବନ୍ଧରେ ୨୪ଘଣ୍ଟିଆ ପହରା ଦେଉଥିବା ସୂଚନା ମିଳିଛି। ଏଥିସହିତ ଜିଲା ପ୍ରଶାସନ ବନ୍ୟା ମୁକାବିଲା ନିମନ୍ତେ ସଜାଗ ରହି ଉଦ୍ଧାରକାରୀ ଦେଶୀ ଡ଼ଙ୍ଗା, ଓଡ୍ରାଫ, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବିଭାଗକୁ ନିୟୋଜିତ କରିଛି।

## ପରିମଳ କର୍ମୀଙ୍କୁ ୧୦ ଲକ୍ଷର ବୀମା, ...

ପରିମଳ କାର୍ଯ୍ୟରେ ନିୟୋଜିତ ଥିବା ପ୍ରମୁଖ ପରିମଳ କର୍ମଚାରୀ (ସ୍ୱେରେଜ ଓ ସେପ୍ଟିକ୍ ଟାଙ୍କି ସଫେଇ କର୍ମଚାରୀ)ଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନବୀମା ଯୋଗାଇଦେବେ ସରକାର। କେବଳ ସେତିକି ନୁହେଁ, କର୍ମକ୍ଷେତ୍ରରେ ଜୀବନହାନି ହେଲେ ତାଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର ସହାୟତା ରାଶି, ପ୍ରମୁଖ ପରିମଳ କର୍ମୀଙ୍କୁ ମୋବାଇଲ ଫୋନ ଏବଂ ପ୍ରଧାନମନ୍ତ୍ରୀ ଆବାସ(ସହରୀ) ଯୋଜନାରେ ବାସଗୃହ ମିଳିବ। ଏହାସହ ପରିମଳ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ରାଜ୍ୟବ୍ୟାପୀ ଆଇଇସି ଆକ୍ଟିଭିଟି କରାଯିବ। ଏହା ସହ ପ୍ରତିବର୍ଷ ଓଡ଼ିଶାରେ ଏ ସମ୍ପର୍କିତ ଜାତୀୟ କର୍ମଶାଳା ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ଭୁବନେଶ୍ୱର ଲୋକସେବା ଭବନ କନଭେନସନ୍ ସେଣ୍ଟରଠାରେ ୨ ଦିନିଆ ଜାତୀୟ କର୍ମଶାଳା ଆୟୋଜନ ହୋଇଛି। ଏହି ଅବସରରେ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିବା ସହ ମୁଖ୍ୟମନ୍ତ୍ରୀ ୭ଟି ରାଜ୍ୟ ଏବଂ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ସରକାରୀ ଅଧିକାରୀ ଓ ସଫେଇ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ସେ କହିଛନ୍ତି, ଆମ ଜଗନ୍ନାଥ ସଂସ୍କୃତିରେ ସ୍ୱଚ୍ଛତା ବିଷୟରେ ମଧ୍ୟ ଦର୍ଶାଯାଇଛି। ରଥଯାତ୍ରା ସମୟରେ ଛେରାପହଁରା ଏହାର ଏକ ପ୍ରମୁଖ ଉଦାହରଣ। ଓଡ଼ିଶାର ଗରିମା ଯୋଜନା ପରିମଳ କର୍ମଚାରୀଙ୍କ ସୁରକ୍ଷା, ମର୍ଯ୍ୟାଦା ଓ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରୁଛି। ଗରିମା ଯୋଜନା ଜାତୀୟ ପରିମଳ ଲକ୍ଷ୍ୟକୁ ପୂରଣ କରିବା ସହ ଅନେକ ରାଜ୍ୟ ପାଇଁ ପ୍ରେରଣାଦାୟୀ ହୋଇଛି। ଏହି କର୍ମଶାଳା କେବଳ ଏକ ବୈଠକ ନୁହେଁ, ଏହା ଆମ ସହରକୁ ନିରନ୍ତର ଭାବେ ପରିଚ୍ଛନ୍ନ ରଖୁଥିବା ପରିମଳ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ପ୍ରତି ଆମର ପ୍ରତିବଦ୍ଧତା। ସେମାନଙ୍କୁ ନ୍ୟାୟ, ସୁରକ୍ଷା ଓ ମର୍ଯ୍ୟାଦା ପ୍ରଦାନ କରିବା ହେଉଛି ଆମର ନୈତିକ ଦାୟିତ୍ୱ। ଆୟୋଜିତ ୨ ଦିନିଆ କର୍ମଶାଳାର ବିଷୟବସ୍ତୁ ହେଉଛି 'ପ୍ରମୁଖ ପରିମଳ କାର୍ଯ୍ୟର ରୂପାନ୍ତରୀକରଣ- ସୁରକ୍ଷା, ସମ୍ମାନ ଓ ସମାବେଶନ'। ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ଗରିମା ଯୋଜନାରେ ପରିମଳ କର୍ମୀଙ୍କୁ ଚିହ୍ନଟୀକରଣ ଓ ପରିଚୟ ପ୍ରଦାନ, ସୁରକ୍ଷା ଉପକରଣ ପ୍ରଦାନ, ଦକ୍ଷତା ବିକାଶ, ଆପତ୍‌କାଳୀନ ପରିମଳ ସେବା ୟୁନିଟ୍ ସ୍ଥାପନ, ସାମାଜିକ ସୁରକ୍ଷା ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଉଛି। ରାଜ୍ୟର ୧୧୫ଟି ସହରର ୧୦ ହଜାରରୁ ଅଧିକ ପରିମଳ କର୍ମଚାରୀଙ୍କୁ ଚିହ୍ନଟକରି ସେମାନଙ୍କୁ କୁଶଳୀ ଓ ଅତିକୁଶଳୀ କର୍ମଚାରୀ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପ୍ରମୁଖ ପରିମଳ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ପ୍ରମୁଖ ପରିମଳ କର୍ମଚାରୀମାନେ ହେଉଛନ୍ତି ଆମ ସହରର ଓ ଗ୍ରାମର ଅଦୃଶ୍ୟ ନାୟକ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ପରିମଳ କ୍ଷେତ୍ରରେ ବର୍ତ୍ତମାନ ଓଡ଼ିଶାର ଦେଶରେ ନାଁ ଅଛି। କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ସଚିବ ଅମିତ ଯାଦବ କହିଛନ୍ତି, ଓଡ଼ିଶା ସରକାର ପରିମଳ କର୍ମଚାରୀମାନଙ୍କ କଲ୍ୟାଣ ପ୍ରତି ପ୍ରତିବଦ୍ଧ ଅଛନ୍ତି। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଡିଜିଟାଇଜେଶନରେ ଅଗ୍ରଣୀ ଭୂମିକା ନେଇଛି ଓଡ଼ିଶା ହାଇକୋର୍ଟ'



ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ସମେତ ଅନ୍ୟମାନେ ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ସ୍ୱର୍ଗତ ବୀରକିଶୋର ରାୟଙ୍କ ଶ୍ରାଦ୍ଧୋତ୍ସବରେ ମାଲ୍ୟାର୍ପଣ କରୁଛନ୍ତି।

## ଓଡ଼ିଶା ହାଇକୋର୍ଟର ୭୮ତମ ପ୍ରତିଷ୍ଠା ଦିବସ

କଟକ,୨୬।୭(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ଆଜି ୭୮ ବର୍ଷରେ ପଦାର୍ପଣ କରିଛି। ଏହି ୭୮ ବର୍ଷ ମଧ୍ୟରେ ହାଇକୋର୍ଟ ବିଚାରର ବିଭିନ୍ନ କ୍ଷେତ୍ରରେ ଯଥା ପେପରଲେସ୍‌ଠାରୁ ଆରମ୍ଭ କରି ଡିଜିଟାଇଜେଶନ ମାଧ୍ୟମରେ ସମସ୍ତ ରେକର୍ଡପତ୍ର ସୁରକ୍ଷିତ ରଖିବା ପାଇଁ ସମଗ୍ର ଭାରତବର୍ଷରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ କହିଛନ୍ତି। ଜଷ୍ଟିସ ବୀରକିଶୋର ରାୟ ସ୍ମାରକୀ କମିଟି ପକ୍ଷରୁ ଓଡ଼ିଶା ହାଇକୋର୍ଟ ବାର ଆସୋସିଏଶନ ସହଯୋଗରେ ଶନିବାର ଓଡ଼ିଶା ହାଇକୋର୍ଟରେ ୭୮ତମ ପ୍ରତିଷ୍ଠା ଦିବସ ଏବଂ ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ସ୍ୱର୍ଗତ ବୀରକିଶୋର ରାୟଙ୍କ ୬୭ତମ ଶ୍ରାଦ୍ଧୋତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଟଣ୍ଡନ ଯୋଗଦେଇ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁ ଯୋଗଦେଇ ବାର ଓ ବେଞ୍ଚ ମଧ୍ୟରେ ସମନ୍ୱୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ହାଇକୋର୍ଟ ବାର ଆସୋସିଏଶନ ସମ୍ପାଦକ ଅଭିଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବୀରକିଶୋର ରାୟ ସ୍ମାରକୀ କମିଟି ସମ୍ପାଦକ ଆଇନଜୀବୀ ବିଜୟ କୁମାର ରଗଡ଼ ସ୍ମାରକୀ କମିଟିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ହାଇକୋର୍ଟ ପରିସରସ୍ଥ ସ୍ୱର୍ଗତ ରାୟଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଟଣ୍ଡନଙ୍କ ସମେତ ହାଇକୋର୍ଟର ବିଚାରପତି ଏବଂ ବରିଷ୍ଠ ଆଇନଜୀବୀମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ହାଇକୋର୍ଟ ବାର ଆସୋସିଏଶନର ସମ୍ମିଳନୀ କକ୍ଷରେ ବାର୍ ସଭାପତି ମନୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ହାଇକୋର୍ଟ ପ୍ରତିଷ୍ଠା ଦିବସ ଏବଂ ଜଷ୍ଟିସ ବୀରକିଶୋର ରାୟଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ଇଂରେଜ ସରକାରଙ୍କ ଅମଳରେ କଲିକତା ହାଇକୋର୍ଟରେ ଓଡ଼ିଶା ସଂକ୍ରାନ୍ତ ମାମଲାଗୁଡ଼ିକ ବିଚାର କରାଯାଉଥିଲା। ପରବର୍ତ୍ତୀ ସମୟରେ ଏହା ପାଟନା ହାଇକୋର୍ଟ ସହିତ ମିଶ୍ରଣରେ ଓଡ଼ିଶା ସଂକ୍ରାନ୍ତ ମାମଲାଗୁଡ଼ିକ ବିଚାର କରାଯାଉଥିଲା। ପରବର୍ତ୍ତୀ କାଳରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ଏଥିସହ ବିଚିତ୍ରାନନ୍ଦ ଦାସ, ରାୟବାହାଦୁର ଚିନ୍ତାମଣି ଆଚାର୍ଯ୍ୟ ପ୍ରମୁଖଙ୍କ ଉଦ୍ୟମ ଫଳରେ କଟକରେ ୧୯୪୮ ଜୁଲାଇ ୨୬ ତାରିଖରେ ଓଡ଼ିଶା ହାଇକୋର୍ଟ ସ୍ଥାପନ ହୋଇଥିଲା। ତତ୍କାଳୀନ ଫେଡେରାଲ କୋର୍ଟର ମୁଖ୍ୟ ବିଚାରପତି ଏଚ୍‌ଜେ କାନିଆ ୧୯୪୮ ଜୁଲାଇ ୨୬ ତାରିଖରେ ଆନୁଷ୍ଠାନିକ ଭାବେ ଓଡ଼ିଶା ହାଇକୋର୍ଟର ଲୋକାର୍ପଣ କରିଥିଲେ। ଜଷ୍ଟିସ ବୀରକିଶୋର ରାୟଙ୍କୁ ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଭାବେ ଅବସ୍ଥାପିତ କରାଯାଇଥିଲା। ଆଜି ଓଡିଶା ହାଇକୋର୍ଟ ବିଚାର କ୍ଷେତ୍ରରେ ସମଗ୍ର ଭାରତବର୍ଷରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

# ଜମ୍ବୀରା ନଦୀବନ୍ଧରେ ଘାଇ


ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ବଡ଼ାମପୁର ନିକଟରେ ଜମ୍ବୀରା ନଦୀରେ ହୋଇଥିବା ଘାଇ।

ମୋରଡ଼ା,୨୬।୭(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ଜମ୍ବୀରା ନଦୀର ବଡ଼ାମପୁର ନଦୀବନ୍ଧରେ ଶନିବାର ୪୦ ଫୁଟ ଘାଇ ସୃଷ୍ଟି ହୋଇଛି। ବନ୍ୟାପାଣି ମାଡ଼ି ୨ ହଜାର ଏକର ଚାଷ ଜମି ଜଳମଗ୍ନ ହୋଇଛି। ଧାନ ତଳି ନଷ୍ଟହେବା ଆଶଙ୍କା ଥିବାରୁ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ସେହିପରି ଉକ୍ତ ବ୍ଲକ୍ ଅଧୀନ ସାନମାଣିଦା ପଞ୍ଚାୟତର ଦହଲିପୁରା, ପିଙ୍ଗୁଳି, ପଦ୍ମତୋଳିଆ, ହାଣ୍ଡିଧୁଆ ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ଲୋକ ପାଣି ଘେରରେ ରହିଛନ୍ତି। ଶନିବାର ସକାଳେ ଜିଲାପାଳ ହେମକାନ୍ତ ସାଏ, ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା, ରାସଗୋବିନ୍ଦପୁର ବିଡିଓ ଅନନ୍ତ ହାଁସଦା ଓଡ୍ରାଫ ଟିମ୍ ସହ ବୋଟ୍ ଯୋଗେ ପାଣି ଘେରରେ ଥିବା ଗ୍ରାମବାସୀଙ୍କ ନିକଟକୁ ଯାଇ ପରିସ୍ଥିତି ପରଖିଥିଲେ। ସେହିପରି କେତେଜଣ ଲୋକଙ୍କୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର କରାଯାଇ ଖାଦ୍ୟ, ପାନୀୟର ବ୍ୟବସ୍ଥା କରାଯାଇଛି। ପାଣି ଘେରରେ ଥିବା ଲୋକଙ୍କୁ ମଧ୍ୟ ଓଡ୍ରାଫ୍ ଟିମ୍ ଦ୍ୱାରା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ପ୍ରଶାସନ ସୂଚନା ଦେଇଛି। କିଛିଦିନ ତଳେ ହୋଇଥିବା ବନ୍ୟାରେ ଶତାଧିକ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପୁଣି ଧାନ ବୁଣି ତଳି କରିଥିଲେ। କିନ୍ତୁ ଚଳିତ ବନ୍ୟାରେ ଏହା ମଧ୍ୟ ନଷ୍ଟହେବାକୁ ବସିଛି। ସରକାର ଯଥାଶୀଘ୍ର ସହାୟତା ଯୋଗାଇଦେବାକୁ ଚାଷୀ ଜନ୍ମେଜୟ ଗିରି, ମାନସ କୁମାର ନାୟକ, ମୁରଲୀଧର ଦେ ଏବଂ ଅନ୍ୟମାନେ ନିବେଦନ କରିଛନ୍ତି।

# ଜଳପ୍ରପାତରେ ଭାସିଯାଇ ଡାକ୍ତରୀ ଛାତ୍ରୀଛାତ୍ର ମୃତ

ସମ୍ବଲପୁର,୨୬।୭(ପ୍ରମୋଦ ବହିଦାର)

**ଦେବଝରଣରେ ଗାଧୋଇଲାବେଳେ ସ୍ରୋତରେ ଭାସିଯାଇଥିଲେ**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳ ଦେବଝରଣ ଜଳପ୍ରପାତର ପ୍ରଖର ସ୍ରୋତରେ ଭାସିଯାଇ ଶନିବାର ୨ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଚିକିତ୍ସା ଓ ଗବେଷଣା ପ୍ରତିଷ୍ଠାନ(ଭିମ୍‌ସାର)ର ଶେଷବର୍ଷରେ ପଢୁଥିବା ମୋନିକା ମିନା(୨୪) ଓ ସନ୍ଦୀପ ପୁରୀ। ମୋନିକାଙ୍କ ଘର ରାଜସ୍ଥାନ ମାଉଣ୍ଟଆବୁ ଓ ସନ୍ଦିପ ନୂଆଦିଲ୍ଲୀ ନଜବଗଡ଼ର ବୋଲି ଜଣାପଡିଛି। ସୂଚନା ଅନୁସାରେ, ଶନିବାର ଭିମ୍‌ସାରର ୪ ଛାତ୍ରୀ ଓ ୨ଛାତ୍ର ଦେବଝରଣ ଜଳପ୍ରପାତକୁ ବୁଲିବାକୁ ଯାଇଥିଲେ। ସେଠାରେ ସେମାନେ ବିଭିନ୍ନ ସ୍ଥାନ ବୁଲାବୁଲି କରିଥିଲେ। ଜଣେ ଅସୁସ୍ଥତା ଅନୁଭବ କରିବାରୁ ଗାଧୋଇବାକୁ ଯାଇ ନ ଥିଲେ। ପୂର୍ବାହ୍ଣ ସାଢ଼େ ୧୨ଟା ୩୦ରେ ଅନ୍ୟ ୫ଜଣ ଛାତ୍ରୀଛାତ୍ର ଝରଣାରେ ଗାଧୋଉଥିଲେ। ଏହି ସମୟରେ ଅସାବଧାନତା ହେତୁ ସେମାନେ ଗଭୀର ପାଣିକୁ ଚାଲିଯାଇଥିଲେ। ସେମାନଙ୍କ ମଧ୍ୟରୁ କେହି ପହଁରା ଜାଣି ନ ଥିବାରୁ ବୁଡିବାକୁ ଲାଗିଥିଲେ। ଏହାଦେଖି ସେଠାରେ ଉପସ୍ଥିତ କେତେଜଣ ସ୍ଥାନୀୟ ଲୋକ କୌଣସି ପ୍ରକାରେ ୨ ଛାତ୍ରୀ ଓ ଜଣେ ଛାତ୍ରଙ୍କୁ ଉଦ୍ଧାର କରିପାରିଥିଲେ। ସେତେବେଳକୁ ମୋନିକା ଓ ସନ୍ଦୀପ ଜଳସ୍ରୋତରେ ଦୂରକୁ ଭାସି ଯାଇଥିଲେ। ଏହି ଖବର ପାଇ ଯୁଯୁମୁରା ଥାନା ଆଇଆଇସି ସଞ୍ଜୟ ରାଉତରାୟ ଅଗ୍ନିଶମ ବାହିନୀ ସହ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ବହୁ ଖୋଜାଖୋଜି ପରେ ଅଗ୍ନିଶମ କର୍ମଚାରୀ ଅପରାହ୍ଣ ପ୍ରାୟ ୩ଟାରେ ମୋନିକା ଓ ସନ୍ଦୀପଙ୍କ ମୃତଦେହ ଉଦ୍ଧାର କରି ଭିମ୍‌ସାର ପଠାଇଥିଲେ। ଭିମ୍‌ସାର କର୍ତ୍ତୃପକ୍ଷ ସେମାନଙ୍କ ପରିବାର ଲୋକଙ୍କୁ ଖବର ଦେଇଛନ୍ତି। ପରିବାର ସଦସ୍ୟ ଆସିଲା ପରେ ରବିବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ। ଅପରପକ୍ଷରେ ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସମ୍ବଲପୁର ସଦର ଉପଜିଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ଭିମ୍‌ସାର ଅଧୀକ୍ଷକ ଡା. ଲାଲ୍ ମୋହନ ନାଏକ ଓ ଡିନ୍ ତଥା ଅଧ୍ୟକ୍ଷ ଡା. ପ୍ରଦୀପ କୁମାର ମହାନ୍ତି, ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

# ବାଡ଼ି ପୋଖରୀରୁ ୨ ବଉଳା କୁମ୍ଭୀର ଉଦ୍ଧାର



ରାଜନଗର,୨୬।୭
(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଏଣ୍ଡୁଳାପୁର ଗ୍ରାମର ଦିବାକର ସେଠୀଙ୍କ ପୋଖରୀରୁ ୬.୬ଫୁଟର ଏକ ମାଈ ବଉଳା କୁମ୍ଭୀର ଶନିବାର ସକାଳେ ଉଦ୍ଧାର କରାଯାଇଛି। ସେହି କୁମ୍ଭୀରକୁ ଗୁପ୍ତି ନିକଟସ୍ଥ ହବଲ କ୍ରିକ୍‌ରେ ଛଡାଯାଇଛି। କୁମ୍ଭୀରଟି ନିକଟସ୍ଥ ନାଳରୁ ପୋଖରୀକୁ ଚାଲିଆସିଥିବା ଅନୁମାନ କରାଯାଉଛି। ଡିଏଫ୍‌ଓ ଗୋପୀନାଥ ସୁଦର୍ଶନ ଯାଦବଙ୍କ ନିର୍ଦ୍ଦେଶ କ୍ରମେ ପ୍ରବଳ ବର୍ଷା ସତ୍ତ୍ୱେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଫରେଷ୍ଟଗାର୍ଡ ଓ ବନ କର୍ମଚାରୀମାନେ କୌଶଳ କ୍ରମେ କୁମ୍ଭୀରକୁ ପୋଖରୀରୁ ଉଦ୍ଧାର କରିଥିଲେ। ସେହିପରି ଭିତରକନିକା ଜାତୀୟ ଉଦ୍ୟାନ ନିକଟସ୍ଥ ଡାଙ୍ଗମାଳ ଗ୍ରାମର କାର୍ତ୍ତିକ ବେହେରାଙ୍କ ପୋଖରୀରୁ ୫ ଫୁଟ୍ ଲମ୍ବର ଅନ୍ୟ ଏକ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବାହ୍ଣ ୧୧ଟା ବେଳେ ଡାଙ୍ଗମାଳ ସେକ୍ସନ କର୍ମଚାରୀମାନେ ସେହି କୁମ୍ଭୀରକୁ ଉଦ୍ଧାର କରି ଭିତରକନିକା ଜାତୀୟ ଉଦ୍ୟାନସ୍ଥିତ ଭିତରକନିକା ନଦୀରେ ଛାଡ଼ି ଦେଇଛନ୍ତି। ସୂଚନାଯୋଗ୍ୟ, ଲଗାଣ ବର୍ଷା ଯୋଗୁ ନଦୀ,ନାଳ ଓ ପୋଖରୀରେ ପାଣି ଅଧିକ ହେବାରୁ କୁମ୍ଭୀରମାନେ ବାଡ଼ି ପୋଖରୀ ମଧ୍ୟକୁ ପଶି ଆସୁଛନ୍ତି। ଏଥିପ୍ରତି ଲୋକମାନେ ସତର୍କ ରହିବା ପାଇଁ ବନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ବନ୍ୟାସ୍ରୋତରେ ଭାସିଗଲେ ବୃଦ୍ଧ

ମହାକାଳପଡ଼ା,୨୬।୭
(ପ୍ରତାପ ଚନ୍ଦ୍ର ସ୍ୱାଇଁ)


ମାର୍ଶାଘାଇ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ମହାନଦୀରେ ପ୍ରବଳ ବନ୍ୟାଜଳ ପ୍ରବାହିତ ହେଉଛି। ଏହି ବନ୍ୟା ସ୍ରୋତରେ ଭାସିଯାଇ ଜଣେ ବୃଦ୍ଧ ନିଖୋଜ ହୋଇଯାଇଛନ୍ତି। ମାର୍ଶାଘାଇ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛନ୍ତି। ସୂଚନା ଅନୁଯାୟୀ, ଶନିବାର ଅପରାହ୍ଣରେ ମହାକାଳପଡ଼ା ବ୍ଲକ ପାଟଲିପଙ୍କ ଗ୍ରାମର ଜଗପଡ଼ା ଡୁଠରେ ମୋହନ ଚରଣ ବେହେରା(୭୫) ଶୌଚ ହେବାକୁ ଯାଇଥିଲେ। ହେଲେ ତାଙ୍କ ଗୋଡ଼ ଖସିଯିବାରୁ ସେ ବନ୍ୟାସ୍ରୋତରେ ଭାସି ଯାଇଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ମହାନଦୀ ଘାଟରେ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା। ମହାକାଳପଡ଼ା ତହସିଲଦାର ଶିବ ମଲିକଙ୍କ ଉପସ୍ଥିତିରେ ମାର୍ଶାଘାଇ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ହେଲେ ସନ୍ଧ୍ୟା ସୁଦ୍ଧା ମୋହନଙ୍କୁ ଉଦ୍ଧାର କରାଯାଇପାରିନାହିଁ। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ାର ନବ ନିଯୁକ୍ତ ଜିଲାପାଳ ରଘୁରାମ ଆର ଆୟାରଙ୍କୁ ପଚାରିବାରୁ ଓଡ୍ରାଫ୍ଟ ଟିମ୍‌କୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି। ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଷ୍ଟିଲ୍ ଗରାରେ ମୁଣ୍ଡ ପୂରାଇଦେଲା ୩ ବର୍ଷର ଶିଶୁ

କୋରୁକୋଣ୍ଡା,୨୬।୭(ଶିବଦତ୍ତ ସାହୁ)


ଗରା ଭିତରେ ପଶିଥିବା ଶିଶୁ ମୁଣ୍ଡ।

**୨ ଘଣ୍ଟା ପରେ ବାହାରକଲେ ଅଗ୍ନିଶମ କର୍ମଚାରୀ**

ମାଲକାନଗିରି ଜିଲା କୋରୁକୋଣ୍ଡା ସଦରରେ ରହୁଥିବା ପ୍ରଦୀପ ବିଶ୍ୱାସଙ୍କ ୩ ବର୍ଷର ପୁଅ ତନ୍ମୟ ଖେଳୁ ଖେଳୁ ନିକଟରେ ଥିବା ଏକ ଷ୍ଟିଲ୍ ଗରା ଭିତରେ ତା'ର ମୁଣ୍ଡ ପଶିଯାଇଥିଲା। ପରିବାର ଲୋକେ ବହୁ ଚେଷ୍ଟା କରିଥିଲେ ମଧ୍ୟ ଗରାଟିକୁ ବାହାର କରିପାରି ନ ଥିଲେ। ପରେ ସେମାନେ କୋରୁକୋଣ୍ଡା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ଟିମ୍ ପହଞ୍ଚି ବହୁ ଚେଷ୍ଟା କଲେ ମଧ୍ୟ ମୁଣ୍ଡରୁ ଗରା ବାହାରିଲା ନାହିଁ। ଅଗ୍ନିଶମ ଗାଡ଼ି ଦ୍ୱାରା ଶିଶୁଟିକୁ ମାଲକାନଗିରି ଜିଲା ଅଗ୍ନିଶମ ବିଭାଗ ମୁଖ୍ୟାଳୟକୁ ନିଆଯାଇଥିଲା। ସେଠାରେ ପ୍ରାୟ ୨ ଘଣ୍ଟାରୁ ଅଧିକ ସମୟ ଧରି କଟର ଦ୍ୱାରା ଗରାକୁ କାଟି ଶିଶୁର ମୁଣ୍ଡରୁ ବାହାର କରାଯାଇଥିଲା। ମାଲକାନଗିରି ଅଗ୍ନିଶମ ଏଏଫ୍‌ଓ କମଳ କୁମାର ଗଉଡ଼, କୋରୁକୋଣ୍ଡା ଏଲ୍‌ଏଫ୍‌ଏଫ୍ ବାସୁଦେବ ବିଶ୍ୱାଳଙ୍କୁ ପରିବାର ଲୋକେ ଓ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଟାକେରା ଘାଟିରେ ୨ ଟ୍ରକ୍ ମୁହାଁମୁହିଁ ଧକ୍କା, ୩ ମୃତ

ନୟାଗଡ଼/ଦଶପଲ୍ଲା,୨୬।୭
(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)


ଦୁର୍ଘଟଣା ପରେ ଓଲଟି ପଡ଼ିଥିବା ଟ୍ରକ।

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ଦଶପଲ୍ଲା ଥାନା ଟାକେରା ଘାଟିରେ ଶନିବାର ସନ୍ଧ୍ୟାରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଦୁଇ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକଙ୍କ ପରିଚୟ ଜଣାପଡିନାହିଁ। ପଙ୍କରାଜ ଦିହାନ(୩୫), କେହାନ ମହାନ୍ତ(୩୫) ନାମକ ୨ ଯୁବକ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ୩ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ଅନ୍ୟପକ୍ଷେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଏକ ବାଇକ୍ ଉପରେ ଓଲଟି ପଡିଥିଲା। ତେବେ ବାଇକ୍ ଚାଳକ ବର୍ତ୍ତି ଯାଇଛନ୍ତି। ଦଶପଲ୍ଲା ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ଟ୍ରକ୍ ସହ ଏକ ବାଇକ୍ ଜବତ କରିଛି।

ଦଶପଲ୍ଲା ପାର୍ଶ୍ୱରୁ ଏକ ଫିଙ୍ଗିରି ବୋଝେଇ ଟ୍ରକ୍ (ନଂ.ଏପି୩୧ ଟିଏଚ ୭୭୯) ବୌଦ୍ଧ ଅଞ୍ଚଳରୁ ଆସୁଥିବାବେଳେ ବିପରୀତ ଦିଗରୁ ଚୁନ ବୋଝେଇ ଏକ ଟ୍ରକ୍ (ନଂ.ଓଡି ୧୮କେ ୯୬୫୪) ଆସୁଥିଲା। ସନ୍ଧ୍ୟା ସମୟରେ ଟାକେରା ଘାଟି ନିକଟରେ ଏକ କୁକୁର ଟ୍ରକ୍ ଆଗକୁ ଦୌଡି ଯିବାରୁ ଉଭୟ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇ ରାସ୍ତା କଡକୁ ଓଲଟି ପଡିଥିଲା। ଗୋଟିଏ ଟ୍ରକ୍ ବାଇକ୍ ଉପରେ ପଡ଼ିଯିବାରୁ ବାଇକ୍ ଆରୋହୀ ଜୀବନ ବିକଳରେ ଦୌଡି ପଳାଇ ଆସିବାରୁ ସେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଦଶପଲ୍ଲା ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଟ୍ରକ୍ ତଳେ ଚାପି ହୋଇ ରହିଥିଲେ। ସେମାନଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୨ ଜଣ ଚିକିତ୍ସିତ ହେଉଛନ୍ତି।

# ୧୫ ଛାତ୍ରୀଙ୍କୁ ଅସଦାଚରଣ, ବିଜ୍ଞାନ ଶିକ୍ଷକଙ୍କୁ ଉଠାଇନେଲା ପୋଲିସ

ରାଜନଗର,୨୬।୭
(ଭାସ୍କର ରାଉତରାୟ)


ବିଜ୍ଞାନ ଶିକ୍ଷକଙ୍କୁ ପୋଲିସ ଥାନାକୁ ନେଉଛି।

କେନ୍ଦ୍ରାପଡ଼ା ଜିଲା ତାଲଚୁଆ ସାମୁଦ୍ରିକ ଥାନା ଅଧୀନରେ ଥିବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ବିଜ୍ଞାନ ଶିକ୍ଷକ ୧୫ଜଣ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସମ୍ପୃକ୍ତ ଛାତ୍ରୀମାନେ ପ୍ରଧାନଶିକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଧାନଶିକ୍ଷକଙ୍କ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଶନିବାର ସ୍କୁଲରୁ ଉଠାଇ ନେଇଛି। ଏହି ଘଟଣା ରାଜନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ଅନୁଯାୟୀ, ବିଜ୍ଞାନ ଶିକ୍ଷକ ଅମର ପ୍ରସାଦ ମଲିକ ସ୍କୁଲର ଛାତ୍ରୀମାନଙ୍କୁ ବହୁଦିନ ହେଲା ଅସଦାଚରଣ କରିଆସୁଥିଲେ। ଶୁକ୍ରବାର ସେ ସପ୍ତମ ଶ୍ରେଣୀର ୭ଜଣ ଛାତ୍ରୀଙ୍କୁ ଅସଦାଚରଣ କରିବା ସହିତ ବିଭିନ୍ନ କଥା କହି ତାଙ୍କ ଘରକୁ ଡାକିଥିଲେ। ଜଣେ ଛାତ୍ରୀ କାନ୍ଦି ଏକଥା ଜଣେ ଶିକ୍ଷୟିତ୍ରୀଙ୍କୁ କହିଥିଲେ। ଶନିବାର ବିଦ୍ୟାଳୟରେ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା, ୨ ପଞ୍ଚାୟତ ସରପଞ୍ଚ ଓ ଅଭିଯୋଗ କରିଥିବା ଛାତ୍ରୀଙ୍କ ଅଭିଭାବକଙ୍କ ସମ୍ମୁଖରେ ଛାତ୍ରୀମାନେ ବିଜ୍ଞାନ ଶିକ୍ଷକଙ୍କ ଅସଦାଚରଣ କଥା କହିଥିଲେ। ଏହାପରେ ପ୍ରଧାନଶିକ୍ଷକଙ୍କୁ ସପ୍ତମ ଶ୍ରେଣୀର ୭ ଓ ନବମ ଶ୍ରେଣୀର ୮ ଜଣ ଛାତ୍ରୀ ଲିଖିତ ଭାବେ ଏ ସମ୍ପର୍କରେ ଜଣାଇଥିଲେ। ଛାତ୍ରୀମାନଙ୍କ ଅଭିଭାବକମାନେ ମଧ୍ୟ ଏ ନେଇ ପ୍ରଧାନଶିକ୍ଷକଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ଏହି ଘଟଣା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତାଲଚୁଆ ସାମୁଦ୍ରିକ ଥାନାକୁ ଫୋନ ଯୋଗେ ଜଣାଇଥିଲେ। ଆଇଆଇସି ବିମଳ କୁମାର ମଲିକ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ, ଅଭିଭାବକ, ପୀଡ଼ିତା ଛାତ୍ରୀମାନଙ୍କୁ ପଚରାଉଚରା କରିବା ପରେ ପୋଲିସ ବିଜ୍ଞାନ ଶିକ୍ଷକଙ୍କୁ ଥାନାକୁ ନେଇଛି। ଉକ୍ତ ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ଭତ୍ତା, ରାଶନ ପାଇଁ ଜଙ୍ଗଲରେ ଚାଲିବାକୁ ପଡ଼େ ୬ କି.ମି.

ପାରଳାଖେମୁଣ୍ଡି,୨୬।୭
(ଗିରିଧାରୀ ପରିଚ୍ଛା)

- **ବିକାଶଠାରୁ ବହୁ ଦୂରରେ ନାମାନଗଡ ପଞ୍ଚାୟତ**
- **ନାଳପାରି ହୋଇ ୩ କି.ମି. ବିଦ୍ୟାଳୟ ଯାଉଛନ୍ତି ଛାତ୍ରୀଛାତ୍ର**
- **ବାଇକ୍, ଭାରରେ ବୁହାହୋଇ ରୋଗୀ ଯାଉଛନ୍ତି ଡାକ୍ତରଖାନା**


ରାଶନ ଧରି ଜଙ୍ଗଲ ରାସ୍ତାରେ ଗ୍ରାମକୁ ଆସୁଛନ୍ତି ଗ୍ରାମବାସୀ।

ରାଜ୍ୟ, କେନ୍ଦ୍ର ସରକାର ଉପାନ୍ତ ଅଞ୍ଚଳର ବିକାଶ ଲାଗି ବହୁ ଅର୍ଥ ଖର୍ଚ୍ଚ କରି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ଉପାନ୍ତ ଅଞ୍ଚଳର କେତେକ ଗ୍ରାମ ଏବେ ମଧ୍ୟ ବିକାଶଠାରୁ ଦୂରରେ ରହିଛି। ଗ୍ରାମବାସୀ ସର୍ବନିମ୍ନ ମୌଳିକ ସୁବିଧା ଟିକେ ପାଇପାରୁନାହାନ୍ତି। ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ନାମନଗଡ଼ ପଞ୍ଚାୟତର ନୂଆ ବିଟିସିଂ, ଲକ୍ଷ୍ମୀପୁର ଓ ତଳଲକ୍ଷ୍ମୀପୁର ଗ୍ରାମର ଅଧିବାସୀମାନେ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ୫୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ଏହି ତିନିସାହିରେ ଯାତାୟାତ ଲାଗି ଭଲ ରାସ୍ତା ଖଣ୍ଡେ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ପାନୀୟଜଳ ସହ ଅନ୍ୟାନ୍ୟ ସମସ୍ୟାରେ ଛନ୍ଦି ହୋଇ ରହିଛନ୍ତି ଲୋକେ। ଏମିତି କି ଭତ୍ତା ଏବଂ ରାଶନ ଚାଉଳ ଆଣିବା ପାଇଁ କଦୁଆଭର୍ତ୍ତି ମାଟି ରାସ୍ତାରେ ଜଙ୍ଗଲ ଭିତରେ ଚାଲି ଚାଲି ୬ କିମି ଯିବାକୁ ପଡୁଛି। ବିଦ୍ୟାଳୟ ଯିବାକୁ ୩ କିମି ଦୂର ଗୋଷାଣୀ ବ୍ଲକକୁ ଯାଉଛନ୍ତି ଛାତ୍ରୀଛାତ୍ର। ଏଥିପାଇଁ ସେମାନଙ୍କୁ ନାଳ ପାରି ହେବାକୁ ପଡୁଥିବାରୁ ଅଧିକାଂଶ ସମୟରେ ସେମାନେ ପାଠପଢ଼ି ଯିବାକୁ ଅନିଚ୍ଛୁକ ହେଉଛନ୍ତି। ଛୋଟ ଛୋଟ ପିଲାଙ୍କୁ ପାଠ ପଢ଼ିବା ପାଇଁ ୬ କିମି ଜଙ୍ଗଲ ରାସ୍ତାରେ ଯିବାକୁ ପଡୁଥିବାରୁ ସେମାନେ ଭୟ କରୁଛନ୍ତି ବିଦ୍ୟାଳୟ ଯିବାକୁ। ଯେଉଁମାନେ ଯାଇ ନ ପାରୁଛନ୍ତି, ସେମାନେ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ଛୋଟ ପିଲାଙ୍କ ପାଇଁ ହଷ୍ଟେଲ ସୁବିଧା ନ ଥିବାରୁ ମା'ବାପା ସେମାନଙ୍କୁ ୧୨ କି.ମି. ଦୂର ବିଦ୍ୟାଳୟକୁ ଆଣି ଛାଡୁଛନ୍ତି, ପୁଣି ଛୁଟି ହେଲେ ଆସି ଘରକୁ ନେଉଛନ୍ତି। ଗାଁକୁ ରାସ୍ତା ଭଲ ନ ଥିବାରୁ ଗ୍ରାମକୁ ଏଯାଏ ଚାରିଚକିଆ ଗାଡ଼ି ଆସିନି କି ଗ୍ରାମବାସୀ ଏପର୍ଯ୍ୟନ୍ତ ଚାରିଚକିଆ ଗାଡି ଦେଖିନାହାନ୍ତି। ରାସ୍ତା ଅବସ୍ଥା ହେତୁ ଗାଁକୁ ଆମ୍ବୁଲାନ୍ସ ଆସିପାରୁନି। ହଠାତ୍ କାହାର ସ୍ୱାସ୍ଥ୍ୟ ଖରାପ ହେଲେ ବାଇକ୍ ଅବା ଭାରରେ ବୋହି ଗ୍ରାମବାସୀ ନେଉଛନ୍ତି ଡାକ୍ତରଖାନା। ଗାଁକୁ ପକ୍କା ରାସ୍ତା ଖଣ୍ଡେ ନିର୍ମାଣ କରିବାକୁ ଗ୍ରାମବାସୀ ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ବାରମ୍ବାର ଜଣାଇ ନିରାଶ ହୋଇଛନ୍ତି। ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଖରାଦିନେ ହାଣ୍ଡିଏ ପାଣିକୁ ଦୁଇ ତିନି ଦିନ ରଖି ବ୍ୟବହାର କରୁଥିବା ଗ୍ରାମବାସୀ ବର୍ଷାଋତୁରେ ମଧ୍ୟ ଦେଢ କି.ମି. ଦୂରରୁ ଝରଣା ପାଣି ଆଣି ଚଳୁଥିବା କହିଛନ୍ତି ଗ୍ରାମର ସୁମତ ଗମାଙ୍ଗ, ପ୍ରଦୀପ ଭୂୟାଁ ଓ ନରେଶ ନାଥ। ଗ୍ରାମରେ ଥିବା ନଳକୂପରୁ ଗୋଳିଆ ପାଣି ବାହାରୁଛି। ଅତି ଆବଶ୍ୟକ ସ୍ଥଳେ ଏହାକୁ ଗରମ କରି ବ୍ୟବହାର କରୁଥିବା କହିଛନ୍ତି ସେମାନେ। ଗ୍ରାମକୁ ପକ୍କାରାସ୍ତା ଓ ପାନୀୟ ଜଳ ସମସ୍ୟା ଦୂର କରିବାକୁ ପ୍ରଶାସନ ପଦକ୍ଷେପ ନେବାକୁ ତିନିସାହିର ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟାଙ୍କୁ ପଚାରିବାରୁ ସେ କହିଲେ, ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ରିପୋର୍ଟ ମାଗି କେଉଁ କାରଣରୁ ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା କରିବାରେ ଅବହେଳା ହୋଇଛି ତର୍ଜମା କରାଯିବ। ପରେ ଉକ୍ତ ଗ୍ରାମକୁ ରାସ୍ତା ନିର୍ମାଣ ସହ ଅନ୍ୟ ସମସ୍ୟାର ସମାଧାନ ମଧ୍ୟ କରାଯିବ ବୋଲି ସେ କହିଛନ୍ତି।

ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। -ଶ୍ରୀଅରବିନ୍ଦ

# ସ୍ଥିତିରେ ପରିବର୍ତ୍ତନ



ଆକାର ପଟେଲ

୧୯୫୭ରେ ଜନସଂଘ ତା' ଇସ୍ତାହାରରେ ଉଲ୍ଲେଖ କରିଥିଲା, ''ଯୌଥ ପରିବାର ଏବଂ ଅତୁଟ(ସ୍ଥାୟୀ) ବିବାହ ହିନ୍ଦୁ ସମାଜର ଆଧାର ହୋଇ ରହିଆସିଛି। ଏହି ଆଧାରକୁ ପରିବର୍ତ୍ତନ କରୁଥିବା ଆଇନ ଶେଷରେ ସମାଜର ଏକତାକୁ ଭାଙ୍ଗିଦେବ। ଏଣୁ ଜନସଂଘ ହିନ୍ଦୁ ବିବାହ ଓ ହିନ୍ଦୁ ଉତ୍ତରାଧିକାର ଆଇନକୁ ରଦ୍ଦ କରିବ''। ଜନସଂଘ/ଭାଜପା ଛାଡ଼ପତ୍ରକୁ ବିରୋଧ ଏବଂ ଯୌଥ ପରିବାରକୁ ସମର୍ଥନ କରିବା ସହ ମହିଳାଙ୍କ ଅଧିକାର ବିରୋଧରେ ଠିଆ ହୋଇଥିଲା। ୧୯୫୦ ଦଶକରେ ବିଧେୟକ ଡିଠାରେ ଡ. ବି.ଆର୍. ଆମ୍ବେଦକର, ବିଶେଷକରି ମହିଳାଙ୍କ ଉତ୍ତରାଧିକାରକୁ ନେଇ ହିନ୍ଦୁ ବ୍ୟକ୍ତିଗତ ଆଇନରେ ସାମାନ୍ୟ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଥିଲେ। ସେ ପୁରୁଷ ଉତ୍ତରାଧିକାର ଆଇନର ତ୍ରୁଟି ପ୍ରମୁଖ ପ୍ରାବଧାନକୁ ଚିହ୍ନଟ କରିଥିଲେ ଏବଂ ମହିଳାଙ୍କ ପାଇଁ ଉତ୍ତରାଧିକାରକୁ ସ୍ପଷ୍ଟ କରିବା ସକାଶେ ସେଥିରୁ ଗୋଟିଏକୁ ସଂଶୋଧନ କରିଥିଲେ। ୧୯୫୧ରେ ଜନସଂଘ ହିନ୍ଦୁ କୋଡ୍ ବିଲ୍‌ରେ ଏହି ପ୍ରସ୍ତାବକୁ ବିରୋଧ କରି କହିଥିଲା ଯେ, ସାମାଜିକ ସୁଧାର ଉପରସ୍ତରରୁ ହେବା ଉଚିତ ନୁହେଁ, ବରଂ ସମାଜରୁ ହେବା ଦରକାର। ୧୯୫୭ରେ ଜନସଂଘ କହିଥିଲା, ଏଭଳି ପରିବର୍ତ୍ତନଗୁଡ଼ିକ ଯଦିଓ ପ୍ରାଚୀନ ସଂସ୍କୃତିରେ ନାହିଁ ସେଥିପାଇଁ ଗ୍ରହଣୀୟ ନୁହେଁ। ବିବାହକୁ ଶାଶ୍ୱତ ବା ସ୍ୱର୍ଗୀୟ ଭାବୁଥିବାରୁ ଏହା ଛାଡ଼ପତ୍ରକୁ ବିରୋଧ କରିଥିଲା। ତେବେ ସମାଜର ଭୌତିକ ତତ୍ତ୍ୱଗୁଡ଼ିକ ଛାଡ଼ପତ୍ର ପାଇଥିବା ମହିଳା ଓ ବିଧବା ପୁତ୍ରବଧୂଙ୍କୁ ସମ୍ପତ୍ତିର ଉତ୍ତରାଧିକାରୀ ହେବା ଲାଗି ଅନୁମତି ଦେଉ ନ ଥିଲା। ସମୟକ୍ରମେ ଏହି ସ୍ଥିତି ପରିବର୍ତ୍ତନ ହୋଇଥିଲା, କିନ୍ତୁ ପାର୍ଟି ଇସ୍ତାହାରରେ ଏହାର ସ୍ଥିତିକୁ କାହିଁକି ବାରମ୍ବାର ପରିବର୍ତ୍ତନ କରିଥିଲା ତାହା ସ୍ପଷ୍ଟ କରିନାହିଁ। ସମୟକ୍ରମେ ଭାରତୀୟ ସମାଜରେ ଛାଡ଼ପତ୍ର ଅଧିକ ଘଟିଲା ଏବଂ ସହରାଞ୍ଚଳରେ ଏପରି କି ଉଚ୍ଚଜାତି, ମଧ୍ୟବିତ୍ତ ପରିବାରଗୁଡ଼ିକ (ଯେଉଁଗୁଡ଼ିକ ଭାଜପାର ଆଧାର) ଧୀରେ ଧୀରେ ଅଧିକ ଅଣୁ ପରିବାର ହୋଇଗଲେ। ଫଳରେ ଯୌଥ ପରିବାର ପ୍ରତି ଥିବା ସମର୍ଥନର ସଂକଳ୍ପ ଲୁଚି ପଡ଼ିଲା। ଜନସଂଘ/ଭାଜପା ଅର୍ଥ ବ୍ୟବସ୍ଥା ଉପରେ ଏହାର ସମାଜବାଦୀ ନୀତିଗୁଡ଼ିକୁ କିଭଳି ଦୂରେଇଥାଇଛି ତାହା ଆମେ ପୂର୍ବ ସପ୍ତାହରେ ଏହି ସ୍ତମ୍ଭରେ ଉଲ୍ଲେଖ କରିଥିଲେ। ସବୁ ଦଳ ସେମାନଙ୍କ ସ୍ଥିତିରେ ପରିବର୍ତ୍ତନ କରିବାର ଅଧିକାର ଅଛି। କିନ୍ତୁ ଦୃଷ୍ଟିକୋଣକୁ ବାହାରେ ଉପସ୍ଥାପିତ କରିବା ପରେ ସେଥିରୁ ପଛଘୁଞ୍ଚା ଦେବା ଓ ଇସ୍ତାହାରରୁ ହଟାଇଦେବା ଏବଂ ପୂର୍ବରୁ ଯାହାକୁ ବିରୋଧ କରିଥିଲା ସେସବୁ ବିଷୟ ଉପରେ ପୁନର୍ବାର କହିବାର କାରଣ ସାମ୍ନାକୁ ଆଣି ବୁଝାଇବା ଦରକାର। କିନ୍ତୁ ଦଳ ତାହା କରିବାକୁ ଚାହିଁନାହିଁ।

ପାର୍ଟି କହିଥିଲା, ହିନ୍ଦୁ ସମାଜରେ ଅସ୍ପୃଶ୍ୟତା ଓ ଜାତିବାଦ ଦୂର କରି ସମାନତା ଓ ଐକ୍ୟଭାବନା ସୃଷ୍ଟି କରିବ। କିନ୍ତୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପାଇଁ କଂଗ୍ରେସର ସଂରକ୍ଷଣ ନୀତିରେ ସଂଘ କାହିଁକି କିଛି ଯୋଡ଼ି ନ ଥିଲା (ଉଦାହରଣ ସ୍ୱରୂପ, ଘରୋଇ କ୍ଷେତ୍ରରେ ଏହାକୁ ଲାଗୁକରି କିମ୍ବା ବଢ଼ାଇ ନ ଥିଲା) ତାହା କହିଲା ନାହିଁ। ସାମାଜିକ ସ୍ତରରେ, ପାର୍ଟି ସାରା ଦେଶରେ ମଦ୍ୟ ନିଷେଧ କରିବାକୁ ଦାବି କରିଥିଲା। ସବୁ କ୍ଷେତ୍ରରେ ଇଂଲିଶ ବଦଳରେ ସ୍ଥାନୀୟ ଭାଷା ବିଶେଷକରି ହିନ୍ଦୀ ଲାଗୁ କରିବାକୁ ଚାହିଁଥିଲା। କୃଷି କ୍ଷେତ୍ରରେ ମଧ୍ୟ ଜନସଂଘ ମଧ୍ୟବିତ୍ତ ଶ୍ରେଣୀର ପାର୍ଟି ହେବାକୁ ଚାହିଁଥିବା ଦେଖାଯାଇଥିଲା। ଅଧିକ ଉତ୍ପାଦନ ପାଇଁ କଠିନ ପରିଶ୍ରମ ଦରକାର ବୋଲି କୃଷକଙ୍କ ମଧ୍ୟରେ ସଚେତନତା ଆଣିବା ସହ ସେମାନଙ୍କୁ ଉତ୍ସାହିତ କରିବା ସକାଶେ ଦେଶବ୍ୟାପୀ ଅଭିଯାନ ଚଳାଇବା ଲାଗି ତାହାର ପ୍ରଥମ ଇସ୍ତାହାରରେ ପ୍ରଥମ କରି ଏହା ଆହ୍ୱାନ ଦେଇଥିଲା। ହେଲେ ଏବେ ଭାରତୀୟ କୃଷକମାନେ ଅଧିକ କଠିନ ପରିଶ୍ରମ କରୁନାହାନ୍ତି ବୋଲି କହିବାକୁ ଭାଜପା ଜଣେ ମନ୍ତ୍ରୀଙ୍କୁ ଆଗକୁ ଛାଡ଼ିଛି।

ବୈଦେଶିକ ବ୍ୟାପାରରେ ଭାଜପା ସବୁଠୁ ଭଲ କାମ କରିଛି ବୋଲି ନିଜକୁ କୁହାଯାଉଛି। ହେଲେ ଜନସଂଘର ନିର୍ଦ୍ଦିଷ୍ଟ ଭାବେ କୌଣସି ବୈଶ୍ୱିକ ରଣନୀତିକ ଦୃଷ୍ଟିକୋଣ ନ ଥିଲା। ଭାରତର ସ୍ୱାର୍ଥକୁ ନେଇ ଏହା କହିଥିଲା, ଯେଉଁମାନେ ଭାରତର ବନ୍ଧୁ ସେମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିବା ଉଚିତ ଏବଂ ଯେଉଁମାନେ ଶତ୍ରୁ ସେମାନଙ୍କ ପ୍ରତି କଠୋର ହେବା ଦରକାର। ଜାତିସଂଘ ସୁରକ୍ଷା ପରିଷଦରେ ଭାରତକୁ ସ୍ଥାନ ଦିଆଯିବା ଦରକାର ବୋଲି ଏହା ଚାହିଁଥିଲା, କିନ୍ତୁ ଭାରତକୁ ଏହା କାହିଁକି ମିଳିବ ଓ ଭାରତର ଭୂମିକା କ'ଣ ରହିବ ସେମାନଙ୍କ ଇସ୍ତାହାରରେ କିଛି ସ୍ପଷ୍ଟ କରି ନ ଥିଲା। ସୁରକ୍ଷା ପରିଷଦରେ ପ୍ରବେଶ କରିବାର ବାଟ ବନ୍ଦ ହୋଇଯାଇଥିଲା। ତେବେ ଏ ବିଷୟରେ ଜନସଂଘ ଯାହା ଚିନ୍ତା କରିଥିଲା ତାହା ଆଗକୁ ଦୋହରାଇ ନାହିଁ। ୧୯୫୭ ଇସ୍ତାହାରରେ ପ୍ରଥମ କରି ପାକିସ୍ତାନ -ପର୍ତ୍ତୁଗାଲ ମେଣ୍ଟରୁ ସୃଷ୍ଟି ବିପଦ ସମ୍ପର୍କରେ ଚେତାବନୀ ଦେଇଥିଲା। ପରେ ୧୯୬୨ ଇସ୍ତାହାରରେ ଏ ବିଷୟରେ କୌଣସି ସୂଚନା ଦେଇ ନ ଥିଲା, କିନ୍ତୁ ଚାଇନାଠାରୁ ଯୁଦ୍ଧରେ ଭାରତର ପରାଜୟକୁ ନେଇ ନେହେରୁଙ୍କୁ ସମାଲୋଚନା କରିଥିଲା। ୧୯୭୨ ଇସ୍ତାହାରରେ, ବାଂଲାଦେଶ ଯୁଦ୍ଧ ସମ୍ପର୍କରେ କିଛି ଲେଖାଯାଇ ନ ଥିଲା। ଏହା ବ୍ୟତୀତ ସବୁ ବାଳକ ଓ ବାଳିକାଙ୍କ ପାଇଁ ବାଧ୍ୟତାମୂଳକ ସାମରିକ ପ୍ରଶିକ୍ଷଣ, ମୁଜଲ ଲୋଡିଂ ଗନ୍ (ଅଷ୍ଟାଦଶ ଶତାବ୍ଦୀର ବନ୍ଧୁକ) ଲାଇସେନ୍ସ ରଦ୍ଦ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି)କୁ ବ୍ୟାପକ କରିବା ଏବଂ ଆଣବିକ ଅସ୍ତ୍ର ଉତ୍ପାଦନ ଭଳି ବାର୍ତ୍ତାକୁ ପାର୍ଟିର ପ୍ରତିରକ୍ଷା ନୀତି ବିଚାର ସାମ୍ନାକୁ ଆସିଥିଲା। ଇସ୍ତାହାରରେ ଏଭଳି ଅନେକ ବିଷୟ ଥିଲା, ଯାହା ସୁସଙ୍ଗତ କିମ୍ବା ସ୍ପଷ୍ଟ ନ ଥିଲା।

୨୦୨୫ରେ ଏହିସବୁ ବିଷୟକୁ ପୁଣି ଉତ୍ଥାପନ କରିବାର କାରଣ ସମ୍ପର୍କରେ ପାଠକମାନେ ପଚାରିବା ଯୁକ୍ତିଯୁକ୍ତ। ଦେଶରେ ଭାଜପା ସବୁଠୁ ବଡ଼ ଓ ସବୁଠୁ ପ୍ରାଧାନ୍ୟବିସ୍ତାର କରିଥିବା ଦଳ ହୋଇଥିବାରୁ ପୁନର୍ବାର ବିଷୟଗୁଡ଼ିକୁ ଉଠାଉଛି। ଦଳ ଯାହା ଚାହୁଁଛି ଶେଷରେ ତାହା ହିଁ କରୁଛି। ପାର୍ଟିର ନିଜସ୍ୱ ସମ୍ବିଧାନ କହେ, ସମାଜବାଦ ଓ ଧର୍ମ ନିରପେକ୍ଷବାଦ ପ୍ରତି ଏହାର ପ୍ରକୃତ ଶ୍ରଦ୍ଧା ଓ ବିଶ୍ୱାସ ରହିବ। ଆଇନ ଦ୍ୱାରା ଅନ୍ୟ ଦଳଗୁଡ଼ିକ ଏହା କରିବା ପୂର୍ବରୁ ଜନସଂଘ ପ୍ରଥମେ ଏଭଳି ଚିନ୍ତାଧାରାକୁ ସାମ୍ନାକୁ ଆଣିଥିଲା। ଏବେ ଭାଜପା ସମ୍ବିଧାନରୁ ଏହିସବୁ ଶବ୍ଦକୁ ହଟାଇଦେବା ଲାଗି କହୁଛି। ଗୁରୁତ୍ୱପୂର୍ଣ୍ଣ ହେଉଛି, ପାର୍ଟିକୁ ତା' ନିଜ ଶବ୍ଦଗୁଡ଼ିକୁ ପଢ଼ି ଶୁଣାଇବା ଦରକାର। ଏପରି କି ପାର୍ଟି ନିଜର ସ୍ଥିତି ଓ କରିଥିବା ଅସଂଖ୍ୟ ପରିବର୍ତ୍ତନ ସମ୍ପର୍କରେ ତା' ଭୋଟର ଏବଂ ଏହି ଦେଶର ନାଗରିକଙ୍କୁ ବୁଝାଇବା ଦରକାର।

Email:aakar.patel@gmail.com

# ସୌନ୍ଦର୍ଯ୍ୟବୋଧ ଓ ଗଣତନ୍ତ୍ର



ବ୍ରଜମୋହନ ମିଶ୍ର

ଏ ଯାବତ୍ ଉଦ୍ଭାବିତ ଏବଂ ଅନୁସୃତ ଶାସନ ପଦ୍ଧତିମାନଙ୍କ ମଧ୍ୟରେ ଗଣତନ୍ତ୍ର ଯଥାର୍ଥରେ ଶ୍ରେଷ୍ଠ ବୋଲି ପରିଗଣିତ। କାରଣ ଏହି ପଥରେ ଶାସକ ଏବଂ ଶାସିତ ସୁଦୃଢ଼ ଓ ସୁସଙ୍ଗ ରୂପେ ସମ୍ପର୍କିତ ହୋଇ ଶାସନର ମର୍ଯ୍ୟାଦା ରକ୍ଷାକରନ୍ତି, ଯାହା ଅନ୍ୟ ଅନେକ ଧରଣର ଶାସନରେ ପରିଲକ୍ଷିତ ହୋଇନାହିଁ। ଗଣତନ୍ତ୍ରରେ 'ତନ୍ତ୍ର' ଥାଏ ସତ କିନ୍ତୁ 'ଗଣ'ମାନେ ପ୍ରାଧାନ୍ୟ ଲାଭ କରିଥାଆନ୍ତି। ଏହା ଫଳରେ ପ୍ରଥମ ସଜୀବ ସତ୍ତା ଦ୍ୱିତୀୟ ନିର୍ଜୀବ ଧାରଣାଠାରୁ ଶ୍ରେଷ୍ଠତର ବୋଲି ଗୃହୀତ ହୁଏ। ଅର୍ଥାତ୍ ଶାସିତ ଶାସନଠାରୁ ବହୁ ଉଚ୍ଚତର, କାରଣ ସେ 'ଶାସନ'ର ସ୍ରଷ୍ଟା। ଗଣତନ୍ତ୍ରର ଏହି ଉଦାର ଦୃଷ୍ଟି ଓ ଦର୍ଶନ କିନ୍ତୁ ସଭ୍ୟତାର ଅବଲୀଳାକ୍ରମ ବିବର୍ତ୍ତିତ ମଣିଷର ଖୁବ୍ ପ୍ରୟୋଜନୀୟ ହୋଇଥିଲେ ହେଁ ମୂଳତଃ ସ୍ୱକୈନ୍ଦ୍ରିକ। ତେଣୁ ସ୍ୱାର୍ଥପର ହୋଇଥିବା ଯୋଗୁ ସଭ୍ୟ ବୋଲି କୁହାଯାଉଥିବା ମଣିଷ ଏହି ଅପରିହାର୍ଯ୍ୟ ଶାସନ ପଦ୍ଧତିକୁ ସେପରି ବୁଝି ଆତ୍ମସ୍ଥ କରିପାରିନାହିଁ। ତେଣୁ ତା'ର ଯଥାର୍ଥ ପ୍ରୟୋଗ କରିବାରେ ସେ ଶୋଚନୀୟ ବିଫଳ ହୋଇଛି। ଫଳରେ ଯେଉଁ ଗଣତାନ୍ତ୍ରିକ ଶାସନ ପଦ୍ଧତି 'ଅଭିଜାତମାନଙ୍କ ଶାସନ' ହେବା କଥା ତାହା ବହୁମାତ୍ରାରେ ହୋଇଯାଇଛି 'ଅଜ୍ଞ, ଅପୋଗଣ୍ଡ ଓ ଅଖାଡୁଆ, ଅକର୍ମଣ୍ୟଶୀଳା'ଙ୍କ ଦୁଃଶାସନ। ସେକ୍ସପିୟରଙ୍କ ବିୟୋଗାନ୍ତକ ନାଟକରେ ଉଚ୍ଚ ସ୍ଥାନରେ ସ୍ଥାନିତ ନାୟକର ଅଧୋଗତି, ଅବକ୍ଷୟ ଏବଂ ପରିଶେଷରେ ନିଃଶେଷ ହେବାପରି, 'ମହାନତା' ସମୃଦ୍ଧ ତଥା ସର୍ବୋଦୟନିଷ୍ଠ ଗଣତନ୍ତ୍ରର ଖୁବ୍ ଅଧୋଗତି ହୋଇଛି ଅବା ଏହାର ଅପବ୍ୟବହାର କରି ଏପରି ଏକ 'ସଂସ୍କୃତ' ବିଚାରଧାରାକୁ 'ଦୁଷ୍କୃତି'ର ମହାରୌରବ ମଧ୍ୟକୁ ଠେଲି ଦିଆଯାଇଛି, ଯାହାକୁ ଲକ୍ଷ୍ୟକରି ସେ ଦିନ ହୁଏତ ପ୍ରସିଦ୍ଧ ନାଟ୍ୟକାର ବର୍ଣ୍ଣାଡସ ଆଧୁନିକ ଗଣତନ୍ତ୍ରରେ ଅପରିହାର୍ଯ୍ୟ ଦଳ ବ୍ୟବସ୍ଥା ଉପରେ ତୀବ୍ର କଟାକ୍ଷ ଆଣିଛନ୍ତି।

ଭାରତୀୟ ପରିପ୍ରେକ୍ଷୀରେ ଗଣତନ୍ତ୍ରର ଯେତେ ଜିନ୍ଦାବାଦ କରାଯାଉଥିଲେ ହେଁ ଏଠାରେ ଗଣତନ୍ତ୍ରର ଶରୀରଟି ଅଛି ସିନା ହେଲେ ଏହାର ଆତ୍ମା ଖୁବ୍ ଅବମାନିତ, ଅପମାନିତ ଓ ଅବହେଳିତ ହୋଇଛି। ତେଣୁ ଗଣତାନ୍ତ୍ରିକ ପଦ୍ଧତିରେ ଭୋଟ ଦିଆନିଆ ହୋଇ, ଲୋକପ୍ରତିନିଧି ନିର୍ବାଚିତ ହୋଇ ଓ ସରକାର ଗଠନ କରାଯାଇ ଲୋକଙ୍କ ମତରେ ଶାସନ ଚାଲିଛି ବୋଲି ଉପରେ ଯେତେ କୁହାଯାଉଥିଲେ ହେଁ ଏହାର ଭିତର ସତ୍ୟଟି ଏତେ କଦାକାର ଓ କୁତ୍ସିତ ଯେ ତାହା ବର୍ଣ୍ଣନା କରିବାକୁ ଭାଷାନାହିଁ। ଗଣତନ୍ତ୍ରକୁ ଯଦି ଏକ ସୁନ୍ଦରୀ, ସାଧ୍ୱୀ ସୀମନ୍ତିନୀ ରୂପେ କଳ୍ପନା କରାଯାଏ, ତାହାହେଲେ ଅନୁକ୍ଷଣ ତା'ର ସାଧୁତାର ସୌନ୍ଦର୍ଯ୍ୟ ହରଣ କରାଯାଇ ତାକୁ ହତଭାଗିନୀ ଦାମିନୀଟିଏ କରିଦିଆଯାଉଛି। ତା'ର ଅନ୍ତରର ଶୁଭବାସନା, ଶୁଭ ସଂକଳ୍ପ, ଶୁଭ ଅଭ୍ୟୁଦୟ ଓ ଶୁଭ ସଂକ୍ରାନ୍ତିକୁ ବାଟହୁଡ଼ା ବୀଟମାନେ ବାରମ୍ବାର ବଳାତ୍କାର କରି ଚାଲିଛନ୍ତି। ତେଣୁ ଗଣତନ୍ତ୍ରର ସ୍ୱଭାବ ଓ ସ୍ୱଧର୍ମ ଅବଶ୍ୟ ଅପ୍ରତିପାଦିତ ହୋଇ ରହିଯାଉଛି। ଫଳରେ ଉତ୍କର୍ଷ ଓ ଉତ୍କ୍ରାନ୍ତିର ଏଇ ସାଧୁ ଓ ସମର୍ଥଶକ୍ତି ଆପଣାର କୌଣସି ଦୋଷ ନ ଥାଇ ମଧ୍ୟ ସମାଲୋଚିତ ହେଉଛି ଯେ ଏହା ଏକ ଭ୍ରମାତ୍ମକ ଶାସନପଦ୍ଧତି, ଯାହା ଲୋକମାନଙ୍କୁ କିଣେ, ଲୋକମାନଙ୍କଠାରୁ ଦୂରେଇ ଯାଏ (ଆବ୍ରାହମ ଲିଙ୍କନଙ୍କ 'ଗଣତନ୍ତ୍ର' ସଂଜ୍ଞାର ଏକ ଲାଳିକା)। ଏହାର ଏପରି ଦୁର୍ଦ୍ଦଶା ପାଇଁ ଯେଉଁ ମାୟାମୃଗରୂପୀ ମାରୀଚମାନେ ଦାୟୀ ସେମାନେ ଯଦି ଜୀବନକୁ (ତେଣୁ ନିଜକୁ) ସତରେ ବୁଝିବାକୁ ମନେକରନ୍ତେ, ତାହାହେଲେ ଭାଗବତର ସେଇ 'ବିଷଣ୍ଣ ଗାଭୀ' ତା'ର ଅପହୃତ ସୌନ୍ଦର୍ଯ୍ୟ ଏବଂ ଶକ୍ତି ଫେରି ପାଇବା ପରି ଗଣତନ୍ତ୍ର ପେଙ୍ଗା ଓ ପଣ୍ୟ ନ ହୋଇ ପୁଣ୍ୟର ଅଧିଷ୍ଠାନ ହୋଇପାରନ୍ତା।

ଏହା ଏକ ରୂପାନ୍ତର କ୍ରିୟାଯୋଗ ଉପରେ ନିର୍ଭର କରେ ଯେପରି ଦସ୍ୟୁ ହୃଦୟରେ ଦେବତାର ଅଭ୍ୟୁଥାନ ଘଟିଥିଲା। ଯେଉଁ କପଟୀ କୁହୁଡ଼ିମାନେ ଏଇ କାମନା କର୍ଦ୍ଦମରେ ଘାଣ୍ଟି ହେଉଛନ୍ତି ସେଇମାନଙ୍କଠାରେ 'କଣ' ପ୍ରୟୋଗ କଲେ ସେମାନେ ଅବଶ୍ୟ ବାଟକୁ ଆସନ୍ତେ? ସେଇ ବିମୂଢ଼, ବିଯୁକ୍ତ, ବିକଳାଙ୍ଗମାନେ 'ଗଣ'ମାନଙ୍କ ସହ ବିଜ୍ଞ ଭାବରେ ସଂଯୁକ୍ତ ହୋଇ ତନ୍ତ୍ର (ଗଣତନ୍ତ୍ର) ଯେ ଏକ ପାଶ ନୁହେଁ, ଏହା ଯେ ଏକ 'ପ୍ୟାର' ତାହା ପ୍ରମାଣ କରିଦିଅନ୍ତେ? ଯେଉଁମାନେ ଦୁର୍ଜନ, ସେମାନେ ଅଜ୍ଞାନ ଯୋଗୁ ସେପରି ହୋଇଛନ୍ତି ବୋଲି ବହୁବର୍ଷ ତଳେ ମହାମନା ଓ ମହାମାନ୍ୟ ସକ୍ରେଟିସ ଦୃଢ଼ ଭାବରେ କହି ଯାଇଛନ୍ତି। ସେମାନଙ୍କୁ ସେମାନଙ୍କ ଅଜ୍ଞତାଠାରୁ ମୁକ୍ତ କରାଯାଇପାରିଲେ ସେମାନେ ମଧ୍ୟ ସମଗ୍ରର, ସମୂହର 'ବିଷବଳୟ' ନ ହୋଇ ବ୍ରହ୍ମବଳୟ ହୋଇପାରିବେ। ସକ୍ରେଟିସ୍‌ଙ୍କ ଏ ଉପପାଦ୍ୟ ଆଦୌ କପୋଳକଳ୍ପିତ କି ଅସମ୍ଭବ ନୁହେଁ। ଏହା କରାଯାଇ ପାରିବ। ଅର୍ଥ ଅର୍ଜନ, ଆହରଣ ଏବଂ ଆତ୍ମସାତ କରିବାର ଦୁର୍ବାର ବାସନା ଯେ 'କୁତ୍ସିତ', ତାହା ଏଇ ଅବୋଧମାନଙ୍କୁ ବାରମ୍ବାର ଶୁଣାଯାଆନ୍ତା। ସେମାନଙ୍କୁ ଏହା ବଦଳରେ ସୌନ୍ଦର୍ଯ୍ୟ ସମ୍ପର୍କରେ ଚେତନାଗତ ଆଘାତ ଦିଆଯାଆନ୍ତା। ସେମାନଙ୍କ



ବିଭିନ୍ନ ଅଧିବେଶନରେ 'ସୌନ୍ଦର୍ଯ୍ୟ' ତତ୍ତ୍ୱ ବୁଝାଇ ଦିଆଯାଇ ତା'ର ବାସ୍ତବ ପ୍ରୟୋଗ କରାଯାନ୍ତା। ସେମାନେ ପ୍ରତ୍ୟକ୍ଷ ଅନୁଭବ କରନ୍ତେ 'କଦର୍ଯ୍ୟ' ନୁହଁ, 'ସୌନ୍ଦର୍ଯ୍ୟ' ହିଁ ଜୀବନରେ ମଧୁରତା ଆଣେ, ଜୀବନକୁ ପରିପୂର୍ଣ୍ଣ କରେ। ଫୁଲ ଛିଣ୍ଡାଇ ଉପଭୋଗ କରିବା ଅପେକ୍ଷା ତାକୁ ଅନ୍ତର ଭରି ଦେଖିବାରେ ଓ ଅଶ୍ଳୀଳ ହୋଇ ସ୍ପର୍ଶ କରିବାରେ ମରମୀ ଦ୍ରଷ୍ଟାର ଅନ୍ତର ବିକଶିତ ହୁଏ। ପୁଣି ଅନ୍ତରର ବିକାଶ ହିଁ ଗଣତନ୍ତ୍ରରେ ନାଭିକେନ୍ଦ୍ର, ଯାହାକୁ ଆମେ ଆଧ୍ୟାତ୍ମିକତା ବୋଲି କହିପାରିବା। ଫୁଲକୁ ଉପଭୋଗ କଲେ ତାହା କିଛି ସମୟ ପାଇଁ ଖୁସି ଆଣିପାରେ, କିନ୍ତୁ ଫୁଲକୁ ଚାହିଁ ତା'ର ଅପୂର୍ବ ବର୍ଣ୍ଣାଳୀ ଓ ବିଭୂତି କଥା ଚିନ୍ତନ କଲେ ତାହା ଦ୍ରଷ୍ଟାକୁ ସଂସ୍କୃତ କରାଏ। ପ୍ରଥମଟି ବହିର୍ବାଣିଜ୍ୟ ଯେତେବେଳେ ଦ୍ୱିତୀୟଟି ଅନ୍ତଃ ତପସ୍ୟା ବା ଭିତରଯୋଗ। ସୌନ୍ଦର୍ଯ୍ୟବୋଧ ଜାଗ୍ରତ କରାଇବା ପାଇଁ ଏହିପରି ସକ୍ରିୟ ଉଦ୍ୟମ କରାଯାଇପାରେ। ସୌନ୍ଦର୍ଯ୍ୟ, ସ୍ୱକୀୟ ସ୍ୱାଭାବିକତାରେ କ'ଣ ଏଇ ପ୍ରଡିଗାଲ ସନ୍ମାନଙ୍କୁ ପ୍ରଭାବିତ କରିପାରିବ ନାହିଁ? ବିଶ୍ୱାସ ରଖିବା, ଏହାର ସଂକ୍ରାମକ ଓ ଶିଷ୍ଟ ସାନ୍ନିଧ୍ୟର ନିଶ୍ଚିତ ପ୍ରଭାବ ଉପରେ। ଯେଉଁମାନେ ଭ୍ରମରେ ଅର୍ଥ ଓ ସ୍ୱାର୍ଥର କ୍ରୀତଦାସ ହୋଇ ଭ୍ରମୁଛନ୍ତି ସେଇମାନଙ୍କୁ ଦେଖେଇ ଦିଆଯିବ 'ଅର୍ଥହୀନତା' ଏବଂ 'ପରାର୍ଥ'ର ପ୍ରବଳ 'ଆଧ୍ୟାତ୍ମିକ ପରାକ୍ରମ' ଯାହାର ବଳ ଦୁର୍ବଳକୁ ଉଠିବାକୁ ଆଶ୍ୱାସନା ଦିଏ, ଦୁର୍ବଳର ଭରସା ପାଲଟି ଯାଏ ଏବଂ ଯାହା ହୋଇଯାଏ ସର୍ବୋତ୍ତମ ଅଭୀପ୍ସା ପାଇଁ ସର୍ବୋତ୍ତମ ସମର୍ପଣ।

ସଂସାରରେ କିଏ ଭଲ ନ ଚାହେଁ ? ଏପରି କି ଖୁବ୍ ଖରାପ ବ୍ୟକ୍ତି ତ ଆପଣାର ସନ୍ତାନକୁ ଗେଲ କରେ। ତା' ଗାଲରେ ଚୁମ୍ବନଟିଏ ଆଙ୍କିଦିଏ। ତା'ର ପିଲା ଭଲ ହେଉ ବୋଲି ଚାହେଁ (ହୁଏତ ଏଥିପାଇଁ ଭଗବାନଙ୍କୁ ବି ପ୍ରାର୍ଥନା କରୁଥାଇପାରେ)। ଏ ସବୁ ଶୁଭ ବାସନା ସୌନ୍ଦର୍ଯ୍ୟର ଭିନ୍ନ ଭିନ୍ନ ପ୍ରସ୍ତ। ସୌନ୍ଦର୍ଯ୍ୟ ଯେପରି ସୁନ୍ଦର ବସ୍ତୁ ଦର୍ଶନ, ସ୍ପର୍ଶନରେ ଥାଏ ସେହିପରି ମଧ୍ୟ ଥାଏ ସୁନ୍ଦର ଭାବପ୍ରକାଶରେ, ସୁନ୍ଦର ଭଙ୍ଗୀ ଅବଲମ୍ବନରେ, ସୁନ୍ଦର ଭାଷା ପ୍ରୟୋଗରେ। ଗଣତନ୍ତ୍ର ସହ ସମ୍ପୃକ୍ତଥିବା ଆମର ଆପଣାର 'ଏଇ ଅନ୍ୟମନସ୍କ ଅବାଟୋଇମାନେ' ବି ବେଳେବେଳେ ଠିକ୍ ମନସ୍କଥାନ୍ତି। ସେମାନଙ୍କ ଅନ୍ୟମନସ୍କତା ରୂପକ 'କଦର୍ଯ୍ୟ'କୁ ତୀବ୍ର ଆକ୍ଷେପ ନ କରି ସେମାନଙ୍କ ସାମୟିକ ଠିକ୍‌ମନସ୍କତାରୂପକ ଭାବ-ସୌନ୍ଦର୍ଯ୍ୟକୁ ବାରବାର ପ୍ରଶଂସା କରାଯାଇପାରେ। ସେମାନେ ଯେ ସମ୍ପୂର୍ଣ୍ଣ ଅ-ଭାବୀ ନୁହନ୍ତି ତାହା ମଧ୍ୟ ଶ୍ରଦ୍ଧାସହ ସେମାନଙ୍କୁ ପରିବେଷଣ କରାଯାଇପାରେ। ଚିକିତ୍ସକ ରୋଗୀକୁ ରୋଗୀ ବୋଲି କହି ଆଡ଼େଇ ଦିଏ ନାହିଁ। ତା' ପରିବର୍ତ୍ତେ ସେ ଯେତେ ବଡ଼ ରୋଗରେ ପ୍ରପୀଡ଼ିତ ହୋଇଥିଲେ ବି ତା'ର ସୁଚିକିତ୍ସା କରେ, ଗଭୀର ନିଷ୍ଠା ଆଶା ଓ ବିଶ୍ୱାସରେ ଚିକିତ୍ସକର ଏହି ଭାବସୌନ୍ଦର୍ଯ୍ୟ ରୋଗୀଠାରେ ମଧ୍ୟ ପ୍ରତିଫଳିତ ହୁଏ। ତେଣୁ ସେ ଆରୋଗ୍ୟ ଲାଭ କଲା ପରେ ଚିକିତ୍ସକଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରେ ଯାହା ତା'ର ଭାବସୌନ୍ଦର୍ଯ୍ୟ। ଅନୁରୂପ ଭାବରେ ଗଣତନ୍ତ୍ରରେ ଆମେ କଦର୍ଯ୍ୟ-ଭୋଗୀ। ତେଣୁ ରୋଗୀ 'ଆପଣାରମାନ'ଙ୍କ ସୌନ୍ଦର୍ଯ୍ୟକରଣ ପାଇଁ ଭିନ୍ନ ଏକ ପୂର୍ଣ୍ଣଯୋଗ ଅବଲମ୍ବନ କରିବା ଫଳରେ ଗଣତନ୍ତ୍ର-ଗାଭୀ ତା'ର ଅସଲ ସ୍ୱାସ୍ଥ୍ୟ ଫେରିପାଇ ଯଥାର୍ଥ ଦୁଗ୍ଧବତୀ ହେବ।

ଭଦ୍ରକ, ମୋ:୮୦୧୮୦୮୭୩୧

# ଓଡ଼ିଆ ଭାଷା ସାହିତ୍ୟର ଦୁର୍ଦ୍ଦଶା



ଡ. ମୌସୁମୀ ପରିଡ଼ା

ଓଡ଼ିଆ ଭାଷାର ଉନ୍ନତି ନିମନ୍ତେ ସମୟାନ୍ତରରେ ବହୁମୁଖୀ ଯୋଜନା ପ୍ରସ୍ତୁତ ହୋଇଛି। ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ମାତୃଭାଷାକୁ ସମୁନ୍ନତ କରାଯିବାର ଖସଡ଼ାମାନ ପ୍ରସ୍ତୁତ ହୋଇଆସିଛି। ଗତ କିଛିବର୍ଷ ଭିତରେ ମାତୃଭାଷା ପ୍ରତି ପିଲାମାନଙ୍କର ଆଗ୍ରହ-ବୃଦ୍ଧି ସମୁଜ୍ଜ୍ୱଳ ଭବିଷ୍ୟ-ନିର୍ମାଣ କ୍ଷେତ୍ରରେ ଅଗ୍ରସର ବୋଲି କହିବାରେ କୁଣ୍ଠା ନାହିଁ। ସାହିତ୍ୟ ଶିକ୍ଷକ ଭାବେ କୋଣଠେଁସା ହେବା ଅସହ୍ୟ ହୋଇଛି ସତ୍ୟ, ହେଲେ ଆଜିକାଲି ସେ ହୀନମନସ୍କତା କମ୍ ପରିଲକ୍ଷିତ। ସଦାସର୍ବଦା ସାହିତ୍ୟର ପୁନଃ ନିର୍ମାଣ ଚାଲିଥାଏ। ଚିରସ୍ରୋତା ଝରର ବିସ୍ତୃତ କାୟା ପରି ସାହିତ୍ୟ ସମୟ ସହିତ ଧାଇଁଛି। ଆମେ ଆଞ୍ଜୁଳେ କିମ୍ବା ଚଳୁଏ ପାଣି ଧରି ନିଜକୁ ଜ୍ଞାନୀ ମନେକରୁଛେ ସିନା, କିନ୍ତୁ ସାହିତ୍ୟ ଅପରିସୀମ, ପରିବ୍ୟାପ୍ତ, ବିସ୍ତୃତ। କେବଳ ସେ ଝରର ଦିଗ ଓ ସ୍ରୋତକୁ ଆମେ ଦେଖିପାରିବା, ମାତ୍ର ଆୟତ୍ତ କରିବା ଅସମ୍ଭବ।

ଏବେ ବି ବନାନ-ଅଶୁଦ୍ଧି ଥିବା ହୋର୍ଡିଂ ରାସ୍ତାକଡ଼ରେ ପରିଲକ୍ଷିତ ହେଉଛି। ବ୍ୟାକରଣଗତ ଅଶୁଦ୍ଧିକୁ ନେଇ ତର୍କବିତର୍କର ଅନ୍ତ ନାହିଁ। କେବେକେବେ ପ୍ରଶ୍ନ ଉଠୁଛି, ଭାଷା ସାହିତ୍ୟର ସେଭଳି ଆଖିଦୃଶିଆ ଉନ୍ନତି କାହିଁ? ଭାଷାକୁ ଚର୍ବିତଚର୍ବଣ ଭାବେ ସଂପୂର୍ଣ୍ଣ କରି ଭବିଷ୍ୟ ନିର୍ମାଣ ପାଇଁ ତରବରିଆ ଭାବେ ଆଗେଇ ଚାଲିନାହାନ୍ତି ତ ପିଲାମାନେ? ବିଭିନ୍ନ ପାଠଚକ୍ର ଓ ଗବେଷଣାତ୍ମକ ନିବନ୍ଧକୁ ଉପରଠାଉରିଆ ଭାବେ ପ୍ରସ୍ତୁତ କରିବା ଦ୍ୱାରା ସାହିତ୍ୟର ଛଳଛଳ-ଧାରା ଅବରୁଦ୍ଧ ହେଉନି ତ! ସେପରି ଜବରଦସ୍ତିଆ ପାଠ୍ୟକ୍ରମ ଦ୍ୱାରା ଜ୍ଞାନ ସୀମିତ ରହିଯିବ ସିନା ସାହିତ୍ୟର ଲାଭ ହେବନି। ସ୍ରୋତସ୍ୱିନୀ ନ ହୋଇ ସେ ଧାରା କୋଉଠି ନା କୋଉଠି ଅଟକିଯିବ ନ ହେଲେ ବିଦେଶୀ ଭାଷାର ବାଲିମାଟିରେ ପୋତି ହୋଇପଡ଼ିବ। ଅତ୍ୟଧିକ ପାଠ୍ୟକ୍ରମ ପିଲାଙ୍କ ଉପରେ ଲଦି ଦିଆଯିବା ଦ୍ୱାରା ସେମାନେ ବୀତସ୍ପୃହ ହୋଇଯିବେ।

ସ୍ନାତକୋତ୍ତରର ସିଲାବସ୍‌ରେ ଥିବା ପାଠଚକ୍ର ଓ ଗବେଷଣାତ୍ମକ ନିବନ୍ଧ ପ୍ରସ୍ତୁତ ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଉନି। ପିଲାମାନେ ନବୀନ, ପ୍ରବୀଣ ଲେଖକଙ୍କୁ ପଢୁନାହାନ୍ତି, ସେମାନଙ୍କ ବିଷୟରେ ଜାଣିବା ତ ଦୂରର କଥା। ସେଥିପାଇଁ ସମୟ ଓ ଉତ୍ସାହର ଅଭାବ। ଶ୍ରେଣୀକକ୍ଷରେ ପ୍ରତ୍ୟକ୍ଷ ଭାବ ଆଦାନପ୍ରଦାନବେଳେ ପତ୍ରପତ୍ରିକା ସହ ଲେଖକଙ୍କ ମୌଳିକ ସାହିତ୍ୟ ଉପରେ ଆଲୋଚନା କରାଯାଇପାରନ୍ତା। ସମୟାନ୍ତରରେ ସିଲାବସ୍ ବହିର୍ଭୂତ କୌଣସି ବହି ଉପରେ ସମୀକ୍ଷା କରାଗଲେ ଗବେଷଣାତ୍ମକ ନିବନ୍ଧ ପ୍ରସ୍ତୁତ କରିବା ସହଜତର ହୋଇପାରନ୍ତା।

ଓଡ଼ିଆ ଆଞ୍ଚଳିକ ଭାଷା ହୋଇଥିବାରୁ ଓ ବିଦ୍ୟାଳୟ ସ୍ତରରୁ ମାତ୍ରାଧିକ ବିଷୟ ଦ୍ୱାରା ପିଲାମାନେ ଚାପଗ୍ରସ୍ତ ହେଉଥିବାରୁ ନିଜ ଭାଷା ପ୍ରତି ଅନାଗ୍ରହ ସୃଷ୍ଟି ହେବା ସ୍ୱାଭାବିକ। ଏମିତିରେ ବିଦ୍ୟାଳୟଗୁଡ଼ିକରେ ମାତୃଭାଷା ପାଇଁ ସ୍ୱତନ୍ତ୍ର



ଶିକ୍ଷକ ନାହାନ୍ତି। ଓଡ଼ିଆ ବିଷୟ ପ୍ରତି ଆଦୌ ଧ୍ୟାନ ଦେଉନଥିବା ପିଲାଟିଏ ଯେତେବେଳେ ଓଡ଼ିଆରେ ସ୍ନାତକ ବା ସ୍ନାତକୋତ୍ତର କରିବ ସେ ପ୍ରତିକ୍ଷେତ୍ରରେ ଝୁଣ୍ଟିବ। ଯେଉଁମାନଙ୍କ ପାଇଁ ଧାଡ଼ିଏ ଓଡ଼ିଆ ଲେଖିବା କଷ୍ଟକର, ସେମାନଙ୍କ ଦ୍ୱାରା ବିଭିନ୍ନ ପାଠଚକ୍ର ବା ଗବେଷଣାତ୍ମକ ନିବନ୍ଧ ପ୍ରସ୍ତୁତି ସହଜସାଧ୍ୟ ନୁହେଁ।

ଅଧିକାଂଶ ପିଲା ଦୈନିକ ଖବରକାଗଜ ବା ପତ୍ରପତ୍ରିକା ପଢ଼ନ୍ତିନି। କେବଳ ବହିପାଠ ହିଁ ସେମାନଙ୍କ ପରିସର। ଭାଷା ସାହିତ୍ୟରେ ଅଧ୍ୟାପନା କରୁଥିବା ପିଲାମାନେ ନିଷ୍ଠାପର ହେବା ଉଚିତ୍। ବର୍ଷକୁ କିଛି ପତ୍ରପତ୍ରିକା କିଣି ଲେଖକ/ଲେଖିକାଙ୍କୁ ପଢ଼ିବା ସହିତ ସେଗୁଡ଼ିକର ମର୍ମ ବୁଝିବା ଉଚିତ୍। କେବଳ ବହିପାଠରେ ସୀମିତ ରହିବା ଦ୍ୱାରା ସାହିତ୍ୟର ପ୍ରଚଳିତ ଧାରା, ଗତି, ପ୍ରକୃତି ସମ୍ପର୍କରେ ଅବଗତ ହେବା କଷ୍ଟକର। କାରଣ ସେମାନଙ୍କୁ ପର୍ଯ୍ୟାପ୍ତ ସମୟ କିମ୍ବା ଉତ୍ସାହ ମିଳେନାହିଁ। ବିଷୟଭିତ୍ତିକ ପାଠଚକ୍ର ତଥା ଗବେଷଣାତ୍ମକ ନିବନ୍ଧ ଓଡ଼ିଆ ସାହିତ୍ୟକୁ ଚିହ୍ନିବା ଓ ଜାଣିବାର ପ୍ରକୃଷ୍ଟ ମାଧ୍ୟମ। ସେଥିପାଇଁ ବର୍ଷକୁ ହଜାର ହଜାର ପାଠଚକ୍ର ଓ ଗବେଷଣା ନିବନ୍ଧମାନ ପ୍ରସ୍ତୁତ ହେଉଛି। ପିଲାଏ କେବଳ ପରୀକ୍ଷା ପାଇଁ ଆଗ୍ରହବିହୀନ ଭାବେ ପ୍ରସ୍ତୁତି କରୁଛନ୍ତି ଓ ପରୀକ୍ଷା ପରେ ବିଭାଗର ସ୍ଥାନାଭାବ ଯୋଗୁଁ ସେଗୁଡ଼ିକୁ କାଗଜବାଲାକୁ କିଲୋ ଦରରେ ବିକାଯାଉଛି। ବିଡ଼ମ୍ବନା ଯେ ସ୍ୱଳ୍ପ ସମୟ ଭିତରେ ସେମିନାର, ପ୍ରୋଜେକ୍ଟ ଚାପରେ ଆକ୍ରାନ୍ତ ପିଲାଏ ନା ଏ କୂଳର ନା ସେ କୂଳର ହୋଇପାରୁଛନ୍ତି!

ବର୍ଷକୁ ଦୁଇଥର ଲେଖାଁ ହେଉଥିବା ନେଟ୍ ପରୀକ୍ଷା ବି ତିନିଭାଗରେ ବିଭକ୍ତ। ପରୀକ୍ଷା ଦେଇ କିଛିପିଲା ପିଏଚ୍.ଡି, କିଛି ନେଟ୍ ଓ ଆଉ କିଛି ଜେଆରଏଫ୍ (ଜୁନିଅର୍ ରିସର୍ଚ୍ଚ ଫେଲୋଶିପ୍-ଷ୍ଟାଇପେଣ୍ଟଯୁକ୍ତ) ପାଇଁ ଯୋଗ୍ୟ ବିବେଚିତ ହେଉଛନ୍ତି। ସେ ଅନୁସାରେ ପ୍ରତିବର୍ଷ ୮୦ରୁ ୯୦ ପିଲା ଜୁନିୟର୍ ରିସର୍ଚ୍ଚ ଫେଲୋଶିପ୍ ପାଉଛନ୍ତି। ଗାଇଡ୍ ଓ ବିଶ୍ୱବିଦ୍ୟାଳୟ ସଂଖ୍ୟା ଅତି ନଗଣ୍ୟ ହୋଇଥିବାରୁ ପିଲାମାନେ ନିର୍ଦ୍ଧାରିତ ସମୟସୀମା ଭିତରେ ଗବେଷଣା ସଂପୂର୍ଣ୍ଣ କରିପାରୁନାହାନ୍ତି କିମ୍ବା ଗାଇଡ୍‌ମାନେ ନୂଆ ପିଲାଙ୍କୁ ନେଇପାରୁନାହାନ୍ତି। ନିୟମାନୁସାରେ ଜଣେ ଗାଇଡ୍ ନିର୍ଦ୍ଦିଷ୍ଟ ସଂଖ୍ୟକ ପିଲାଙ୍କୁ ଦିଗ୍‌ଦର୍ଶନ ଦେଇପାରିବେ। ଏହି ତ୍ରୁଟିଯୁକ୍ତ ବ୍ୟବସ୍ଥା ଦ୍ୱାରା କିଛି ପିଲାଙ୍କ ସମୟ ସରିଯାଉଛି, ସେମାନେ ଜେଆରଏଫ୍ କରିପାରୁନାହାନ୍ତି।

ବିଭିନ୍ନ ବିଶ୍ୱବିଦ୍ୟାଳୟ ପ୍ରଥମେ ନିଜ ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦେଉଥିବାବେଳେ ଅନ୍ୟମାନେ ଯୋଗ୍ୟତା ଥାଇ ବି ବିଫଳ। ୩ରୁ ୮ ସଂଖ୍ୟକ ପିଏଚ୍.ଡି. ସିଟ୍ ପାଇଁ ଶହଶହ ଆବେଦନକାରୀ! ପୁଣି ସେମାନଙ୍କ ମଧ୍ୟରୁ ସେହି ବିଶ୍ୱବିଦ୍ୟାଳୟର ପ୍ରାର୍ଥୀ ଦଶ/କୋଡ଼ିଏ! ତେଣୁ ବାହାର ପିଲା ସୁଯୋଗରୁ ବଂଚିତ ହେଉଛନ୍ତି। ଭାଷା-ସାହିତ୍ୟର ଏଭଳି ଦୁର୍ଦ୍ଦଶା ତୁଳନାତ୍ମକ ଭାବେ ଅଧିକ। ଗାଇଡ୍ ଓ ବିଶ୍ୱବିଦ୍ୟାଳୟର ସଂଖ୍ୟାବୃଦ୍ଧି ହେବା ସହିତ ନୂତନ ପଦପଦବୀ ସୃଷ୍ଟି ହେବା ଉଚିତ୍। ଓଡ଼ିଆ ଭାଷାର ବିକାଶକୁ ଦୃଷ୍ଟିଦେଇ କିଛି ତ୍ରୁଟିକୁ ନ ସୁଧାରିଲେ ସାହିତ୍ୟର ଉନ୍ନତି ଆଗକୁ ଗୋଦରା କୋଡ଼େ ଯେତେ ମାଡ଼େ ସେତେ ପରି ଅବସ୍ଥା ସୃଷ୍ଟି କରିବ।

ମୋ: ୯୪୩୭୩୧୭୦୨୬

## ଏଇ ଭାରତରେ

ରୋଗୀ ସେବା ହିଁ ଜୀବନର ବ୍ରତ ଏବଂ ଏହାର ମୂଲ୍ୟ କୌଣସି ପାରିଶ୍ରମିକରେ ଭରଣା କରାଯାଇପାରିବ ନାହିଁ। ଏଭଳି ବିଚାରକୁ ଗ୍ରହଣ କରି ବାରାଣସୀର ଡାକ୍ତର ଟି. କେ. ଲାହିର ୩୦ ବର୍ଷ ହେଲା ବିନା ଦରମାରେ ରୋଗୀ ସେବା କରିଆସୁଛନ୍ତି। କୋଲକାତାରେ ତାଙ୍କର ଜନ୍ମ ଓ ଆମେରିକାରୁ ଡାକ୍ତରୀ ଶିକ୍ଷାରେ ଡିଗ୍ରୀ ହାସଲ କରିବା ପରେ ବନାରସ ହିନ୍ଦୁ ୟୁନିଭର୍ସିଟିରେ ୨୫୦ ଟଙ୍କା ଦରମାରେ ଚିକିତ୍ସା ସେବା ଆରମ୍ଭ କରିଥିଲେ। ଜଣେ କାର୍ଡିଓଲୋଜିଷ୍ଟ ଭାବେ ସେ ୧୯୯୦ରୁ ତାଙ୍କ ଦରମାକୁ ଗରିବଙ୍କୁ ଦାନ କରିଦେଇଆସୁଛନ୍ତି। ସେ ଅବିବାହିତ ଓ ବୟସ ୭୦ ଟପିଗଲାଣି। ସେ ପେନ୍‌ସନ ଟଙ୍କାରେ ଚଳୁଛନ୍ତି ଏବଂ ପ୍ରତିଦିନ ସକାଳେ ହାତରେ ବ୍ୟାଗ ଓ ଛତାଟିଏ ଧରି ବିଏଚ୍‌ୟୁ କ୍ୟାମ୍ପସରେ ଥିବା ମେଡିକାଲ ପହଞ୍ଚିଯାଉଛନ୍ତି। ବାରାଣସୀର ଗରିବଙ୍କର ଆଶା ଭରସା ପାଲଟିଛନ୍ତି। ତାଙ୍କ ଚାକିରିକାଳ ମଧ୍ୟରେ ସେ ଅନେକ ହଜାର ଯୁବ ଚିକିତ୍ସକଙ୍କୁ ଚିକିତ୍ସା ଓ ମାନବିକତାର ଧାରାରେ ପକାଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ଜୁଲାଇ ୧୯୭୬

- ପାକିସ୍ତାନ ଓ ଲିବ୍ୟା ମିଳିତ ଭାବରେ ୧୦୦ ନିୟୁତ ଡଲାରର ଏକ ଅର୍ଥନୈତିକ କମ୍ପାନୀ ସ୍ଥାପନ କରିଛନ୍ତି।
- ଭାରତ ମହାସାଗର ଉପକୂଳବର୍ତ୍ତୀ ରାଷ୍ଟ୍ରର ଦୃଢ଼ ପ୍ରତିବାଦ ସତ୍ତ୍ୱେ ଡିଆଗୋଗାର୍ସିୟାରେ ଆମେରିକା ନିର୍ମାଣ କରୁଥିବା ନୌଘାଟୀକୁ ଚାଲୁ କରାଯାଇଛି।
- ରାଜ୍ୟରେ ଅର୍ଥନୈତିକ ଅପରାଧୀମାନଙ୍କ ବିରୁଦ୍ଧରେ ଚାଲିଥିବା ଅଭିଯାନ ଫଳରେ ଜାତୀୟ ଜରୁରୀ ପରିସ୍ଥିତି ଘୋଷିତ ହେବାର ବର୍ଷକ ମଧ୍ୟରେ ୨ କୋଟି ୩୦ ଲକ୍ଷ ଟଙ୍କା ମୂଲ୍ୟର ଜିନିଷ ଜବତ ହୋଇପାରିଛି।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | 8 | 4 | | 7 | 6 |
| | | | | | | | | 1 |
| | | | | | 6 | 9 | | 4 |
| | | 1 | | 6 | | | | 9 |
| | | 2 | | | 5 | | | |
| | | | 4 | | 3 | | | |
| 8 | | | | | | | | 2 |
| 7 | 3 | | | | | 6 | 1 | |
| 6 | | | | 4 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 6 | 7 | 4 | 9 | 1 | 5 | 3 |
| 5 | 1 | 9 | 8 | 2 | 3 | 6 | 4 | 7 |
| 4 | 3 | 7 | 1 | 5 | 6 | 9 | 8 | 2 |
| 6 | 9 | 2 | 5 | 7 | 8 | 4 | 3 | 1 |
| 3 | 4 | 5 | 6 | 9 | 1 | 2 | 7 | 8 |
| 1 | 7 | 8 | 4 | 3 | 2 | 5 | 6 | 9 |
| 8 | 2 | 3 | 9 | 6 | 5 | 7 | 1 | 4 |
| 7 | 6 | 1 | 2 | 8 | 4 | 3 | 9 | 5 |
| 9 | 5 | 4 | 3 | 1 | 7 | 8 | 2 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ ଅଫିସରେ ହେଲ୍ପ ଡେସ୍କ ରହୁ

ମହାଶୟ,
ବିଭିନ୍ନ ଅଫିସରେ କେଉଁ କାମ ଲାଗି କେତେ ଦିନ ଲାଗିବ, ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରାଯାଉ। ସେତିକି ଦିନ ମଧ୍ୟରେ ଯଦି କାମ ହୋଇ ନ ପାରୁଛି, ତେବେ କିରାଣିଠାରୁ ଅଫିସର ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ। ବୃଦ୍ଧ, ଭିନ୍ନକ୍ଷମ ଓ ଅଳ୍ପ ଶିକ୍ଷାଦୀକ୍ଷା ଥିବା ଲୋକ କାଳେ ଠିକ୍ ଭାବରେ ଦରଖାସ୍ତ ଲେଖିପାରୁ ନ ଥିବେ, ସେମାନଙ୍କ ପାଇଁ ପ୍ରତି ଅଫିସରେ ହେଲ୍ପ ଡେସ୍କର ବ୍ୟବସ୍ଥା ରହୁ। ହେଲ୍ପ ଡେସ୍କରେ ବସୁଥିବା ଲୋକ ନିର୍ଭୁଲ୍ ଭାବରେ ଦରଖାସ୍ତଗୁଡ଼ିକୁ ଯାଞ୍ଚ କରିପାରିବେ। ଫଳରେ କୌଣସି କିରାଣି କିମ୍ବା ଅଫିସର ତ୍ରୁଟିଜନିତ ଫାଇଲକୁ ଅଟକାଇ ରଖିବେ ନାହିଁ କିମ୍ବା କାମରେ ବିଳମ୍ବ ହେବ ନାହିଁ। କାଳେ କିରାଣି ବା ଅଫିସରଙ୍କ ବିରୋଧରେ ଅଭିଯୋଗ ହେବ, ସେଥିପାଇଁ ସେମାନେ ସତର୍କତା ଅବଲମ୍ବନ କରିବେ। ହେଲ୍‌ପ ଡେସ୍କର ବ୍ୟବସ୍ଥା କରି ମୂଳରୁ ସବୁ କାମ ନିର୍ଭୁଲ୍‌ଭାବେ କଲେ ବହୁ ପରିମାଣରେ ଦୁର୍ନୀତି କମିଯାଆନ୍ତା ଏବଂ ଲୋକେ ମଧ୍ୟ ଉପକୃତ ହୁଅନ୍ତେ।

– ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

## ଚିରନ୍ତନୀ

ମାନବର କୋଳାହଳ
ନ କରେ ଯହିଁ ବିକଳ
ସୃଜି ଯିବା ସେହି ଦେଶ ଏକ ଆଲିଙ୍ଗନେ,
ଯହିଁ ମିଳନର ଗୀତି
ତୁଟାଏ ସକଳ ଭୀତି
ରଖିଯିବା ଅକ୍ଷୟ ସେ କୀରତି ଭୁବନେ।
-(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସାଇଣ୍ଟିଫିକ ତଦନ୍ତ, ଦୋକାନ ବଜାର ବନ୍ଦ

ଶେରଗଡ଼୨୬।୭(ସୂର୍ଯ୍ୟ ନାରାୟଣ ଦାଶ) ଗଞ୍ଜାମ ଜିଲା ଶେରଗଡ଼ ଥାନା ଅଞ୍ଚଳ କ୍ରମଶଃ ଅଶାନ୍ତ ହୋଇପଡୁଛି। ଗୁଳିମାଡ଼, ବୋମାମାଡ଼ ପରି ଘଟଣା ଘଟୁଛି। ଫଳରେ ଥାନା ଅଞ୍ଚଳର ଲୋକେ ଭୟଭୀତ ହୋଇ ଦିନ କାଟୁଛନ୍ତି। ଶୁକ୍ରବାର ରାତି ୮ଟାରେ ସୁନାନ୍ତର ଗ୍ରାମ ଛକରେ ବ୍ୟବସାୟୀ କାଳିଆ ଜେନା ଓ ତାଙ୍କ ପୁତୁରା ମନୁ ଜେନା ଘର ସମ୍ମୁଖ ପୋଖରୀ ହୁଡାରେ ବସି କଥାବାର୍ତ୍ତା ହେଉଥିବା ବେଳେ ଉଭୟଙ୍କ ଉପରକୁ ଗୁଳିମାଡ଼ ହୋଇଛି। ଗୁଳି କାଳିଆଙ୍କ ଗୋଡ଼ ଓ ଜଂଘରେ ଏବଂ ମନୁଙ୍କ ଗୋଡ଼ରେ ବାଜିଛି। ଉଭୟେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଶେରଗଡ଼ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଶନିବାର ସୁନାନ୍ତର ଛକରେ ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ଗଞ୍ଜାମ ଏସ୍‌ପି, ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା ଏବଂ ହିଞ୍ଜିଳିକାଟୁ ଥାନା ଅଧିକାରୀ

### ସୁନାନ୍ତର ଛକରେ ଗୁଳିମାଡ଼, ବୋମାମାଡ ଘଟଣା

ଘଟଣାର ଛାନଭିନ୍ ଚଳାଇଛନ୍ତି। ଶୁକ୍ରବାର ରାତିରେ ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସେଠାରେ ପଡ଼ିଥିବା ଗୁଳି, ରକ୍ତଛିଟା ଓ କାଳିଆ ଓ ମନୁ ବସିଥିବା ସ୍ଥାନ ଯାଞ୍ଚ କରିବା ସହ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ଟିମ୍ ଫେରିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଅଞ୍ଚଳରେ ୨ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ପୋଲିସ ଅଞ୍ଚଳରେ କଡା ନଜର ରଖିଛି। ଏନେଇ ପରିବାର ଲୋକେ ଶନିବାର ଶେରଗଡ଼ ଥାନାରେ ଏତାଲା ଦେବା ପରେ ନଂ.୩୧୮/୨୫ରେ ଏକ ମାମଲା ରୁଜୁ କରି ହିଞ୍ଜିଳିକାଟୁ ପୋଲିସ ଓ ଏସ୍‌ଡିପିଓ ଜେନା ଘଟଣାର ତଦନ୍ତ କରୁଛନ୍ତି। ଶେରଗଡ଼ ପଟୁ ଦୁଇଟି ବାଇକ୍‌ରେ ୬ ଜଣ ଦୁର୍ବୃତ୍ତ ଆସି ଗୁଳିମାଡ଼ କରି ହିଞ୍ଜିଳିକାଟୁ ଆଡକୁ ଫେରାର ହୋଇଯାଇଥିବା ତଦନ୍ତରୁ ଜଣାପଡୁଛି ବୋଲି ଏସ୍‌ଡିପିଓ ଜେନା କହିଛନ୍ତି। ପୂର୍ବ ଶତ୍ରୁତା ଯୋଗୁ ଏପରି ଘଟଣା ଘଟିଥାଇପାରେ ପୋଲିସ ସନ୍ଦେହ କରୁଛି। ସିସିଟିଭି ଫୁଟେଜ ସହ ସବୁ ଦିଗକୁ ଗୁରୁତ୍ୱ ଦେଇ ତଦନ୍ତ ଚାଲିଥିବା ଜେନା ପ୍ରକାଶ କରିଛନ୍ତି। ତେବେ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

## ନାବାଳିକାଙ୍କ ଆତ୍ମହତ୍ୟା

ମୋହନା,୨୬।୭(ମନ୍ମଥ ମିଶ୍ର): ଅଡବା ଥାନା ଉଲିଆପଦା ଗାଁରେ ଘରେ କେହି ନ ଥିବା ବେଳେ ଜଣେ ନାବାଳିକା ବେକରେ ଶାଢ଼ୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଲକ୍ଷ୍ମୀ ବିଷୋୟୀ (୧୭)। ଶନିବାର ମଧ୍ୟାହ୍ନରେ ଲକ୍ଷ୍ମୀ ଓ ତାଙ୍କ ସାନ ଭଉଣୀଙ୍କ ସହ ମିଶି ଖାଇଥିଲେ । ଖାଇବା ପରେ ସାନଭଉଣୀ ବାହାରକୁ ଯାଇଥିଲେ। ଏହା ଭିତରେ ଲକ୍ଷ୍ମୀ ଘର ଭିତର ପଟରୁ କବାଟ ଦେଇ ଦୁଲାରେ ଝୁଲି ପଡ଼ିଥିଲେ । ଖବରପାଇ ବାପା ଓ ମା କାମରୁ ଫେରି ଗ୍ରାମବାସୀଙ୍କ ସହାୟତାରେ ଲକ୍ଷ୍ମୀଙ୍କୁ ଉଦ୍ଧାର କରି ବିରିକୋଟ ମେଡିକାଲ ନେଇଥବଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏହାର ତଦନ୍ତ କରୁଛି।

# ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ନେଲେ

ମୋହନା,୨୬।୭(ମନ୍ମଥ ମିଶ୍ର)– ରାସ୍ତା ଖରାପ ଯୋଗୁ ଗାଁଠାରୁ ପ୍ରାୟ ଦେଢ଼ କି.ମି. ଦୂରରେ ରହିଲା ଆମ୍ବୁଲାନ୍ସ। ଗାଁରୁ ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୋହି ଆଣିଲେ ଆମ୍ବୁଲାନ୍ସ କର୍ମଚାରୀ। ଏଭଳି ଦେଖିବାକୁ ମିଳିଛି ମୋହନା ବ୍ଲକ ମହାକୁପା ଗାଁରେ। ଗାଁର ରଶ୍ମିତା ଶବର (୨୦)ଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହେବା ପରେ ପରିବାର ଲୋକେ ଆଶାକର୍ମୀ ରୀତା କାର୍ଜି ଓ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଜଣାଇଥିଲେ । ତେବେ ବର୍ଷାରେ ରାସ୍ତା କାଦୁଅ ହୋଇ ଅତି

### ରାସ୍ତା ଖରାପ, ପହଞ୍ଚି ପାରିଲାନି ଆମ୍ବୁଲାନ୍ସ

ଖରାପ ହୋଇଯାଇଥିଲା। ଫଳରେ ଗାଁକୁ ଆମ୍ବୁଲାନ୍ସ ଆସି ନ ପାରି ଦେଢ଼ କି.ମି. ଦୂରରେ ରହିଥିଲା। ଆମ୍ବୁଲାନ୍ସ ଫାର୍ମାସିଷ୍ଟ ବିଦ୍ୟାଧର ସାହୁ ଓ କର୍ମଚାରୀ ସୁନୀଲ ମଣ୍ଡଳ, ଜୟବ ମଣ୍ଡଳ ଚାଲିଚାଲି ମହାକୁପା ଗାଁକୁ ଯାଇ ପରିବାର ଲୋକଙ୍କ ସହାୟତାରେ ଷ୍ଟ୍ରେଚରରେ ରଶ୍ମିତାଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହି ଆଣି ଚନ୍ଦ୍ରଗିରି ମେଡିକାଲ ନେଇ ଭର୍ତ୍ତି କରିଥିଲେ। ସେଠାରେ କନ୍ୟା ଜନ୍ମ ହୋଇଛି।

## ବାଇକ୍‌ରୁ ଖସି ମହିଳାଙ୍କ ମୃତ୍ୟୁ

ବୁଗୁଡା,୨୬।୭(କାଳିଚରଣ ଦାଶ) ବୁଗୁଡ଼ା–ବାଲିପଦର ମୁଖ୍ୟରାସ୍ତାରେ ବାଇକରୁ ଖସିପଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୋଲସରା ଥାନା ଅନ୍ତର୍ଗତ ହଂସରାଳି ଗ୍ରାମର ଆରତୀ ମହାରଣା(୪୨)। ଏ ନେଇ ବୁଗୁଡା ଥାନାରେ କେସ୍ ନଂ. ୪୭୦/୨୫ରେ ଏକ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ଜ୍ୟୋତିଶ୍ରୀ ସାହୁ କହିଛନ୍ତି। ଆରତୀ ବ୍ରହ୍ମପୁର ମେଡ଼ିକାଲରୁ ପୁତୁରା ବୁନାଙ୍କ ବାଇକରେ ଭଉଣୀଙ୍କ ଘର ଭୋଗଡା ଗାଁକୁ ଆସୁଥିଲେ। ପଙ୍କଲବାଡି ଗାଁ ନିକଟରେ ବାଇକ୍ ଆଗକୁ କୁକୁରଟିଏ ଦୌଡି ଆସିବାରୁ ଆରତୀ ଗାଡିରୁ ଖସି ପଡିଥିଲେ । ତାଙ୍କୁ ସେଠାରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜିଲା ଶିକ୍ଷା, ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଚାରା ରୋପଣ

ଖଲ୍ଲିକୋଟ,୨୬।୭ (ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟ ସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶନିବାର ସଖୀ ସଙ୍ଗଠନ ପକ୍ଷରୁ ଚାରା ରୋପଣ, ଛାତ୍ରୀଛାତ୍ରଙ୍କୁ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଡ଼. ସନ୍ତୋଷ ପରିଡ଼ାଙ୍କ ପୌରୋହିତ୍ୟରେ ସଖୀ ଟ୍ରଷ୍ଟର ମୁଖ୍ୟ ରାଜ୍ୟ କିନ୍ନର ସଂଘର ସଭାପତି ସୁଇଟି ସାହୁ, ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ରାଉଳ, ଏପିଜେ ଅବଦୁଲ କାଲାମ ଚାରିଟେବୁଲ ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ସଖୀ ଟ୍ରଷ୍ଟର ମୁଖ୍ୟ ସୁଇଟି ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବାର ଉପକାରିତା ଉପରେ କହିବା ସହ ତାଲିମ ଅନୁଷ୍ଠାନର ଗୁରୁ ଛାତ୍ରୀଛାତ୍ରଙ୍କୁ ସମାଜ ପାଇଁ ସେମାନଙ୍କ ଦାୟିତ୍ୱ ବିଷୟରେ ସୂଚାଇଥିଲେ। ପରେ ତାଲିମରେ ଥିବା ସମସ୍ତ ଗୁରୁ ଛାତ୍ରୀ ଓ ଗୁରୁଛାତ୍ର,



ସୁଇଟି ସାହୁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଅତିଥି ।

ଶିକ୍ଷକ ପ୍ରଶିକ୍ଷିକ ଓ କାର୍ଯ୍ୟରତ ସମସ୍ତ ସଦସ୍ୟଙ୍କୁ ସଭାପତି ସୁଇଟି ଶିକ୍ଷଣ ସାମଗ୍ରୀ ବଣ୍ଟନ କରିଥିଲେ। ପରେ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ପ୍ରକୃତି ବନ୍ଧୁ ରାମଚନ୍ଦ୍ର ନାଏକ, ଗୋପୀନାଥ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ପ୍ରଶିକ୍ଷିକା–ପ୍ରତିଷ୍ଠାନର ବରିଷ୍ଠ ବିଷ୍ଣୁ ନାରାୟଣ ଜେନା ଓ ନବୀନ କୁମାର ପରମାନିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଭିରାମ ବିଶ୍ୱାଳ, ଡ. ନିହାରିକା ସାମନ୍ତରାୟ, ନିବେଦିତା ପାଢ଼ୀ, ପ୍ରଜ୍ଞା ପରମିତା, ଲିପିଶ୍ରୀ ଦେବୀ, କଲ୍ୟାଣୀ ଗୌଡ଼, ଜୟନ୍ତୀ ବେହେରା, ଦେବେନ୍ଦ୍ରନାଥ ସାହୁ, ମୁକ୍ତିକାନ୍ତ ବେହେରା, ନବୀନ କୁମାର ପରମାନିକ, ଭାବିଲତା ନାୟକ, ଗାୟତ୍ରୀ ସ୍ୱାଇଁ, ସରୋଜିନୀ ମିଶ୍ର, ଅନୁପମା ଦାସ, ବବିତା ସିଂ ନାୟକ, ସୁକୁଲେଇ ଟୁଡୁ, ପ୍ରଦୋଶ କୁମାର ପଟ୍ଟନାୟକ, ଆଶିଷ ସେଠୀ, ନିରୁପମା ପ୍ରଧାନ, ଓ ପ୍ରତିଷ୍ଠାନର ଅନ୍ୟ କର୍ମକର୍ତ୍ତା, ଛବିରାଣୀ ମହାନ୍ତି, କାଜଲ ଧଳ, ରୁପାଲୀ କିନ୍ନରଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ଶୁଭସ୍ମିତା

ଛତ୍ରପୁର,୨୬।୭(ଦିଲୀପ ସାମଲ): ଗଞ୍ଜାମ ଜିଲା ଛତ୍ରପୁର ସହରର ତଥା ବ୍ରହ୍ମପୁର ପାରଳା ମହାରାଜା ଯାନ୍ତ୍ରୀକ ମହାବିଦ୍ୟାଳୟର ଛାତ୍ରୀ ଶୁଭସ୍ମିତା ପଣ୍ଡା (୧୯) ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ତାଙ୍କ ଲିଖିତ ଦୁଇଟି ଇଂଲିଶ୍ ପୁସ୍ତକ ଯଥା "କ୍ରୋନିକାଲ ଚାଇମ୍ସ " ଓ "ଏମ୍ବ୍ରେସ ଅଫ ଥର୍ଟ୍" ମାତ୍ର ୧୧ ସପ୍ତାହ ମଧ୍ୟରେ ଚେନ୍ନାଇସ୍ଥିତ ନୋସନ ପ୍ରେସ ଦ୍ୱାରା ପ୍ରକାଶିତ ହୋଇଛି। ଏହି ପୁସ୍ତକ ଜାତୀୟ ଓ ଅନ୍ତର୍ଜାତୀୟ ପାଠକମାନଙ୍କ ହୃଦୟ ଛୁଇଁଯାଇଛି। ଏକ ସାଧାରଣ ପରିବାରରୁ ଆସିଥିବା ଶୁଭସ୍ମିତାଙ୍କ କଠିନ ପରିଶ୍ରମର ଫଳ ତାଙ୍କୁ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସ–୨୦୨୫ରେ ସ୍ଥାନ



ଦେଇଛି। ଶୁଭସ୍ମିତା ଚିତ୍ରଶିଳ୍ପୀ ମଧ୍ୟ ଅଟନ୍ତି। ୩ଟି ସ୍ୱର୍ଣ୍ଣ ପଦକ ଜିତି ସେ ଦେଶ ବିଦେଶର ଚିତ୍ରକଳା ଜଗତକୁ ଓଡ଼ିଆ ଝିଅମାନେ ମଧ୍ୟ ଯାଇପାରନ୍ତି ବୋଲି ପ୍ରମାଣିତ କରିଛନ୍ତି। ବହୁ ପତ୍ରିକା ଓ ଅନୁଷ୍ଠାନରେ ଗଳ୍ପ ଓ କବିତା ପ୍ରକାଶ କରିଥିବାରୁ ଶୁଭସ୍ମିତାଙ୍କୁ ଛତ୍ରପୁରରେ ଶ୍ରେଷ୍ଠ ଲେଖିକା ସମ୍ମାନରେ ସମ୍ମାନିତ କରାଯାଇଛି। ଶୁଭସ୍ମିତାଙ୍କ ବାପା ସୁରେନ୍ଦ୍ର କୁମାର ପଣ୍ଡା ଜଣେ ଆଇନଜୀବୀ। ମା' ମମତା ରାଣୀ ପଣ୍ଡା ଗୃହିଣୀ। ସେମାନେ ଝିଅ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସାକାର ହେବା ଗର୍ବ ଓ ଗୌରବର ବିଷୟ।

## ହୁମ୍ମା ଗଳା ଶଙ୍ଖରୁ ବର୍ଷାଜଳ ନିଷ୍କାସନ

ଗଞ୍ଜାମ,୨୬।୭ (ବିଦ୍ୟାଧର ସାହୁ)

ବର୍ଷା ହେବା ମାତ୍ରେ ହୁମା ଗଳା ଶଙ୍ଖରେ ପାଣି ଜମିବା ପରେ ଯାତ୍ରୀଙ୍କ ଗମନାଗମନରେ ବାଧା ସୃଷ୍ଟି ହେଉଛି। ଗଳା ଶଙ୍ଖଠାରେ ଜମି ଥିବା ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା କରିଛନ୍ତି ସ୍ଥାନୀୟ ସମିତିସଭ୍ୟ ଧ୍ରୁବ ଚରଣ ପଲାଇ। ପ୍ରତିବର୍ଷ ବର୍ଷା ଦିନେ ଉକ୍ତ ଗଳା ଶଙ୍ଖରେ ଆଣ୍ଠୁଏ ପାଣି ଜମୁଥିବାରୁ ସମସ୍ୟା ଉପୁଜୁଥିଲା। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ସମିତିସଭ୍ୟଙ୍କ ନେତୃତ୍ୱରେ ଯୁବ ଗୋଷ୍ଠୀ ଜେସିବି ଲଗାଇ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା କରିଛନ୍ତି।

DRAFT OF PUBLICATION U/O 5 - R-20 of C.P.C. filed by the above named petitioner most respectfully showeth:-

**BEFORE THE ADDITIONAL COMMISSIONER FOR SETTLEMENT & CONSOLIDATION, BERHAMPUR (COURT-1) GANJAM.**

S.R.P No. 529/2021

Sri Minaketan Biswal ...Petitioner.

-Versus-

Marawada jagannath & others ...Respondents.

1. Marawada Jagannath, Aged about 75 years, S/o- Marawada Venket Raman
2. Marawada Venkat Jaga Rao, Aged about 73 years, S/o- Marawada Venkat Raman

Both 1 & 2 residing at Haridakhandi 1st Gouda Sahi, PO-Berhampur, PS- B.Town, Dist-Ganjam.

LAND SCHEDULE

That as per deed the schedule of the property pertaining to Sabik Khata (patta) No. 32 and Sabik Plot (Survey) No. 52 an extent of Ac. 0.9/16 decimal and corresponding to Hal Khata No. 58 and Hall Plot No. 202 to the extent of land Ac. 0.9/16 decimal under Mouza-Subashpur in Berhampur Tahasil.

WHEREAS the above said petitioner has filed the petition for the revision of the order of S.O. for the correction of R.O.R. mentioned in the above land schedule in his favour. That in-spite of several summons served to you above all, you all have avoided to receive the summons of this court. Hence take this notice that on 07.11.25 10.30 A.M. you are hereby summoned to attend before this court personally or through your counsel to answer the claims made against you. Unless you attend the court on the aforesaid date, the petition case will be heard determined in your absence ex-party. Date this 22nd Day of July 2025.

Given under my hand and seal
Sd./- Addl. Commissioner
Settlement & Consolidation
Berhampur, Ganjam

## ଏମ୍‌ଏସ୍‌ସି ହସ୍ପିଟାଲରେ ରକ୍ତଦାନ ଶିବିର

ଜି.ଉଦୟଗିରି,୨୬।୭ (ଚିନ୍ମୟ କୁମାର ସେଠୀ) ଜି.ଉଦୟଗିରି ସ୍ଥିତ ଏମ୍‌ଏସ୍‌ସି ହସ୍ପିଟାଲରେ ଖ୍ରୀଷ୍ଟିଆନ ଜନ କଲ୍ୟାଣ ସମାଜ ଶାଖା ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୮୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଫୁଲବାଣୀ ରକ୍ତ ଭଣ୍ଡାରରୁ ଡାକ୍ତର ଡ.ଜୟଦିପ ଘୋଷଙ୍କ ନେତୃତ୍ୱରେ ଦୀନକୃଷ୍ଣ ମହାନ୍ତି, ରଶ୍ମିତା ନାୟକ, ପ୍ରଶାନ୍ତ ରତନାଲୁ, ବରୁଣ ବେହେରା ଏବଂ ଟିମ୍ ଆସି ରକ୍ତ ସଂଗ୍ରହ କରିଥିବା ବେଳେ ଅନିଲ ନାୟକ, ସନ୍ତୋଷ ଦିଗାଲ ଓ ଅଜିତ ନାୟକ ପ୍ରଥମେ ରକ୍ତ ଦାନ କରିଥିଲେ। ଏମ୍‌ଏମ୍‌ସି ହସ୍ପିଟାଲର ଏଏନ୍‌ଏମ୍ ଏବଂ ଜିଏନ୍‌ଏମ୍ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଖ୍ରୀଷ୍ଟିଆନ୍ ଜନ କଲ୍ୟାଣ ସଭାପତି ପ୍ରଶାନ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅତିଥି ଭାବେ ଏସଡ଼ିପିଓ ବିଜୟ ବିଶି ଓ ଫାଦର୍ ଦୁଷ୍ମନ୍ତ ନାୟକ ଯୋଗ ଦେଇଥିଲେ।

# ଜଗନ୍ନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ

ଛତ୍ରପୁର,୨୬।୭ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଛତ୍ରପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିସଭାପତିଡି. ଉମ୍ମରୁ ରେଡ୍ଡୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ । ଅନେକ ବାଧାବିଘ୍ନ ସହି ଏହି ବିଦ୍ୟାଳୟ ୧୦୦ ବର୍ଷ ଅତିକ୍ରମ କରିଛି। ବର୍ତ୍ତମାନ କ'ଣ ସବୁ ସମସ୍ୟା ରହିଛି ସେ ନେଇ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ସାହୁ ବିବରଣୀ ପାଠ କରିଥିଲେ। ଏବେ ସୁଦ୍ଧା ବିଦ୍ୟାଳୟର ପଟ୍ଟା ହୋଇନାହିଁ। ଜିଲା ପ୍ରଶାସନ



ଏମପି, ବିଧାୟକଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

### ପୁରାତନ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ଖୁବଶୀଘ୍ର ପଟ୍ଟା ପ୍ରଦାନ କରନ୍ତୁ ବୋଲି ମୁଖ୍ୟ ଅତିଥି କହିଥିଲେ। ବିଦ୍ୟାଳୟରେ ପାଣି ସମସ୍ୟା ଠାରୁ ଆରମ୍ଭ କରି ଛାତ୍ରୀଛାତ୍ରଙ୍କ ଖାଇବା ନିମନ୍ତେ ସ୍ୱତନ୍ତ୍ର କୋଠା ନାହିଁ । ଏହି ସମସ୍ୟାକୁ ଖୁବଶୀଘ୍ର ସମାଧାନ କରାଯିବ ବୋଲି ଛାତ୍ରୀଛାତ୍ରଙ୍କୁ ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଅନ୍ୟ ସମସ୍ୟାର ମଧ୍ୟ ସମାଧାନ କରାଯିବ ବୋଲି ଛତ୍ରପୁର ବିଧାୟକ କହିଛନ୍ତି। ଏହି ଅବସରରେ ବିଦ୍ୟାଳୟ ବହୁ ପୁରାତନ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର (ଭୁବନେଶ୍ୱର ) ଉପ ପରୀକ୍ଷା ନିୟନ୍ତ୍ରକ ଅବିନାଶ ଶତପଥୀ, ସରପଞ୍ଚ ଜ୍ୟୋତି ସାହୁ, ସମିତିସଭ୍ୟା ବି.ସୋନାଲି ସେନାପତି, ବ୍ଲକ୍ ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ, ଗ୍ରାମ୍ୟ କମିଟି ସଭାପତି କେ ରାମସ୍ୱାମୀ ରେଡ୍ଡୀ, ସମ୍ପାଦକ ଯୁଧିଷ୍ଠିର ରେଡ୍ଡୀ, ବି, ଜଗାରାଓ ରେଡ୍ଡୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରୀଛାତ୍ର ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବହୁ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ ।

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

पत्रांकः– दिनांक–

**आवश्यक सूचना**

एतद् द्वारा सूचित किया जाता है कि इस कार्यालय द्वारा ई–निविदा संख्या–23/2025-26/RWD/EE/RANCHI, PR No. 357666 REO(25-26).D द्वारा दैनिक समाचार पत्र में प्रकाशित हुआ था। जिसे अपरिहार्य कारणवश स्थागित किया जाता है। पुनः निविदा शीघ्र आमंत्रित की जाएगी।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR 358311 REO(25-26)#D

**ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜିରା ଆବଶ୍ୟକ କରୁଥିବା ଇସ୍ତାହାର**

**ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୮୨ ସିଆର୍.ପି.ସି./୮୪ ଦେଖନ୍ତୁ**

ଯେହେତୁ, ମୋ ଇଜିଲାସରେ ଅଭିଯୋଗ କରାଯାଇଛି ଯେ ଅଭିଯୁକ୍ତ **ଅକ୍ରମ୍ ଖାନ୍, ପିତା:** ଶେଠ୍ ଖାନ୍, **ବାସିନ୍ଦା:** ଗ୍ରାମ- ବ୍ରଗାମ, **ଥାନା**- ତେନ୍ତୁଳିଖୁଣ୍ଟି, **ଜିଲ୍ଲା**-ନବରଙ୍ଗପୁର, ଓଡ଼ିଶା **ଏନଡିପିଏସ୍ ଅଧିନିୟମର ଧାରା ୨୦/୬୧/୮୫ ଅଧୀନରେ ଏଫ୍‌ଆଇଆର୍ ନଂ. ୧୫୮/୨୪, ଥାନା: ଗାଜିପୁର, ପୂର୍ବ ଦିଲ୍ଲୀ** ଅଧୀନସ୍ଥ ମାମଲାରେ ଅପରାଧ ଘଟାଇଛନ୍ତି (କିମ୍ବା ଘଟାଇଥିବାର ସନ୍ଦେହ କରାଯାଉଛି) ଏବଂ ସେ ବାବଦରେ ଜାରି କରାଯାଇଥିବା ଗିରଫ ପରୱାନାକୁ ଏହା ଲେଖି ଫେରାଇଦିଆଯାଇଛି ଯେ ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍**ଙ୍କର ସନ୍ଧାନ ମିଳୁନାହିଁ ଏବଂ ମୋ ସନ୍ତୁଷ୍ଟିରୂପେ ଏହା ଦର୍ଶାଯାଇଛି ଯେ ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍** ଫେରାର୍ ହୋଇଯାଇଛନ୍ତି (ଅଥବା ଉକ୍ତ ପରୱାନାକୁ ଏଡ଼ାଇବା ପାଇଁ ନିଜକୁ ଲୁକ୍କାୟିତ ରଖିଛନ୍ତି)।

ଏତଦ୍ଦ୍ୱାରା ଇସ୍ତାହାର ଦିଆଯାଉଅଛି କି, **ଏନ୍‌ଡିପିଏସ୍ ଅଧିନିୟମର ଧାରା ୨୦/୬୧/୮୫ ଅଧୀନରେ ମାମଲା ଏଫ୍‌ଆଇଆର୍ ନଂ. ୧୫୮/୨୪, ଥାନା: ଗାଜିପୁର, ପୂର୍ବ ଦିଲ୍ଲୀ**ର ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍** ଜଣେ ଅଭିଯୁକ୍ତ ଅଟନ୍ତି ଏବଂ ଉକ୍ତ ଅଭିଯୋଗର ଉତ୍ତର ଦେବା ପାଇଁ **ତା୩୦.୦୮.୨୦୨୫ରିଖ** ସୁଦ୍ଧା ତାଙ୍କୁ କୋର୍ଟରେ ହାଜର ହେବା ଆବଶ୍ୟକ ହେଉଅଛି ।

ଆଦେଶକ୍ରମେ
କୁମାରୀ ମନୁ ଭେଦୱାନ
ଅତିରିକ୍ତ ଦୌରା ଜଜ୍-୦୨, ସ୍ପେଶାଲ ଜଜ୍ (ଏନ୍‌ଡିପିଏସ୍ ଅଧିନିୟମ)
ରୁମ୍ ନଂ. ୩୧୧, କଡ଼କଡ଼ଡୁମା ନ୍ୟାୟାଳୟ, ଦିଲ୍ଲୀ

DP/9774/ED/2025 (Court Matter)

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.CAOCRSPBBS-19-2025, ତା.21.07.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼-ପଲାସା ମେନ୍ (Main) ଲାଇନ୍‌ରେ ଇଚ୍ଛାପୁରମ୍-ଝାଡୁପୁଡ଼ି ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.334 ପରିବର୍ତ୍ତେ ରେଲୱେ କି.ମି.633/5-7 ଠାରେ ରେଲୱେ ଅଂଶ ପାଇଁ ରୋଡ଼ ଓଭର ବ୍ରିଜ୍ (ROB) 1X36.0 ମିଟର କମ୍ପୋଜିଟ୍ ଗର୍ଡର+2X24.0 ମିଟର କମ୍ପୋଜିଟ୍ ଗର୍ଡ଼ର+4X18.75 ମିଟର T- ବିମ୍ ଗର୍ଡର (ବ୍ରିଜ୍ ପ୍ରପର) ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 5782 ଲକ୍ଷ, EMD (ଟଙ୍କାରେ) : 30,41,200/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.22.08.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ/ଆରଏସ୍‌ପି/ଭୁବନେଶ୍ୱର

PR-67/CI/25-26

# ଅଟୋ ଓଲଟି ଡ୍ରାଇଭର ସମେତ ୬ ମହିଳା ଆହତ

ଜଗନ୍ନାଥ ପ୍ରସାଦ,୨୬।୭ (ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥ ପ୍ରସାଦ ଚଢିଆପଲ୍ଲୀ ବିଡି କମ୍ପାନୀ ନିକଟରେ ଶୁକ୍ରବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଅଟୋ ଓଲଟି ପଡିବାରୁ ଡ୍ରାଇଭର ସମେତ ୬ ମହିଳା ଆହତ ହୋଇଛନ୍ତି। ବୁଗୁଡ଼ା ମାଣିତରା ଗ୍ରାମରୁ ଓଡଗାଁ ଅଞ୍ଚଳକୁ ଧାନ ରୋଇ ଘରକୁ ଫେରୁଥିବା ବାଟରେ ହଠାତ ଏକ ବାରହା ସାମ୍ନାକୁ ଆସିଯିବାରୁ ଅଟୋ ଡ୍ରାଇଭର ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ୬ ମହିଳା ଆହତ ହୋଇଥିବା ବେଳେ ଡ୍ରାଇଭର ସନ୍ତୋଷ ସାହୁ ଗୁରୁତର ହୋଇଥିଲେ। ଘଟଣା ସ୍ଥଳରେ ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ ସଦସ୍ୟ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଜଗନ୍ନାଥ ପ୍ରସାଦ ମେଡିକାଲରେ ଭର୍ତ୍ତି କରିଥିଲେ। ସନ୍ତୋଷଙ୍କ ଅଧିକ ଚିକିତ୍ସା ପାଇଁ ଭଞ୍ଜନଗର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଶିକୁଳିପଦର ହାଇସ୍କୁଲ ଛାତ୍ର ରାଜ୍ୟସ୍ତର ପ୍ରତିଯୋଗିତାକୁ ମନୋନୀତ

ଚାନ୍ଦିପୁଟ,୨୬।୭(କେ ପ୍ରମୋଦ କୁମାର ଦୋରା) ଗଜପତିଜିଲା ଗୋଷଣୀ ବ୍ଲକ ଉପଲଡ଼ା ସ୍ଥିତ ସରକାରୀ ଟିଏମ ହାଇସ୍କୁଲରେ ଏଡ୍‌ସକୁ ନେଇ ଏକ କୁଇଜ ପ୍ରତିଯୋଗିତା ଜିଲା ଶିକ୍ଷାଧିକାରୀ ମାୟାଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାର ୧୪ ବିଦ୍ୟାଳୟରୁ ୨୮ଜଣ ଛାତ୍ରୀଛାତ୍ର, ୧୪ ଜଣ ଜୁନିଅର ରେଡକ୍ରସ କାଉନସିଲର, ଜିଲା ନୋଡାଲ ଅଫିସର ଡ଼ା. ରବିନାରାୟଣ ଦାଶ, ଆଇଟିସି ସୁପରଭାଇଜର ଶକ୍ତି ପ୍ରସାଦ ପଟ୍ଟନାୟକ, ଜୁନିଅର ରେଡ଼କ୍ରସ କର୍ମକର୍ତ୍ତା ସଞ୍ଜିବ ଦାଶ, ମୁକ୍ତିକାନ୍ତ ମଲ୍ଲିକ, ନୀତେଶ ଲେଙ୍କା, ପ୍ରଧାନ ଶିକ୍ଷକ ୱାଇ. ଧର୍ମାରାଓଙ୍କ ସହ ବହୁ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଥିଲେ। ପ୍ରତିଯୋଗିତାରେ ମୋହନା ବ୍ଲକ ଶିକୁଳିପଦର ପିଏମ ଶ୍ରୀନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ସୁବାଏଲ ମଣ୍ଡଳ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଏଥିରେ କୃତି ଛାତ୍ରଙ୍କୁ ଶିକୁଳିପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ଦେବୀ ଏବଂ ବରିଷ୍ଠ ବିଜ୍ଞାନ ଶିକ୍ଷକ ବାଳକୃଷ୍ଣ ବାଘସିଂଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି।

# ମେଡିକାଲ ଅଫିସରଙ୍କୁ ୫ବର୍ଷ ଜେଲ

ସୁନ୍ଦରଗଡ଼/ପାରଳାଖେମୁଣ୍ଡି,୨୬।୭ (ଜୟ ନାରାୟଣ ମେଣ୍ଟୁଳି/ଗିରିଧାରୀ ପରିଛା)

ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟ ସ୍ୱତନ୍ତ୍ର ଜଜ ଶନିବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ଭାରପ୍ରାପ୍ତ ମେଡିକାଲ ଅଫିସର ତଥା ବର୍ତ୍ତମାନ ଗଜପତି ଜିଲା ଗୁରାଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ପତିତପାବନ ବାରିକ(୬୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୫ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଓ ଏହା ଅନାଦାୟ ସ୍ଥଳେ ଅଧିକ ୬ ମାସ ଜେଲଦଣ୍ଡ ଭୋଗ କରିବାକୁ କୋର୍ଟ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ମେଡିକାଲ ଅଫିସର ଡାକ୍ତର ବାରିକ ଅଭିଯୋଗକାରୀ ଗୁରୁଣ୍ଡିଆର ବିଜୟ ମହାନ୍ତିଙ୍କଠାରୁ ଗାଡିଭଡା ଦେୟ ବାବଦ ବିଲ୍ ପ୍ରସ୍ତୁତ ପାଇଁ ଲଗ୍ ବୁକରେ ସ୍ୱାକ୍ଷର କରିବାକୁ ୧୦ହଜାର ଟଙ୍କା ଦାବି କରିଥିଲେ। ଏହି ଟଙ୍କା ଅଭିଯୋଗକାରୀ ବିଜୟଙ୍କଠାରୁ ଗ୍ରହଣ କରୁଥିବା ବେଳେ ଡାକ୍ତର ବାରିକ ଭିଜିଲାନ୍ସ ହାତରେ ଧରା ପଡିଥିଲେ। ଭିଜିଲାନ୍ସ ପକ୍ଷରୁ ନଂ. ୧୦୬/୧୫ରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଭିଜିଲାନ୍ସ ବିଭାଗ ସୁନ୍ଦରଗଡ ୟୁନିଟର ତତ୍କାଳୀନ ଡିଏସ୍‌ପି ପରମେଶ୍ୱର କିଷାନ ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ। ଏ ସମ୍ପର୍କରେ ପାରଳାଖେମୁଣ୍ଡି ସିଡିଏମ୍‌ଓ ମୁବାରକ ଅଲ୍ଲୀଙ୍କୁ ପଚାରିବାରୁ ସେ କହିଲେ, ଏ ସମ୍ପର୍କରେ ଆମ ପାଖକୁ କିଛି କାଗଜପତ୍ର ଆସିନାହିଁ। ତେବେ ସୁନ୍ଦରଗଡ଼ରେ ଥିବା ବେଳେ ଡାକ୍ତର ବାରିକ ଏକ ମାମଲାରେ ସମ୍ପୃକ୍ତ ଥିବା ସେ ଶୁଣିଥିବା ଅଲ୍ଲି ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପିପି ମାମଲା ପରିଚାଳନା କରୁଥିଲେ। ଅନ୍ୟପକ୍ଷରେ ସେ ଦଣ୍ଡିତ ହୋଇଥିବାରୁ ତାଙ୍କୁ ଚାକିରିରୁ ବହିଷ୍କୃତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର,୨୬।୭(ସ୍ମୃତି ରଞ୍ଜନ ମହାଳିକ) ଗଞ୍ଜାମ ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ ବିଜିପୁର ସନ୍ତୋଷୀ ମା' ମନ୍ଦିର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଡା. ଇନ୍ଦ୍ରଭୂଷଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସଂଘର ନିଜସ୍ୱ କାର୍ଯ୍ୟାଳୟ ପାଇଁ ସ୍ଥିରୀକୃତ ସରକାରୀ ଜମି ମଂଜୁର ନିମନ୍ତେ ଦୀର୍ଘ ଦିନ ଧରି ଦାବି କରାଯାଉଛି। ଦାବି ଉପରେ ବିଚାର କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସାକ୍ଷାତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକାରୀ ସଭାପତି ବିରୁପାକ୍ଷ ଦାଶ, ଉପସଭାପତି ନବୀନ କୁମାର ପଟ୍ଟନାୟକ ସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ଡି ଆପ୍ପା ରାଓ, ସୁବାଷ ଚନ୍ଦ୍ର ନାୟକ, ନୀଳ ମାଧବ ପାତ୍ର, ଦେବରାଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

Govt. of Jharkhand
**OFFICE OF THE EXECUTIVE ENGINEER**
Field Survey Division, Advance Planning, Road Construction Department,
Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in

**e-Procurement very Short Notice**

e-Tender Reference No .- RCD/FSD /AP/ RAN/07/25-26 Dated 24.07.2025

| | | |
|---|---|---|
| 1- | Name of Work | Consultancy Services for Preparation of Detailed Project Report (DPR) for H.L. bridge over Harmu river between Hindpiri to Nayatoli road in Ranchi District in the state of Jharkhand including its approaches, Land acquisition proposal with ownership details, Resettlement and Rehabilitation proposal, forest diversion proposal if any, including clearance of all stages etc as required from Consultants empanelled in Category-II with the Road Construction Department, Government of Jharkhand vide letter no -3063(S) W.E dated 22 -08-2022 are allowed to bid. |
| 2- | Tentative Length | 75 m (Approx) |
| 3- | Work completion time | 60 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs 25,000/- (Rupees Twenty five Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 28.07.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 05.08.2025, 12.30 PM |
| 7- | Date and Timing of Bid opening | 06.08.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi- 834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

Executive Engineer, Field Survey Division, A.P
Road Construction Department, Ranchi

PR 358295 (Road) 25-26_D

## ୨ ମୃତକଙ୍କ ପରିବାରକୁ ପୂର୍ବତନ ମନ୍ତ୍ରୀଙ୍କ ସହାୟତା

ପୋଲସରା,(ସୁବ୍ରତ ବେହେରା): ପୋଲସରା ବ୍ଲକ ଅନ୍ତର୍ଗତ ଚିରିକିପଡ଼ା ଶାସନ ଗ୍ରାମର କବି ଚନ୍ଦ୍ର ଜେନା (୫୫)ଙ୍କ ଆକସ୍ମିକ ଭାବେ ମୃତ୍ୟୁ ଘଟିଛି। ସେହିପରି ଲକ୍ଷ୍ମଣପଲ୍ଲୀ ଗ୍ରାମର ହାଡୁବନ୍ଧୁ ସାହୁ (୪୫)ଙ୍କ ମଧ୍ୟ ହଠାତ୍ ମୃତ୍ୟୁ ହୋଇଥିଲା। ଏହି ଖବର ପାଇ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ୨ ମୃତକଙ୍କ ବାସଭବନକୁ ଯାଇ ଶୋକ ସନ୍ତପ୍ତ ପରିବାରକୁ ଭେଟି ସାନ୍ତ୍ୱନା ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ୬୨,୯୦୨ ମହିଳା ସୁଭଦ୍ରା ଯୋଜନାରୁ ବଞ୍ଚିତ

ଛତ୍ରପୁର,୨୬।୭(ସନ୍ତୋଷ ପାଢ଼ୀ):

ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରା ଯୋଜନାରେ ମହିଳାମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆଉ ଏକ କିସ୍ତି ପଠାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ହେଲେ ଏବେ ବି ଗଞ୍ଜାମ ଜିଲ୍ଲାରେ ଅନେକ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହୋଇପାରି ନାହାନ୍ତି। ଯୋଜନାରେ ସାମିଲ ପାଇଁ ସେମାନେ ବର୍ଷେ ହେଲା ଆବେଦନ କରି ଅନାଇ ବସିଛନ୍ତି। କେଉଁ ଆବେଦନକାରୀଙ୍କ ଆବେଦନପତ୍ରର ଯାଞ୍ଚ ସରୁନି ତ ଆଉ କେହି ଜିଲ୍ଲା ଓ ରାଜ୍ୟ ବାହାରେ ପ୍ରବାସୀ

**ଗଞ୍ଜାମ ଜିଲ୍ଲା**

ରହିଥିବାରୁ ଏହି ସମସ୍ୟା ହୋଇଛି। ଅନ୍ୟପକ୍ଷରେ ସୁଭଦ୍ରା ଯୋଜନା ପାଇଁ ଯୋଗ୍ୟ ବିବେଚିତ ହୋଇ ମଧ୍ୟ କେତେଜଣଙ୍କ ଡିବିଟିରେ ସମସ୍ୟା ରହିଥିବା ବେଳେ ଆଉ କେତେକଙ୍କ ଯାଞ୍ଚ ପରେ ଆବେଦନକୁ ଖାରଜ କରି ଦିଆଯାଇଛି।

ସୁଭଦ୍ରା ଯୋଜନାରେ ସାମିଲ ପାଇଁ ଗଞ୍ଜାମ ଜିଲ୍ଲାର ୯ ଲକ୍ଷ ୬୮ ହଜାର ୩୨୩ ଜଣ ଏ ପର୍ଯ୍ୟନ୍ତ ଆବେଦନ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୯ ଲକ୍ଷ ୫ ହଜାର ୪୨୧ ଜଣଙ୍କୁ ସାମିଲ କରାଯାଇଥିବା କୁହାଯାଇଛି। ଜିଲ୍ଲାର ଆହୁରି ୬୨ ହଜାର ୯୦୨ ମହିଳା ଏହି ଯୋଜନାରେ ସାମିଲ ହେବାରୁ ବଞ୍ଚିତ ରହିଛନ୍ତି। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ଜିଲ୍ଲା ପରିଷଦକୁ ଦିଆଯାଇଥିବା ରିପୋର୍ଟରୁ ଏହା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ସୁଭଦ୍ରା ଯୋଜନାରେ ବହୁ ସଂଖ୍ୟକ ମହିଳା ଆବେଦନ କରିଥିବା ବେଳେ ଏଥିରୁ ଲକ୍ଷାଧିକ ମହିଳା ସାମିଲ ହୋଇପାରି ନ ଥିଲେ। ଯୋଜନାରେ ସାମିଲ ହୋଇପାରି ନ ଥିବା ମହିଳାଙ୍କ ଘରକୁ ଘର ଯାଇ ଆବେଦପତ୍ର ଯାଞ୍ଚ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାର ୨ ଲକ୍ଷ ୮ ହଜାର ୨୬୨ ଆବେଦପତ୍ର ଯାଞ୍ଚ ପାଇଁ ସ୍ଥିର କରାଯାଇଥିଲା। ସେଥିରୁ ୧ ଲକ୍ଷ ୯୭ ହଜାର, ୧୨୪ ଆବେଦନପତ୍ର ବର୍ତ୍ତମାନ ସୁଦ୍ଧା ଯାଞ୍ଚ ସରିଛି। ଆହୁରି ୧୧ ହଜାର ଆବେଦନପତ୍ର ଯାଞ୍ଚ ହେବାକୁ ରହିଛି । ସେଥିମଧ୍ୟରେ ୯ ହଜାର ୯୫୩ ପ୍ରବାସୀ ରହିଥିବାରୁ ସେମାନଙ୍କ ଆବେଦନପତ୍ର ଯାଞ୍ଚ ହୋଇପାରିନି। ଆଉ ୧ ହଜାର ୧୮୫ ମହିଳାଙ୍କ ଘରକୁ ଯାଞ୍ଚ କରାଯାଇନି। ୮ ହଜାର ୪୩୫ ମହିଳାଙ୍କ ଡିବିଟି ସମସ୍ୟା ରହିଛି । ୧୮୦୧ ଜଣଙ୍କ ଇ-କେଓ୍ୱାଇସି ଦାଖଲରେ ସମସ୍ୟା ଅଛି।

## ଶହୀଦ ସ୍ମୃତିପୀଠରେ କାରଗିଲ୍ ବିଜୟ ଦିବସ



ଆସିକା/ବୁଗୁଡ଼ା,୨୬।୭(ସୁରେନ୍ଦ୍ର ନାଥ ସାହୁ/କାଳୀଚରଣ ଦାଶ) – ଆସିକା ଏନଏସିରେ ଶୁକ୍ରବାର କାରଗିଲ ବିଜୟ ଦିବସ ପାଳିତ ହୋଇଛି। ସ୍ଥାନୀୟ ତାଲୁକା ଛକଠାରେ ଶହୀଦ ଉମାକାନ୍ତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତାଙ୍କ ବୀରତ୍ୱର ସ୍ମୃତି ଚାରଣ କରାଯାଇଥିଲା । ଆସିକା ଓକିଲ ସଂଘ ସଂପାଦକ ନାରାୟଣ ମୁନି, ସାମାଜିକ କର୍ମୀ ସତ୍ୟନାରାୟଣ ସ୍ୱାଇଁ, ପ୍ରଦୀପ ଶତପଥୀ, କିରଣ କୁମାର ପାଢୀ, ଏନଏସି ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, କାଉନସିଲର ନିରଞ୍ଜନ ଜେନାଙ୍କ ସମେତ ବହୁ ଛାତ୍ରୀଛାତ୍ର ଯୋଗଦେଇ ଶହୀଦଙ୍କ ପ୍ରତିମୂର୍ତ୍ତି ମାଲ୍ୟର୍ପଣ ସହ ଉମାକାନ୍ତଙ୍କ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଆସିକା ଏନଏସି ଶାସ୍ତ୍ରୀନଗର ନିବାସୀ ରାଜ କିଶୋର ପଟ୍ଟନାୟକଙ୍କ ପୁତ୍ର ଉମାକାନ୍ତ ସେନାରେ କାର୍ଯ୍ୟରତ ଥିବା ବେଳେ କାରଗିଲ ଓ ଗ୍ରାସ ସେକ୍ଟରରେ ପ୍ରତିପକ୍ଷଙ୍କ ଗୁଳିରେ ଶହୀଦ ହୋଇଥିଲେ ।

ସେହିପରି ବୁଗୁଡ଼ା କାରଗିଲ୍ ଶହୀଦ ସ୍ମୃତିପୀଠରେ ସେବାନିବୃତ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ କାରଗିଲ୍ ବିଜୟ ଦିବସ ପାଳିତ ହୋଇଛି। ଏହି ଅବସରରେ କାରଗିଲ୍ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ସଂଘ ସଭାପତି ସୂର୍ଯ୍ୟ ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସମ୍ପାଦକ ବିପ୍ର ଚରଣ ପାଣିଗ୍ରାହୀ ପରିଚାଳନା କରିଥିଲେ। ଅତିଥି ଭାବେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିବା ବେଳେ ସହସମ୍ପାଦକ ନିଳାଞ୍ଚଳ ଜେନା, ଚରଣ ପ୍ରଧାନ, ଦୁଃଖୀଶ୍ୟାମ ଜେନା ଓ ଗଙ୍ଗାଧର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ, ଅସଦାଚରଣ: ଯୁବକ ଗିରଫ

ଦାରିଙ୍ଗବାଡ଼ି,୨୬।୭ (ଅରୁଣ ସାହୁ): ଦାରିଙ୍ଗବାଡ଼ି ବ୍ଲକ୍ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ଅସଦାଚରଣ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ରାୟଗଡ଼ା ଜିଲା ପଦ୍ମପୁର ଥାନା ନୂଆଗଡ଼ ଗ୍ରାମର ଆଲୋକ କୁଆଁରି। ଏନେଇ ତଦନ୍ତକାରୀ ଅଧିକାରୀ ଅମରେନ୍ଦ୍ର ସୁବୁଦ୍ଧି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଉକ୍ତ ଥାନା ଅଞ୍ଚଳର ନାବାଳିକାକୁ ଅଭିଯୁକ୍ତ ଯୁବକ ଅପହରଣ ପରେ ରାଜ୍ୟ ବାହାରକୁ ନେଇ ଯାଇଥିଲେ। ପୋଲିସ ସାଇବର ଥାନାର ସହାୟତରେ ରାଜ୍ୟ ବାହାରୁ ତାମିଲନାଡୁରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଯୁବକଙ୍କୁ ଶୁକ୍ରବାର ଗିରଫ କରିଛି। ଶନିବାର ତାକୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

### ସତ୍ୟସାଇ ସେବାଗ୍ରୁପ୍ ପକ୍ଷରୁ ରକ୍ତଦାନ ଶିବିର

ଧରାକୋଟ,୨୬।୭(ବିଷ୍ଣୁକେଶରୀ ଆଚାର୍ଯ୍ୟ):ଶ୍ରୀସତ୍ୟସାଇ ସେବା ସଂଗଠନ, ଭାରତ ଆନୁକୁଲ୍ୟରେ ଧରାକୋଟ ସତ୍ୟସାଇ ସେବା ଗ୍ରୁପ୍ ତରଫରୁ ସ୍ଥାନୀୟ ସାଇ ମନ୍ଦିର ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଇଂ. ଅଶୋକ କୁମାର ପାଢ଼ୀ, ଡ. ସଚ୍ଚିଦାନନ୍ଦ ବିଷୋୟୀ, ପୂର୍ବତନ ସରପଞ୍ଚ ଦିଲୀପ କୁମାର ସ୍ୱାଇଁ, ପୂର୍ବତନ ଜିଲା ଆବାହକ ବିପ୍ର ଚରଣ ନାୟକ, ଇଂ ପ୍ରଦୀପ ନାୟକ, ଦୁର୍ଗା ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୪୬ ଜଣ ରକ୍ତଦାନ କରିଥିଲେ। ଶିବ ପ୍ରସାଦ ମହାନ୍ତି, ଗଗନ ବିହାରୀ ସ୍ୱାଇଁ, ଚନ୍ଦ୍ରହାସ ବରାଡ, ଗୀତାଞ୍ଜଳି ସାହୁ, ପ୍ରମିଳା ମୁନି, ଜ୍ୟୋତ୍ସ୍ନା ମହାନ୍ତି, ବାସନ୍ତୀ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ।

### ବସ୍ ମାଲିକ ସଂଘ ସହ ଆଲୋଚନା କଲେ ବିଧାୟକ

ଗଞ୍ଜାମ,୨୬।୭ (ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ୍‌ରେ ଯାତ୍ରୀଙ୍କ ସୁବିଧା ଓ ଗମନାଗମନରେ ଉନ୍ନତି ଆଣିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସଭା ଅନୁଷ୍ଠିତ ହୋଇଛି। ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସରକାରୀ ଓ ବେସରକାରୀ ବସ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସଭାରେ ବସ୍ ଚଳାଚଳ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଉପରେ ଆଲୋଚନା ହୋଇଥିଲା। ଯାତ୍ରୀଙ୍କ ସୁବିଧା ନେଇ ବିଧାୟକ ବିଭିନ୍ନ ପରାମର୍ଶ ଗ୍ରହଣ କରିଥିଲେ। ଏହି ଅବସରରେ ତହସିଲଦାର ସୁକାନ୍ତ ମିଶ୍ର, ବିଡ଼ିଓ ଅଚ୍ୟୁତାନନ୍ଦ ଜାନୀ, ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ମାନସ ନାହାକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରଘୁନାଥ ସାହୁ ଏବଂ ବ୍ଲକ୍ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
# ଛାତ୍ରୀ ନିବାସ ନିର୍ମାଣ ଦାବି

ଜି.ଉଦୟଗିରି,୨୬।୭
(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ଠାରେ ୧୯୯୬ରେ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା। ୨୦୧୦ରେ ସରକାରଙ୍କ ନିଷ୍ପତ୍ତିକ୍ରମେ ଏହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହୋଇଥିଲା। ଦୀର୍ଘବର୍ଷ ହେବ ସ୍ଥାନୀୟ ବ୍ଲକ ତଥା ରାଇକିଆ, ଦାରିଙ୍ଗବାଡ଼ି, ଟିକାବାଲି, ଫୁଲବାଣୀ, ପାବୁରିଆ, ଗୁଟିଙ୍ଗିଆ ଏବଂ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଛାତ୍ରୀ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଠପଢ଼ି ନିଜ ଭବିଷ୍ୟତ ଗଢ଼ିଥିବା ପୁରାତନ ଛାତ୍ରୀମାନେ କହିଛନ୍ତି। ବର୍ତ୍ତମାନ ଏହି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷରେ ମୋଟ ୫୧୨ ଜଣ ଛାତ୍ରୀ ପଢୁଥିବା ସୂଚନା ମିଳିଛି। ତେବେ ଏଠାରେ ଛାତ୍ରୀ ନିବାସ ନ ଥିବା ଯୋଗୁ ବହୁ ଦୂରଦୂରାନ୍ତରୁ ଆସୁଥିବା ଗରିବ ଛାତ୍ରୀମାନେ ଘରଉଡ଼ା ନେଇ




ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ।

ପାଠ ପଢୁଛନ୍ତି। ଆର୍ଥିକ ଅଭାବ ଯୋଗୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦ୍ୱିତୀୟ ବର୍ଷର କେତେଜଣ ଛାତ୍ରୀ କହିଛନ୍ତି। ଏହି କଲେଜ ପରିସରରେ ଛାତ୍ରୀ ନିବାସ ନିର୍ମାଣ କରାଗଲେ ଦୂର ଦୂରାନ୍ତରୁ ଆସି ପାଠ ପଢୁଥିବା ଗରିବ ଛାତ୍ରୀ ମାନେ ଉପକୃତ ହୋଇପାରିବେ ବୋଲି ଅଭିଭାବକ ଓ ଛାତ୍ରୀମାନେ ଦାବି କରିଛନ୍ତି। ଯଥାଶୀଘ୍ର ଛାତ୍ରୀ ନିବାସ ନିର୍ମାଣ ପାଇଁ କେତେଜଣ ଅଭିଭାବକ ଅଧ୍ୟକ୍ଷ ଶିବରାମ ସାହୁଙ୍କୁ ଭେଟି ଆଲୋଚନା କରିଛନ୍ତି। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଅଭିଭାବକ ଓ ଛାତ୍ରୀମାନଙ୍କ ଦାବି ନେଇ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରାଯିବ ବୋଲି ଅଧ୍ୟକ୍ଷ କହିଛନ୍ତି। ସ୍ଥାନୀୟ ଅଞ୍ଚଳର ଛାତ୍ରୀ ମାନଙ୍କ ପାଠ ପଢ଼ା ପାଇଁ ସୁବ୍ୟବସ୍ଥିତ ଛାତ୍ରୀ ନିବାସ ନିର୍ମାଣ ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଶିଶିର ପଟ୍ଟନାୟକ ଓ ପୂର୍ବତନ ସମ୍ପାଦକ କେ. ସୂର୍ଯ୍ୟନାରାୟଣ ପାତ୍ର ସରକାରଙ୍କ ନିକଟରେ ଦାବି ରଖିଛନ୍ତି।

## ପିପୁଲ୍ଲି କଲେଜରେ ଶିକ୍ଷକ, ଅଭିଭାବକ ସମ୍ମିଳନୀ

ବୁଗୁଡ଼ା,୨୬।୭(କାଳିଚରଣ ଦାଶ)

ବୁଗୁଡ଼ା ପିପୁଲ୍ଲି କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶିକ୍ଷକ-ଅଭିଭାବକ ସମ୍ମିଳନୀ ଓ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ ସାହୁଙ୍କ ସମେତ ଅଧ୍ୟାପକ ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ +୩ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ପୂର୍ବକ ବିଭାଗୀୟ ଅନୁଶାସନ ସମ୍ପର୍କରେ ଅବଗତ କରାଯିବା ସହ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଶେଷରେ ବିଭାଗୀୟ ଶେଷ ବର୍ଷ ଛାତ୍ରୀ ରେଶମା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## କୁକୁର କାମୁଡାରେ ୧୩ ଆହତ

ବୁଗୁଡ଼ା,୨୬।୭ (କାଳିଚରଣ ଦାଶ)

ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମରେ ୨ ଦିନ ମଧ୍ୟରେ କୁକୁର କାମୁଡାରେ ୯ ଜଣ ମହିଳାଙ୍କ ସମେତ ୧୩ ଜଣ ଆହତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ଓ ଶନିବାର କୁକୁର କାମୁଡାର ଶିକାର ହୋଇଥିବା ଆହତମାନେ ହେଲେ ସଙ୍କୁରୁ ଗ୍ରାମର ମାଳତୀ ଗୌଡ, ରୋଜା ସାମଲ, ତନୁ ନାଇକ ଓ ଅର୍ଚ୍ଚିତା ନାଇକ, ଘୋଳପୁର ଗ୍ରାମର ଆରତୀ ପ୍ରଧାନ, ଶଙ୍କର ଡାକୁଆ, ପ୍ରୀତି ସେଠୀ ଓ ଗନ୍ଧିଆ ପ୍ରଧାନ, କାନକୁଟୁରୁ ଗ୍ରାମର ଝିଲ୍ଲୀ ବେହେରା, ବାଲିପଦର ଗ୍ରାମର ଲିପି ବେହେରା, କାନସାରଲା ଗ୍ରାମର ଅନ୍ତର୍ଯ୍ୟାମୀ ନାଇକ, ମୋଟାବାଡି ଗ୍ରାମର ବାଲା ଆରୁଖ ଓ ମହୁଲପଲ୍ଲୀ ଗ୍ରାମର ଅଞ୍ଜଳୀ ବିଷୋୟୀ। ସମସ୍ତ ଆହତଙ୍କୁ ମେଡିକାଲରେ ଆଣ୍ଟି ରେବିଜ୍ ଭେକସିନ୍ ପ୍ରଦାନ ପୂର୍ବକ ଚିକିତ୍ସା କରାଯାଇଛି। ଅନ୍ୟପକ୍ଷରେ ଆତଙ୍କ ସୃଷ୍ଟି କରିଥିବା ଘୋଳପୁର ଗାଁର ଏକ ପାଗଳା କୁକୁରକୁ ଶନିବାର ସକାଳେ ସଙ୍କୁରୁ ଗ୍ରାମରେ ଲୋକେ ପିଟିପିଟି ମାରିଦେଇଥିବା ଜଣାପଡ଼ିଛି।

## ମୃତ ନାବାଳକଙ୍କ ପରିବାରକୁ ଭେଟିଲେ ମନ୍ତ୍ରୀ



ପୋଲସରା,୨୬।୭(ସୁବ୍ରତ ବେହେରା):

ପୋଲସରା ବ୍ଲକ ଅନ୍ତର୍ଗତ ଚିରିକିପଡ଼ା ଶାସନ ପଞ୍ଚାୟତର ଭଗବାନ ସାହୁଙ୍କ ପୁଅ ତନ୍ମୟ ସାହୁ (୧୨)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା। ଏହି ଖବରପାଇ ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୃତ ନାବାଳକଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଏଥିସହ ସରକାରୀ ସ୍ତରରେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ଏଡ୍‌ସ ସମ୍ପର୍କିତ ଜିଲାସ୍ତରୀୟ କୁଇଜ ପ୍ରତିଯୋଗିତା

ଫୁଲବାଣୀ, ୨୬।୭ (ରାକେଶ କୁମାର ରାଉତ) ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ଏଚଆଇଭି/ଏଡ୍‌ସ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଶିକ୍ଷା ବିଭାଗର ପ୍ରଚେଷ୍ଟା ଜାରି ରହିଛି। ଏନେଇ ଫୁଲବାଣୀ ସ୍ଥିତ ଏଜେଓ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ ପାଢ଼ୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସୁସ୍ଥ, ଶୃଙ୍ଖଳିତ ତଥା ସଂଯମୀ ଜୀବନ ଯାପନ ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସଞ୍ଜୟ ପାତ୍ର ଏବଂ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପାୟଲ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ସରକାରୀ ବଡିମୁଣ୍ଡା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସୁଶ୍ରୀ ବ୍ଲେସି ଦିଗାଲ, ପ୍ରଥମ, କୋଟଗଡ଼ ସରକାରୀ ଏସ୍‌ଏସ୍‌ଡ଼ି ଉଚ୍ଚ ବିଦ୍ୟାଳୟ ଛାତ୍ର ସାଇକିରଣ ପାତ୍ର ଦ୍ୱତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସମସ୍ତ ପ୍ରତିଯୋଗିମାନଙ୍କୁ ଅଂଶ ଗ୍ରହଣ ପାଇଁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଜିଲା ଏଡ୍‌ସ ସୁପରଭାଇଜର ଦେବାଶିଷ ମିଶ୍ର ସଂଯୋଜନା କରିଥିଲା ବେଳେ ଏଡସ୍ ପରାମର୍ଶ ଦାତା ଗୋବିନ୍ଦ ଚନ୍ଦ୍ର ଜେନା ସହାୟତା କରିଥିଲେ।

# ଖାଲଖମାରେ ଭର୍ତ୍ତି ସିମନବାଡ଼ି-ସିକକେତା ରାସ୍ତା

ଦାରିଙ୍ଗବାଡ଼ି,୨୬।୭(ଅରୁଣ ସାହୁ)

**୪ ବର୍ଷ ପରେ ବି ସରୁନି ୧୫ କିମି ରାସ୍ତା**

ଦିନେ କି ଦୁଇ ଦିନ ନୁହଁ ରାସ୍ତା ସମ୍ପ୍ରସାରଣର ଆରମ୍ଭର ଇତି ମଧ୍ୟରେ ୪ ବର୍ଷ ବିତିଲା। ଚୁକ୍ତି ଅନୁସାରେ ୨୦୨୩ ମସିହାରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ନାଁ ଧରୁନି। ଫଳରେ ଯାତ୍ରୀଙ୍କ ଯାତାୟାତରେ ସମସ୍ୟା ବଢୁଛି। ଗାଡ଼ି ମୋଟର ଚଳାଚଳରେ ବହୁତ ସମସ୍ୟା ଦେଖାଯାଉଛି। ବର୍ଷା କାରଣରୁ ରାସ୍ତାର ଅବସ୍ଥା ଦ୍ୱିଗୁଣିତ ହୋଇପଡ଼ିଛି। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡି ଠାରୁ ସିକକେତା ରାସ୍ତାରେ।

ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନରେ ସିମନବାଡ଼ି ଠାରୁ ରାଇକିଆ ୨୫ କିମି ରହିଛି। ସେଥିମଧ୍ୟରୁ ଦାରିଙ୍ଗବାଡ଼ି ପୂର୍ତ୍ତ ବିଭାଗ ଅଧୀନରେ ୧୫ କିମି ରାସ୍ତା ସିମନବାଡ଼ି ଠାରୁ ବାଡ଼ାବାଙ୍ଗା ପଞ୍ଚାୟତର ସିକକେତା ପର୍ଯ୍ୟନ୍ତ ରହିଛି। ଏହି ରାସ୍ତା ସମ୍ପ୍ରସାରଣ ପାଇଁ ସରକାର ମୋଟ ୨୦କୋଟି ୩୬ ଲକ୍ଷ ୩୮ ହାଜର ୯୯୮ ଅର୍ଥ ଅନୁଦାନ



ଦେଇଛନ୍ତି। କିନ୍ତୁ ଉକ୍ତ ରାସ୍ତାରୁ ମାତ୍ର ୨କିମି ପାଖାପାଖି ପିଚୁ ପଡ଼ିଥିବା ବେଳେ ଆହୁରି ୧୩ କିମି କାମ ଆରମ୍ଭ ପୂର୍ବରୁ ଯେଉଁ ଅବସ୍ଥା ରହିଛି। ଫଳରେ ଲୋକମାନେ ସେହି ରାସ୍ତାରେ ଯାତାୟାତ କଲାବେଳେ ଅନେକ ସମସ୍ୟା ଦେଖାଯାଇଛି। ଜରୁରି କାର୍ଯ୍ୟ ନ ଥିଲେ ସେହି ରାସ୍ତାରେ କେହି ଯାତାୟାତ କରୁନାହାନ୍ତି। ଏହି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ୨୯ ଜୁନ ୨୦୨୨ ଆରମ୍ଭ ହୋଇଥିବା ବେଳେ କାର୍ଯ୍ୟଶେଷ ୨୯ ସେପ୍ଟେମ୍ବର ୨୦୨୩ ରହିଥିଲା। କିନ୍ତୁ କାର୍ଯ୍ୟ ସରିବାର ସମୟ ସିମା ୨ ବର୍ଷ ବିଳମ୍ବ ହୋଇଥିବା ଜଣାପଡ଼ିଛି। ଏନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ହରିହର ଦାସ କହିଛନ୍ତି ବର୍ଷା କାରଣରୁ ଏବେ କାର୍ଯ୍ୟ ବନ୍ଦ ରହିଛି। ବର୍ଷା ଛାଡିଲେ ପୁଣି ମେଟାଲିଂ ଓ ପିଚୁ କାର୍ଯ୍ୟ କରାଯିବ।

## ରାଜପୁତ୍ର ସୁଶାନ୍ତ ବିଦ୍ୟାଳୟର ସମସ୍ତ କୋଠା ଓ ଜମିକୁ ନିଜର ସମ୍ପତ୍ତି ଦାବି କରିବା
# ରାଜମାତା ବିଦ୍ୟାଳୟ ସୁରକ୍ଷା ପରିଷଦର ଆଲୋଚନା ସଭା



ଦିଗପହଣ୍ଡି,୨୬।୭(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟାଳୟ ସଂଲଗ୍ନ ରାଜମାତା ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ସୁରକ୍ଷା ପରିଷଦ ପକ୍ଷରୁ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଛି। ଏଥିରେ କୈଳାସ ଷଡ଼ଙ୍ଗୀ, ତପନ ମିଶ୍ର, ଭି. ସୁଦର୍ଶନ ରାଜୁ, ଏ.ହରି, ଏ.ଗଣେଶ, ବି. ଦୀନବନ୍ଧୁ, ସମ୍ଭବ ତ୍ରିପାଠୀ, ସୁନୀଲ ପଣ୍ଡା, ପି.ଶିବ ଶଙ୍କର, ଏମ୍.ତ୍ରିନାଥ, କେ.କୁନା, ଦୀପକ ମିଶ୍ର, କୁରେଶୁ ମହାରଣା, ବିଣାରାଣୀ ପାଢ଼ୀ, ଆଶୁତୋଷ ମିଶ୍ର, ନୀଳମାଧବ ପଣ୍ଡା ଅଂଶଗ୍ରହଣ କରିଥିଲେ। ଆଇନଜୀବୀ କୁରେଶୁ ପଣ୍ଡା ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇଥିଲେ। ଗତ ୧୯୦୭ ଏପ୍ରିଲ ୭ରେ ସ୍ଥାପିତ ଏହି ବିଦ୍ୟାଳୟର ଭୂ-ସମ୍ପତ୍ତି ରାଜ ପରିବାରର ବୋଲି ଦର୍ଶାଇ ରାଜପୁତ୍ର ସୁଶାନ୍ତ ଗତ ୨୦୦୬ରେ ହାଇକୋର୍ଟରେ ଏସ ଓ-୭୨/୦୬ ଅନୁଯାୟୀ ଏକ ପିଟିସନ ଦାଖଲ କରିଥିଲେ। ୨୦୦୭ ଅଗଷ୍ଟ ୧ରେ ହାଇକୋର୍ଟ ମାମଲାର ଚୂଡ଼ାନ୍ତ ଶୁଣାଣି କରି ସୁଶାନ୍ତଙ୍କ ସପକ୍ଷରେ ରାୟ ଦେଇଥିଲେ। ଏହାକୁ ଭିତ୍ତିକରି ବ୍ରହ୍ମପୁର ଦେୱାନୀ ଅଦାଲତ ମାମଲା ନଂ. ଇପି ୫/୨୦୦୮ ଅନୁଯାୟୀ ବିଦ୍ୟାଳୟ କୋଠା ଓ ସମସ୍ତ ଭୂସମ୍ପତ୍ତିକୁ ଦଖଲମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାୟକୁ ଚ୍ୟାଲେଞ୍ଜ କରି ବ୍ରହ୍ମପୁର ବିଦ୍ୟାଳୟ ସୁରକ୍ଷା ପରିଷଦ ଦେୱାନି ଅଦାଲତରେ ଆରଏଫଏ ୪୩/୧୪ ଅନୁଯାୟୀ ଅପିଲ କରିଥିଲା। ୧୯୫୩ ଜୁନ ୧ରେ ଜମିଦାରୀ ଉଚ୍ଛେଦ ପରେ ବିଦ୍ୟାଳୟର ଭୂ-ସମ୍ପତ୍ତି ଖାତା ନଂ.୨୯୫ ଓ ସର୍ଭେ ନଂ.୧୯୪ ଅନୁଯାୟୀ ସରକାରୀ ରେକର୍ଡଭୁକ୍ତ ହୋଇଥିଲା। ଏଥିରେ ଚଞ୍ଚକତା କରି ସୁଶାନ୍ତ ୧୯୮୫ରେ ବିଦ୍ୟାଳୟର ସମସ୍ତ କୋଠା ଓ ଜମିକୁ ନିଜର ସମ୍ପତ୍ତି ବୋଲି ଦାବି କରି ଦେୱାନି ଅଦାଲତରେ ମକଦ୍ଦମା ରୁଜୁ କରି ସଫଳତା ପାଇଥିଲେ ବୋଲି ବିଦ୍ୟାଳୟ ସୁରକ୍ଷା ପରିଷଦ ଅଭିଯୋଗ କରିଛି। ବିଦ୍ୟାଳୟ କୋଠା ଉଚ୍ଛେଦ ବିରୋଧରେ ଥିବା ସମସ୍ତ ନଥିପତ୍ର ଯାହାକି ୧୯୪୮ ଏବଂ ୧୯୫୨ ମସିହାର ଜମି ପଟ୍ଟା, ଯାଦସ୍ତ ରିପୋର୍ଟ ତତ୍କାଳୀନ ରାଜା ରାମଚନ୍ଦ୍ର ଦେବ ସ୍କୁଲ ସଭାପତି ଭାବେ ମାଡ୍ରାସ ଶିକ୍ଷା ବିଭାଗକୁ ସ୍କୁଲର ସରକାରୀ ମଞ୍ଜୁରୀ ପାଇଁ କରିଥିବା ଦରଖାସ୍ତ ସମେତ ତତ୍କାଳୀନ ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା ଦେଇଥିବା ତଦନ୍ତ ରିପୋର୍ଟ, ୨୦୧୪ରେ ତତ୍କାଳୀନ ଥାନା ଆଇଆଇସି ସୁରେଶ ତ୍ରିପାଠୀ ଏବଂ ତତ୍କାଳୀନ ତହସିଲଦାର ରଞ୍ଜିତ ପରିଡାଙ୍କ ମିଳିତ ତଦନ୍ତ ରିପୋର୍ଟ ବ୍ରହ୍ମପୁର କୋର୍ଟରେ ଦାଖଲ କରାଯାଇଥିଲା। କୋର୍ଟ ଏହାକୁ ଗ୍ରହଣ ନ କରି ସ୍କୁଲ କୋଠା ଉଚ୍ଛେଦ ବିରୋଧରେ ମାମଲାକୁ ଖାରଜ କରିଦେଇଛନ୍ତି। କୋର୍ଟଙ୍କ ଏହି ରାୟ ବିରୋଧରେ ଉଚ୍ଚ ଅଦାଲତରେ ଅପିଲ କରାଯିବା ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଛି। ଏହି ମାମଲାରେ ତତ୍କାଳୀନ ଜିଲାପାଳ ଏବଂ ସ୍ଥାନୀୟ ତହସିଲଦାରଙ୍କୁ ପକ୍ଷ କରାଯାଇ ନ ଥିବାରୁ ଏହି ରାୟର ବୈଧତା ନାହିଁ ବୋଲି ବିଦ୍ୟାଳୟ ସୁରକ୍ଷା ପରିଷଦ ଦର୍ଶାଇଛି।

## କାର୍ଗିଲ ବିଜୟ ଦିବସରେ ରକ୍ତଦାନ ଶିବିର

ପାରଳାଖେମୁଣ୍ଡି,୨୬।୭(ଗିରିଧାରୀ ପରିଛା): ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ପକ୍ଷରୁ କାର୍ଗିଲ ବିଜୟ ଦିବସ ଅବସରରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଯୁବ ରେଡକ୍ରସର ଛାତ୍ର ସେବକମାନେ ରକ୍ତଦାନର ମହତ୍ତ୍ୱ ଉପରେ ବୁଝାଇଥିଲେ। ଶିବିରକୁ ସିୟୁଟିଏମର ରେଜିଷ୍ଟ୍ରାର ଡ. ଅନିତା ପାତ୍ର ଏବଂ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ରମ୍ୟାଜୟନ ଉଦ୍‌ଘାଟନ କରିଥିଲେ। ସ୍କୁଲ ଅଫ ମ୍ୟାନେଜମେଣ୍ଟର ଆସୋସିଏଟ ଡିନ ଡ. ପ୍ରଜ୍ଞା ପାଣି, ନର୍ସିଂ ବିଭାଗର ଉପାଧ୍ୟକ୍ଷ ପ୍ରଫେସର ଏସ.ଏନ. ସନ୍ଧ୍ୟା ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର ଖଗେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଟେକ୍ନିସିଆନମାନେ ରକ୍ତ ସଂଗ୍ରହ କରିଥିଲେ। ମୋଟ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ବରିଷ୍ଠ ୟୁଥ ରେଡକ୍ରସର କାଉନସେଲର ଡ. ସୁଶାନ୍ତ ପଟ୍ଟନାୟକ ପରିଚାଳନା କରିଥିଲେ। ସିୟୁଟିଏମର ଛାତ୍ର କଲ୍ୟାଣ ଡିନ ଡ. ଗିତେଶ କୁମାର ସହଯୋଗ କରିଥିଲେ।

# ପୂର୍ବତନ ଜିଲାପାଳଙ୍କ ନାଁରେ ଅଭିଯୋଗ ଆଣିଲେ ପୂର୍ବତନ ବିଧାୟକ

**ଡାକ୍ତରବାଞ୍ଜାରି ଗ୍ରାମ ବିକ୍ରି ଘଟଣା**




ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ପୂର୍ବତନ ବିଧାୟକ କେ.ନାରାୟଣ ରାଓ।

ପାରଳାଖେମୁଣ୍ଡି,୨୬।୭(ଗିରିଧାରୀ ପରିଛା)

ଗଜପତି ଜିଲା ଗୋଷାଣି ବ୍ଲକ କତଲକଇଠା ପଞ୍ଚାୟତର ଡାକ୍ତରବାଞ୍ଜାରି ଗ୍ରାମ ବିକ୍ରି ଘଟଣା ଭିନ୍ନମୋଡ଼ ନେଇଛି। ପୂର୍ବତନ ଜିଲାପାଳ ବିଜୟ କୁମାର ଦାଶଙ୍କ ନାମରେ ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ କେ.ନାରାୟଣ ରାଓ ଶନିବାର ଅଭିଯୋଗ ଆଣିଛନ୍ତି। ଜିଲା ଭାଜପା କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ରାଓ କହିଛନ୍ତି, ଡାକ୍ତର ବାଞ୍ଜାରୀ ଗ୍ରାମର ୪୨ଏକର ଜମି ବିକ୍ରିରେ ସରକାରୀ କଳର ଅପବ୍ୟବହାର ହୋଇଛି। ଖାତା ନଂ. ୫୧ରେ ୪୨.୯୭୪୩ ଏକର ଜମି ବିକ୍ରି ହୋଇଛି। ଏଥିରେ ୧୬୨ଟି ପ୍ଲଟରେ ୫୦ରୁ ଊର୍ଦ୍ଧ୍ୱ ଘର ଓ ୧୬୬ ପ୍ଲଟରେ ବିଦ୍ୟାଳୟ ରହିଛି। ବସବାସ କରୁଥିବା ଅଧିବାସୀଙ୍କୁ ସରକାର ଘର ସହ ବିଦ୍ୟୁତ୍, ପାନୀୟ ଜଳ ଯୋଗାଇ ଦେଇଛନ୍ତି। ମାତ୍ର ପୂର୍ବତନ ଜିଲାପାଳ ଦାଶ ଏହି ଗ୍ରାମକୁ ରେଜିଷ୍ଟ୍ରାରଙ୍କ ଅଫିସରେ ଉପସ୍ଥିତ ରହି ବିକ୍ରି କରି ଦେଇଥିବା ରାଓ ଅଭିଯୋଗ କରିଛନ୍ତି। ଜମି ମାଲିକ ମାଟୁରୁ ଚନ୍ଦ୍ରଶେଖର ରାଓ ବାର୍ଦ୍ଧକ୍ୟଜନିତ ସମସ୍ୟାରେ ଥିଲେ ମଧ୍ୟ ତାଙ୍କୁ ପୋଲିସ ସୁରକ୍ଷାରେ ଆମ୍ବୁଲାନ୍ସରେ ପାରଳାଖେମୁଣ୍ଡି ରେଜିଷ୍ଟ୍ରେସନ ଅଫିସକୁ ଅଣାଯାଇଥିଲା। ଏହି ଜମିର ଏକାକୀ ମାଲିକ ମାଟୁରୁ ଚନ୍ଦ୍ରଶେଖର ନୁହଁନ୍ତି। ତାଙ୍କର ଅନ୍ୟ ୧୦ ଜଣ ଭଉଣୀଭାଇ ଅଛନ୍ତି। ଲିଗାଲ ହେୟାରରେ ସେ ଉକ୍ତ ଜାଗାର ଏକାକୀ ଦାବିଦାର ଦର୍ଶାଇ ଜମି ହାତେଇଥିବା ପୂର୍ବତନ ବିଧାୟକ ରାଓ ଅଭିଯୋଗରେ କହିଛନ୍ତି। ଏଠାରେ ଜନବସତି ସହ ବିଦ୍ୟାଳୟ, ଚର୍ଚ୍ଚ ଆଦି ରହିଥିଲେ ସୁଦ୍ଧା ପୂର୍ବତନ ଜିଲାପାଳଙ୍କୁ ଏହା କିପରି ଦୃଷ୍ଟିଗୋଚର ହୋଇ ନ ଥିଲା ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଏହି ଜମି ରେଜିଷ୍ଟ୍ରେସନ ପୂର୍ବରୁ ଟ୍ରେସିଂ ମ୍ୟାପ୍‌ରେ ଆର୍‌ଆଇଙ୍କ ଦସ୍ତଖତ ହୋଇନାହିଁ। ତାଙ୍କୁ ଅନ୍ୟତ୍ର ବଦଳି କରିବା, ମ୍ୟାପକୁ ତହସିଲଦାର ପ୍ରସ୍ତୁତ କରି ଦେବା ଚଞ୍ଚକତାକୁ ସ୍ପଷ୍ଟ କରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ବତନ ବିଧାୟକ ରାଓଙ୍କୁ ପଚାରିବାରୁ ସେ କହିଲେ, ଏସବୁ ଘଟଣାର ତଥ୍ୟ ମୁଁ ସଂଗ୍ରହ କରୁଥିଲି। ସମ୍ପୂର୍ଣ୍ଣ ତଥ୍ୟ ହସ୍ତଗତ ପରେ ମୁଁ ଏହି ସୂଚନା ଦେଉଛି। ପାରଳାଖେମୁଣ୍ଡିରେ ସମ୍ପୃକ୍ତ ପୂର୍ବତନ ଜିଲାପାଳଙ୍କ ସମୟରେ ହୋଇଥିବା ଅନ୍ୟାନ୍ୟ ଦୁର୍ନୀତି ଉପରେ ମୋ ପାଖରେ ତଥ୍ୟ ରହିଛି। ଏହା ପର୍ଯ୍ୟାୟକ୍ରମେ ମୁଁ ଲୋକଲୋଚନକୁ ଆଣିବି ବୋଲି ରାଓ କହିଥିଲେ। ଏନେଇ ପୂର୍ବତନ ଜିଲାପାଳ ଦାଶଙ୍କୁ ପଚାରିବାକୁ ଯୋଗାଯୋଗ କରିବାରୁ ତାଙ୍କ ଫୋନ ସ୍ୱିଚ୍‌ଅଫ୍ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଗଛକୁ ଧକ୍କା ଦେଲା ବାଇକ, ଜଣେ ମୃତ

ହିଞ୍ଜିଳିକାଟୁ,(ଦ୍ୱିତୀକୃଷ୍ଣ ପଣ୍ଡା) ବେଲଗାଁ ଥାନା ଗୋଦରାପଲ୍ଲୀ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ରାସ୍ତା ପାର୍ଶ୍ୱ ଏକ ଗଛକୁ ବାଇକ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ହିଞ୍ଜିଳିକାଟୁ କେଉଟ ସାହିର ଶଙ୍କର ବେହେରା (୩୪)। ସେ ଶଶୁର ଘର ଦୁର୍ବନ୍ଧ ଗାଁରୁ ହିଞ୍ଜିଳିକାଟୁ ଫେରିବା ବାଟରେ ଏହି ଦୁର୍ଘଟଣା ଘଟିଥିଲା। ଶନିବାର ସକାଳେ ଲୋକ ମାନେ ଦେଖି ପୋଲିସକୁ ଖବର ଦେଇଥିଲେ। ଏନେଇ ବେଲଗାଁ ଥାନାରେ କେଶ୍ ନଂ. ୧୪୯/୨୫ରେ ଏକ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଲା।

## ପ୍ରଚାର କରୁଥିବା ବେଳେ ଟଳିପଡ଼ିଲେ ବୃଦ୍ଧ

ବେଲଗୁଣ୍ଠା,୨୬।୭ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ଅଗଷ୍ଟ ୧୫ରେ ଜିରୋଳି ଗ୍ରାମରେ ମାନବ ସେବା ବୃଦ୍ଧା ଆଶ୍ରମ ତରଫରୁ ସ୍ୱର୍ଗତ ସୁମିତ୍ରା ବାରିକଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭଜନ ସମାରୋହ ଅନୁଷ୍ଠିତ ହୋଇଥାନ୍ତା। ଏନେଇ ଏକ ସାଇକେଲ୍‌ରେ ଜନୈକ ବୃଦ୍ଧ ପ୍ରଚାର କରୁଥିଲେ। ବୃଦ୍ଧ ଜଣଙ୍କ ଶନିବାର ନେଟଙ୍ଗାକୁ ପ୍ରଚାର ପାଇଁ ଆସିଥିବା ବେଳେ ଥକି ଯାଇ ନେଟଙ୍ଗା ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ବସି ପଡିଥିଲେ। ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀ ପପୁ ଜେନା ତାଙ୍କୁ ପାଣି ପିଇବାକୁ ଦେବା ସହିତ ଖାଇବାକୁ ଯାଚିଥିଲେ। କିନ୍ତୁ ବୃଦ୍ଧ ଜଣଙ୍କ ଖାଇବାକୁ ମନା କରିଥିଲେ। କିଛି ସମୟ ପରେ ବୃଦ୍ଧ ଜଣଙ୍କ ସେଠାରେ ହିଁ ଟଳି ପଡିଥିଲେ। ପରେ ବୃଦ୍ଧ ଜଣଙ୍କ ଜିରୋଳି ଗ୍ରାମର ରବି ବାରିକ ବୋଲି ସୂଚନା ମିଳିଛି। ସେ ଦୀର୍ଘ ଦିନ ହେବ ନିଜ ଘରେ ମାନବ ସେବା କେନ୍ଦ୍ର ଖୋଲି ଅଞ୍ଚଳର ବୃଦ୍ଧ, ବୃଦ୍ଧା ଏବଂ ଅନାଥ ବ୍ୟକ୍ତିଙ୍କ ସେବା କରି ଆସୁଥିଲେ। ସ୍ୱ ସୁମିତ୍ରାଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭଜନ ସମାରୋହ ଆୟୋଜନ କରିବାକୁ ପ୍ରଚାର କରୁଥିଲେ। ରବିଙ୍କ ମୃତ୍ୟୁ ଖବର ପାଇବା ପରେ ଗାଙ୍ଗପୁର ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ପିପଳପଙ୍କା, ଘାଟିପଲ୍ଲୀ ପ୍ରକଳ୍ପକୁ ବିରୋଧ

### ଅଗଷ୍ଟରେ ବ୍ରହ୍ମପୁରରେ ହେବ ଗଣ କନ୍‌ଭେନସନ



ରଷିକୁଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଉଛି।

ବ୍ରହ୍ମପୁର,୨୬।୭(ସୁବାସ ଚନ୍ଦ୍ର ପାଢ଼ୀ) ରାଜ୍ୟ ସରକାର ସୋରଡା ତହସିଲର ପିପଳପଙ୍କା ଅଞ୍ଚଳର ଦୁଇ ହଜାର ହେକ୍ଟରରୁ ଅଧିକ ଘଂଚ ଜଙ୍ଗଲ, ୨୩ ଗ୍ରାମର ଆଦିବାସୀଙ୍କ ଜମିକୁ ବୁଡ଼ାଇ ଏବଂ ସର୍ବୋପରି ରଷିକୂଲ୍ୟା ନଦୀ ଉପରେ ଡ୍ୟାମ ନିର୍ମାଣ କରିବା ଦୁର୍ଭାଗ୍ୟଜନକ। କମ୍ପାନୀକୁ ପାଣି ଯୋଗାଇବା ଉଦ୍ଦେଶ୍ୟରେ ଏହା କରାଗଲେ ହଜାର ହଜାର ଲୋକ ନିଜର ଭିଟାମାଟି ଓ ଜୀବିକା ହରାଇବେ । ଜିଲାର କୃଷି ଓ କୃଷକ ତଥା ବ୍ରହ୍ମପୁର ସମେତ ୭ ସହରର ପିଇବା ପାଣି ବ୍ୟବସ୍ଥା କ୍ଷତିଗ୍ରସ୍ତ ହେବ । ରଷିକୁଲ୍ୟା ନଦୀର ଦୁଇ ପାର୍ଶରେ ଥିବା ହଜାର ହଜାର ଲୋକଙ୍କ ଜୀବନ ଜୀବିକା ନଷ୍ଟ ହେବ। ସେହିପରି ଜଗନ୍ନାଥ ପ୍ରସାଦ ତହସିଲ ଅର୍ନ୍ତଗତ ଘାଟିପଲ୍ଲି ଠାରେ ଏକ ବିସ୍ଫୋରକ ଉତ୍ପାଦନ କାରଖାନା ନିର୍ମାଣ ପାଇଁ ଅନୁମତି ଦେଇଛନ୍ତି । ରାଜ୍ୟର ଖଣି କମ୍ପାନୀଙ୍କ ବିସ୍ଫୋରକ ଆବଶ୍ୟକତାକୁ ପୂରଣ କରିବାକୁ ଉଦ୍ଦିଷ୍ଟ ଏହି ପ୍ରକଳ୍ପ ଫଳରେ ସ୍ଥାନୀୟ ପରିବେଶ ଓ ଅଞ୍ଚଳବାସୀଙ୍କ ଜୀବନ ପ୍ରତି ଏହା ଅତ୍ୟନ୍ତ ଘାତକ ହେବାକୁ ଯାଉଛି ବୋଲି ରଷିକୁଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ତରଫରୁ ଶନିବାର ଗଞ୍ଜାମ କଳା ପରିଷଦଠାରେ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ପ୍ରସ୍ତାବିତ କାରଖାନା ପାଇଁ ଜମି ହରାଉଥିବା ଜମିମାଲିକଙ୍କ ସମେତ ଆଖପାଖର ସାଧାରଣ ଲୋକେ ଏହି ପ୍ରକଳ୍ପକୁ ବିରୋଧ କରୁଛନ୍ତି ଏବଂ ପ୍ରକଳ୍ପକୁ ବାତିଲ କରିବାକୁ ସରକାରଙ୍କୁ ବାରମ୍ବାର ଦାବି କରି ଆସିଛନ୍ତି। ଦୁଇଟି ଯାକ ପ୍ରକଳ୍ପ ପାଇଁ ଅନୁମତି ଦେବା ପୂର୍ବରୁ ରାଜ୍ୟ ସରକାର ସ୍ଥାନୀୟ ଅଂଚଳବାସୀଙ୍କ କୌଣସି ମତାମତ ନେଇ ନାହାନ୍ତି କି ପ୍ରକଳ୍ପ ଫଳରେ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକା, ଅର୍ଥନୀତି ଓ ସର୍ବୋପରି ପରିବେଶ ଉପରେ କ'ଣ ପ୍ରଭାବ ପଡ଼ିବ ତା'ର କୌଣସି ବିଜ୍ଞାନ ସମ୍ମତ ଅଧ୍ୟୟନ କରି ନାହାଁନ୍ତି । ଶାନ୍ତିପୂର୍ଣ୍ଣ ଭାବେ ଲୋକେ ଏହାକୁ ବିରୋଧ କରି ଆସୁଛନ୍ତି। ପିପଳପଙ୍କା ଓ ଘାଟିପଲ୍ଲୀ ଦୁଇଟି ଯାକ ଜନିବିରୋଧ ପ୍ରକଳ୍ପ ପ୍ରତି ଲୋକଙ୍କ ରହିଥିବା ବିରୋଧକୁ ଆରମ୍ଭରୁ ଚପାଇଦେବା ଉଦ୍ଦେଶ୍ୟରେ ପୋଲିସ ପ୍ରଶାସନ ଦ୍ୱାରା ଆତଙ୍କ ସୃଷ୍ଟି କରିବାକୁ ଚକ୍ରାନ୍ତ ଆରମ୍ଭ ହୋଇଛି । ସରକାର କମ୍ପାନୀ ସ୍ୱାର୍ଥରେ ନେଉଥିବା ଦମନମୂଳକ ପଦକ୍ଷେପକୁ ରଷିକୁଲ୍ୟା ସୁରକ୍ଷା କ୍ରୀୟାନୁଷ୍ଠାନ କମିଟି, ଘାଟିପଲ୍ଲୀ-ଗୋଛାବାଡ଼ି ପାହାଡ଼ ପରିବେଶ-ଭୂମି ସୁରକ୍ଷା ସମିତି ସମେତ ଜିଲାର ବୁଦ୍ଧିଜୀବି, ସାମାଜିକ କର୍ମୀ ଓ କୃଷକ ସଙ୍ଗଠନମାନେ ତୀବ୍ର ନିନ୍ଦା କରିଛନ୍ତି। ସରକାର ଅବିଳମ୍ବେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ୨ ଜନବିରୋଧ ପ୍ରକଳ୍ପକୁ ବାତିଲ କମିଟି ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର ବିଶେଷ କରି ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଲୋକଙ୍କ ମତ ଓ ଅଧିକାରକୁ ସମ୍ମାନ ଦେବାକୁ ଏହି ସମ୍ମିଳନୀରେ ସତର୍କ କରାଇ ଦିଆଯାଇଛି। କମ୍ପାନୀ ସ୍ୱାର୍ଥରେ ଲୋକଙ୍କ ବଞ୍ଚିବାର ଅଧିକାରକୁ ଛଡ଼ାଇବାକୁ ଦିଆଯିବ ନାହିଁ । ଆସନ୍ତା ମାସରେ ବ୍ରହ୍ମପୁର ଠାରେ ଏହି ପ୍ରସଙ୍ଗରେ ଏକ ଗଣ କନଭେନସନ କରି ସବୁ ରାଜନୈତିକ ଦଳଙ୍କୁ ଡକାଯିବାକୁ ସ୍ଥିର ହୋଇଛି । ଏହି ସମ୍ମିଳନୀରେ କୃଷକ ନେତା ସୀମାଞ୍ଚଳ ନାହାକ, ଭାଲଚନ୍ଦ୍ର ଷଡ଼ଙ୍ଗୀ, ପ୍ରଫୁଲ୍ଲ ସାମନ୍ତରା, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ବୃନ୍ଦାବନ ଖଟେଇ, ଆଦିତ୍ୟ ରଥ, ମତ୍ସ୍ୟଜୀବୀ ନେତା ମାଗତା ବେହେରା, ସୁବାସ ଚନ୍ଦ୍ର ମିଶ୍ର, କବିରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ସିଟି କଲେଜରେ କାର୍ଗିଲ ବିଜୟ ଦିବସ




କାର୍ଗିଲ ଦିବସରେ ଅଧିକାରୀଙ୍କ ଗହଣରେ ଏନସିସି କ୍ୟାଡେଟମାନେ।

ବ୍ରହ୍ମପୁର,୨୬।୭(ସୁବାସ ଚନ୍ଦ୍ର ପାଢ଼ୀ) ୧୯୯୯ରେ କାର୍ଗିଲଠାରେ ହୋଇଥିବା ଯୁଦ୍ଧରେ ଭାରତ ବିଜୟୀ ହୋଇଥିଲା। ପାକିସ୍ତାନ ଉପରେ ଭାରତର ବିଜୟକୁ ନେଇ ପ୍ରତିବର୍ଷ ଜୁଲାଇ ୨୬ ତାରିଖରେ କାର୍ଗିଲ ବିଜୟ ଦିବସ ପାଳିତ ହୁଏ। ଏହି ଅବସରରେ ସିଟି କଲେଜରେ ଏନସିସି ୱିଙ୍ଗ ଦ୍ୱାରା ପାଳିତ ଦିବସରେ କଲେଜର ଡ. ଜୟନ୍ତ ବାନର୍ଜୀ ଅଧ୍ୟକ୍ଷତା କରି କହିଲେ ଯେ, ଉକ୍ତ ଯୁଦ୍ଧରେ ବଳିଦାନ ଦେଇଥିବା ଯବନାଙ୍କ ପାଇଁ ଆଜିର ଦିନରେ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଦେବା ଦେଶ ପାଇଁ ଗୌରବ। ବିଶିଷ୍ଟ ଅତିଥି ଏୟାରଫୋର୍ସ ଅସୋସିଏସନ ଅଧ୍ୟକ୍ଷ ବେତାନ ସାର୍ଜେଣ୍ଟ ଦେବେନ୍ଦ୍ର ସାହୁ, ବେତାନ ଅନରେରୀ ଫ୍ଲାଇଟ ଲେଫ୍ଟେନାଣ୍ଟ ଭଗବତ ପ୍ରସାଦ ମାଝି। ଉଭୟ ଅତିଥି ବାୟୁସେନାର ପୂର୍ବତନ ଅଫିସର ଭାବେ କାର୍ଗିଲ ଯୁଦ୍ଧ ସମୟର ଅନୁଭବ ଓ ସ୍ମୃତି ଛାତ୍ରୀଛାତ୍ରଙ୍କୁ କହିଥିଲେ। ଉକ୍ତ ଯୁଦ୍ଧରେ ଅନେକ ଯବନା ପ୍ରାଣବଳୀ ଦେଇଥିଲେ। ସେମାନଙ୍କ ଦେଶମାତୃକା ପାଇଁ ଆଜି ଆମେ ଗର୍ବିତ। ତେଣୁ ସେମାନଙ୍କ ପଦାଙ୍କ ଅନୁସରଣ କରିବା ଉଚିତ। ସମସ୍ତେ ଦେଶ ମାତୃକାକୁ ଭଲ ପାଇ କାମ କରିବା ଦରକାର ବୋଲି ଉଭୟେ କହିଥିଲେ। ଲେଫ୍ଟେନାଣ୍ଟ ମେଘନାଦ ପ୍ରଧାନବାୟୁସେନାରେ ରହି କାର୍ଗିଲ ଯୁଦ୍ଧର ସହଭାଗୀ ଥିଲେ ଉପସ୍ଥିତ ଥିଲେ। ଏନସିସି କ୍ୟାଡେଟ ସୁଭମ ପଣ୍ଡା ଓ କର୍ପୋରାଲ ଜୁଲିକା ପ୍ରିୟଦର୍ଶିନୀ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନାଏବ ସୁବେଦାର୍ ବି.କେ. ପଣ୍ଡା, ହବିଲଦାର ଗୋସ୍ୱାମୀ, କଲେଜ ଅଧ୍ୟାପକବୃନ୍ଦ, ଏନସିସି କ୍ୟାଡେଟ ଓ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଗିଲ ଯୋଦ୍ଧାଙ୍କ ବଳିଦାନ ଓ ସାହସକୁ ସ୍ମରଣ କରି, ଦେଶପ୍ରେମ, ସାହସ ଓ ନିଷ୍କାମ ସେବାର ମୂଲ୍ୟ ବଜାୟ ରଖିବାକୁ ଶପଥ ଗ୍ରହଣ ସହିତ କଲେଜ ପରିସରରେ ସହିଦଙ୍କ ନାମରେ ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମ ସମାପ୍ତ କରାଯାଇଥିଲା।

## କାର୍ଗିଲ ଦିବସରେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ବ୍ରହ୍ମପୁର,୨୬।୭(ସ୍ମୃତି ରଞ୍ଜନ ମହାଲିକ) ସହରରେ ଶନିବାର ବିଭିନ୍ନ ସଂଗଠନ ପକ୍ଷରୁ କାର୍ଗିଲ ଦିବସ ପାଳିତ ହୋଇଯାଇଛି। ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ପକ୍ଷରୁ ମେଡିକାଲ କ୍ୟାମ୍ପସ ସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କୁ ବୀର ଯବାନଙ୍କ ଦେଶ ପ୍ରେମ ସଂପର୍କରେ କୁହାଯାଇଥିଲା। ମୁଖ୍ୟଅତିଥି ଭାବେ ସ୍କୁଲ ଶିକ୍ଷୟିତ୍ରୀ ତଥା ଫାଉଣ୍ଡେସନର ବ୍ରହ୍ମପୁର ଟିମ ମୁଖ୍ୟ ପରିଚାଳିକା ସୁନୀତା ନାୟକ, ସ୍ମିତ ପ୍ରଜ୍ଞା ଦାସ ଓ ଅଚ୍ୟୁତ କୁମାର ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚିରଞ୍ଜିବୀ ବାଡତ୍ୟା, ପିୟୁଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସହରତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜଗଦଳପୁରଠାରେ କାର୍ଗିଲ ଯୁଦ୍ଧରେ ସହିଦ ଶ୍ରୀନିବାସ ପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତାଙ୍କର ବଳିଦାନର ସ୍ମୃତି ଚାରଣ କରାଯାଇଥିଲା। ରେଡିଓ ଷ୍ଟେସନଠାରୁ ଜଗଦଳପୁର ଗାଁ ପର୍ଯ୍ୟନ୍ତ ସଂଯୋଗ ରାସ୍ତାକୁ ସହିଦ ଶ୍ରୀନିବାସ ମାର୍ଗରେ ଘୋଷଣା କରିବାକୁ ଦାବି କରି ଆସୁଥିବାବେଳେ ପ୍ରଶାସନ ଏହାକୁ ଭୁଲି ଯାଉଥିବା କମିଟି କହିଛି। କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପସଭାପତି ଦେବୀ ପ୍ରସାଦ ଦାସ ଓ ଯୁଗ୍ମ ସଂପାଦକ ଟି. ସୁଦେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସର୍ଦ୍ଦାର ବଲଭ ଭାଇ ପଟେଲ ବହୁମୁଖୀ ସଂଘ ପକ୍ଷରୁ ସହିଦ ଶ୍ରୀନିବାସ ପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତି ଚାରଣ କରାଯାଇଥିଲା। ଏଥିରେ ସଂଘର ସଭାପତି ରାମ କୁମାର ପାତ୍ର, କୃଷ୍ଣ ମୂର୍ତ୍ତି, ଅଶୋକ ନିମେଇ, ଉମାକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଈଙ୍କୁ ଆକ୍ରମଣ ଘଟଣା: ଅଭିଯୁକ୍ତ କେଉଁଠୁ ଏସିଡ୍ ଆଣିଥିଲେ ସ୍ପଷ୍ଟ କରୁନି ପୋଲିସ

ବ୍ରହ୍ମପୁର,୨୬।୭(ସୁବାସ ଚନ୍ଦ୍ର ପାଢ଼ୀ) ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ନିକଟସ୍ଥ ମାରୁତି ବିହାର ତୃତୀୟ ଗଳିଠାରେ ଏକାଧିକ ଗାଈ ଉପରକୁ ଏସିଡ ମାଡ ହୋଇଥିଲା। ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ପୋଲିସ। ଅଭିଯୁକ୍ତଙ୍କୁ ପୋଲିସ ଥାନାରୁ ନୋଟିସ ଦେଇ ଛାଡ଼ିଛି। ସବୁଠୁ ଗୁରୁତ୍ୱପୂର୍ଣ କଥା ହେଲା ଅଭିଯୁକ୍ତ ଜଣଙ୍କ ଏସିଡ଼ କେଉଁଠୁ ଆଣିଥିଲେ ସେ ନେଇ ପୋଲିସ ସ୍ପଷ୍ଟ କରୁନାହିଁ। ଗାଈ ଭଳି ଏକ ନିରୀହ ଗୃହପାଳିତ ଜୀବ ଉପରେ ସେ କାହିଁକି ଏସିଡ଼ ପକାଇଲେ, ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କାହିଁକି କୋହଳ ମୋନଭାବ ଓ ଅନୁକମ୍ପା ଦେଖାଇଛି ତାହା ଲୋକଙ୍କ ମନରେ ପ୍ରଶ୍ନ ସୃଷ୍ଟି କରୁଛି। ଯେହେଁ ବ୍ୟକ୍ତି ଆଜି ଗାଈ ଉପରେ ଏସିଡ଼ ମାଡ଼ କଲା ତାହାକୁ ଯଦି ଅଣଦେଖା କରାଯାଉଛି ତେବେ ଆସନ୍ତା ଦିନରେ ଯଦି କେହି ମଣିଷ ଉପରେ ଏସିଡ଼ ମାଡ଼ କରିବ ତେବେ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କ'ଣ କୋହଳ ମାନଭାବ ଦେଖାଇବ କି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସହରରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବଢୁଛି। ପୋଲିସ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିଛି। ହେଲେ ଏକାଧିକ ଗାଈ ଉପରେ ହୋଇଥିବା ଏସିଡ଼ ମାଡ଼ ଘଟଣାକୁ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି। ଗାନ୍ଧିନଗର ଅଞ୍ଚଳରେ ରହୁଥିବା ଏମ. ରାମକ୍ରିଷ୍ଣା ରାଓ ୭ରୁ ୮ଟି ଗାଈ ଓ ବାଛୁରୀ ରଖି ସେମାନଙ୍କର ସେ ଲାଳନପାଳନ କରୁଛନ୍ତି। ଗୋଟିଏ ଗାଈର ଶରୀରରେ କ୍ଷତ ହୋଇଥିବା ମାଲିକ ଦେଖିବା ପରେ ଚିକିତ୍ସା କରାଯାଇଥିଲା। ହେଲେ ଏହା ପର ଦିନ ଆଉ ଗୋଟିଏ ଗାଈ ଶରୀରରେ ସେହିଭଳି ଆଘାତ ଲାଗିଥିଲା । ଏଭଳି ସ୍ଥିତି ଦେଖି ମାଲିକ କିଛି ବୁଝିପାରିନଥିଲେ। ସ୍ଥାନୀୟ ଲୋକଙ୍କୁ ସେ ପଚରାଉଚରା କରିଥିଲେ। କୌଣସି ବ୍ୟକ୍ତି ତାଙ୍କର ୪ ଗାଈ ଉପରକୁ ଏସିଡ ମାଡ କରିଥିବା ଜଣାପଡିଥିଲା । ଘଟଣାକୁ ନେଇ ଟାଉନ ଥାନାରେ ମାଲିକ ରାମକ୍ରିଷ୍ଣା ଅଭିଯୋଗ କରିଛନ୍ତି । ପୋଲିସ ଏସଂକ୍ରାନ୍ତରେ ନଂ.୨୯୭/୨୫ ରେ ଏକ ମାମଲା ରୁଜୁ କରିଛି। ଗୋମାତା ଉପରକୁ ଏସିଡ ମାଡ ଘଟଣାକୁ ଅଞ୍ଚଳରେ ନିନ୍ଦା କରାଯାଇଛି।

## ସ୍କୁଟିରେ ପଶିଲା ସାପ, ୮ ଘଣ୍ଟା ଜଗି ରହିଲେ

ଭଞ୍ଜନଗର,୨୬।୭(ବାବୁଲା ପ୍ରଧାନ): ଗଞ୍ଜାମ ଜିଲାରେ ବର୍ଷା ଋତୁରେ ସାପ ସମସ୍ୟା ଅଧିକ ଦେଖିବାକୁ ମିଳୁଛି। ଶନିବାର ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର କର୍ମଚାରୀ କାଳୀ ପ୍ରାସାଦ ତ୍ରିପାଠୀଙ୍କ ସ୍କୁଟିରେ ଏକ ନାଗସାପ ପଶିଯାଇଥିଲା। ଛାତ୍ରମାନେ ଏହା ଦେଖି ହୋହାଲ୍ଲା କରିବା ପରେ ସାପକୁ ଗାଡିରୁ ବାହାର କରିବା ପାଇଁ ବହୁ ଚେଷ୍ଟା କରାଯାଇ ନ ଥିଲେ ମଧ୍ୟ ଯାଇ ନ ଥିଲା। ଏପରିକି ଗାଡ଼ି ନିକଟରେ ଲଙ୍କାକୁ ପୋଡି ଧୂଆଁ ଦେବା ସହ ଫିନାଇଲ ଓ ପାଣି ଢ଼ାଳିଥିଲେ ମଧ୍ୟ ସାପ ବାହାରି ନଥିଲା। ଶେଷରେ କାଳୀପ୍ରସାଦ ପୂର୍ବାହ୍ନରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୮ ଘଣ୍ଟା ଧରି ଗାଡିକୁ ସେଠାରେ ଜଗିରହିଥିଲେ। ତଥାପି ବାହରି ନଥିଲା। ଶେଷରେ କାଳୀପ୍ରସାଦ ଭୟଭୀତ ଅବସ୍ଥାରେ ଗାଡ଼ିକୁ ନେଇ ଗ୍ୟାରେଜ ଯାଇଥିଲେ। ଏହାପୂର୍ବରୁ ଗତ ସପ୍ତାହରେ ଇତିହାସ ବିଭାଗ ଅଧ୍ୟାପକ ଡ. ସୀମାଞ୍ଚଳ ବେହେରାଙ୍କ ବାଇକରେ ମଧ୍ୟ ସାପ ପଶିଯାଇଥିଲା । ବହୁ ଚେଷ୍ଟା ପରେ ମଧ୍ୟ ସାପ ବାହାରିନଥିଲା। କିଛି ଘଣ୍ଟା ପରେ ଆପେ ବାହାରି ଯାଇଥିବା ଅନୁମାନ କରାଯାଉଛି ।

## ଟିପିଏସଓଡିଏଲ ପୁଣି ୧୪ ଆଦର୍ଶ ପଞ୍ଚାୟତର ବିକାଶ କରିବ




ଟିପିଏସଓଡିଏଲ ପକ୍ଷରୁ ପଞ୍ଚାୟତ ମହିଳାଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଚାଲିଛି।

ବ୍ରହ୍ମପୁର,୨୬।୭(ସ୍ମୃତି ରଞ୍ଜନ ମହାଲିକ) ଟିପିଏସଓଡିଏଲ ଦକ୍ଷିଣ ଓଡ଼ିଶାରେ ୧୧୩ ପଞ୍ଚାୟତକୁ ବିକଶିତ କରିଛି। ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହୋଇପାରିଛନ୍ତି। ଏବେ ପୁଣି ୧୪ ଆଦର୍ଶ ପଞ୍ଚାୟତକୁ ବିକାଶରେ ସାମିଲ କରିଛି। ବିଶେଷ କରି ଭିତ୍ତିଭୂମି ବିକାଶ ଓ ସୁରକ୍ଷା ସଚେତନତା ଆବଶ୍ୟକ କରୁଥିବା ପଞ୍ଚାୟତ ପାଇଁ ଉକ୍ତ ଆଦର୍ଶ ପଞ୍ଚାୟତ ଅଭିଯାନ ପ୍ରସ୍ତୁତ କରାଯାଇଛି। ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ, ସମୟାନୁସାରେ ମିଟର ରିଡିଂ ଓ ବିଲିଂ, ନୂତନ ସଂଯୋଗ, ଅଭିଯୋଗ ପ୍ରତିକାର ଏବଂ ଉତ୍ତମ ଗ୍ରାହକ ସେବା ଏହା ଦ୍ୱାରା ସୁନିଶ୍ଚିତ ହେବ। ଏଥିସହ ବୈଦ୍ୟୁତିକ ସୁରକ୍ଷା, ଗୋଷ୍ଠୀ ସଚେତନତା ଓ ଡିଜିଟାଲ ସଶକ୍ତିକରଣ ଉପରେ କମ୍ପାନୀ ଗୁରୁତ୍ୱ ଦେଉଛି। ୮ ଜିଲାର ପଞ୍ଚାୟତକୁ ଚିହ୍ନଟ କରାଯାଉଛି। ଗତ ଆର୍ଥିକ ବର୍ଷରେ ଆଦର୍ଶ ପଞ୍ଚାୟତ ଗୁଡିକରେ ଏସଏଚଜି ପାଇଁ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଓ ଶକ୍ତି ସଂରକ୍ଷଣ ସଚେତନତା ପାଇଁ କ୍ଲବ ଏନର୍ଜି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଆଦର୍ଶ ପଞ୍ଚାୟତ ମାଧ୍ୟମରେ ଏକ ସମାବେଶୀ ବିକାଶ ପାଇଁ କମ୍ପାନୀ ପ୍ରତିବଦ୍ଧ। ଜନସାଧାରଣଙ୍କୁ ସଶକ୍ତ କରିବା ସହିତ ଡିଜିଟାଲ ସାକ୍ଷରତା ଅଭିଯାନ, ସୁରକ୍ଷା ଓ ଗୁଣାତ୍ମକ ବିଦ୍ୟୁତ ସେବାକୁ ଗ୍ରାମାଞ୍ଚଳରେ ସୁଦୃଢ଼ ପାଇଁ ଏହି ବ୍ୟବସ୍ଥା ହାତକୁ ନିଆଯାଇଛି। ବର୍ତ୍ତମାନ ଆଦର୍ଶ ପଞ୍ଚାୟତ ସଂଖ୍ୟା ୧୨୭ରେ ପହଞ୍ଚିଛି ବୋଲି ସେ କହିଛନ୍ତି।

## ଦୋଷ କଲା ପୁଅ, ଦଶା ଭୋଗୁଛନ୍ତି ପରିବାର

■ ଗ୍ରାମରୁ ବାସନ୍ଦ, ଥାନାରେ ଏତଲା

ଗଞ୍ଜାମ,୨୬।୭(ବିଦ୍ୟାଧର ସାହୁ)– ପୁଅ ଦୋଷ କଲା ମାତ୍ର ସାରା ପରିବାର ଦଶା ଭୋଗୁଛନ୍ତି। ଏନେଇ ଗ୍ରାମର କାମରାଜୁ ତରେଇ ଗାଁ କମିଟି ସଭାପତିଙ୍କ ସମେତ କେତେ ଜଣ ବ୍ୟକ୍ତିଙ୍କ ନାମରେ ରମ୍ଭା ଥାନାରେ ଗତ କିଛି ଦିନତଳେ ଏତଲା ଦେଇ ଅଭିଯୋଗ କରିଛନ୍ତି। ଗଞ୍ଜାମ ବ୍ଲକ ରମ୍ଭା ଥାନା ଅଧୀନ ପ୍ରୟାଗି ଗ୍ରାମରେ ଏପରି ଦେଖିବାକୁ ମିଳିଛି।

ଖବରରୁ ଜଣାପଡିଛି, କାମରାଜୁଙ୍କ ପୁଅ ସମୀର ହାଇଦ୍ରାବାଦରେ ଏକ ଘରୋଇ କମ୍ପାନୀରେ କାମ କରୁଛନ୍ତି। ସେଠାରେ ଜଣେ ଯୁବତୀଙ୍କ ସହ ଇନ୍‌ଷ୍ଟାଗ୍ରାମରୁ ତାଙ୍କର ପ୍ରେମସମ୍ପର୍କ ଗଢି ଉଠିଥିଲା। ଦୁଇବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସେମାନେ ଲିଭଇନ୍‌ରେ ରହିବା ପରେ ତାଙ୍କୁ ବିବାହ କରିବାକୁ ସମୀର ରାଜି ହୋଇ ନ ଥିଲେ। ଯୁବତୀ ଜଣକ ମାସେ ତଳେ ସମୀରଙ୍କ ପ୍ରୟାଗି ଗ୍ରାମକୁ ଆସି ଘର ଆଗରେ ଧାରଣାରେ ବସିଥିଲେ। ଏନେଇ ଗ୍ରାମବାସୀ ଆଲୋଚନା କରି ତାଙ୍କୁ ସମୀରଙ୍କ ଘରେ ରହିବାକୁ କହିବା ପରେ ଯୁବତୀ ଜଣକ ସମୀରଙ୍କ ଘରେ ରହି ଆସୁଛନ୍ତି। ସମୀର ଘରକୁ ଆସୁ ନ ଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ଉକ୍ତ ପରିବାରକୁ ଗ୍ରାମରୁ ବାସନ୍ଦ କରାଯାଇଛି। ଗତ କିଛିଦିନ ତଳେ କାମରାଜୁଙ୍କ ମା'ଙ୍କ ମୃତ୍ୟୁ ହୋଇଥିଲା। ବ୍ରାହ୍ମଣ ଓ ଭଣ୍ଡାରୀ ତାଙ୍କ କାର୍ଯ୍ୟରେ ସାମିଲ ନ ହେବାରୁ ସେ ପୁରୀରେ ମା'ଙ୍କ ଶୁଦ୍ଧିକ୍ରିୟା ସମ୍ପନ୍ନ କଲେ। ଶୁକ୍ରବାର ରମ୍ଭା ଥାନା ପକ୍ଷରୁ ଏହାର ସମାଧାନ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ସୂଚନାଯୋଗ୍ୟ, ଗ୍ରାମର କିଛି ଖଳପ୍ରକୃତିର ଲୋକ ସମ୍ପୃକ୍ତ ଯୁବତୀଙ୍କୁ ସମୀରଙ୍କ ଘରେ ରହିବାକୁ କହିବା ସହ ସେଠାରେ ଆତ୍ମହତ୍ୟା କରିବା ପାଇଁ ପ୍ରବର୍ତ୍ତାଉଛନ୍ତି। ପୋଲିସ କଥାକୁ ନ ଶୁଣିବାକୁ ସେମାନେ ଯୁବତୀ ଜଣଙ୍କୁ କହୁଥିବା କାମରାଜୁ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ଏନେଇ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇଙ୍କୁ ପଚାରିବାରୁ ସେ କହିଲେ, ଘଟଣା ନେଇ ଥାନାରେ ଅଭିଯୋଗ ହୋଇଛି। ଏହାର ତଦନ୍ତ ଜାରି ରହିଛି। ରମ୍ଭା ଆଇଆଇସି କୁମାର ମୁଦୁଲିଙ୍କୁ ପଚାରିବାରୁ ସେ କହିଛନ୍ତି, ଏହାର ସମାଧାନ ପାଇଁ ଉଦ୍ୟମ ଜାରି ରହିଛି। ଖୁବଶୀଘ୍ର ଏଦିଗରେ ପଦକ୍ଷେପ ନିଆଯିବ।

## ଦୁର୍ଘଟଣାରେ ୪ କାଉଡ଼ିଆ ଗୁରୁତର

ଜଗନ୍ନାଥ ପ୍ରସାଦ,୨୬।୭ (ବିଭୁ ପ୍ରସାଦ ପଟ୍ଟନାୟକ) ଜଗନ୍ନାଥ ପ୍ରସାଦ ଥାନା ୨୧ନଂ. ରାଜ୍ୟ ରାଜପଥରେ ବାଇକ ଦୁର୍ଘଟଣା ଘଟି ୪ଜଣ କାଉଡିଆ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଫୁଲବାଣୀ ଅଞ୍ଚଳର ରାମହରି ସାହୁ (୨୩), ରାଇକିଆର ଗ୍ରାମର ଦ୍ୱିତୀକୃଷ୍ଣ ନାୟକ (୨୮), ରାହୁଲ ବେହେରା (୨୧) ଓ ପ୍ରଦ୍ୟୁମ୍ନ ସାହୁ (୨୦)। ୪୫ ଜଣିଆ କାଉଡିଆ କନ୍ଧମାଳ ଜିଲା ରାଇକିଆରୁ ନୟାଗଡ଼ ଜିଲା ଓଡଗାଁ ଦୁତିକେଶ୍ୱର ମନ୍ଦିରକୁ ପାଣି ନେଇ ଯାଉଥିଲେ। ଜଗନ୍ନାଥ ପ୍ରସାଦ ଥାନା ନିକଟ ହନୁମାନ ମନ୍ଦିର ଠାରେ ପଛ ପଟୁ ଆସୁଥିବା (ନଂ. ଓଡି-୩୨-୦୫୭୬) ବାଇକ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ୧୦ରୁ ଉର୍ଦ୍ଧ୍ୱ କାଉଡିଆ ରାସ୍ତା ପାର୍ଶ୍ୱରେ ଛିଟିକି ପଡ଼ିଥିଲେ। ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ନାରାୟଣୀ ନାମକ ଏକ ଯାତ୍ରୀବାହି ବସ କର୍ମଚାରୀ ଆହତ ମାନଙ୍କୁ ଆଣି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ବାଇକ ଜବତ କରିବା ସହ ଚାଳକ ଫେରାର ଥିବା ବେଳେ ପଛରେ ବସିଥିବା ଯୁବକଙ୍କୁ ପୋଲିସ ଅଟକ ରଖିଛି।

### ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ

## 'ଏକାଗ୍ରତାର ସହ ଅଧ୍ୟୟନ କଲେ ସଫଳତା ମିଳିବ'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପୁରସ୍କୃତ ଛାତ୍ରୀଛାତ୍ର।

ବେଲଗୁଣ୍ଠା,୨୬।୭(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ବେଲଗୁଣ୍ଠା ବ୍ଲକ କ୍ଷେତ୍ରିୟବରପୁରସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟର ୪୨ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ପୌରହିତ୍ୟରେ ହୋଇଥିବା କାର୍ଯ୍ୟକ୍ରମକୁ ସାଂସ୍କୃତିକ ପରିଷଦ ଉପସଭାପତି ଦେବେଶ ଚନ୍ଦ୍ର ମହାପାତ୍ର ସଂଯୋଜନା କରିଥିଲେ। ଅଧ୍ୟାପକ ତ୍ରିନାଥ ବେହେରା ସ୍ୱାଗତ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ରୂପେ ଭଞ୍ଜନଗର ଆରଡିଓ ଶୁଭେନ୍ଦୁ ରଞ୍ଜନ ରାୟ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନେ ଏକାଗ୍ରତାର ସହ ଅଧ୍ୟୟନ କଲେ ସଫଳତା ପାଇପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଅଶୋକ ତ୍ରିପାଠୀ ଶିକ୍ଷାନୁଷ୍ଠାନରେ ଉପଯୁକ୍ତ ଶୈକ୍ଷିକ ବାତାବରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ରୂପେ କ୍ଷେତ୍ରିୟବରପୁର ସରପଞ୍ଚ କମଳ କୁମାରୀ ପ୍ରଧାନ, ଭଞ୍ଜନଗର ବିଇଓ ଲୋପାମୁଦ୍ରା ରଥ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ମହାନ୍ତି ଏବଂ ବି. ଗୋବିନ୍ଦ ରାଓ ଅନୁଷ୍ଠାନର ଇତିହାସ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ପରିସରରେ କାର୍ଗିଲ ବିଜୟ ସ୍ମାରକୀ ଚାରାରୋପଣ କରିଥିଲେ। ଅତିଥିମାନେ ଚଳିତ ବର୍ଷ ବିଦ୍ୟାଳୟର ଯୁକ୍ତଦୁଇ ପରୀକ୍ଷାରେ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖିଥିବା ଶ୍ରୀତମ ନାୟକ, କଳା ବିଭାଗରେ କେ. ନିକିତା ପାତ୍ର, ଶ୍ରେଷ୍ଠ ଯୁବ ରେଡ଼କ୍ରସ୍ ସ୍ୱେଚ୍ଛାସେବୀ ଶିବାନୀ ଗୌଡ଼, ଗୁରୁକୃଷ୍ଣ ପୋଲାଇ, ଶ୍ରେଷ୍ଠ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଉମରୁଧର ସ୍ୱାଇଁ, ରମ୍ଭା ରାଉତ, ଶ୍ରେଷ୍ଠ ସ୍କାଉଟ୍ ରୋଭର ସଙ୍କେତ ଶେଖର ପ୍ରଧାନ ଏବଂ ଶ୍ରେଷ୍ଠ ସ୍କାଉଟ୍ ରେଞ୍ଜର ରୂପେ ଇତିଶ୍ରୀ ସ୍ୱାଇଁଙ୍କୁ ପୁରସ୍କୃତ କରିଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ ତ୍ରିପାଠୀ, ସୂର୍ଯ୍ୟକାନ୍ତ ମହାନ୍ତିଙ୍କୁ ୧୯୮୪ ମସିହା ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ ପରିଷଦର ଉପସଭାପତି ସୁଶାନ୍ତ ଲେଙ୍କା ଧନ୍ୟବାଦ ଦେଇଥିଲେ।

# ଏମ୍‌କେସିଜି ପକ୍ଷରୁ ଆଉଟ୍‌ସୋର୍ସିଂ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ

### ଆଟେଣ୍ଡାଣ୍ଟଙ୍କୁ ଇପିଏଫ୍-ଇଏସ୍‌ଆଇ ପ୍ରଦାନ କରା ନ ଯିବା ଘଟଣା

ବ୍ରହ୍ମପୁର,୨୬।୭(ସୁବାସ ଚନ୍ଦ୍ର ପାଢ଼ୀ) ବର୍ଷ ବର୍ଷ ଧରି ଏମକେସିଜିରେ ରୋଗୀ ସେବା କରୁଛନ୍ତି । ନିୟମିତ ସରକାରୀ କର୍ମଚାରୀଙ୍କ ଅଭାବ ପୁରଣ କରିବା ସହ ଅତି କମ ଦରମାରେ ବ୍ରହ୍ମପୁର ବଡ ଡାକ୍ତରଖାନାର ଯାବତୀୟ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ରୋଗୀଙ୍କୁ ଷ୍ଟ୍ରେଚରରେ ନେବାଆଣିବା ଠାରୁ ଆରମ୍ଭ କରି ଅଧିକାରୀଙ୍କ ସେବା କରୁଛନ୍ତି । ହେଲେ ବର୍ଷ ବର୍ଷ ଧରି ଅବହେଳାର ଶିକାର ହୋଇ ଆସୁଛନ୍ତି । ଏମକେସିଜି ମେଡିକାଲ କଲେଜ ଓ ହସପିଟାଲରେ ଆଉଟସୋର୍ସିଂ ସଂସ୍ଥା ଦ୍ୱାରା ନିୟୋଜିତ ୩୦୦ରୁ ଅଧିକ ଆଟେଣ୍ଡାଣ୍ଟଙ୍କ ଆଜି ଏଭଳି ଦୁର୍ଦ୍ଦଶା । ଏହି ଆଟେଣ୍ଡାଣ୍ଟଙ୍କୁ ନିଯୁକ୍ତ ଦେଇଥିବା ଅଭିରାମ କେୟାରଟେକିଂ ଆଣ୍ଡ ଏକ୍ସପର୍ଟ ସର୍ଭିସ ନାମକ ଆଉଟସୋର୍ସିଂ ସଂସ୍ଥାର ମନମୁଖୀ କାର୍ଯ୍ୟ ଯୋଗୁ ଏମକେସିଜି ବଦନାମ ହେବା ସହ ଶତାଧିକ କର୍ମଚାରୀ ସାମାଜିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି । ତେବେ ଏହି ସଂସ୍ଥାର ମନମୁଖୀ କାର୍ଯ୍ୟ ସାମ୍ନାକୁ ଆସିବା ପରେ ଏମ୍‌କେସିଜିର ଅଧୀକ୍ଷକ ସଂସ୍ଥାକୁ ଆଟେଣ୍ଡାଣ୍ଟଙ୍କ ଇପିଏଫ୍-ଇଏସ୍‌ଆଇ କାହିଁକି ପୈଠ କରିନ ବୋଲି ଏକ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ବାରମ୍ବାର ଅଭିଯୋଗ ପରେ ମଧ୍ୟ କର୍ମଚାରୀଙ୍କ ଇପିଏଫ୍-ଇଏସ୍‌ଆଇ ପଇଠ କରୁନଥିବାରୁ ସଂସ୍ଥାକୁ କାହିଁକି କଳା ତାଲିକାଭୁକ୍ତ କରାଯିବ ନାହିଁ ତାହାର ଉତ୍ତର ଦେବାକୁ ଅଧୀକ୍ଷକ ଏହି ସଂସ୍ଥାର ପରିଚାଳନା ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ପ୍ରଶ୍ନ କରିଛନ୍ତି । ଉକ୍ତ ମେଡିକାଲରେ ୩୦୦ରୁ ନିୟମିତ ସରକାରୀ ଆଟେଣ୍ଡାଣ୍ଟ ପଦ ଖାଲି ରହିଛି । ଏହି ନିୟମିତ ପଦ ବଦଳରେ ସରକାରଙ୍କ ପକ୍ଷରୁ ଆଉଟ୍‌ସୋର୍ସିଂ ସଂସ୍ଥା ଜରିଆରେ ଏମ୍‌କେସିଜିରେ ଆଟେଣ୍ଡାଣ୍ଟ ନିଯୁକ୍ତ କରାଯାଇଛି । ଆଜକୁ ୪ ବର୍ଷରୁ ଅଧିକ ସମୟ ହେବ ଅଭିରାମ କେୟାରଟେକିଂ ସଂସ୍ଥା ଆଟେଣ୍ଡାଣ୍ଟ ନିଯୁକ୍ତି ପାଇଁ ଟେଣ୍ଡର ପାଇଛି । ହେଲେ ଏହି ସଂସ୍ଥା ଦ୍ୱାରା ନିଯୁକ୍ତ କର୍ମଚାରୀଙ୍କୁ ନିୟମିତ ଦରମା ପ୍ରଦାନ କରାଯାଉନଥିବା ଅଭିଯୋଗ ହୋଇଆସୁଛି । ସେହିପରି କର୍ମଚାରୀଙ୍କ ବକେୟା ଦରମା ଦିଆଯାଇନଥିବା ବେଳେ ଠିକ୍ ଭାବେ ଇପିଏଫ୍ ଓ ଇଏସ୍‌ଆଇ ଟଙ୍କା ପୈଠ କରାଯାଉ ନଥିବା ଅଭିଯୋଗ ହେଉଛି । ଏ ନେଇ କର୍ମଚାରୀଙ୍କ ପକ୍ଷରୁ କିଛିଦିନ ତଳେ ଏମ୍‌କେସିଜି ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା । ପରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ସଂସ୍ଥାର ଅଧିକାରୀଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ କୁହାଯାଇଥିଲା । ହେଲେ ସଂସ୍ଥା ପକ୍ଷରୁ ଅଧୀକ୍ଷକଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଥିଲା । ଫଳରେ ଅଧୀକ୍ଷକଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। କର୍ମଚାରୀଙ୍କ ଇପିଏଫ୍- ଇଏସ୍‌ଆଇ ପୈଠ ନକରିବାରୁ ଚୁକ୍ତିନାମାର ଉଲ୍ଲଙ୍ଘନ କରୁଥିବା ଉକ୍ତ ନୋଟିସରେ ଉଲ୍ଲେଖ କରାଯିବା ସହ ୭ ଦିନ ଭିତରେ ଏହାର ଉତ୍ତର ରଖିବାକୁ କୁହାଯାଇଛି । ଏଥିରେ ବିଫଳ ହେଲେ ସଂସ୍ଥା ବିରୋଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧୀକ୍ଷକଙ୍କ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ, ଅଭିରାମ କେୟାରଟେକିଂ ସଂସ୍ଥା ପକ୍ଷରୁ ଆଟେଣ୍ଡାଣ୍ଟଙ୍କୁ ୟୁନିଫର୍ମ ଓ ପରିଚୟପତ୍ର ପ୍ରଦାନ କରାଯାଉନଥିବାରୁ ଏମ୍‌କେସିଜିକୁ ଆସୁଥିବା ରୋଗୀମାନେ ସେମାନଙ୍କୁ ଚିହ୍ନି ପାରୁନଥିବା ଅଭିଯୋଗ ହେଉଛି । ଯାହା ଏମକେସିଜିର ରୋଗୀ ସେବାରେ ବ୍ୟାଘାତ ସୃଷ୍ଟି କରିବା ସହ ଦଲାଲ ରାଜକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଛି ।

# ବିହାରରୁ ମାରଣାସ୍ତ୍ର କିଣି ଓଡ଼ିଶାରେ ବିକ୍ରି

■୫ ବନ୍ଧୁକ, ୧୩ ଜୀବନ୍ତ ଗୁଳି, ଗୋଟିଏ ସ୍କୁଟି ସହ ୩ ମୋବାଇଲ ଜବତ

■ବେଆଇନ ଅସ୍ତ୍ରଶସ୍ତ୍ର ସହ ୬ ଅଭିଯୁକ୍ତ ଗିରଫ

କଟକ,୨୬।୭(କାର୍ତ୍ତିକ ସାହୁ)



ଗିରଫ ଅଭିଯୁକ୍ତ ଓ ଜବତ ଅସ୍ତ୍ରଶସ୍ତ୍ର।

ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ମାଲଗୋଦାମ ଥାନା ପୋଲିସ ୬ଜଣଙ୍କୁ ଶନିବାର ଗିରଫ କରିଛି। ସେମାନଙ୍କ ନିକଟରୁ ୫ଟି ବନ୍ଧୁକ, ୧୩ଟି ଜୀବନ୍ତ ଗୁଳି, ଗୋଟିଏ ସ୍କୁଟି ଓ ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ଯୋବ୍ରା ମାଟିଆ ମଙ୍ଗଳା ଛକର କାଦୁଆ ଓରଫ ଦେବଦତ୍ତ ସିଂ ବେହେରା(୨୬), ଯୋବ୍ରା ମହ୍ଲାସାହିର ରାଜା ଓରଫ ପୀୟୂଷ ରେଡ୍ଡୀ (୨୦), ଯୋବ୍ରା ନଦୀକୂଳସାହିର ନନ୍ଦ ଓରଫ ବିଜୟ ରାଓ (୩୬), ଯୋବ୍ରା ନୂଆସାହିର ହାପି ଓରଫ ଜ୍ୟୋତିରଞ୍ଜନ ନାୟକ (୨୩), ବିଦ୍ଦୁ ଓରଫ ବୈଦ୍ୟନାଥ ବେହେରା (୨୨) ଓ ଯୋବ୍ରା ଡଳସାହିର ତପୁ ଓରଫ ତପନ ସେଠୀ (୨୦)। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏକାଧିକ ଆପରାଧିକ ମାମଲା ବିଭିନ୍ନ ଥାନାରେ ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। କାଦୁଆ ନାମରେ ୪ଟି, ରାଜା ନାମରେ ୩ଟି, ନନ୍ଦ ନାମରେ ୧୪ଟି ଓ ବିଦ୍ଦୁ ନାମରେ ଗୋଟିଏ ମାମଲା ରହିଛି। ଏ ନେଇ ମାଲଗୋଦାମ ଥାନାରେ ଏକ ମାମଲା (ନଂ.୧୭୬/୨୦୨୫) ରୁଜୁ ହୋଇଛି। ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା କଟକ ଡିସିପି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ସୂଚନାନୁସାରେ, କାଦୁଆଙ୍କ ନିକଟରେ ବେଆଇନ ଅସ୍ତ୍ରଶସ୍ତ୍ର ରହିଥିବା ନେଇ ମାଲଗୋଦାମ ଥାନା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଜୋନ୍-୧ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ଗଠିତ ସ୍ପେଶାଲ ସ୍କ୍ୱାଡ୍ ଶୁକ୍ରବାର ସନ୍ଧ୍ୟାରେ କାଦୁଆଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଗୋଟିଏ ୭.୬୫ ମିମି ପିସ୍ତଲ ଓ ୫ ରାଉଣ୍ଡ ଗୁଳି ଜବତ ହୋଇଥିଲା। ପଚରାଉଚରା ବେଳେ କାଦୁଆ ବିହାରରୁ ବେଆଇନ ଅସ୍ତ୍ରଶସ୍ତ୍ର ଆଣୁଥିବା ସ୍ୱୀକାର କରିଥିଲେ। ସେ ବିହାରରୁ ୬ଟି ବନ୍ଧୁକ କିଣିଥିବା ବେଳେ ସହ ତନ୍ମଧ୍ୟରୁ ୫ଟି ବିକ୍ରି କରିଦେଇଥିବା ପୋଲିସ ନିକଟରେ ମାନିଥିଲେ। ଏହି ମାରଣାସ୍ତ୍ରଗୁଡ଼ିକୁ ଅସାମାଜିକ କାର୍ଯ୍ୟକଳାପ ଘଟାଇବା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିବା ପୋଲିସ ଅବଗତ ହୋଇଥିଲା। କାଦୁଆଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଥିଲା।

# ପାରିବାରିକ କଳହ: ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣିଲେ ସ୍ୱାମୀ

ହରଭଙ୍ଗା,୨୬।୭(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ପୁରୁଣାକଟକ ଥାନା ପଛପଟ ବସ୍ତିରେ ପାରିବାରିକ କଳହରୁ ଶୁକ୍ରବାର ରାତିରେ ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ କୁନି ଗୁରୁ(୩୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଡାକ୍ତରଖାନାକୁ ପଠାଇଛି। ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ସାଜନ ପ୍ରଧାନ (୩୮)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୁରୁଣାକଟକ ଥାନାରେ ଏକ ମାମଲା (ନଂ.୧୧୪/୨୫) ରୁଜୁ କରି ଅଧିକ ତଦନ୍ତ ଚାଲିଛି।

ମିଳିଥିବା ସୂଚନା ମୁତାବକ, ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଡୁକୁଲୁଣ୍ଡା ଗ୍ରାମର ସାଜନ ନିକଟସ୍ଥ ଲୋକାପଡା ଗ୍ରାମର କୁନିଙ୍କୁ ୧୦ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ଉଭୟ ଭିନ୍ନ ଭିନ୍ନ ଜାତିର ହୋଇଥିବାରୁ ବିବାହ ପରେ ବାହାର ରାଜ୍ୟକୁ ଯାଇ ଶ୍ରମିକ ଭାବେ କାମ କରି ଚଳୁଥିଲେ। କିଛିବର୍ଷ ହେଲା ଉଭୟ ବାହାର ରାଜ୍ୟରୁ ଫେରିଆସି ପୁରୁଣାକଟକ ଥାନା ପଛପଟ ବସ୍ତିରେ ଘର ରହିଆସୁଥିଲେ। ଗତ ଶୁକ୍ରବାର ରାତିରେ ପାରିବାରିକ କହଳରୁ ସାଜନ ଏକ ଟାଙ୍ଗିଆରେ କୁନିଙ୍କୁ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପୁରୁଣାକଟକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ କୁନିଙ୍କ ମୃତ୍ୟୁ ହୋଇଥିଲା। ଏପଟେ ଅଭିଯୁକ୍ତ ସ୍ୱାମୀ ସ୍ତ୍ରୀଙ୍କୁ ହାଣିବା ପରେ ଥାନାରେ ଆତ୍ମସମର୍ପଣ କରିଥିଲେ।

# ଗୁଣି ସନ୍ଦେହରେ ହାତଗୋଡ଼ ବାନ୍ଧି ମାଡ଼

## ମାମଲା ରୁଜୁ କଲା ପୋଲିସ

ଦିଗପହଣ୍ଡି,୨୬।୭(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲାର ଗ୍ରାମାଞ୍ଚଳଗୁଡିକରେ ଅନ୍ଧବିଶ୍ୱାସ ଥମିବାର ନାଁ ଧରୁନି। ଦିଗପହଣ୍ଡି ବ୍ଲକ ବାସୁଦେବପୁର ଗ୍ରାମର ଜଣେ ବ୍ୟକ୍ତି ଗୁଣି କରୁଥିବା ସନ୍ଦେହ କରି ଗ୍ରାମର କେତେଜଣ ତାଙ୍କ ହାତଗୋଡ଼ ବାନ୍ଧି ନିସ୍ତୁକ ମାଡ଼ ମାରିଛନ୍ତି। ଆକ୍ରୋଶର ଶିକାର ହୋଇଥିବା କେ.ପଞ୍ଚାନନ ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ମାଡ଼ ମାରିଥିବା ଅଭିଯୋଗରେ ଗ୍ରାମର ୪ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଗ୍ରାମର ଜଣେ ଯୁବତୀଙ୍କ ଦେହ ଖରାପ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରୋଗ ନିରୂପଣ ନ ହେବାରୁ ତାଙ୍କୁ କେହି ଗୁଣି କରିଥିବା ପରିବାର ଲୋକେ ସନ୍ଦେହ କରିଥିଲେ। ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଯୁବତୀଙ୍କ ଉପରେ ତନ୍ତ୍ରବିଦ୍ୟା ପ୍ରୟୋଗ କରୁଥିବାରୁ ଏପରି ହୋଇଛି ବୋଲି ଗ୍ରାମ ନିକଟର ଜଣେ ତନ୍ତ୍ର ସାଧକ କହିଥିଲେ। ପରେ ଯୁବତୀଙ୍କ ପରିବାର ଓ ସମ୍ପର୍କୀୟ ପଞ୍ଚାନନଙ୍କୁ ସନ୍ଦେହ କରି ଗତ ବୁଧବାର ରାତିରେ ମାଡ଼ ମାରିଥିବା ଏତଲାରେ ଉଲ୍ଲେଖ ରହିଛି। ଏ ନେଇ ନଂ.୨୬୨/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଭାରପ୍ରାପ୍ତ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

# ୧ କୋଟି ୮୦ ଲକ୍ଷର ଗିଫ୍ଟ କାର୍ଡ ଲୁଟ୍

## ତାଳଚେରସ୍ଥିତ ଖଣି କାର୍ଯ୍ୟାଳୟରୁ ଛେଣ୍ଡିପଦା ଯାଉଥିଲା

ତାଳଚେର,୨୬।୭ (ମନୋଜ ନନ୍ଦ)


ଖଣି କର୍ମଚାରୀଙ୍କ ବଣ୍ଟନ ପାଇଁ ଗାଡ଼ିରେ ନିଆଯାଉଥିବା ୧ କୋଟି ୮୦ ଲକ୍ଷ ୬୦ ହଜାର ଟଙ୍କାର ଗିଫ୍ଟ କାର୍ଡକୁ ଲୁଟି ନିଆଯାଇଛି। ଅନୁଗୋଳ ଜିଲା କୋଶଳା-କୁମୁଣ୍ଡା ରାସ୍ତାର ତାଳଚେର ଗୋପାଳପ୍ରସାଦ ଥାନା ବଡ଼କାଠିଆ ଜଙ୍ଗଲଠାରେ ଶନିବାର ଅପରାହ୍ନ ପ୍ରାୟ ୪ଟାରେ ଏହି ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ନଂ.୧୯୬/୨୫ରେ ମାମଲା ରୁଜୁ କରାଯାଇ ଗୋପାଳପ୍ରସାଦ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି।

ସୂଚନା ଅନୁଯାୟୀ, ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଅନନ୍ତ କୋଇଲା ଖଣି କାର୍ଯ୍ୟାଳୟରୁ ଛେଣ୍ଡିପଦା ଭିପିଆର୍ କମ୍ପାନୀ ଅଧିକାରୀ ବି. ବିନୋଦ କୁମାର ଏକ ବୋଲେରୋରେ ୨୪୦୮ଟି ଗିଫ୍ଟ କାର୍ଡ ଧରି ଛେଣ୍ଡିପଦା କୋଇଲା ଖଣିକୁ ଯାଉଥିଲେ। ପ୍ରତ୍ୟେକ ଗିଫ୍ଟ କାର୍ଡର ମୂଲ୍ୟ ୭୫୦୦ ଟଙ୍କା। ତେବେ ଖଣି ଅଧିକାରୀ କୋଶଳା-କୁମୁଣ୍ଡା ରାସ୍ତାର ବଡ଼କାଠିଆ ଜଙ୍ଗଲ ନିକଟରେ ହୋଇଥିବା ବେଳେ



କର୍ମଚାରୀଙ୍କ ପାଇଁ ନିଆଯାଉଥିବା ଗିଫ୍ଟ କାର୍ଡ।

ହଠାତ୍ ଏକ ସ୍କର୍ପିଓରେ ୩/୪ ଜଣ ଲୁଟେରା ଆସି ବୋଲେରୋକୁ ଅଟକାଇଥିଲେ। ଲୁଟେରାମାନେ ଖଣି ଅଧିକାରୀଙ୍କୁ ଧମକ ଦେବା ସହ ମାଡ଼ ମାରି ସମସ୍ତ ଗିଫ୍ଟ କାର୍ଡ ଲୁଟି ନେଇ ପଳାଇଥିଲେ। ଖବରପାଇ ଗୋପାଳପ୍ରସାଦ ଓ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏ ସଂକ୍ରାନ୍ତରେ ଗୋପାଳପ୍ରସାଦ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।





ଗିଫ୍ଟ କାର୍ଡ ନେଇ ଯାଉଥିବା ବୋଲେରୋ।

# ଡାକ୍ତରଙ୍କ ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

କେନ୍ଦୁଝର/ଛେନାପଦି,୨୬।୭(ନରେଶ ଚନ୍ଦ୍ର ପଟ୍ଟନାୟକ/ ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ପୋଲିସ ଶନିବାର ଚକ୍ରଧରପୁର ଆୟୁଷ ଚିକିତ୍ସାଳୟର ସରକାରୀ କ୍ୱାର୍ଟର୍ସରେ ଜଣେ ଡାକ୍ତରଙ୍କ ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଡା. ବିଭୁପ୍ରସାଦ ନାୟକଙ୍କ ସ୍ତ୍ରୀ ରୋଜିନା ନାୟକ (୨୫)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି। ଘର କବାଟ ଭିତରପଟୁ ବନ୍ଦ ଥିବାରୁ ଏହା ଏକ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଥିବା ବେଳେ ପରିବାର ଲୋକେ ଯୌତୁକଜନିତ ହତ୍ୟା ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଆନନ୍ଦପୁର ଥାନା ଅନ୍ତର୍ଗତ ହାଟଡ଼ିହୀ ବ୍ଲକ୍ ଇଞ୍ଚଳ ଗ୍ରାମର ଡା. ବିଭୁପ୍ରସାଦଙ୍କ ବିବାହ ବର୍ଷେ ପୂର୍ବେ ଆନନ୍ଦପୁର ଥାନା ତରଭା ଗ୍ରାମର ପଞ୍ଚାନନ ନାୟକଙ୍କ ଝିଅ ରୋଜିନାଙ୍କ ସହିତ ହୋଇଥିଲା। ବିବାହ ବେଳେ ୫.୫୦ ଲକ୍ଷ ଟଙ୍କା ଦାବି ମୁତାବକ ଯୌତୁକ ଦେଇଥିଲେ। ଅଧିକ ଯୌତୁକ ଦାବି କରି ଝିଅକୁ ତାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ନନ୍ଦିପଦା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ଏଣୁ ତାଙ୍କୁ ସେମାନେ ମାରି ଟାଙ୍ଗି ଦେଇ ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ପଞ୍ଚାନନ କରିଛନ୍ତି। ଅନ୍ୟପକ୍ଷେ ଦମ୍ପତିଙ୍କ ମଧ୍ୟରେ କିଛିଦିନ ହେବ ବିବାଦ ଲାଗି ରହିଥିଲା। ଏ ନେଇ ଡାକ୍ତର ବିଭୁପ୍ରସାଦ ଘରେ ରହୁ ନ ଥିଲେ। ଶୁକ୍ରବାର ସ୍ତ୍ରୀ ମେଡିକାଲ ଯାଇ ଖୋଜାଖୋଜିକରିପାଇ ନ ଥିଲେ। କ୍ୱାର୍ଟର୍ସ ଫେରିବା ପରେ ଶନିବାର ସକାଳେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିବାରୁ ସନ୍ଦେହ ସୃଷ୍ଟି ହୋଇଛି। ଏଣୁ ମାନସିକ ଚାପରେ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୩୦/୨୦୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଘରୁ ଡାକିନେଇ ବେକ କାଟିଦେଲେ ସାଙ୍ଗ

## ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

ଉଦଳା,୨୬।୭ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ରାଢ଼ୋ ଗ୍ରାମରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ସାଙ୍ଗଙ୍କୁ ଘରୁ ଡାକିନେଇ ବିଲ ହିଡ଼ରେ ତାଙ୍କ ବେକକୁ ଧାରୁଆ ଅସ୍ତ୍ରରେ କାଟି ଗୁରୁତର କରିଛନ୍ତି ଅନ୍ୟ ଜଣେ ସାଙ୍ଗ। ଗୁରୁତର ସାଙ୍ଗ ଜଣକ ହେଲେ ଯତିନ୍ଦ୍ର ପାତ୍ର। ଚିକିତ୍ସା ପାଇଁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ପୋଲିସ ଏକ ମାମଲା(ନଂ. ୩୦୫/୨୫) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ସାଙ୍ଗ ପ୍ରଶାନ୍ତ ଦଳେଇ ଫେରାର ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଯତିନ୍ଦ୍ର ଘରେ ଥିବା ବେଳେ ପ୍ରଶାନ୍ତ ତାଙ୍କୁ ଡାକି ନେଇଥିଲେ। ତେବେ କିଛି ସମୟ ପରେ ଯତିନ୍ଦ୍ର ଗୁରୁତର ଅବସ୍ଥାରେ ଗାଁ ନିକଟସ୍ଥ ବିଲ ହିଡ଼ରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ପରିବାର ଲୋକେ ପହଞ୍ଚି ଯତିନ୍ଦ୍ରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନା ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଥିଲା। ପ୍ରଶାନ୍ତ ଘରୁ ଡାକିନେଇ ଆକ୍ରମଣ କରିଥିବା ଯତିନ୍ଦ୍ରଙ୍କ ଭାଇ ରାଜେନ୍ଦ୍ର ଅଭିଯୋଗ କରିଛନ୍ତି। ତେବେ ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନାହିଁ।

## Business

# ଦୀର୍ଘସ୍ଥାୟୀ ଭିତ୍ତିଭୂମି ବିକାଶ ଦିଗରେ ନୂଆ ମାଇଲଖୁଣ୍ଟ

## ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ଷ୍ଟିଲ୍ ସ୍ଲାଗ୍ ଭେଲରାଇଜେଶନ ଟେକ୍ନୋଲୋଜି ପାଇଁ ଲାଇସେନ୍ସ ପ୍ରଦାନ

ଭୁବନେଶ୍ୱର,୨୬।୭





ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଜାତୀୟ ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ (ସିଏସ୍‌ଆଇଆର୍) ଏବଂ ଜାତୀୟ ସଡ଼କ ଗବେଷଣା ପ୍ରତିଷ୍ଠାନ (ସିଆର୍‌ଆର୍‌ଆଇ) ସହଭାଗିତାରେ କମ୍ପାନୀ ସଡ଼କ ନିର୍ମାଣ କ୍ଷେତ୍ରରେ ପ୍ରାକୃତିକ ଏଗ୍ରିଗେଟ୍ସଗୁଡ଼ିକର ବିକଳ୍ପ ସ୍ୱରୂପ ପ୍ରକ୍ରିୟାକୃତ ଷ୍ଟିଲ୍ ସ୍ଲାଗ୍ ସଡ଼କ ପ୍ରଯୁକ୍ତିବିଦ୍ୟା ବ୍ୟବହାରକୁ ପ୍ରୋତ୍ସାହିତକରି ଦୀର୍ଘସ୍ଥାୟୀ ଭିତ୍ତିଭୂମି ବିକାଶ ଦିଗରେ ଏକ ନୂଆ ମାଇଲଖୁଣ୍ଟ ସହ ପରିବର୍ତ୍ତନକାରୀ ପଦକ୍ଷେପରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଫଳରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଦେଶର ପ୍ରଥମ କମ୍ପାନୀ ଭାବେ ସଡ଼କ ନିର୍ମାଣ କ୍ଷେତ୍ରରେ ପ୍ରକ୍ରିୟାକୃତ ଷ୍ଟିଲ ସ୍ଲାଗ୍ ଏଗ୍ରିଗେଟ୍ସ ଉତ୍ପାଦନ କରିବା ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏକ ପ୍ରମୁଖ ଜାତୀୟ ଗବେଷଣା ପ୍ରତିଷ୍ଠାନ ସିଏସ୍‌ଆଇଆର୍-ସିଆର୍‌ଆର୍‌ଆଇଠାରୁ ଷ୍ଟିଲ ସ୍ଲାଗ୍ ଭେଲରାଇଜେଶନ ଟେକ୍ନୋଲୋଜି ପାଇଁ ଏକ ପ୍ରତିଷ୍ଠିତ ଲାଇସେନ୍ସ ହାସଲ କରିଛି।

ସେହିଭଳି ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ସଡ଼କ ନିର୍ମାଣରେ ଆବଶ୍ୟକ ଉପାଦାନ ଏବଂ ବ୍ୟବହାର ପାଇଁ ହାଜିରାସ୍ଥିତ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ କାରଖାନାରେ ପ୍ରକ୍ରିୟାକୃତ ଇଏଏଫ୍ ଷ୍ଟିଲ୍ ସ୍ଲାଗ୍ ଏଗ୍ରିଗେଟ୍ସ ବିକାଶ ପାଇଁ ଷ୍ଟିଲ୍ ସ୍ଲାଗ୍ ଭେଲରାଇଜେଶନ ଟେକ୍ନୋଲୋଜି ଲାଇସେନ୍ସର ପ୍ରମାଣପତ୍ର ମିଳିଛି। ସିଏସ୍‌ଆଇଆର୍-ସିଆର୍‌ଆର୍‌ଆଇର ବରିଷ୍ଠ ତଥା ପ୍ରମୁଖ ବୈଜ୍ଞାନିକ ଏବଂ ଏହି ପ୍ରଯୁକ୍ତିବିଦ୍ୟାର ଉଦ୍ଭାବକ ସତୀଶ ପାଣ୍ଡେ କହିଛନ୍ତି, ଷ୍ଟିଲ୍ ସ୍ଲାଗ୍ ସଡ଼କ ପ୍ରଯୁକ୍ତିବିଦ୍ୟା ଭାରତର ସଡ଼କ ଭିତ୍ତିଭୂମି ପାଇଁ ଏକ କ୍ରାନ୍ତିକାରୀ ପଦକ୍ଷେପ ହେବ। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସେଲ୍ସ ଓ ମାର୍କେଟିଂ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ରଞ୍ଜନ ଧର କହିଛନ୍ତି, ଆମେ ଏହି ଅନନ୍ୟ ପ୍ରଯୁକ୍ତିବିଦ୍ୟାର ଲାଇସେନ୍ସ ହାସଲ କରିବାରେ ପ୍ରଥମ କମ୍ପାନୀ ହୋଇଥିବାରୁ ଗର୍ବିତ ଅଛୁ। ଏହି ବିକାଶ ଏକ ବୃତ୍ତାକାର ଅର୍ଥନୀତି ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବର୍ଜ୍ୟରୁ ବୈଭବ' ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରୁଛି। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ଏବଂ ଏସିଆ ବୁକ୍ ଅଫ୍ ରେକର୍ଡସ୍' ଦ୍ୱାରା ସ୍ୱୀକୃତିପ୍ରାପ୍ତ ହାଜିରାଠାରେ ସମ୍ଭବତଃ ବିଶ୍ୱର ପ୍ରଥମ ଷ୍ଟିଲ୍ ସ୍ଲାଗ୍ ସଡ଼କ ସଫଳତାର ସହ ନିର୍ମାଣ କରିବାରେ ଆମର ପୂର୍ବ ସମ୍ପୃକ୍ତିକୁ ଏହା ତ୍ୱରାନ୍ୱିତ କରାଉଛି।

# ଆଇକ୍ୟୁଓଓର ନୂତନ ଉତ୍ପାଦ

ଭୁବନେଶ୍ୱର,୨୬।୭

ଆଇକ୍ୟୁଓଓର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଜେଡ୍୧୦ଆର୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଜେଡ୍ ସିରିଜରେ କ୍ୟାମେରା, କାର୍ଯ୍ୟଦକ୍ଷତା ଏବଂ ଡିଜାଇନ ଏକ ସମ୍ପୂର୍ଣ୍ଣ ଲୋଡେଡ୍ ଅଭିଜ୍ଞତା ପ୍ରଦାନ କରିଥାଏ। ଏ ସମ୍ପର୍କରେ ଆଇକ୍ୟୁଓଓର ସିଇଓ ନିପୁଣ ମାରିଆ କହିଛନ୍ତି, ଆମେ ଆମର ନୂତନ ଉତ୍ପାଦକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆଇକ୍ୟୁଓଓ ଜେଡ୍୧୦ଆର୍ ସହ ଆମେ ଏକ ପାୱାର ହାଉସ୍ ନିର୍ମାଣ କରିଛୁ, ଯାହା ସେମାନଙ୍କ ସୃଜନଶୀଳତା ସହ ତାଳଦେବା ପାଇଁ ଡିଜାଇନ କରାଯାଇଛି। ସେହିଭଳି ଏଥିରେ ଭାରତର ସବୁଠାରୁ ପତଳା କ୍ୱାଡ୍-କର୍ଭଡ୍ ଆମୋଲଏଡ୍ ଡିସ୍‌ପ୍ଲେ ଅନ୍ତର୍ଭୁକ୍ତ ରହିଛି। ୧୨୦ ଏଚ୍‌ଜେଡ୍ ରିଫ୍ରେସ୍ ରେଟ୍ ଏବଂ ଏକ ଇମର୍ସିଭ୍ ଭିଜୁଆଲ୍ ଅଭିଜ୍ଞତା ପାଇଁ ୧୮୦୦ ନିଟ୍ସ ପିକ୍ ଉଜ୍ଜ୍ୱଳତା ସାମିଲ ରହିଛି। ବିଶେଷ କରି ଏହା ମେଡିଆଟେକ୍ ଡାଇମେନ୍‌ସିଟି ୭୪୦୦ ୫ଜି ପ୍ରୋସେସର୍ ଏବଂ ଏକ ଦୃଢ଼ ୭.୫ଏଲ+ ଏନ୍‌ଟୁଟୁ ସ୍କୋର ଦ୍ୱାରା ପରିଚାଳିତ ହେଉଛି।

# ଜୟଆଲୁକ୍କାସ୍‌ରେ ଜ୍ୱେଲସ୍ ଅଫ୍ ଜୟ ମହୋତ୍ସବ





ଭୁବନେଶ୍ୱର,୨୬।୭

ଜୟଆଲୁକ୍କାସ୍‌ର ବହୁ ପ୍ରତୀକ୍ଷିତ ଉତ୍ସବ ତଥା ସ୍ୱତନ୍ତ୍ର ସେଲ୍‌ସ 'ଜ୍ୱେଲସ୍ ଅଫ୍ ଜୟ' ମହୋତ୍ସବର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସେଲ୍ ୨୦୨୫ ଅଗଷ୍ଟ ୧୭ ପର୍ଯ୍ୟନ୍ତ ଜାରି ରହିବ। ଏହି ପରିପ୍ରେକ୍ଷୀରେ ଜୟଆଲୁକ୍କାସ୍ ପକ୍ଷରୁ ବିଶେଷ ରିହାତି ଓ ଆର୍କଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ମହୋତ୍ସବ ଅଫରଗୁଡିକ ସହ ଉତ୍ସବମୟ ଅବସରକୁ ପ୍ରକୃତରେ ସ୍ମରଣୀୟ କରିବାକୁ ଗ୍ରାହକମାନଙ୍କୁ ଆମନ୍ତ୍ରଣ କରାଯାଉଛି। ସେହିଭଳି ଏହି ବିଶେଷ ଉତ୍ସବର ଅଂଶ ଭାବେ ଗ୍ରାହକମାନେ ହୀରା ଏବଂ ଅନକଟ ହୀରାର ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ପାଇପାରିବେ। ଏହା ବ୍ୟତୀତ ୧,୦୦,୦୦୦ ଟଙ୍କା ଏବଂ ତଦୂର୍ଦ୍ଧ୍ୱ ମୂଲ୍ୟର ସୁନା ଏବଂ ମୂଲ୍ୟବାନ୍ ପଥର କ୍ରୟ ଉପରେ ଗ୍ରାହକମାନେ ଗୋଟିଏ ୫ଗ୍ରାମ ରୁପା ବାର୍ ମଧ୍ୟ ସମ୍ପୂର୍ଣ୍ଣ ମାଗଣାରେ ପାଇବେ। ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧକ୍ଷ ଜୟ ଆଲୁକ୍କାସ୍ କହିଛନ୍ତି, ଆମେ ଆମର ଏହି ମହୋତ୍ସବକୁ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ପର୍ବଗୁଡ଼ିକ ଆନନ୍ଦ, ପରିବାର ଏବଂ ସୁନ୍ଦର ସ୍ମୃତି ବିଷୟରେ ହିଁ ସମୃଦ୍ଧ ହୋଇଥାଏ। ଜୟଆଲୁକ୍କାସ୍‌ରେ ଆମେ ଆମର ଗ୍ରାହକମାନଙ୍କୁ ଅସାଧାରଣ ଅଫର ଏବଂ ଚମତ୍କାର ଉତ୍ସବ ସଂଗ୍ରହ ସହ ଅଧିକ ଔଜଲ୍ୟ ଧାରଣ କରିବାର ଅଧିକ କାରଣ ଦେଇ ଏହି ଋତୁକୁ ପାଳନ କରୁଛୁ। ଏହି ଅତ୍ୟନ୍ତ ମନଲୋଭା ଡିଲ୍ ହାତଛଡ଼ା କରନ୍ତୁ ନାହିଁ, ଆନନ୍ଦର ଏହି ଉତ୍ସବର ଅଂଶ ହେବା ପାଇଁ ୨୦୨୫ ଅଗଷ୍ଟ ୧୭ ମଧ୍ୟରେ ଆପଣଙ୍କର ନିକଟତମ ଜୟଆଲୁକ୍କାସ୍ ଶୋ'ରୁମ୍‌ରେ ପଦାର୍ପଣ କରନ୍ତୁ। ଅଳଙ୍କାରିତ ମନ୍ଦିର-ପ୍ରେରିତ ସଂଗ୍ରହରୁ ଆରମ୍ଭକରି ସର୍ବନିମ୍ନ ଦୈନନ୍ଦିନ ବ୍ୟବହାର୍ଯ୍ୟ ଗହଣା ପର୍ଯ୍ୟନ୍ତ, ବିଭିନ୍ନ ପ୍ରକାର ଅଳଙ୍କାର, ଗ୍ରାହକମାନେ ଏହି ସିଜନରେ ବାଛିବା ପାଇଁ ସୁଯୋଗ ପାଇପାରିବେ। ଚଳିତ ବର୍ଷର ଉତ୍ସବଗୁଡିକ ପାଳନ ସକାଶେ ପରିବାର ପାଇଁ ଅଳଙ୍କାର ସଂଗ୍ରହ କରିବାର ଏହା ହିଁ ଉପଯୁକ୍ତ ସମୟ ବୋଲି କୁହାଯାଉଛି।

# ପିଡବ୍ଲ୍ୟୁଏନ୍‌ଏସ୍‌ଏଟିର ୪ର୍ଥ ସଂସ୍କରଣ

ଭୁବନେଶ୍ୱର,୨୬।୭

ଫିଜିକ୍ସୱାଲା (ପିଡବ୍ଲ୍ୟୁ)ର ବହୁ ପ୍ରତୀକ୍ଷିତ ବୃତ୍ତି ପରୀକ୍ଷା ତଥା ଫିଜିକ୍ସୱାଲା ନ୍ୟାଶନାଲ ସ୍କଲାରଶିପ କମ୍ ଆଡ୍‌ମିଶନ ଟେଷ୍ଟ (ପିଡବ୍ଲ୍ୟୁଏନ୍‌ଏସ୍‌ଏଟି- ୨୦୨୫)ର ୪ର୍ଥ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଟେଷ୍ଟ (ପିଡବ୍ଲ୍ୟୁଏନ୍‌ଏସ୍‌ଏଟି-୨୦୨୫) ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ମୋଡ୍‌ରେ ପରିଚାଳିତ ହେବ। ବିଶେଷକରି ଦେଶର ବିଭିନ୍ନ ଅଞ୍ଚଳର ଛାତ୍ରୀଛାତ୍ରୀଙ୍କ ପାଇଁ ପରୀକ୍ଷାକୁ ଏହା ଅଧିକ ପହଞ୍ଚଯୋଗ୍ୟ କରିବାକୁ ଚେଷ୍ଟା କରୁଛି। ଅନ୍‌ଲାଇନ ମୋଡ୍ ଚୟନ କରୁଥିବା ଛାତ୍ରୀଛାତ୍ରମାନେ ୨୦୨୫ ଅକ୍ଟୋବର ୧ରୁ ୧୫ ମଧ୍ୟରେ ପରୀକ୍ଷା ଦେଇପାରିବେ। ସେହିପରି ଅଫ୍‌ଲାଇନ ମୋଡ୍ ଚୟନ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ସମସ୍ତ ପିଡବ୍ଲ୍ୟୁ ବିଦ୍ୟାପୀଠ ଓ ପାଠଶାଳା ସେଣ୍ଟରଗୁଡିକରେ ୨୦୨୫ ଅକ୍ଟୋବର ୫ରୁ ୧୨ ମଧ୍ୟରେ ପରୀକ୍ଷା ପରିଚାଳନା କରାଯିବ ବୋଲି ପିଡବ୍ଲ୍ୟୁ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିପରି ଏହି ଟେଷ୍ଟ ପରୀକ୍ଷା ପାଇଁ ପଞ୍ଜୀକରଣ ଫି ମାଗଣା ରହିଛି। ଏପରିକି ଏହା ୫ମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରୀଙ୍କ ପାଇଁ ଖୋଲା ରହିଛି। ଏଥିସହ ଉଭୟ ପିସିଏମ୍ ଓ ପିସିବି ଷ୍ଟ୍ରିମ୍‌ରେ ଦ୍ୱାଦଶ ଶ୍ରେଣୀ ସମ୍ପୂର୍ଣ୍ଣ କରିସାରିଥିବା ଛାତ୍ରୀଛାତ୍ରମାନେ ମଧ୍ୟ ଏହି ପରୀକ୍ଷା ଦେଇପାରିବେ। ପରୀକ୍ଷାର ଫଳାଫଳ ୨୦୨୫ ଅକ୍ଟୋବର ୨୫ରେ ଘୋଷଣା କରାଯିବ। ଏ ସମ୍ପର୍କରେ ଫିଜିକ୍ସୱାଲାର ପ୍ରତିଷ୍ଠାତା ତଥା ସିଇଓ ଅଲଖ ପାଣ୍ଡେ କହିଛନ୍ତି, ଅନେକ ଛାତ୍ରୀଛାତ୍ର କ୍ଷମତା ଅଭାବରୁ ନୁହେଁ, ବରଂ ଆର୍ଥିକ ପ୍ରତିବନ୍ଧକ ଯୋଗୁ ନିଜ ସ୍ୱପ୍ନ ପୂରଣ କରିପାରୁନାହାନ୍ତି। ପିଡବ୍ଲ୍ୟୁଏନ୍‌ଏସ୍‌ଏଟି-୨୦୨୫ ତାହାକୁ ପରିବର୍ତ୍ତନ କରିବା ପାଇଁ ଆମର ଏକ ପ୍ରୟାସ ରହିଛି। ପ୍ରତ୍ୟେକ ପିଲା ଏକ ଉଚିତ ସୁଯୋଗ ପାଇବାକୁ ଯୋଗ୍ୟ ଏବଂ ଏହି ପଦକ୍ଷେପ ମାଧ୍ୟମରେ ଆମେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିବାକୁ ପ୍ରୟାସ କରୁଛୁ।

# ଶିଳ୍ପ ଅଭିବୃଦ୍ଧିରେ ନାଲ୍‌କୋର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୬।୭ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ର କର୍ପୋରେଟ କାର୍ଯ୍ୟାଳୟକୁ ନିକଟରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ପରିଦର୍ଶନ କରିଥିଲେ। ଏହି ଅବସରରେ ନାଲ୍‌କୋର ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପସିଂହ କମ୍ପାନୀର ନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଡ. କମ୍ଭମପାଟି ନାଲ୍‌କୋର ବରିଷ୍ଠ ଅଧିକାରୀଙ୍କ ସହ କମ୍ପାନୀର ପରିଚାଳନା ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏପରିକି ଓଡ଼ିଶାରେ ମୁଖ୍ୟାଳୟ ଥିବା ଏକମାତ୍ର କେନ୍ଦ୍ରୀୟ ନବରତ୍ନ ଲୋକ ଉଦ୍ୟୋଗ ଭାବେ ନାଲ୍‌କୋର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ରାଜ୍ୟର ଶିଳ୍ପ ଅଭିବୃଦ୍ଧିକୁ



ଆଗେଇନେବାରେ ଏହାର ଅବଦାନ ପାଇଁ ସେ ଉଚ୍ଚ ପ୍ରଶଂସା କରିଥିଲେ।

ସେହିଭଳି ପରିବେଶଗତ ସ୍ଥାୟିତ୍ୱ ଏବଂ ସବୁଜ ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ରାଜ୍ୟପାଳ 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ ଜରିଆରେ ଏକ ଚାରା ରୋପଣ କରିଥିଲେ। ଅପରପକ୍ଷରେ 'ବିକଶିତ ଭାରତ' ଦିଗରେ କମ୍ପାନୀର ପ୍ରୟାସ ଏବଂ ଅବଦାନ ନିମନ୍ତେ ସେ ଅଭିବାଦନ ଜଣାଇଥିଲେ।

# ପ୍ରଥମ ତ୍ରୈମାସରେ ୪,୫୪୧କୋଟିର ନେଟ୍ ଲାଭ

ଭୁବନେଶ୍ୱର,୨୬।୭

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ସହ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇଛି। ଏହି ତ୍ରୈମାସିକ ଆର୍ଥିକ ଫଳାଫଳରେ ବ୍ୟାଙ୍କ ୪,୫୪୧ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି। ସେହିପରି ବ୍ୟାଙ୍କର କାର୍ଯ୍ୟକାରୀ ଲାଭ ୨୦୨୫ ଜୁନ୍ ଶେଷ ସୁଦ୍ଧା ୧୫% ଅଭିବୃଦ୍ଧି ହାରରେ ୮,୨୩୬ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଅଣ ସୁଧ ଆୟରେ ୨,୨୨୬ କୋଟି ଟଙ୍କା ବୃଦ୍ଧି ଘଟିଛି। ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାରରେ ୧୭.୬୧% ବୃଦ୍ଧି ଘଟିଛି। ବ୍ୟାଙ୍କର ପ୍ରୋଭିଜନ କଭରେଜ ରେସିଓ ୯୩.୧୮% ରହିଛି। ଦେଶ ମଧ୍ୟରେ ବ୍ୟାଙ୍କର ଜମା ୫.୫% ବୃଦ୍ଧି ପାଇ ୪,୭୩,୬୩୭ କୋଟି ଟଙ୍କାରେ ପହଞ୍ଚିଛି। ଅନ୍ତର୍ଜାତୀୟ ଜମାରେ ୧୪.୮% ବୃଦ୍ଧି ଘଟି ଏହା ୨,୩୧,୩୫୧ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୨.୨୮ % ହ୍ରାସ ପାଇଥିବାବେଳେ ନେଟ୍ ଏନ୍‌ପିଏ ହାରରେ ୦.୬୦% ହ୍ରାସ ପାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଜେଲ ଗଲେ କୋଟିପତି ଡେପୁଟି ରେଞ୍ଜର ରାମଚନ୍ଦ୍ର

## ଠୁଳ କରିଥିଲେ ୫୦୧% ଆୟ ବହିର୍ଭୂତ ସମ୍ପତ୍ତି

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ଜୟପୁର, ୨୬।୭(ପବନ ପାଣିଗ୍ରାହୀ)



ରାମଚନ୍ଦ୍ର ନେପାକ୍।

କୋରାପୁଟ ଜିଲା ଜୟପୁର ବନାଞ୍ଚଳର କୋଟିପତି ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକ୍‌ଙ୍କୁ ଶନିବାର ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଛି। ତେବେ ତାଙ୍କଠାରୁ ଠାବ ହୋଇଥିବା ବିପୁଳ ସମ୍ପତ୍ତି ରାମଚନ୍ଦ୍ରଙ୍କ ପ୍ରକୃତ ଆୟଠାରୁ ୫୦୧ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା (ନଂ.୨୫/୨୦୨୫) ରୁଜୁ କରାଯାଇ ରାମଚନ୍ଦ୍ରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ସମ୍ପତ୍ତି ଠୁଳ କରିବାରେ ତାଙ୍କ ସ୍ତ୍ରୀ ସହଯୋଗ କରିଥିବାରୁ ସେ ମଧ୍ୟ ଏହି ମାମଲାରେ ଅଭିଯୁକ୍ତ ହୋଇଛନ୍ତି। ଗିରଫ ଅଭିଯୁକ୍ତ ରାମଚନ୍ଦ୍ରଙ୍କୁ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ରାମଚନ୍ଦ୍ରଙ୍କ ଭୁବନେଶ୍ୱର ଓ ଜୟପୁରର ୬ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଯାଞ୍ଚ ବେଳେ ରାମଚନ୍ଦ୍ରଙ୍କ ଜୟପୁର ଟାଉନ ପିଆର୍ ପେଟା ଏନ୍‌କେଟି ରୋଡ୍‌ରେ ଏକ ୩ ମହଲା କୋଠା, ଭୁବନେଶ୍ୱର ରଘୁନାଥପୁର ଜାଲିରେ ଏକ ଫ୍ଲାଟ୍ ଓ ଜୟପୁର ଟାଉନ ପିଆର୍ ପେଟାସ୍ଥିତ ଦୁଇଟି ୨ ବିଏଚ୍‌କେ ଫ୍ଲାଟ୍ ଠାବ ହୋଇଥିଲା। ସେହିପରି ଘରୁ ମୋଟ ୧ କୋଟି ୪୩ ଲକ୍ଷ ୩୪ ହଜାର ଟଙ୍କା, ୧.୫ କେଜି ସୁନା ଓ ୪.୬୩୭ କେଜି ରୁପା ମିଳିଥିଲା। ଏଥିସହ ଜୟପୁର ଟାଉନ୍‌ରେ ଦୁଇଟି ବହୁମୂଲ୍ୟ ପ୍ଲଟ୍ ମଧ୍ୟ ଠାବ ହୋଇଥିଲା। ୧୦ ବ୍ୟାଙ୍କ ଆକାଉଣ୍ଟରେ ୧ କୋଟି ୩୨ ଲକ୍ଷ ୧୯ ହଜାର ୭୩୦ ଟଙ୍କା ଓ ଜୀବନବୀମା ଜମା ୬୬ ହଜାର ଥିବା ଜଣାପଡ଼ିଥିଲା। ଘରୁ ଦୁଇଟି ୪ ଚକିଆ ଯାନ ଓ ୩ଟି ଦୁଇ ଚକିଆ ଯାନ ଏବଂ ୧୫.୫୦ ଲକ୍ଷ ଟଙ୍କାର ଘରୋଇ ଉପକରଣକୁ ମଧ୍ୟ ଠୁଳ ସମ୍ପତ୍ତି ତାଲିକାରେ ଯୋଡିଥିଲା ଭିଜିଲାନ୍ସ।

# ଭାଷାଭିତ୍ତିକ ଓଡ଼ିଶା ଗଠନରେ ଉତ୍କଳ ସାହିତ୍ୟ ସମାଜର ଭୂମିକା ଅନନ୍ୟ: ରାଜ୍ୟପାଳ

କଟକ,୨୬।୭(କାର୍ତ୍ତିକ ସାହୁ)




ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ଉତ୍କଳରତ୍ନ' ସମ୍ମାନ ପ୍ରଦାନ କରୁଛନ୍ତି।

ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳ ସାହିତ୍ୟ ସମାଜର ଅନନ୍ୟ ଭୂମିକା ରହିଛି। ସେହିପରି ଓଡ଼ିଆ ଭାଷା-ସାହିତ୍ୟର ବିକାଶ କ୍ଷେତ୍ରରେ ଏହି ଶତାୟୁ ଅନୁଷ୍ଠାନର କାର୍ଯ୍ୟ ପ୍ରଶଂସନୀୟ ବୋଲି ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ମତବ୍ୟକ୍ତ କରିଛନ୍ତି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଶନିବାର ଶତାବ୍ଦୀ ଭବନରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ଉତ୍କଳରତ୍ନ' ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ରାଜ୍ୟପାଳ ଡ. କମ୍ଭମ୍ପାଟି ଅନୁଷ୍ଠାନର ରୁପା ସ୍ମାରକୀ ଚିହ୍ନ, ତାମ୍ର ପ୍ରଶଂସାପତ୍ର ଓ ଉପଢୌକନ ପ୍ରଦାନ କରି ହରିଚନ୍ଦନଙ୍କୁ ସମ୍ମାନିତ କରିଥିଲେ। ସମ୍ମାନ ଗ୍ରହଣ କରି ହରିଚନ୍ଦନ କହିଲେ, ସାହିତ୍ୟ ସମାଜର ସବୁ କ୍ଷେତ୍ରକୁ ସ୍ପର୍ଶ କରିଛି। ସମାଜକୁ ଜାଗ୍ରତ କରିବା, ବିପ୍ଳବ ସୃଷ୍ଟି କରିବା ପାଇଁ ସାହିତ୍ୟିକମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛନ୍ତି। ମାଟି, ମା' ଓ ମଣିଷର ସମ୍ମାନ ପାଇଁ ଲେଖକମାନେ ସେମାନଙ୍କ ଲେଖନୀ ଚାଳନା କରନ୍ତୁ। ମୁଖ୍ୟବକ୍ତା ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ଡ. ବିଜୟାନନ୍ଦ ସିଂହ ଓଡ଼ିଆ ସାହିତ୍ୟକୁ ପ୍ରତିଷ୍ଠା ଦେବା କ୍ଷେତ୍ରରେ ଉତ୍କଳ ସାହିତ୍ୟ ସମାଜର ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ।

ଅନୁଷ୍ଠାନ ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ମାନପତ୍ର ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମନୋଜ ପଟ୍ଟନାୟକ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କୋଷାଧ୍ୟକ୍ଷ ଶିବାଶିଷ କର, କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ଆଦିତ୍ୟ ପ୍ରତାପ ବାଘସିଂହ, ସରୋଜିନୀ ମିଶ୍ର, ତପନ କୁମାର ସ୍ୱାଇଁ, ଦିଲୀପ କୁମାର ଦାସ, ଶଶିକାନ୍ତ ରାଉତ, ମୁରଲୀଧର ଶତପଥୀ, ରାଧାଶ୍ୟାମ ରାଉଳ, ସୁକାନ୍ତ ପ୍ରସାଦ ନନ୍ଦ, ଡ. ସୁଶୀଲ କୁମାର ବାଗ୍, ସରୋଜ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଓଡ଼ିଶାର ବହୁ ବିଶିଷ୍ଟ ସାହିତ୍ୟିକ, ସାହିତ୍ୟପ୍ରେମୀ, ଶିକ୍ଷାବିତ୍, ସାମ୍ବାଦିକ ଉତ୍ସବରେ ଯୋଗଦେଇଥିଲେ।

■ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ଉତ୍କଳରତ୍ନ' ସମ୍ମାନ

■ ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବ

# 'ଡିଜିଟାଲ ରୂପାନ୍ତରଣ ଜୀବନକୁ ନୂତନ ଆକାର ଦେଉଛି'

## ୟୁନିଭର୍ସିଟି ଲ' କଲେଜରେ ସାଇବର ସୁରକ୍ଷା କର୍ମଶାଳା

ଭୁବନେଶ୍ୱର,୨୬।୭(ଅନୁରାଧା ମହାରଣା)



କର୍ମଶାଳାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ।

ଉତ୍କଳ ବିଶ୍ୱବିଦ୍ୟାଳୟର ୟୁନିଭର୍ସିଟି ଲ' କଲେଜ ପକ୍ଷରୁ 'ଡିଜିଟାଲ ଇଣ୍ଡିଆକୁ ସୁରକ୍ଷିତ କରିବା: ସାଇବର ଯୁଗରେ ଚ୍ୟାଲେଞ୍ଜ, ରଣନୀତି ଏବଂ ଆଇନଗତ ଢାଞ୍ଚା' ଶୀର୍ଷକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଅଂଶବିଶେଷ ଭାବେ ଆୟୋଜିତ ଏହି କର୍ମଶାଳାରେ ସାଇବର ସୁରକ୍ଷାର ବିଭିନ୍ନ ଦିଗ, ଡିଜିଟାଲ ଯୁଗରେ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ଏହାର ସମାଧାନ ପାଇଁ ଆଇନଗତ ତଥା ରଣନୈତିକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଡିଜିଟାଲ ରୂପାନ୍ତରଣ ମାନବ ଜୀବନକୁ କିପରି ନୂତନ ଆକାର ଦେଉଛି ଏବଂ ସାମଗ୍ରିକ ବିକାଶରେ ଅବଦାନ ରଖୁଛି ସେ ସମ୍ପର୍କରେ ମତ ଦେଇଥିଲେ। ସେ ସାଇବର ଜଗତରେ ବୃଦ୍ଧି ପାଉଥିବା ବିପଦ ଏଡାଇବା ପାଇଁ ଡିଜିଟାଲ ସିଷ୍ଟମରେ ସୁରକ୍ଷା ଅଭ୍ୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହ ସାଇବର ଅପରାଧର ଆଇନଗତ ଦିଗ ଏବଂ ସମାଧାନ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଇନମନ୍ତ୍ରୀ ଆଲୋଚନା କରିଥିଲେ। ଏହି ଅବସରରେ ଉତ୍କୃଷ୍ଟ ସେବା ପ୍ରଦାନ କରିଥିବା ଏସ୍‌ବିଆଇ ସାଇବର କ୍ରାଇମ ଡେପୁଟି ମ୍ୟାନେଜର୍ ଦେବାଶିଷ ଶତପଥୀ, ସହକାରୀ ପୋଲିସ କମିଶନର (ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ) ଅକ୍ଷୟ କୁମାର ନାୟକ, ଓଡ଼ିଶା କ୍ରାଇମ ବ୍ରାଞ୍ଚର ଅତିରିକ୍ତ ପୋଲିସ ଅଧିକ୍ଷିକା ଅଞ୍ଜନା ଟୁଡୁ, ଟିସିଏସ୍‌ର ସାଇବର ଏକ୍ସପର୍ଟ ଏବଂ ଆଡଭାଇଜରିର ସାଇବର ସିକ୍ୟୁରିଟି ଡେଲିଭରି ମ୍ୟାନେଜର ସତ୍ୟ ନାରାୟଣ ମହାପାତ୍ର, ସାଇବର ଉପଦେଷ୍ଟା ତଥା ମାନସିକ ସ୍ୱାସ୍ଥ୍ୟ ସହଯୋଗୀ ସ୍ୱାତି ଦାଶ, ରିସୋ ଇଣ୍ଟେଲିଜେନ୍ସର ପାର୍ଟନର ଚନ୍ଦ୍ର ଶେଖର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଯାଇଥିଲା। ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଓଡ଼ିଶା ଲ' କମିଶନର ସଦସ୍ୟ ପ୍ରଫେସର ଡ. ଲଳିତ କୁମାର ଦେବ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜ୍ଞାନେନ୍ଦ୍ର କୁମାର ସାହୁ, ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ସ୍ୱାତି ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।


## OFFICE OF THE SR.GENERAL MANAGER (ELECTRICAL)
## UPPER INDRAVATI HYDRO ELECTRIC PROJECT, MUKHIGUDA

OHPC
ISO 9001-14001 18001 Certified

DIST: KALAHANDI- 766026, E-mail:sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**'e'- Procurement Notice**

**NOTICE INVITING TENDER No.UIHEP/20/2025-26, DATED 22.07.2025**

**No.CAD-1228:** The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of Work | Approx. Estimated Cost (in Rs.) | EMD (in Rs.) (Online) | Class of Contractor | Cost of Bid Document (in Rs.) (Online) | Period of Contract |
|---|---|---|---|---|---|---|
| 1 | Construction of pre-cast RCC cover slab including repair of cable trench and placing of new casted slab over cable trench from Power House to 220 KV Switchyard boundary wall at UIHEP, Mukhiguda | 20,88,805/- (Excluding GST) | 20,900/- | 'C' & 'B' Class Contractor registered with State Govt./ Central Govt./ MES/ Railways | 6,000/-+ GST @18% = 7,080/- | Six (06) Calendar Months |

Availability of tender document in the portal: From 26.07.2025 (10.00 Hrs) to 06.08.2025 (upto 13.00 Hrs.).
Last date & time of submission of tenders in the portal: 06.08.2025 upto 13.00 Hrs.
The date & time of opening of the bid: 06.08.2025 at 16.30 Hrs. (Only Technical Bid).
The Bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement portal "https://tendersodisha.gov.in".

**OIPR-04008/11/0036/2526** **Sd./- Unit Head, UIHEP, Mukhiguda**



## झारखण्ड सरकार
## राजस्व, निबंधन एवं भूमि सुधार विभाग

**प्रेस विज्ञप्ति**

संचिका संख्या– 13/नि॰वि॰संशोधन–28/2017–189/नि0 रांची, दिनांक–25.07.2025

एतद् द्वारा सभी निबंधित संस्थाओं को सूचित किया जाता है कि निबंधित संस्थाओं से संबंधित विवरणी यथा–वार्षिक प्रतिवेदन, कार्यकारिणी सूची, अंकेक्षण प्रतिवेदन तथा फार्म एच0 तथा अन्य संबंधित दस्तावेज विभागीय पोर्टल https://enibandhan.jharkhand.gov.in में अपलोड करने हेतु यूजर आई॰डी॰ तथा पासवर्ड उपलब्ध कराने के लिए विभागीय पोर्टल https://enibandhan.jharkhand.gov.in दिनांक–**26.07.2025** से **05.08.2025** तक खुले रहेंगे।

अतः अनुरोध है कि निबंधित संस्थाओं द्वारा यूजर आई॰डी॰ तथा पासवर्ड प्राप्त करने हेतु निर्धारित अवधि के अन्तर्गत ऑनलाईन आवेदन समर्पित करना सुनिश्चित करेंगे।

निर्धारित अवधि के पश्चात पुनः अवधि विस्तार नहीं किया जाएगा।

ह0/–
(श्वेता कुमारी)
उप निबंधन महानिरीक्षक
राजस्व, निबंधन एवं भूमि सुधार विभाग, झारखण्ड, रांची

**PR 358224 Registration(25-26)#D**



## कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, गढ़वा

**मुख्यमंत्री ग्राम सड़क योजना**
**अल्पकालीन ई–निविदा आमंत्रण सूचना**
ई–निविदा संख्या – 09/RI/2024-25/RWD/GARHWA दिनांक – 25.07.2025

1. कार्य का विवरण :–

| क्र0 | प्रखण्ड | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि: अंक में (लाख में) | प्राक्कलित राशि: अक्षर में | कार्य समाप्ति की अवधि |
|---|---|---|---|---|---|---|
| 1 | केतार | RWD/GARHWA/ 20/2024-25 (2ND Call) | ग्राम योगियावीर में मुख्य पथ से चिकनही होते हुए योगियावीर पूरब टोला स्कूल तक पथ निर्माण कार्य। (2.250 कि0मी0) | 332.941 | तीन करोड़ बत्तीस लाख चौरानबे हजार एक सौ रूपये। | 15 (पन्द्रह) महीना |

2. वेबसाईट पर निविदा प्रकाशन की तिथि :– 31.07.2025
3. ई–निविदा प्राप्ति की अंतिम तिथि एवं समय :– 11.08.2025 अपराह्न 5:00 बजे तक।
4. निविदा खोलने की तिथि एवं समय :–13.08.2025 पूर्वाह्न 11:30 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रा0का0वि0 कार्य प्रमंडल, गढ़वा।
6. ई–निविदा प्रकोष्ठ का दूरभाष सं0: 06561–299963

विस्तृत जानकारी के लिए वेबसाईट www.jharkhandtenders.gov.in पर देखा जा सकता है।

कार्यपालक अभियंता
ग्रामीण कार्य विभाग,
कार्य प्रमण्डल, गढ़वा

PR 358236 (Rural Work Department) 25-26 (D)



## OFFICE OF THE MUNICIPAL COUNCIL: SUNDARGARH

**Email: sundargarhm.hud@od.gov.in**
**Notice No.1657/ Dt.23.07.2025**

No.C-755: The Executive Officer, on behalf of Sundargarh Municipality, invites online bids under Double Cover System (Two-Bid System i.e. Technical Bid & Financial Bid) from repute firms/ agencies in conformity with the detailed tender notice for "Supply of 10 no's Light Commercial Vehicle (LCV) to Sundargarh Municipality for garbage collection".
For detailed technical specifications, terms & conditions etc., please visit www.tendersodisha.gov.in.

**OIPR-13130/11/0035/2526** **Sd./- Executive Officer Sundargarh Municipality**



## OFFICE OF THE DEAN & PRINCIPAL
## PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA, MAYURBHANJ

AT-RANGAMATIA, PO-LAXMIPOSI, PIN-757 107, MAYURBHANJ, ODISHA
Ph. No.: 06792 240401, E-mail: prmmchbaripada@gmail.com / officeprmmch@gmail.com

**NOTICE INVITING TENDER**
**Reference No.3825/ I-33-PRMMCH-2025 / Dated.21.07.2025**

**No.E-257** : Sealed tenders are invited in the prescribed format from interested reputed Contractors / Caterers and firms having experience of running a mess or a canteen of more than 100 persons in renowned institution or public places, which must confirm to the terms and conditions for running the staff canteen in PRMMCH, Rangamatia, Baripada. The Tender can be downloaded from the PRM Medical College official website (www.dmetodisha.gov.in, www.mayurbhanj.odisha.gov.in & www.prmmch.nic.in ) from dt.21.07.2025. The last date of submission of bid documents is dt.12.08.2025 by 5.30 PM.

**OIPR-10120/11/0025/2526** **Sd./- Dean & Principal, PRMMCH, Baripada**



## ODISHA UNIVERSITY OF TECHNOLOGY AND RESEARCH
## GHATIKIA, P.O.:MAHALAXMI VIHAR, BHUBANESWAR-751029

**Notice No. OUTR/Housekeeping/2025-26/14 Date: 23.07.2025**

**No.KK-150: E-Tenders are invited** under two bid systems from Well-established and financially sound proprietorship/ Partner Firm/ Private Limited/ Limited Company/ Registered Agencies for "Outsourcing of Agency for providing cleaning and Housekeeping Services" **in OUTR, Bhubaneswar"**
Date of available in Tenders Odisha Portal: 24.07.2025 at 06.00 P.M.
Last date and time of submission of Bid: 19.08.2025 upto 6.00 P.M.
For details: Please visit: http://tendersodisha.gov.in & http://www.outr.ac.in
For any query please contact: Prof. Bhabani Sankar Sa, Phone No-8249242624, Email: bhabaniplanning@outr.ac.in.

**OIPR-16005/11/0104/2526** **REGISTRAR**



GOVERNMENT OF ODISHA **No.B-321**

## OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE

e-mail ID : supenger_rbjyp@yahoo.co.in

**INVITATIONS FOR BIDS (IFB)**
**BID IDENTIFICATION NO. C.C.E.J.C (R&B) - 06/2025-26**

**No. 2734** **Date : 16.07.2025**

1. Nature of the work : **BUILDING WORKS**
2. Total No. of Works : 04 (Four) Nos.
3. Tender cost : **Rs.1.21 to 2.45 Crs.**
4. Period of completion : 07 (Seven) to 11 (Eleven) Calendar Months
5. Cost of Bid Document : Rs. 10,000/-
6. Bid Security (EMD) : **Rs.1.21 Lacs to 2.45 Lacs** as per column no.06 of IFB
7. Class of Contractor : **"B", "A" Class** as per cl. No. 05 of TCN & according to Financial Eligibility.
8. Date & time of availability of bid Document in the portal : From 12.00 hours of 28.07.2025 to 17.00 hours of 11.08.2025
9. Last date / Time for receipt of bids in the Portal : 17.00 hours of 11.08.2025
10. Opening date of Bid : 10.00 hours of 12.08.2025
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

**Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.**

**OIPR-34108/11/0030/2526** **Sd./- Chief Construction Engineer Jeypore (R&B) Circle, Jeypore**



## GOVERNMENT OF ODISHA
## DEPARTMENT OF WATER RESOURCES
## Office of the Additional Chief Engineer, Drainage Circle, Balasore

**No.A-425**

Email id : sedcbls@yahoo.com

**"e" PROCUREMENT NOTICE NO. ACEDCBLS-07/2025-26**

| | | | |
|---|---|---|---|
| 1 | Name of work | : | Drainage works (Under D.I.P. Scheme) |
| 2 | Total No. of Project | : | 1 No. of Individual work |
| 3 | Estimated cost of individual works | : | Rs.3,36,52,156/- (Excluding G.S.T) |
| 4 | Period of completion | : | 11 (Eleven) Calendar months |
| 5 | Bid Identification Number | : | ACEDCBLS/DDBLS-01-07/2025-26 |
| 6 | Date & Time of availability of Bid document in the Portal | : | From Dt.28.07.2025 at 10.00 hours to Dt.11.08..2025 at 17.00 hours |
| 7 | Date of Opening of technical bid | : | Dt.12.08.2025 at 11.30 hours in the Office of the Additional Chief Engineering, Drainage Circle, Balasore |
| 8 | Date of Opening of Financial bid | : | To be uploaded in portal |
| 9 | Class of Contractor | : | "A" Class |
| 10 | Date of Lottery (if required) | : | To be notified |
| 11 | Procurement Officer/Name & address of the officer inviting Bids | : | Additional Chief Engineer, Drainage Circle, Balasore |

Further details can be seen from the Govt. Website **www.tendersorissa.gov.in**

**OIPR-32190/11/0021/2526** **Sd./- Additional Chief Engineer Drainage Circle, Balasore**



## ODISHA PUBLIC SERVICE COMMISSION CUTTACK

**NOTICE**

**No. 5374 / P.S.C., Dt. 25.07.2025**
**1E-14-2024/25 (DR-II)**

**Assistant Agriculture Officer**
**(Advertisement No.06 of 2024-25)**

**No.D-148** : In continuation to this Office Notice No. 5143/PSC, dtd. 18.07.2025, it is for information of all provisionally shortlisted candidates that the **Document Verification and Interview** for recruitment to the post of **Assistant Agriculture Officer** in pursuant to Advertisement No. 06 of 2024-25 will be held from **18.08.2025 to 22.08.2025** at the Office of OPSC, 19,Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of Candidates |
|---|---|---|---|
| 18.08.2025 | 08.30 A.M. | 10.30 A.M. | 100002, 100011, 100067, 100070, 100090, 100136, 100166, 100173, 100243, 100263, 100266, 100319, 100342, 100344, 100345, 100354, 100362, 100363, 100373, 100382, 100398, 100399, 100411, 100428, 100432, 100533, 100539, 100573, 100574, 100608, 100674, 100698 & 100700 **= 33 Candidates** |
| | 12.30 P.M. | 02.30 P.M. | 100718, 100731, 100737, 100754, 100776, 100825, 100832, 100834, 100856, 100858, 100863, 100871, 100884,100892, 100910, 100911, 100920, 100928, 100938, 100945 & 100951 **= 21 Candidates** |
| 19.08.2025 | 08.30 A.M. | 10.30 A.M. | 100966, 101003, 101009, 101049, 101050, 101058, 101084, 101096, 101099, 101104, 101123, 101131, 101134, 101137, 101139, 101152, 101190, 101198, 101202, 101221, 101222, 101235, 101253, 101296, 101350, 101361, 101366, 101373, 101382, 101398, 101439, 101442 & 101449 **= 33 Candidates** |
| | 12.30 P.M. | 02.30 P.M. | 101453, 101466, 101483, 101484, 101510, 101523, 101525, 101538, 101563, 101577, 101579, 101580, 101617, 101622, 101623, 101626, 101664, 101683, 101690, 101693 & 101698 **= 21 Candidates** |
| 20.08.2025 | 08.30 A.M. | 10.30 A.M. | 101706, 101737, 101740, 101741, 101763, 101778, 101802, 101804, 101834, 101881, 101905, 101913, 101916, 101919, 101935, 101952, 101970, 101980, 101985, 101990, 102027, 102061, 102075, 102092, 102109, 102118, 102145, 102162, 102163, 102168, 102171, 102225 & 102226 **= 33 Candidates** |
| | 12.30 P.M. | 02.30 P.M. | 102231, 102244, 102254, 102265, 102271, 102277, 102279, 102290, 102298, 102311, 102314, 102345, 102354,102394, 102430, 102431, 102462, 102463, 102464, 102495 & 102502 **= 21 Candidates** |
| 21.08.2025 | 08.30 A.M. | 10.30 A.M. | 102510, 102527, 102602, 102630, 102631, 102655, 102677, 102737, 102746, 102748, 102766, 102783, 102803, 102818, 102821, 102828, 102861, 102878, 102881, 102918, 102925, 102941, 102942, 102956, 102970, 102994, 103014, 103034, 103045, 103049, 103102, 103138 & 103155 **= 33 Candidates** |
| | 12.30 P.M. | 02.30 P.M. | 103186, 103187, 103224, 103277, 103286, 103320, 103325, 103345, 103365, 103400, 103453, 103457, 103463, 103471, 103500, 103529, 103533, 103534, 103572, 103629 & 103648 **= 21 Candidates** |
| 22.08.2025 | 08.30 A.M. | 10.30 A.M. | 103659, 103709, 103784, 103786, 103795,103807, 103811, 103831, 103850, 103863, 103878, 103884, 103887, 103947, 103956, 103980, 103983, 104048, 104095, 104127,104143, 104147, 104148, 200074, 200081, 200086, 200112, 200117, 200149, 200174, 200291, 200391, 200399, 200477, 200491, 200523, 200528 & 200554 **= 38 Candidates** |

**N.B. -** The candidates are required to report at the office of the Commission **30 minutes before** the commencement of Document Verification in each time slot allotted in the scheduled programme.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the date of submission of Online Application Form by the Candidate).**

1. Hard Copy of Online Application form mentioning **Roll No** at the **Top Right-hand Corner.** (Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password/OTP etc through OPSC e-Chayan Portal via www.opscechayan.in)
2. Four **(04)** passport size photographs (Unsigned & Unattested) which has been uploaded with application form.
3. **HSC or Equivalent Certificate** in support of declaration of age.
4. Intermediate / +2 Examination Certificate issued by the concerned Board/Council;
5. Bachelor's of Science Degree in Agriculture/Horticulture Certificate issued by the recognized University/Institution.
6. Mark Sheets in support of all the Examinations (H.S.C to Bachelor's Degree in Agriculture/Horticulture) including fail marks, if any, issued by the concerned Board/Council/University/Institution as the case may be;
7. Conversion Certificate/ Conversion Formula in case of award of "grade marks" from the concerned University indicating the actual equivalent percentage of marks and the conversion formula, wherever applicable.
8. Caste Certificate in support of claim as **SEBC/ST/SC** whichever applicable. (which has been uploaded with online Application Form)
9. Required Odia Test Pass Certificate from the competent authority.
10. Permanent Disability Certificate (indicating percentage of permanent disability i.e. **40% and more);**
11. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
12. Identity Card of Sports persons issued by the Director of Sports Odisha.
13. Any proof of identity.
14. No Objection Certificate issued by the Competent Authority/Head of Office; wherever applicable.
15. Any other documents as per Para-11 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC).

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

**OIPR-12002/11/0283/2526** **Sd./- Secretary**


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ: ................................

ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାହାଣୀ କପ୍ ଫୁଟ୍‌ବଲ: ଫାଇନାଲରେ କଟକ

**ରାଜକନିକା,୨୬।୭ (ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)**

ଓଡ଼ିଶା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ତଥା କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ସଂସଦ ଅନୁବନ୍ଧିତ ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ରାଜକନିକା ଆର୍.ଏନ.ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିବା ୬୪ତମ ଆନ୍ତଃଜିଲା ସିନିୟର ସାହାଣୀ କପ ଫୁଟବଲ ଟୁର୍ନାମେଣ୍ଟ-୨୦୨୫ର ଶନିବାର ସେମିଫାଇନାଲ ମ୍ୟାଚ କଟକ ବନାମ ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ୫-୦ ଗୋଲ ବ୍ୟବଧାନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି ।

ପୂର୍ବତନ ବିଧାୟକ ତଥା ଆସୋସିଏଶନର ସଭାପତି ଦୋଳଗୋବିନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିବରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ମୁଖ୍ୟବକ୍ତା ଭାବେ ଫାଓର କୋଷାଧ୍ୟକ୍ଷ ଭକ୍ତ ବତ୍ସଳ ଦାସ, ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ ଫୁଟବଲ ଖେଳାଳି ବିଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଫାଓର ଉପସଭାପତି ଦିଲ୍ଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼ାଇ, ଆଳି ନିର୍ବାଚନମଣ୍ଡଳୀ ସ୍ତରୀୟ ନେତା ତଥା ଜିଲା ଭାଜପା ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ସୟଦ ଅକମଲ ଅଲ୍ଲି, ଫାଓ'ର ଉପସଭାପତି ସହଦେବ ରାଉତ, ଟିଆଣ୍ଡି କମିଟି ସଦସ୍ୟ ରମେଶ ଚନ୍ଦ୍ର ମଲ୍ଲିକ ଓ କାର୍ଯ୍ୟକାରୀ ସଦସ୍ୟ ସେକ୍ ଏହସାନ, ଗଙ୍ଗାଧର ବେହେରା, ରଶ୍ମି ରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ। କଟକ ଦଳର ଦୀନବନ୍ଧୁ ଦାସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ରେଫରି ଭାବେ ଆଶୀର୍ବାଦ କାନୁନ୍‌ଗୋ ମ୍ୟାଚ ପରିଚାଳନା କରିଥିବା ବେଳେ, ଦିଲ୍ଲୀପ ରାଉତ ମ୍ୟାଚ କମିଶନର ଦାୟିତ୍ୱ ସମ୍ପାଦନ କରିଥିଲେ। ଆସୋସିଏସନ ପକ୍ଷରୁ ଉପସଭାପତି ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ ବିବରଣୀ ପାଠ କରିଥିଲେ। ଅନ୍ୟତମ ଉପସଭାପତି ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁଗ୍ମ ସମ୍ପାଦକ ଡ.ଫକୀର ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗରେ ୧୬ ଦଳ




ଟୁର୍ନାମେଣ୍ଟ ସମ୍ପର୍କରେ ଆୟୋଜକମାନେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୨୬।୭ (ତପନ ସ୍ୱାଇଁ)**

ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ (ସିପିଏଲ) ଅକ୍ଟୋବର ୨୨ରୁ ୫ ଦିନ ଧରି ଘାଟିକିଆ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେବ। ଏଥିରେ୧୬ଟି ଦଳ ଭାଗ ନେବେ। କର୍ପୋରେଟ ପ୍ରଫେଶନାଲଙ୍କ ମଧ୍ୟରେ ଖେଳୁଆଡ ମନୋଭାବ, ଟିମ୍‌ୱାର୍କ ଓ ବନ୍ଧୁତ୍ୱର ପ୍ରସାର ଏହି ଟର୍ନାମେଣ୍ଟର ମୂଳ ଉଦ୍ଦେଶ୍ୟ। ଏହା ସିପିଏଲ ଫ୍ରାଞ୍ଚାଇଜ ଭିତ୍ତିରେ ଆୟୋଜନ ହେବ। ଖେଳାଳି ନିଲାମ ପାଇଁ ପଞ୍ଜିକରଣ ଆରମ୍ଭ ହୋଇଛି। ମ୍ୟାଚ ୧୦ ଓଭର ବିଶିଷ୍ଟ ଏବଂ ଟେନିସ ବଲରେ ଖେଳାଯିବ। ମୋଟ ୩ ଲକ୍ଷ ୩୦ ହଜାର ଟଙ୍କାର ପୁରସ୍କାର ରାଶି ରହିଛି। ଚାମ୍ପିୟନଙ୍କୁ ଟ୍ରଫି ସହ ୧ ଲକ୍ଷ ୫୦ ହଜାର ଓ ରନରଅପ ଦଳକୁ ୮୦ ହଜାର ଟଙ୍କା ପ୍ରଦାନ କରାଯିବ। ପ୍ରତି ମ୍ୟାଚର ପ୍ଲେୟର ଅଫ ଦ ମ୍ୟାଚ ସହିତ ପରାଜିତ ଦଳର ଶ୍ରେଷ୍ଠ ଖେଳାଳି ଆର୍ଥିକ ପୁରସ୍କାର ରାଶି ପାଇବେ ବୋଲି ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ସମ୍ମିଳନୀରରେ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗର ଉପଦେଷ୍ଟା ପ୍ରମୋଦ ପ୍ରଧାନ, ରାଜୀବ ପଣ୍ଡା, ଜ୍ଞାନଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତା ଦରିଦ୍ର ନାରାୟଣ ନାୟକ, ସଭାପତି ସୋନାଲ ସାହୁ, ଉପ ସଭାପତି ଆଶିଷ ଦାସ, ସମ୍ପାଦକ ଆଶୀଷ କୁମାର ସାମଲ, ଯୁଗ୍ମ ସମ୍ପାଦକ ନିର୍ମାଲ୍ୟ ଦାଶ, ସ୍ନେହାଂଶୁ ମହାନ୍ତି, ଶ୍ରୀବଲ୍ଲଭ ବେହେରା ଓ ସୌରଭ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ସେମିଫାଇନାଲରୁ ସାତ୍ତ୍ୱିକ-ଚିରାଗ ଯୋଡ଼ିଙ୍କ ବିଦାୟ

**ଚାଇନା ଓପନ ବ୍ୟାଡ୍‌ମିଣ୍ଟନ**

**ଚାଙ୍ଗ୍‌ଝୋ, ୨୬।୭ (ପି.ଟି.)**

ଚାଇନା ଓପନ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରୁ ବିଦାୟ ନେଇଛନ୍ତି ଭାରତ ଟପ୍ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି। ଶନିବାର ସେମାନେ ଦ୍ୱିତୀୟ ସିଡ୍ ମାଲେସିଆର ଆରୋନ ଚିଆ ଓ ସୋ ଉଇ ୟିକ୍‌ଙ୍କଠାରୁ ହାରିଯାଇଛନ୍ତି। ଏସିଆନ ଗେମ୍ସ ଚାମ୍ପିୟନ ପୁଣି ଥରେ ବିଶ୍ୱର ୨ ନମ୍ବର ମାଲେସୀୟ ଯୋଡ଼ିଙ୍କୁ ହରାଇବାରେ ବିଫଳ ହୋଇଥିଲେ। ୨୦୨୨ ବିଶ୍ୱ ଚାମ୍ପିୟନ ଓ ଦୁଇଥର ଅଲିମ୍ପିକ ବ୍ରୋଞ୍ଜ ବିଜେତା ଆରୋନ ଓ ସୋ'ଙ୍କଠାରୁ ସାତ୍ତ୍ୱିକ ଓ ଚିରାଗ ୧୩-୨୧, ୧୭-୨୧ରେ ପରାସ୍ତ ହୋଇଛନ୍ତି। ଦୁଇ ଯୋଡ଼ିଙ୍କ ମଧ୍ୟରେ ଏହା ହେଉଛି ୧୪ତମ ଭେଟ। ହେଡ୍ ଟୁ ହେଡ୍ ରେକର୍ଡରେ ମାଲେସୀୟ ଯୋଡ଼ି ଆଧିପତ୍ୟ ବିସ୍ତାର କରିଛନ୍ତି। ସୂଚନାଯୋଗ୍ୟ, ଆରୋନ ଓ ସୋ ଟୋକିଓ ଅଲିମ୍ପିକ୍ସ କ୍ୱାର୍ଟରଫାଇନାଲରେ ମଧ୍ୟ ଏହି ଭାରତୀୟ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଚଳିତ ସିଜନରେ ସାତ୍ତ୍ୱିକ-ଚିରାଗ ଯୋଡ଼ିଙ୍କ ପ୍ରଦର୍ଶନ ଭଲ ରହିଛି। ଏହା ପୂର୍ବରୁ ସେମାନେ ଇଣ୍ଡିଆ ଓପନ, ସିଙ୍ଗାପୁର ଓପନ ଓ ମାଲେସିଆ ଓପନ ସେମିଫାଇନାଲରେ ପ୍ରବେଶ କରିଥିଲେ।

# ଓଡ଼ିଶାର ସୁତଭ୍ୟଙ୍କୁ ଡବଲ ଟାଇଟଲ

**ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ**




ପୁରସ୍କାର ସହ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୬।୭ (ତପନ ସ୍ୱାଇଁ)**

ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ (ଟିଏସ୭) ଟେନିସ (୧୪ ଓ ୧୬ ବର୍ଷରୁ କମ୍) ଟୁର୍ନାମେଣ୍ଟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଶନିବାର ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ସୁତଭ୍ୟ କର୍ମକାର ଡବଲ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତ୍ରିପୁରା, ଆସାମ ଆଦି ୫ ରାଜ୍ୟରୁ ୫୨ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ସୁତଭ୍ୟ ୬-୪, ୭-୫ ସେଟ୍‌ରେ ପଶ୍ଚିମବଙ୍ଗର ସୟଦ ଫୈଜାନ ହୁସେନଙ୍କୁ ପରାସ୍ତ କରିଛନ୍ତି। ସେହିପରି ୧୬ ବର୍ଷରୁ କମ୍ ବାଳକ ଡବଲ୍ସ ଫାଇନାଲରେ ସୁତଭ୍ୟ ଓ ଫୈଜାନଙ୍କ ଯୋଡ଼ି ଓଡ଼ିଶାର ଅଂଶୁମାନ ଆଚାର୍ଯ୍ୟ ଓ ସୁୟାଶ ପଟ୍ଟନାଏକଙ୍କୁ ୬-୨, ୬-୨ରେ ହରାଇ ଟାଇଟଲ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ପଶ୍ଚିମବଙ୍ଗର ସ୍ୱପ୍ନିଲ ଘୋଷ ୭-୫, ୬-୦ରେ ଆସାମର ଚନ୍ଦ୍ରା ମହାନ୍ତିଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଟୁର୍ନାମେଣ୍ଟର ଚାମ୍ପିୟନ ଓ ରନରଅପ୍ ପ୍ରତିଯୋଗୀ ଯଥାକ୍ରମେ ୧୫ ଓ ୧୨ ଏଆଇଟିଏ ର୍‍ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଟିଏ ସମ୍ପାଦକ ସଞ୍ଜୀପ ପଣ୍ଡା ଓ ଯୁଗ୍ମ ସମ୍ପାଦକ ସସ୍ମିତ ପଟ୍ଟନାୟକ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଇତି ପ୍ରଧାନ ଟୁର୍ନାମେଣ୍ଟ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ।

**ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ଚାମ୍ପିୟନଶିପ୍**

# ତନ୍‌ଭି, ଭେନାଲାଙ୍କୁ ବ୍ରୋଞ୍ଜ ପଦକ

**ସୋଲୋ (ଇଣ୍ଡୋନେସିଆ), ୨୬।୭ (ପି.ଟି.)**

ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ବ୍ୟକ୍ତିଗତ ଚାମ୍ପିୟନଶିପ୍‌ରେ ଭାରତର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍‌ଭି ଶର୍ମା ଓ ଭେନାଲା କାଲାଗୋଟ୍ଲା ପ୍ରଭାବୀ ଅଭିଯାନ ବ୍ରୋଞ୍ଜ ପଦକ ସହ ଶେଷ ହୋଇଛି। ଟୁର୍ନାମେଣ୍ଟରେ ଭାରତ ପାଇଁ ଏହା ପ୍ରଥମ ଐତିହାସିକ ସଫଳତା। ଇଭେଣ୍ଟର ଗୋଟିଏ ସଂସ୍କରଣରେ ଦୁଇ ମହିଳା ସିଙ୍ଗଲ୍ସ ଖେଳାଳି ପୋଡିୟମ ଫିନିଶ କରିବାରେ ସଫଳ ହୋଇଛନ୍ତି। ସେମିଫାଇନାଲରେ ଭେନାଲା ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ଚାଇନାର ଲିୟୁ ସି ୟାଙ୍କଠାରୁ ୧୫-୨୧, ୧୮-୨୧ରେ ପରାଜିତ ହୋଇଥିଲେ। ଅନ୍ୟ କୋର୍ଟରେ ଦ୍ୱିତୀୟ ସିଡ୍ ତନ୍‌ଭି ଶର୍ମା ୮ମ ସିଡ୍ ଚାଇନାର ୟିନ୍ ୟି କ୍ୱିଙ୍ଗଙ୍କଠାରୁ ୧୩-୨୧, ୧୪-୨୧ରେ ହାରିଯାଇଥିଲେ। ଏହି ଦୁଇଟିଯାକ ମ୍ୟାଚ ୩୫ ମିନିଟ୍‌ରେ ଶେଷ ହୋଇଥିଲା। ସୂଚନାଯୋଗ୍ୟ, ତନ୍‌ଭି ଗତ ମାସରେ ୟୁଏସ୍ ଓପନ ସୁପର ୩୦୦ ଟୁର୍ନାମେଣ୍ଟରେ ରନରଅପ୍ ହୋଇଥିଲେ।


# Classified Everyday

**0674-2580101, 9692975378**



MATRIMONIAL

**BRIDE WANTED**

Beautiful Barik Girl 25, MBA BBSR base Service/ Established Business. 9853366347. D-1432

Handsome Brahmin Boy 1994, 5'11", B.Tech, MBA, Serving Officer SBI "SUNASANSAR". 9937512659. D-76298

**GROOM WANTED**

ବୟସ 28 କୌଣସି ଚାକିରୀ କରୁନଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1435

41 Widow Karan Caste କାର୍ଯ୍ୟରତ ଏକାକୀ ରହୁଥିବା କନ୍ୟାଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7873680393. D-1434

Retd. unmrd. General ଜାତିର କନ୍ୟା ପାଇଁ ଯେକୌଣସି ଜାତିର Unmrd./Widow/ Divorce ବରପାତ୍ର ଆବଶ୍ୟକ। 6370471610. D-1433




REAL ESTATE

**SALE**

**Nearest Grand Bazar Project 30 Feet Wide Road Gharabari plot with Boundarywall 1.5Km. Distance from NH-16 Price-1800/- per square feet. Contact-9337493150.** D-1425

BDA Approved Apartment Near Sum Hospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

**ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343.** D-76296

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

**Land near Balasore Town for Sale. Residential plot 19 decimals near Harihat in Village Sindhia near Balighat and 278 decimals Residential/ Farm House / Commercial Plots in Village Sahupada near Balasore, Baripada National Highway. Please contact immediately-7656861995.** D-75850

**କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834.** D-76286




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Positively health benefits SPA expert female therapist homely atmosphere. 9114559830. D-76295

**LOST**

ମୁଁ ରଞ୍ଜିତ ଝା, ପୁତ୍ର ଦିବଂଗତ ରଘୁନନ୍ଦନ ଝା, ବାସିନ୍ଦା କଲ୍ୟାଣୀନଗର, କଟକ, ଏହି ମାଧ୍ୟମରେ ଘୋଷଣା କରୁଛି ଯେ, ୧୬।୦୭।୨୦୨୫ରେ କଲ୍ୟାଣୀନଗରରୁ ଲିଙ୍କ୍‌ରୋଡ୍ ଯିବା ବେଳେ ମୋ ମୂଳ ଲିଙ୍କ୍ଡ ବିକ୍ରୟପତ୍ର (Linked Sale Deed) ହରାଇଯାଇଛି। ଏହି ବିକ୍ରୟପତ୍ର ସଂଖ୍ୟା 10391306729 ଯାହା ଉତ୍ତମପୁର ମୌଜା, ଖତିଆନ୍ ସଂଖ୍ୟା 247/1912 ଓ ପ୍ଲଟ୍ ସଂଖ୍ୟା 1221/3489 ସହ ସଂପୃକ୍ତ। ଉକ୍ତ ଜମି ରୁଚି କନ୍‌ଷ୍ଟ୍ରକ୍ସନ ଏବଂ ପ୍ରମୋଟର୍ସ ଠାରୁ ରାଜୀବଲୋଚନ ସାହୁ କେ 27.08.2013ରେ ବିକ୍ରୟ କରାଯାଇଥିଲା ଓ ସେହି ଜମି 13.06.2023ରେ ମୋତେ ବିକ୍ରୟ କରାଯାଇଥିଲା। ଯଦି ମିଳେ, ଦୟାକରି ଯୋଗାଯୋଗ କରନ୍ତୁ। 9437031456. D-1431

**AFFIDAVIT**

ମୁଁ ଦୀପକ ମୋହନ ରୋହେଲା, ପୁତ୍ର ରାଜେନ୍ଦ୍ର ସିଂହ ରୋହେଲା, ନିବାସୀ- ୮୦୩, ଜୟଦେବ ବିହାର, ଭୁବନେଶ୍ୱର, ମୋ ନାମ 'ଦୀପକ ରାଠୋର' କରିଛି। ଏହି ନାମ ଦଳି ଆଫିଡେଭିଟ୍ ୨୨।୦୭।୨୦୨୫ରେ ଦାଖଲ। ଧ-୧୪୩୭

By virtue of an affidavit sworn before the Executive Magistrate, Puri on dtd. 09.06.2025, I, Sushree Priyadarshini Parida, D/o-Bibeka Nanda Parida, At-Arihan, P/O.-Rua, P/S.-Chandanpur, Dist.- Puri, Odisha declared that I have changed my name and address from Sushree Priyadarshini Parida, D/o-Bibeka Nanda Parida, At-Arihan P/O.-Rua, P/S.-Chandanpur, Dist.- Puri to Sushreeta Priyadarshini Parida, W/o-Praveen Kumar Parida, At-Handiali, P/O.-Gadarodanga, P/S.-Brahmagiri, Dist.-Puri for all purposes. D-1436

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଭର୍ଷ୍ଟାପେନ୍ ଜିତିଲେ ସ୍ପ୍ରିଣ୍ଟ ରେସ୍

**ସ୍ପା-ଫ୍ରାଙ୍କୋରଚାମ୍ପ (ବେଲଜିୟମ), ୨୬।୭ (ଏପି)**




ଓସ୍କାର ପିଆଷ୍ଟ୍ରିଙ୍କୁ ଅତିକ୍ରମ କରି ମାକ୍ସ ଭର୍ଷ୍ଟାପେନ୍ ବେଲଜିଆନ ଫର୍ମୁଲା-୧ ଗ୍ରାଁ ପ୍ରି ସ୍ପ୍ରିଣ୍ଟ ରେସ୍ ଜିତିଛନ୍ତି। ଶନିବାର ଅନୁଷ୍ଠିତ ୧୫ ଲାପ୍ ବିଶିଷ୍ଟ ଏହି କ୍ୱାଲିଫାଇଂ ରେସ୍‌ରେ ଭର୍ଷ୍ଟାପେନ୍ ପ୍ରଥମ

**ବେଲଜିଆନ ଗ୍ରାଁ ପ୍ରି**

ଲାପ୍‌ରୁ ହିଁ ପିଆଷ୍ଟ୍ରିଙ୍କୁ ପଛରେ ପକାଇ ଦେଇଥିଲେ। ଅଷ୍ଟ୍ରେଲୀୟ ରେସ୍‌ରେ ଭର୍ଷ୍ଟାପେନ୍‌ଙ୍କ ନିକଟତର ରହିଥିଲେ ହେଁ ୪ଥର ଚାମ୍ପିୟନଙ୍କୁ ଅତିକ୍ରମ କରିବା ଲାଗି ସୁଯୋଗ ପାଇ ନ ଥିଲେ। ମ୍ୟାକଲରେନର ଅନ୍ୟ ଡ୍ରାଇଭର ଲାଣ୍ଡୋ ନୋରିସ ଫେରାରିର ଚାର୍ଲ୍ସ ଲେକ୍‌ରେକ୍‌ଙ୍କୁ ପଛରେ ପକାଇ ତୃତୀୟ ସ୍ଥାନରେ ରହିଥିଲେ। ମେ'ରେ ଏମିଲିଆ-ରୋମାଗ୍ନା ଗ୍ରାଁ ପ୍ରି ପରଠାରୁ କୌଣସି ପ୍ରକାର ରେସ୍‌ରେ ଏହା ହେଉଛି ଭର୍ଷ୍ଟାପେନଙ୍କ ପ୍ରଥମ ବିଜୟ। ଅକ୍ଟୋବରରେ ୟୁଏସ୍ ଗ୍ରାଁ ପ୍ରି ପରଠାରୁ ଏହା ହେଉଛି ତାଙ୍କର ପ୍ରଥମ ସ୍ପ୍ରିଣ୍ଟ ରେସ୍ ବିଜୟ। ଷ୍ଟାଣ୍ଡିଂରେ ନୋରିସଙ୍କଠାରୁ ପିଆଷ୍ଟ୍ରିଙ୍କ ଅଗ୍ରଣୀ ବ୍ୟବଧାନ ୮ରୁ ୯କୁ ବୃଦ୍ଧି ପାଇଛି। ଭର୍ଷ୍ଟାପେନ୍ ୬୮ ପଏଣ୍ଟ ବ୍ୟବଧାନରେ ତୃତୀୟ ସ୍ଥାନରେ ରହିଛନ୍ତି। ଲେକ୍‌ରେକ୍ ରେସ୍‌ରେ ଚତୁର୍ଥ ସ୍ଥାନରେ ରହି ହାସ୍ ପାଇଁ ଭଲ ଫଳାଫଳ ଆଣି ଦେଇଛନ୍ତି।

# ଜାଭି, ପେପଙ୍କ ଆବେଦନ ଅସଲ ନ ଥିଲା: ଏଆଇଏଫ୍‌ଏଫ୍

**ନୂଆଦିଲ୍ଲୀ,୨୬।୭(ପି.ଟି.)**

ଭାରତୀୟ ଫୁଟବଲ ଦଳର କୋଚ୍ ପଦବୀ ପାଇଁ ବିଶ୍ୱକପ୍ ବିଜୟୀ ସ୍ପାନିଶ କିମ୍ବଦନ୍ତୀ କୋଚ୍ ଜାଭି ହର୍ନାଣ୍ଡେଜ ଓ ପେପ ଗୁଆର୍ଡିଓଲା ଆବେଦନ କରିଥିବା ନେଇ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର ଜଣେ ଅଧିକାରୀ ଦାବି କରିଥିଲେ। ତେବେ ସେହି ଦୁଇଟି ଆବେଦନ ଅସଲ ନ ଥିଲା ବୋଲି ଏଆଇଏଫ୍‌ଏଫ୍ ପକ୍ଷରୁ ଶନିବାର ସ୍ପଷ୍ଟୀକରଣ ରଖାଯାଇଛି।

"ଏଆଇଏଫ୍‌ଏଫ୍‌କୁ ସ୍ପାନିଶ କୋଚ୍ ଗୁଆର୍ଡିଓଲା ଓ ହର୍ନାଣ୍ଡେଜଙ୍କ ଇ-ମେଲ ମିଳିଥିଲା। ସେମାନଙ୍କ ଆବେଦନର ସତ୍ୟତା ସ୍ପଷ୍ଟ ହୋଇପାରି ନ ଥିଲା। ପରେ ଇ-ମେଲ ଆବେଦନଗୁଡ଼ିକ ଅସଲ ନ ଥିବା ଜଣାପଡ଼ିଥିଲା" ବୋଲି ଏଆଇଏଫ୍‌ଏଫ୍ ପକ୍ଷରୁ ବିବୃତିରେ କୁହାଯାଇଛି। ଫେଡେରେଶନର ଜଣେ ଅଧିକାରୀ ନାଁ ନ କହିବା ସର୍ତ୍ତରେ କହିଥିଲେ ଯେ, ଭାରତୀୟ ଦଳର ମୁଖ୍ୟ କୋଚ୍ ଲାଗି ଜାଭି ଆବେଦନ କରିଥିଲେ। ହେଲେ ଏଆଇଏଫ୍‌ଏଫ୍ ନିକଟରେ ତାଙ୍କୁ ନିଯୁକ୍ତ କରିବା ପାଇଁ ଟଙ୍କା ନ ଥିବାରୁ ତାଙ୍କ ଆବେଦନକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଆଇଏମ୍ ବିଜୟନଙ୍କ ନେତୃତ୍ୱାଧୀନ ଟେକ୍‌ନିକାଲ କମିଟି ପକ୍ଷରୁ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୩ ଜଣଙ୍କ ନାମ ଶର୍ଟଲିଷ୍ଟ କରାଯାଇ ଫେଡେରେଶନର କାର୍ଯ୍ୟକାରୀ ପରିଷଦକୁ ପଠାଯାଇଛି। ଏଥିରେ ଭାରତୀୟ କୋଚ୍ ଖାଲିଦ ଜମିଲ, ସ୍ଲୋଭାକିଆର ଷ୍ଟେଫାନ ଟାର୍କୋଭିକ୍ ଓ ଷ୍ଟିଫେନ କନଷ୍ଟାଣ୍ଟାଇନଙ୍କ ନାମ ରହିଛି। ବିଜୟନ କହିଛନ୍ତି ଯେ, ବିସ୍ତୃତ ଆଲୋଚନା ପରେ ୧୦ ପ୍ରାର୍ଥୀଙ୍କ ତାଲିକା ରିଭ୍ୟୁ ଲାଗି କମିଟି ନିକଟକୁ ପଠା ଯାଇଥିଲା।

# ରିଦ୍‌ମିକ୍ ଯୋଗ



ଯେପରି ଶରୀର ସୁସ୍ଥ ରହିବା ଲାଗି ନିୟମିତ ଯୋଗ କରିବା ବେଶ୍ ଉପକାରୀ, ଠିକ୍ ସେହିପରି ମାନସିକ ସ୍ୱାସ୍ଥ୍ୟ ପାଇଁ ସଂଗୀତ ଖୁବ୍ ଉପାଦେୟ ହୋଇଥିବାରୁ ଚିକିତ୍ସା ବିଜ୍ଞାନରେ ମଧ୍ୟ ମ୍ୟୁଜିକ୍ ଥେରାପିକୁ ଅଗ୍ରାଧିକାର ଦିଆଯାଇଛି। ତେବେ ଏହି ଦ୍ୱୟର ସମାହାରରେ ସୃଷ୍ଟି ହୋଇଥିବା ରିଦ୍‌ମିକ୍ ଯୋଗ ମଣିଷକୁ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରଖିବାରେ ସାହାଯ୍ୟ କରୁଥିବାରୁ ଏହା ବର୍ତ୍ତମାନ ଲାଟେଷ୍ଟ ଫିଟ୍‌ନେସ୍ ଟ୍ରେଣ୍ଡ୍ ପାଲଟିଛି...

ସଂଗୀତର ତାଳେ ତାଳେ ଯୋଗ କରିବାକୁ ରିଦ୍‌ମିକ୍ ଯୋଗ କୁହାଯାଇଥାଏ। ଏଥିପାଇଁ ବିଭିନ୍ନ ଶାସ୍ତ୍ରୀୟ ସଂଗୀତ, ଭକ୍ତି ସଂଗୀତ, ମନ୍ତ୍ର ତଥା ଧ୍ୱନି ବ୍ୟବହାର କରାଯାଇଥାଏ। ଯେମିତିକି ସୂର୍ଯ୍ୟ ନମସ୍କାର ସମୟରେ କୌଣସି ସଂଗୀତ ବଜାଇଲେ ଏହାର ତାଳ ଓ ଲୟ ସହିତ ପ୍ରତିଟି ଆସନ କରିବାରେ ଏହାର ସାମଞ୍ଜସ୍ୟ ରହିଥାଏ। ପ୍ରାଣାୟାମ କିମ୍ବା ଧ୍ୟାନ କରିବା ବେଳେ ଓମ୍ ଧ୍ୱନି କିମ୍ବା ବଂଶୀ ସ୍ୱର, ସ୍ଲୋ ମ୍ୟୁଜିକ୍ ବଜାଇବା ଦ୍ୱାରା ଶ୍ୱାସକ୍ରିୟାରେ ନିୟନ୍ତ୍ରଣ ରହିବା ସହ ମନ ଶାନ୍ତ ରହିଥାଏ ଏବଂ ଏକାଗ୍ରତା ବୃଦ୍ଧି ପାଇଥାଏ। କିଛି ବର୍ଷ ହେବ ଫିଟ୍‌ନେସ୍ ପାଇଁ ପ୍ରତ୍ୟେକ ଜିମ୍ ସେଣ୍ଟରରେ ମ୍ୟୁଜିକ୍ ତାଳେ ତାଳେ ଏକ୍ସରସାଇଜ୍ କରିବା ବା ଜୁମ୍ବା ଡ୍ୟାନ୍ସ କରାଯାଉଥିବା ଦେଖାଯାଉଛି। ହେଲେ ବର୍ତ୍ତମାନ ମ୍ୟୁଜିକ୍ ସହିତ ଯୋଗ କରିବା ମଧ୍ୟ ଏକ ଲାଟେଷ୍ଟ ଫିଟ୍‌ନେସ୍ ଟ୍ରେଣ୍ଡ ପାଲଟୁଥିବା ଦେଖିବାକୁ ମିଳୁଛି। ତେବେ ଯୁବପିଢ଼ି ନିଜକୁ ଫିଟ୍ ରଖିବା ଲାଗି ରିଦ୍‌ମିକ୍ ଯୋଗ ପ୍ରତି ଅଧିକ ଆଗ୍ରହୀ ହେଉଛନ୍ତି।

## ରିଦ୍‌ମିକ୍ ଯୋଗର ଅନେକ ଉପକାରିତା ରହିଛି


**ଏକାଗ୍ରତା ବୃଦ୍ଧି କରିଥାଏ:** ଯୋଗ କଲେ ଅନେକ ଉପକାରିତା ମିଳିଥାଏ। ହେଲେ ରିଦ୍‌ମିକ୍ ଯୋଗ କରିବା ବା ସଂଗୀତର ଶବ୍ଦ ମସ୍ତିଷ୍କର ତନ୍ତ୍ରିଗୁଡ଼ିକ ଶାନ୍ତ ଏବଂ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରିଥାଏ। ଓମ୍ ଉଚ୍ଚାରଣ, ବିଭିନ୍ନ ରାଗ କିମ୍ବା ଶାସ୍ତ୍ରୀୟ ସଂଗୀତ, ବଂଶୀ ଶବ୍ଦ, ଓମ୍ ନମଃ ଶିବାୟ ଉଚ୍ଚାରଣ ସହିତ ଯୋଗ କଲେ ଶରୀରର ବିଭିନ୍ନ ଅଙ୍ଗକୁ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ। ଏହାଦ୍ୱାରା ମସ୍ତିଷ୍କରେ ଆଲ୍‌ଫା ତରଙ୍ଗ ବୃଦ୍ଧି ପାଇଥାଏ, ଯାହାକି ଏକାଗ୍ରତା ସହ ରଚନାତ୍ମକତା ତଥା କଳାତ୍ମକତା ବୃଦ୍ଧି କରିଥାଏ।

**ମନ ସ୍ଥିର ରଖିବା ସହ ସୁନିଦ୍ରା କରାଏ:** ଓମ୍ ଉଚ୍ଚାରଣ କରିବା କିମ୍ବା ଏହି ଶବ୍ଦ ଲଗାଇ ଏହାର ତାଳେ ତାଳେ ଯୋଗ କଲେ ଏହା ମସ୍ତିଷ୍କର ପ୍ରିଫ୍ରଣ୍ଟାଲ୍ କର୍ଟେକ୍ସକୁ ସକ୍ରିୟ କରିଥାଏ। ଯାହାକି ଧ୍ୟାନ କେନ୍ଦ୍ରିତ କରିବା ବା ସ୍ଥିରମନା ହେବା ସହ ନିଷ୍ପତ୍ତି ନେବାର କ୍ଷମତାକୁ ବୃଦ୍ଧି କରିଥାଏ। ଓମ୍ ଉଚ୍ଚାରଣ ସହିତ ଭ୍ରାମରୀ ପ୍ରାଣାୟାମ କଲେ ସୁନିଦ୍ରା ମିଳିଥାଏ।

**ଅବସାଦମୁକ୍ତ ରଖିଥାଏ:** ସଂଗୀତ ଏବଂ ଯୋଗର ସଂଯୋଗରେ କର୍ଟିସୋଲ୍ (ଅବସାଦ ହର୍‌ମୋନ) ସ୍ତରକୁ ହ୍ରାସ କରାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟ ମୁତାବକ ମ୍ୟୁଜିକ୍ ଥେରାପି ଓ ଯୋଗ ଏକତ୍ର କରିବା ଦ୍ୱାରା ମାନସିକ ଚିନ୍ତା, ଅବସାଦ ବା ଡିପ୍ରେଶନ ସମସ୍ୟା ଖୁବ୍‌ଶୀଘ୍ର କମ୍ ହୋଇଥାଏ।

**ମାନସିକ ସନ୍ତୁଳନ ରକ୍ଷାକରେ:** ମ୍ୟୁଜିକ୍ ବା ସଂଗୀତ ଭାବ ପ୍ରକାଶର ଏକ ବଳିଷ୍ଠ ମାଧ୍ୟମ। ତେଣୁ କୌଣସି କାରଣରୁ ମନ ବିଚଳିତ, ବ୍ୟସ୍ତ ବିବ୍ରତ ହୋଇ ଉଠେ ଏବଂ ଅବସାଦ ଭାବନା ଜାଗତ ହୁଏ, ଏମିତିରେ ନିଜ ମାନସିକ ସ୍ଥିତିରେ ସନ୍ତୁଳନ ରକ୍ଷା କରିବା ଲାଗି ରିଦ୍‌ମିକ୍ ଯୋଗ କରିବା ବେଶ୍ ଲାଭଦାୟକ ହୋଇଥାଏ। ଜର୍ନାଲ୍ ଅଫ୍ ମ୍ୟୁଜିକ୍ ଥେରାପିରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ ରିଦ୍‌ମିକ୍ ଯୋଗ ମସ୍ତିଷ୍କରେ ଡୋପାମାଇନ୍ (ଖୁସି ହର୍ମୋନ) କ୍ଷରଣ ବୃଦ୍ଧି କରିଥାଏ। ମାନସିକ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ ଏବଂ ମଣିଷକୁ ନୀରୋଗ ରଖିବାରେ ସାହାଯ୍ୟ କରିଥାଏ।


**ହୃଦ୍‌ରୋଗ ଆଶଙ୍କା କମାଏ:** ରିଦ୍‌ମିକ୍ ଯୋଗ କରିବା ସମୟରେ ବିଭିନ୍ନ ମ୍ୟୁଜିକ୍‌ର ରିଦମ୍ ଅନୁଯାୟୀ ଯୋଗାସନ କରିବା ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗ ଓ ଶ୍ୱାସକ୍ରିୟା ମଧ୍ୟରେ ସାମଞ୍ଜସ୍ୟ ଯୋଗୁ ଶରୀରର ରକ୍ତ ସଞ୍ଚାଳନ ପ୍ରକ୍ରିୟା ସୁଚାରୁରୂପେ ହୋଇଥାଏ। ଫଳରେ ହୃତ୍‌ପିଣ୍ଡ ଓ ଶରୀରର ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ଠିକ୍ ଭାବେ ପହଞ୍ଚିପାରେ। ଫଳରେ ହୃତ୍‌ପିଣ୍ଡ ଏବଂ ଧମନୀ ସୁସ୍ଥ ରହିଥାଏ, ଫଳରେ ହୃଦ୍‌ରୋଗ ଆଶଙ୍କା କମିଥାଏ।




**ଗଣ୍ଠିଜନିତ ସମସ୍ୟା ଦୂରକରେ:** ଏପରି ଯୋଗ କରିବା ଦ୍ୱାରା ଶରୀରର ସବୁ ଗଣ୍ଠି ସ୍ଥାନରେ ଥିବା ଯନ୍ତ୍ରଣା ଦୂର ହୋଇଥାଏ। ବିଶେଷକରି ଅଧିକ ସମୟ ବସି ପଢ଼ୁଥିବା କିମ୍ବା ଦୀର୍ଘ ସମୟ କମ୍ପ୍ୟୁଟରରେ ଡେସ୍କ ଜବ୍ କରୁଥିବା ଯୁବପିଢ଼ିଙ୍କ ପାଇଁ ଏହି ଯୋଗ ବେଶ୍ ଉପକାରୀ।

**ରଖେ ସ୍ଲିମ୍ ଫିଟ୍:** ବର୍ତ୍ତମାନ ମେଦ ବହୁଳତା ଅଧିକାଂଶଙ୍କ ଲାଗି ଏକ ବଡ଼ ସମସ୍ୟା ପାଲଟିଛି। ଆଉ ଏଥିଯୋଗୁଁ ଡାଇବେଟିସ୍, ରକ୍ତଚାପ ଭଳି ସମସ୍ୟା ବି ବୃଦ୍ଧି ପାଉଛି। ହେଲେ ପ୍ରତିଦିନ ରିଦ୍‌ମିକ୍ ଯୋଗ କଲେ ଏହା ମାଂସପେଶୀଗୁଡ଼ିକୁ ଶକ୍ତି ପ୍ରଦାନ କରିବା ସହ ଶରୀର ସ୍ଲିମ୍ ଫିଟ୍ ରହିଥାଏ ଏବଂ ଏହିସବୁ ସ୍ୱାସ୍ଥ୍ୟ ସମସ୍ୟା ଉପୁଜି ନ ଥାଏ। ଏହା ପାଚନକ୍ରିୟାକୁ ମଧ୍ୟ ଠିକ୍ ରଖିଥାଏ। ସର୍ବୋପରି ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

– ପୌର୍ଣ୍ଣମାସୀ





### ବାଦ୍ୟ-ସଙ୍ଗୀତର ଧୁନ୍ ସହ ଯୋଗର ବଢ଼ୁଛି ଆଦର



ଯୋଗ ଏବଂ ଆସନ ଅନେକ ପ୍ରକାରର ଥିଲାବେଳେ ଏହାକୁ ମଧ୍ୟ ବିଭିନ୍ନ ଉପାୟରେ ଭିନ୍ନ ଭିନ୍ନ ଅବସ୍ଥାରେ କରାଯାଏ। ଏପରିକି ରୋଗ ପାଇଁ ବି ଯୋଗ ରହିଛି। ସାଧାରଣ ଭାବରେ ପୂର୍ବରୁ ଆମର ମୁନି-ଋଷି ଓଁକାର ଧ୍ୱନି ସହ ଧ୍ୟାନସ୍ଥ ହେଉଥିବା ଆମେ ପଢ଼ିଛୁ। ସେହି ଧ୍ୱନି ଯୋଗ ସହ ଯେତେବେଳେ ସମନ୍ୱୟ ହୁଏ, ମାନବ ଶରୀରରେ ଏକ ଅଦ୍ଭୁତ ଶିହରଣ ସୃଷ୍ଟି ହୁଏ, ଭିନ୍ନ ତରଙ୍ଗ ଖେଳିଯାଏ। ପୂରା ମନପ୍ରାଣ ତଲ୍ଲୀନ ହୋଇଉଠେ। ସୁସ୍ଥ, ସତେଜ, ଫୁର୍ତ୍ତି ସହ ପୂରା ମନ ପ୍ରଫୁଲ୍ଲିତ ହୋଇଉଠେ। ସେହି ଧ୍ୱନିର ଧୁନ୍ ଏତେ କ୍ଷମତା, ଯାହା ମନକୁ ସ୍ଥିର ରଖିବା ସହ ଏକାଗ୍ରତା ଜାଗ୍ରତ କରେ। ଆଜି ବି ସେହି ଧାରାରେ ସମସ୍ତେ ଚାଲିଛନ୍ତି, କିନ୍ତୁ ଏବେ ସମୟ ସହ କିଛି ପରିବର୍ତ୍ତନ ନୁହେଁ ବରଂ କିଛି ନୂଆ କଥା ଯୋଡ଼ି ହୋଇଛି। ବାଦ୍ୟ- ତାଳ- ଲୟକୁ ନେଇ ବିଭିନ୍ନ ସଂଗୀତ ଓ ସଂଗୀତର ଧୁନ୍‌ରେ ଯୋଗ ହେଉଛି। ଉଭୟର ଅପୂର୍ବ ସମ୍ମିଶ୍ରଣ କରି ମନ ଏବଂ ଶରୀର ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ ପ୍ରୟାସ ହେଉଛି, ଯାହା ପ୍ରେମରେ ଏବେ ସମସ୍ତେ। ସେଥିପାଇଁ ସାଧାରଣ ଯୋଗ ଅପେକ୍ଷା ରିଦ୍‌ମିକ ବା ଧ୍ୱନିଯୁକ୍ତ ଯୋଗର ଆଦର ବଢ଼ିଛି। ଏମିତିରେ ବି ଚିକିତ୍ସା ବିଜ୍ଞାନରେ ରୋଗୀକୁ ସଂଗୀତ ଥେରାପି ବା ମ୍ୟୁଜିକ ଥେରାପିର ଚମତ୍କାରିତାର ବହୁ ସଫଳ କାହାଣୀ ରହିଛି। ତେଣୁ ସଂଗୀତ ଆମ ଭିତରେ ଅଛି, ତାକୁ ଏହି ଯୋଗ ଦ୍ୱାରା ହିଁ ସାଧନ କରାଯାଏ। କିନ୍ତୁ ଆଜି ଉଭୟର ମିଳନରେ ଯେଉଁ ଯୋଗକ୍ରିୟା ଚାଲିଛି, ତାହା ରିଦ୍‌ମିକ ଯୋଗ ଭାବେ ବହୁଳ ଲୋକପ୍ରିୟ। ଯେମିତି ଅତ୍ୟାଧୁନିକ ଜିମ ସେଣ୍ଟର ଏବଂ ବିଭିନ୍ନ ଡ୍ୟାନ୍ସ ସେଣ୍ଟରରେ ବି ସଂଗୀତ ସହ ସବୁ କିଛି ହେଉଛି; ସେମିତି ଯୋଗ ସାଧନ କେନ୍ଦ୍ରରେ ବି ସଂଗୀତ ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଆଜି ଯୋଗ କେନ୍ଦ୍ର ବା ଯୋଗ ପାଠ୍ୟକ୍ରମରେ ବି ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏପରିକି ଯୋଗ କେନ୍ଦ୍ରକୁ ଆସୁଥିବା ପ୍ରଶିକ୍ଷାର୍ଥୀ ବି ପଚାରୁଛନ୍ତି ଯେ ଆପଣଙ୍କ ଅନୁଷ୍ଠାନରେ ରିଦ୍‌ମିକ ଯୋଗ ଶିକ୍ଷା ଦିଆଯାଉଛି କି ନାହିଁ। ଯୋଗ ସମ୍ପୂର୍ଣ୍ଣ ଶରୀରକୁ ଏବଂ ତା'ସହିତ ସଂଗୀତ ମନକୁ ସହଜରେ ନିୟନ୍ତ୍ରଣ କରିବାରେ ବେଶ ସହାୟକ ହେଉଛି। ଏହାଛଡ଼ା ଆମ ଜୀବନରେ ସଂଗୀତର ଗୁରୁତ୍ୱ ଏବଂ ପ୍ରଭାବକୁ ବି ଆମେ ଉପଲବ୍ଧି କରିପାରୁଛୁ। ଆମ ଅନୁଷ୍ଠାନ ବି ଏହି ଯୋଗ ସାଧନା ପ୍ରଶିକ୍ଷାର୍ଥୀଙ୍କୁ ଶିକ୍ଷା ପ୍ରଦାନ କରୁଛି।

*– **ସୌମ୍ୟା ଦାଶ**, ପ୍ରତିଷ୍ଠାତା ନିର୍ଦ୍ଦେଶକା, ବ୍ଲିସ୍‌ଫୁଲ ଯୋଗ ସେଣ୍ଟର, ଭୁବନେଶ୍ୱର*

ୟୁଥ୍ ଆଲର୍ଟ

# ଅନ୍‌ଲାଇନ୍ ଜବ୍ ଆପ୍ଲାଏ କରୁଥିଲେ...

ଆଜିକାଲି ଜବ୍ ଆଶାୟୀ ପ୍ରାର୍ଥୀ ଅନ୍‌ଲାଇନ୍‌ରେ ଯେକୌଣସି ଜବ୍ ଅଫର୍ ପାଇଲେ ତାହା ଯେପରି ହାତଛଡ଼ା ନ ହୋଇଯାଉ, ସେଥିପାଇଁ ତୁରନ୍ତ ଆପ୍ଲାଏ କରିବାକୁ ପଛାଉନାହାନ୍ତି। ହେଲେ କେବେକେବେ ଏହା ସେମାନଙ୍କୁ ଠକିବା ଲାଗି ହ୍ୟାକର୍‌ମାନଙ୍କର ଏକ ପ୍ଲାନ୍ ହୋଇଥାଏ। ତେଣୁ ଏ ଦିଗରେ ସତର୍କ ରହିବା ନିହାତି ଆବଶ୍ୟକ...

❖ ବର୍ତ୍ତମାନ ହ୍ୟାକର୍‌ମାନେ ଇ-ମେଲ୍ ଜରିଆରେ ଫେକ୍ ଜବ୍ ଅଫର ଦେଇ ଅନେକଙ୍କୁ ଲୁଟୁଥିବାର ଦେଖିବାକୁ ମିଳୁଛି। ତେଣୁ ଇ-ମେଲ୍‌କୁ କୌଣସି ଜବ୍ ଅଫର ଆସିଲେ ତୁରନ୍ତ ଆପ୍ଲାଏ କରି ନିଜର ପର୍ସନାଲ୍ ଡାଟା ଦେବାର ଭୁଲ୍ ଆଦୌ କରନ୍ତୁ ନାହିଁ। ପ୍ରଥମେ ଭଲ ଭାବେ ଦେଖନ୍ତୁ ତାହା ଏକ ଠିକ୍ ତଥା ରେଜିଷ୍ଟର୍ଡ ଆଇଡି କି ନୁହେଁ। କାରଣ ଅନେକ ନାମୀଦାମୀ କମ୍ପାନୀ ନାଁରେ ସାମାନ୍ୟ ସ୍ପେଲିଂ ଭୁଲ୍ ଥିବା ଡୋମେନ୍ ନେମ୍ ଥିବା ଇ-ମେଲ୍ ଆଡ୍ରେସ୍‌ରେ ଆସୁଥିବା ଜବ୍ ଅଫର ଦେଖିଲେ ଯେ କେହିବି ଧୋକା ଖାଇଯିବେ। ତେଣୁ ଏଥିପ୍ରତି ସତର୍କ ରହିବା ସହ କେବଳ କମ୍ପାନୀର ନିଜସ୍ୱ କ୍ୟାରିୟର୍ ପେଜ୍‌କୁ ଯାଇ ଆବେଦନ କରନ୍ତୁ।




❖ ଯଦି ବିଦେଶୀ କମ୍ପାନୀରେ କୌଣସି ଜବ୍ ପାଇଁ ଆପ୍ଲାଏ କରୁଛନ୍ତି, ତେବେ ସିଧାସଳଖ ଯୋଗାଯୋଗ କରନ୍ତୁ। କାରଣ କୌଣସି ଏଜେଣ୍ଟଙ୍କ ମାଧ୍ୟମରେ ଗଲେ ଆପଣ ଠକାମିର ଶିକାର ହୋଇପାରନ୍ତି।

❖ କୌଣସି ଜବ୍ ପାଇଁ ଯଦି ଆପଣଙ୍କୁ ଆବଶ୍ୟକତାଠାରୁ ଖୁବ୍ ଅଧିକ ପ୍ୟାକେଜ୍ ଦିଆଯିବାକୁ କୁହାଯାଏ, ତେବେ ଜାଣିରଖନ୍ତୁ ଏହା ଆପଣଙ୍କୁ ଠକିବାର ଚାଲ୍ ହୋଇପାରେ। ବିଶେଷକରି କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ଯୁବତୀଯୁବକଙ୍କୁ ବାହାର ରାଜ୍ୟ ବା ଦେଶରେ ଅଧିକ ଦରମାରେ ଚାକିରି କରାଇଦେବା, ରହିବା, ଖାଇବା ମାଗଣା ଭଳି ଲୋଭ ଦେଖାଇ ଦଲାଲ୍‌ମାନେ ଲକ୍ଷ ଲକ୍ଷ ଟଙ୍କା ଠକେଇ କରୁଥିବାର ଅନେକ ଘଟଣା ନଜିର ରହିଛି। ଏଥିପ୍ରତି ସତର୍କ ରୁହନ୍ତୁ।

❖ ଯଦି କୌଣସି ଜଣାଶୁଣା କମ୍ପାନୀ ଜବ୍ ଦେବା ପୂର୍ବରୁ ସିକ୍ୟୁରିଟି, ରେଜିଷ୍ଟ୍ରେଶନ୍, ଡକ୍ୟୁମେଣ୍ଟ ଭେରିଫିକେଶନ୍ ଇତ୍ୟାଦି ଲାଗି ଟଙ୍କା ମାଗୁଛନ୍ତି ତେବେ ତାହା ଫେକ୍। କାରଣ କୌଣସି କମ୍ପାନୀ ଜବ୍ ଦେବା ଲାଗି ଟଙ୍କା ମାଗି ନ ଥା'ନ୍ତି। ଏ କ୍ଷେତ୍ରରେ କମ୍ପାନୀର ପଞ୍ଜୀକୃତ ଲ୍ୟାଣ୍ଡଲାଇନ୍ ନମ୍ବରକୁ କଲ୍ କରି ମେଲ୍ କିମ୍ବା ଟେଲିଫୋନ୍ ଯୋଗେ ଆପଣଙ୍କୁ ଯୋଗାଯୋଗ କରିଥିବା ବ୍ୟକ୍ତି ସମ୍ପର୍କରେ ସତ୍ୟାସତ୍ୟ ଯାଞ୍ଚ କରିନେବା ଆବଶ୍ୟକ।

❖ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯଦି କେହି ଜବ୍ ଦେବା ପୂର୍ବରୁ ଆପଣଙ୍କ ବ୍ୟାଙ୍କ୍ ଡିଟେଲ୍ସ, ଆଧାରକାର୍ଡ ଭଳି ପର୍ସନାଲ୍ ଡାଟା ମାଗେ ତେବେ ସତର୍କ ରୁହନ୍ତୁ। ନଚେତ୍ ଏହାଦ୍ୱାରା ହ୍ୟାକର୍‌ଙ୍କୁ ଆପଣଙ୍କ ବ୍ୟାଙ୍କ୍ ଆକାଉଣ୍ଟ ହ୍ୟାକ୍ କରି ଟଙ୍କା ଚୋରି କରିବା ସହଜ ହୋଇଯିବ।



## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ......... ଠାରେ ମହିଳା ଆରୋଗ୍ୟ କକ୍ଷର ଶୁଭାରମ୍ଭ କରାଯାଇଛି ?
୨– ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଶନାଲ୍ ର୍‍ୟାଙ୍କିଙ୍ଗ୍ ଫ୍ରେମ୍‌ୱର୍କ ........... ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ?
୩– ଲାଇରିଓଥେମିସ୍ ଆବ୍ରାହାମି ଏକ ପ୍ରକାରର ........ ପ୍ରଜାତିର ନାମ ?
୪– ଚୋଳ ଗଙ୍ଗମ୍ ହ୍ରଦ ............... ରାଜ୍ୟରେ ଅବସ୍ଥିତ ?
୫– ନ୍ୟାଶନାଲ୍ ହ୍ୟାଣ୍ଡଲୁମ୍ ଡେ' ............. ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ଫ୍ରାନ୍ସ ଏବଂ ୟୁନାଇଟେଡ୍ କିଙ୍ଗଡମ୍
୨ ସୁଦର୍ଶନ ପଟ୍ଟନାୟକ
୩ ବୁଲ୍‌ଗେରିଆ
୪ ଆସାମ
୫ ଓଡ଼ିଶା

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ନରେଶ ଚନ୍ଦ୍ର ପ୍ରଧାନ, ଯାଜପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ -ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ସବୁଠୁ ବଡ଼ କସ୍‌ମେଟିକ୍ କମ୍ପାନୀ (୨୦୨୪)

୧– ଲରିଏଲ୍ ..... ୨୩୪.୭୫ ବିଲିଅନ ଡଲାର
୨– ଜିଭାଉଡାନ୍ ..... ୪୭ ବିଲିଅନ ଡଲାର
୩– ଇଷ୍ଟୀ ଲାଉଡର୍ ..... ୩୨.୮୮ ବିଲିଅନ ଡଲାର
୪– ଇଣ୍ଟରନ୍ୟାଶନାଲ୍ ଫ୍ଲେଭର୍ସ ଆଣ୍ଡ ଫ୍ରାଗ୍ରାନ୍ସେସ୍ ........ ୨୬.୫୮ ବିଲିଅନ ଡଲାର
୫– ଗାଲ୍ଡେର୍ମା ଗ୍ରୁପ୍ ..... ୨୨.୬୩ ବିଲିଅନ ଡଲାର
୬– କାଓ ..... ୨୦.୮୮ ବିଲିଅନ ଡଲାର
୭– ଅଲ୍ଟା ବ୍ୟୁଟି ..... ୧୬.୬୨ ବିଲିଅନ ଡଲାର
୮– ପୁଇଗ୍ ବ୍ରାଣ୍ଡ ..... ୧୫.୮୨ ବିଲିଅନ ଡଲାର
୯– ଶିସେଇଡୋ ..... ୮.୭୯ ବିଲିଅନ ଡଲାର
୧୦– ଇଏଲ୍‌ଏଫ୍ କସ୍‌ମେଟିକ୍ସ ..... ୮.୪୪ ବିଲିଅନ ଡଲାର

ୟୁଥ୍ ଫ୍ୟାଶନ୍

# ଫ୍ୟାଶନେବଲ୍ ରେନ୍ ଫୁଟ୍‌ୱେର

ଦିନ ଥିଲା, ବର୍ଷାଋତୁ ଆସିଲେ ପାଣି ସଂସ୍ପର୍ଶରେ ଆସି ଫୁଟ୍‌ୱେର୍ ଯେପରି ନଷ୍ଟ ନ ହୋଇଯାଏ ସେନେଇ ବଢ଼ିଯାଉଥିଲା ଚିନ୍ତା। ହେଲେ ଏବେ ସେ ସମୟ ଆଉ ନାହିଁ। ବର୍ଷାଦିନ ପାଇଁ ମାର୍କେଟ୍‌ରେ ବିଭିନ୍ନ ଡିଜାଇନ୍‌ର ସ୍ପେଶାଲ ୱାଟରପ୍ରୁଫ ଫୁଟ୍‌ୱେର୍ ଉପଲବ୍ଧ; ଯାହାକି କରିଛି ଯୁବପିଢ଼ିଙ୍କ ମନ୍‌ସୁନ୍ ଆଉଟ୍‌ଫିଟ୍‌କୁ ଆହୁରି ଫ୍ୟାଶନେବଲ...



✲ ଡ୍ରେସ୍ ସହିତ ମ୍ୟାଚିଂ ଚପଲ ବିନା ଗେଟ୍‌ଅପ୍ ଅଧା ଲାଗିଥାଏ। କିନ୍ତୁ ବର୍ଷାଦିନେ ଡିଜାଇନର ଚପଲ ପିନ୍ଧିବା ଯୁବପିଢ଼ିଙ୍କ ଲାଗି ସାଜେ ଚିନ୍ତାର କାରଣ। ହେଲେ ବର୍ତ୍ତମାନ ସ୍ପେଶାଲ ବର୍ଷାଦିନ ଲାଗି ମାର୍କେଟ୍‌ରେ ଅନେକ ପ୍ରକାରର ୱାଟରପ୍ରୁଫ୍ ଚପଲ ମିଳୁଛି, ଯାହା ମଧ୍ୟରୁ କଲରଫୁଲ୍ ଫ୍ଲିପ୍ ଫ୍ଲପ୍ ଯୁବତୀମାନଙ୍କର ପ୍ରଥମ ପସନ୍ଦ ପାଲଟିଛି। କାରଣ ଏହାର ଏତେସବୁ ଷ୍ଟାଇଲିଶ୍ କଲେକ୍ସନ ମିଳୁଛି, ଯାହାକୁ ବିଚ୍ ଫୁଟ୍‌ୱେରଠୁ ଆରମ୍ଭ କରି କାଜୁଆଲ୍ ଏମିତିକି ପାର୍ଟି ଫୁଟ୍‌ୱେର୍ ଭାବେ ବ୍ୟବହାର କଲେ ବି ଆଇକ୍ୟାଚି ଲାଗୁଛି। ତେବେ ଏହା ନା କେବଳ ଆକର୍ଷଣୀୟ ଲୁକ୍ ଦେଉଛି ବରଂ ବେଶ୍ କମ୍ଫର୍ଟେବଲ୍ ମଧ୍ୟ ଲାଗୁଛି।

✲ ଯେଉଁମାନେ ଫୁଲ୍ କିମ୍ବା ହାଫ୍ ଶୁ ପିନ୍ଧିବାକୁ ପସନ୍ଦ କରନ୍ତି ଏବଂ ବର୍ଷାରେ ଏହା ଓଦା ହୋଇଯିବ ବୋଲି ଚିନ୍ତା କରୁଛନ୍ତି, ସେମାନଙ୍କ ପାଇଁ ବର୍ତ୍ତମାନ ବିଭିନ୍ନ ପ୍ରକାରର ୱାଟରପ୍ରୁଫ୍ ଫୁଟ୍‌ୱେର ବି ମାର୍କେଟ୍‌ରେ ସହଜରେ ମିଳିଯାଉଛି। ଏହି ଜୋତାର ସୋଲ୍‌କୁ ଏଭଳି ପ୍ରସ୍ତୁତ ଯାଇଛି, ଯାହା ପିନ୍ଧିବାକୁ ବେଶ୍ ଆରାମଦାୟକ ହୋଇଥିବା ବେଳେ ଯାହାର ଗ୍ରିପ୍ ଷ୍ଟ୍ରଙ୍ଗ୍ ହୋଇଥିବାରୁ ଗୋଡ଼ ଖସିବାର ବି ଆଶଙ୍କା ନାହିଁ। ତା'ଛଡା ଏହାର ବିଭିନ୍ନ କଲର, ଡିଜାଇନ୍ ଏବଂ ସାଇଜ୍ ସହଜରେ ମିଳିଯାଉଥିବାରୁ ଯୁବପିଢ଼ି ଏହାକୁ ଖୁବ୍ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

✲ ଯୁବକମାନେ ଏଦିନେ ଲେଦର, କାନ୍‌ଭାସ୍ ଭଳି ଜୋତା ପରିବର୍ତ୍ତେ ପାଣି ସଂସ୍ପର୍ଶରେ ଆସି ଶୀଘ୍ର ନଷ୍ଟ ନ ହେବା ଭଳି ରବର ସୋଲ୍ ଫୁଟ୍‌ୱେର ବ୍ୟବହାର କରୁଛନ୍ତି। ରବର ଏବଂ ସଫ୍ଟ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ଚପଲଗୁଡ଼ିକର ବିଭିନ୍ନ ଆକର୍ଷଣୀୟ ଡିଜାଇନ ବର୍ତ୍ତମାନ ଯୁବପିଢ଼ିଙ୍କୁ ଅଧିକ ଆକୃଷ୍ଟ କରୁଛି।

✲ ବର୍ତ୍ତମାନ ବର୍ଷାଦିନ ପାଇଁ ବିଭିନ୍ନ ନାମୀଦାମୀ କମ୍ପାନୀର ଲାଇଟ୍‌ୱେଟ୍ ୱାଟରପ୍ରୁଫ୍ ୱାକିଂ ଶୁଜ୍ ମଧ ମାର୍କେଟ୍‌ରେ ଏବଂ ଅନ୍‌ଲାଇନ୍‌ରେ ମିଳିଯାଉଛି। ଅଧିକାଂଶ ଫୁଟ୍‌ୱେର ୟୁନିସେକ୍ସ ହୋଇଥିବାରୁ ଏହାକୁ ଯୁବପିଢ଼ି ୱାକିଂ, ଜଗିଂ, ଜିମ୍ ୱାର୍କଆଉଟ୍ ପାଇଁ ମଧ୍ୟ ବ୍ୟବହାର କରିପାରୁଛନ୍ତି। ସବୁଠୁ ବଡ଼ କଥା ହେଉଛି ଏହା ୱାଟରପ୍ରୁଫ୍ ହେବା ସହ ବ୍ରିଦେବଲ୍ ମ୍ୟାଟେରିଆଲ୍‌ରେ ପ୍ରସ୍ତୁତ ହୋଇଥିବାରୁ ଦିନସାରା ପାଦ ଶୁଖିଲା ରହିଥାଏ। ତା'ଛଡ଼ା ଏହାକୁ ସଫା କରିବା ବି ଖୁବ୍ ସହଜ ହୋଇଥିବାରୁ ଏହାର ଡିମାଣ୍ଡ ବଢୁଥିବା ଦେଖିବାକୁ ମିଳୁଛି।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୨୭ ଜୁଲାଇ, ୨୦୨୫ | Bhubaneswar, Sunday, 27 July, 2025




# ରାହୁଲ-ଗିଲ୍ ଇନିଂସ ସମ୍ଭାଳିଲେ

## ଚତୁର୍ଥ ଟେଷ୍ଟ

**ମାଞ୍ଚେଷ୍ଟର, ୨୬।୭**

ଏଠାରେ ଚାଲିଥିବା ଭାରତ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ଦୃଢ଼ ସ୍ଥିତିରେ ରହିଛି। ଭାରତର ୩୫୮ ରନ ଜବାବରେ ଇଂଲଣ୍ଡ ୬୬୯ ରନକରି ପ୍ରଥମ ଇନିଂସରେ ୩୧୧ ରନରେ ଅଗ୍ରଣୀଲାଭ କରିଛି। ଦ୍ୱିତୀୟ ଇନିଂସରେ ସ୍କୋର ବୋର୍ଡରେ ରନ ଯୋଗ ହେବା ପୂର୍ବରୁ ଭାରତ ୨ଟି ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଯଶସ୍ୱୀ ଜୟସ୍ୱାଲ ଓ ସାଇ ସୁଦର୍ଶନଙ୍କୁ ଗୋଲ୍ଡେନ ଡକ୍(୦)ରେ ଆଉଟ କରି ଭାରତୀୟ ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲେ କ୍ରିସ୍ ୱୋକ୍ସ। ମାତ୍ର ଅଭିଜ୍ଞ ଲୋକେଶ ରାହୁଲ ଓ ଅଧିନାୟକ ଶୁବମନ ଗିଲ୍ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିଛନ୍ତି। ଶନିବାର ଚତୁର୍ଥ ଦିବସରେ ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଭାରତ ୩୮ ଓଭରରେ ୨ ଉଇକେଟ ହରାଇ ୯୮ ରନ ସଂଗ୍ରହ କରିଛି। ରାହୁଲ ୩୮ ଓ ଗିଲ ୫୬ ରନରେ ଅପରାଜିତ ରହିଛନ୍ତି। ୮ ଉଇକେଟ ସୁରକ୍ଷିତ ଥାଇ ଭାରତ ଆହୁରି ୨୧୩ ରନରେ ପଛରେ ରହିଛି।


ଶତକ ହାସଲ ପରେ ବେନ୍ ଷ୍ଟୋକ୍ସ।

### ଷ୍ଟୋକ୍ସଙ୍କ ଶତକ

ତୃତୀୟ ଦିବସର ଅସମାପ୍ତ ସ୍କୋର ୫୪୪/୭ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ଆଉ ୧୯ ରନ ଯୋଗକରି ଲିଆମ ଡସନ (୨୬)ଙ୍କ ଉଇକେଟ ହରାଇଥିଲା। କ୍ରିସ୍ ୱୋକ୍ସ ମାତ୍ର ୪ ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ବେନ୍ ଷ୍ଟୋକ୍ସ ଓ ବ୍ରାଇଡନ କାର୍ସ ୧୦ମ ଉଇକେଟରେ ୯୫ ରନ ସଂଗ୍ରହ କରି ଇଂଲଣ୍ଡ ସ୍କୋରକୁ ୬୫୦ ଅତିକ୍ରମ କରାଇଥିଲେ। କ୍ୟାରିୟରର ୧୪ଶ ଶତକ ହାସଲ କରିଥିବା ଷ୍ଟୋକ୍ସ ୧୯୮ ବଲ୍‌ରୁ ୧୧ ଚୌକା ଓ ୩ ଛକା ସହାୟତାରେ ୧୪୧ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଷ୍ଟୋକ୍ସଙ୍କୁ ସାଇ ସୁଦର୍ଶନଙ୍କ ହାତରେ କ୍ୟାଚ କରାଇ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ରବୀନ୍ଦ୍ର ଜାଡେଜା। କାର୍ସ ୪୭ ରନକରି ଆଉଟ ହେବା ସହ ଇଂଲଣ୍ଡ ଇନିଂସର ପରିସମାପ୍ତି ଘଟିଥିଲା। ୧୫୭.୧ ଓଭର ଖେଳିଥିବା ଇଂଲଣ୍ଡ ମୋଟ ୬୬୯ ରନ କରିଥିଲା। ଭାରତ ପକ୍ଷରୁ ଜାଡେଜା ୪ଟି, ଯଶପ୍ରୀତ୍ ବୁମ୍‌ରା ଓ ୱାଶିଂଟନ ସୁନ୍ଦର ୨ଟି ଲେଖାଏ ଏବଂ ଅଂଶୁଲ କାମ୍ବୋଜ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟେଷ୍ଟରେ ଏହାକୁ ମିଶାଇ ଇଂଲଣ୍ଡ ୭ ଥର ଭାରତ ବିପକ୍ଷରେ ୬୦୦ରୁ ଊର୍ଦ୍ଧ୍ୱ ସ୍କୋର କରିଛି। ପୂର୍ବ ୬ ଥରରୁ ଇଂଲଣ୍ଡ ୫ ଥର ବିଜୟୀ ହୋଇଥିଲା। କେବଳ ୨୦୦୨ରେ ଟ୍ରେଣ୍ଟବ୍ରିଜରେ ଭାରତ ମ୍ୟାଚ ଡ୍ର କରିବାକୁ ସକ୍ଷମ ହୋଇଥିଲା। ଭାରତ ୧୧ ରନ ମଧ୍ୟରେ ୨ଟି ଉଇକେଟ ହରାଇଥିଲେ ହେଁ ରାହୁଲ ଦ୍ରାବିଡ ୧୧୫, ସଚିନ ତେନ୍ଦୁଲକର ୯୨ ଓ ସୌରଭ ଗାଙ୍ଗୁଲି ୯୯ ରନକରି ଇନିଂସ ସମ୍ଭାଳି ନେଇଥିଲେ। ଟେଷ୍ଟରେ ଭାରତ ବିପକ୍ଷରେ ଇଂଲଣ୍ଡର ଏହା ଦ୍ୱିତୀୟ ସର୍ବାଧିକ ସ୍କୋର। କେବଳ ୨୦୧୧ରେ ଏଜବାଷ୍ଟନଠାରେ ଏହାଠାରୁ ଅଧିକ ୭୧୦/୭ ରନ କରିଥିଲା। ୪ ଜଣ ଭାରତୀୟ ବୋଲର ୧୦୦ରୁ ଊର୍ଦ୍ଧ୍ୱ ରନ ବ୍ୟୟ କରିଥିଲେ। ଏକ ଦଶନ୍ଧି ପୂର୍ବରୁ ୨୦୧୪-୧୫ରେ ଅଷ୍ଟ୍ରେଲିଆ ଟୁର୍‌ରେ ଏପରି ହୋଇଥିଲା।


**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୫୮। ଇଂଲଣ୍ଡ ପ୍ରଥମ ଇନିଂସ: ୬୬୯/ଅଲ୍‌ଆଉଟ (ଜୋ ରୁଟ୍-୧୫୦, ବେନ୍ ଷ୍ଟୋକ୍ସ-୧୪୧, ବେନ୍ ଡକେଟ-୯୪, ଜ୍ୟାକ୍ କ୍ରଲି-୮୪, ଓଲି ପୋପ୍-୭୧, ରବୀନ୍ଦ୍ର ଜାଡେଜା-୪/୧୪୩, ଯଶପ୍ରୀତ୍ ବୁମ୍‌ରା-୨/୧୧୨, ୱାଶିଂଟନ ସୁନ୍ଦର-୨/୧୦୭, ମହମ୍ମଦ ସିରାଜ-୧/୧୪୦, ଅଂଶୁଲ କାମ୍ବୋଜ-୧/୮୯)।

# ୟୁଏଇରେ ହେବ ଏସିଆ କପ୍ କ୍ରିକେଟ

**କରାଚୀ, ୨୬।୭ (ପି.ଟି.)**

ପୁରୁଷ ଏସିଆ କପ୍ ସେପ୍ଟେମ୍ବର ୯ରୁ ୨୮ ପର୍ଯ୍ୟନ୍ତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ୧୯ଟି ମ୍ୟାଚ ଖେଳାଯିବ। ମ୍ୟାଚ୍‌ଗୁଡ଼ିକ ଦୁବାଇ ଓ ଆବୁଧାବିରେ ଅନୁଷ୍ଠିତ ହେବ। ଗ୍ରୁପ୍ 'ଏ'ରେ ଭାରତ, ପାକିସ୍ତାନ, ୟୁଏଇ ଏବଂ ଓମାନ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ 'ବି'ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ ସ୍ଥାନ ପାଇଛନ୍ତି। ପ୍ରତ୍ୟେକ ସେମାନଙ୍କ ଦଳରେ ସର୍ବାଧିକ ୧୭ ଜଣ ଲେଖାଏଁ ଖେଳାଳି ନେଇ ପାରିବେ। ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଚେୟାରମ୍ୟାନ ମୋହସିନ ନକ୍‌ଭି ଶନିବାର ଏବିଷୟରେ ସୂଚନା ଦେଇଛନ୍ତି। ନକ୍‌ଭି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ମଧ୍ୟ ଚେୟାରମ୍ୟାନ ଅଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ସେ ଟୁର୍ନାମେଣ୍ଟ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା କରିଛନ୍ତି। ଜୁଲାଇ ୨୪ ଓ ୨୫ରେ ସମସ୍ତ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଏକ ବୈଠକ ବସିଥିଲା। ଏଥିରେ ଇଭେଣ୍ଟର ଭେନ୍ୟୁ ଧାର୍ଯ୍ୟ କରାଯାଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ହେଉଛି ଟୁର୍ନାମେଣ୍ଟର ଆୟୋଜକ, କିନ୍ତୁ ଦୁଇ ଦେଶ ମଧ୍ୟରେ ସୀମା ଆରପାରି ଉତ୍ତେଜନା ଯୋଗୁ ଉଭୟେ ୨୦୨୭ ପର୍ଯ୍ୟନ୍ତ କେବଳ ନିରପେକ୍ଷ ଭେନ୍ୟୁରେ ଖେଳିବା ଲାଗି ରାଜି ହୋଇଛନ୍ତି। ବ୍ରଡକାଷ୍ଟର ସହିତ ଏସିସିର ହୋଇଥିବା ଚୁକ୍ତିନାମା ଅନୁସାରେ ଉଭୟ ଦଳ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇବେ। ଦୁଇ ଦଳ ଯେପରି ସୁପର ସିକ୍ସ ଏବଂ ଫାଇନାଲରେ ପରସ୍ପରକୁ ଭେଟିବା ସମ୍ଭାବନା ରହିବ, ସେଦିଗରେ ମଧ୍ୟ ଧ୍ୟାନ ଦିଆଯିବ। ଏସିଆ କପ୍ ଟି୨୦ ଫର୍ମାଟରେ ଅନୁଷ୍ଠିତ ହେବ। ପରବର୍ତ୍ତୀ ଟି୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଆୟୋଜନ ହେଉଥିବାରୁ ଏହି ଟୁର୍ନାମେଣ୍ଟ ଗୁରୁତ୍ୱବହନ କରୁଛି।




### ଭାରତର ଏସିଆ କପ୍ ଗ୍ରୁପ୍ ଲିଗ୍ କାର୍ଯ୍ୟସୂଚୀ

ସେପ୍ଟେମ୍ବର ୧୦: ଭାରତ ବନାମ ୟୁଏଇ
ସେପ୍ଟେମ୍ବର ୧୪: ଭାରତ ବନାମ ପାକିସ୍ତାନ
ସେପ୍ଟେମ୍ବର ୧୯: ଭାରତ ବନାମ ଓମାନ

**ସୁପର-୪ କାର୍ଯ୍ୟସୂଚୀ**

ସେପ୍ଟେମ୍ବର ୨୦: 'ବି'-୧ ବନାମ 'ବି'-୨ (ଭାରତ ବନାମ ପାକିସ୍ତାନ ସମ୍ଭାବନା)।
ସେପ୍ଟେମ୍ବର ୨୩: 'ଏ'-୨ ବନାମ 'ବି'-୨
ସେପ୍ଟେମ୍ବର ୨୪: 'ଏ'-୧ ବନାମ 'ବି'-୨।

# ପ୍ରଥମ ଗେମ୍ ଡ୍ର' ରଖିଲେ ଦିବ୍ୟା, ହମ୍ପି

**ବାଟୁମି, ୨୬।୭**

ଫିଡେ ମହିଳା ଚେସ୍ ୱାର୍ଲ୍ଡକପ୍ ଫାଇନାଲରେ ଦୁଇ ଭାରତୀୟ ଖେଳାଳି ଭେଟେରାନ ଗ୍ରାଣ୍ଡମାଷ୍ଟର (ଜିଏମ୍) କୋନେରୁ ହମ୍ପି ଓ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଦିବ୍ୟା ଦେଶମୁଖ ପରସ୍ପରକୁ ଭେଟିଛନ୍ତି। ଶନିବାର ଦୁହିଁଙ୍କ ମଧ୍ୟରେ ଖେଳାଯାଇଥିବା ପ୍ରଥମ ରାଉଣ୍ଡ ଗେମ୍ ଡ୍ର' ଭାବେ ଶେଷ ହୋଇଛି। ଏଣୁ ଦୁଇ ଖେଳାଳିଙ୍କୁ ପଏଣ୍ଟ ଭାଗ କରିବାକୁ ପଡ଼ିଛି। ୪୧ ମୁଭ ପର୍ଯ୍ୟନ୍ତ ଚାଲିଥିବା ଏହି ଗେମ୍‌ରେ ୧୯ ବର୍ଷୀୟା ଦିବ୍ୟା ନିଜର ସୃଜନଶୀଳ ଗୋଟି ଚାଳନା ଜରିଆରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଆଗୁଆ ରହିଥିଲେ। ପରେ ୩୮ ବର୍ଷୀୟା ହମ୍ପି କ୍ୱିନ ଓ ରୁକ୍ ମାଧ୍ୟମରେ କାଉଣ୍ଟର ଆଟାକିଂ କରି ଗେମ୍‌କୁ ଫେରିଥିଲେ। ଶେଷରେ ଦୁହେଁ ପଏଣ୍ଟ ଭାଗ କରିବାକୁ ରାଜି ହୋଇଥିଲେ। ରବିବାର ଫାଇନାଲର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଖେଳାଯିବ।

# ଆଗୁଆ ସିରିଜ୍ ଜିତିଲା ଅଷ୍ଟ୍ରେଲିଆ

## ଡେଭିଡ୍‌ଙ୍କ ରେକର୍ଡ ଶତକ

**ସେଣ୍ଟ କିଟ୍ସ, ୨୬।୭**

ଟିମ୍ ଡେଭିଡ୍‌ଙ୍କ ବିସ୍ଫୋରକ ଶତକ ବଳରେ ଅଷ୍ଟ୍ରେଲିଆ ୬ ଉଇକେଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ବିଜୟ ହାସଲ କରିଛି। ଅଧିନାୟକ ସାଇ ହୋପଙ୍କ ଶତକ ବଳରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୨୧୫ ରନର ଟାର୍ଗେଟକୁ ଅଷ୍ଟ୍ରେଲିଆ ୧୬.୧ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଅଷ୍ଟ୍ରେଲିଆ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌କୁ ୩-୦ରେ ଆଗୁଆ ଜିତି ନେଇଛି। ଡେଭିଡ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆସନ୍ତା ରବିବାର ସମାନ ଭେନ୍ୟୁରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୧୪ ରନ କରିଥିଲା। ଦଳ ପାଇଁ ଅଧିନାୟକ ହୋପ ୫୭ ବଲରେ ୧୦୨ ରନର ଅପରାଜିତ ଶତକୀୟ ପାଳି ଖେଳିଥିଲେ। ଏହି ଇନିଂସରେ ୮ ଚୌକା ଓ ୬ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ରାଣ୍ଡନ କିଙ୍ଗ୍ ୩୬ ବଲରେ ୬୨ (୩ ଚୌକା ଓ ୬ ଛକା) ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ନାଥନ ଏଲିସ, ଆଡମ ଜାମ୍ପା ଓ ମିଚେଲ ଓ୍ୱେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୮.୫ ଓଭର ସୁଦ୍ଧା ୮୭ ରନରେ ପ୍ରମୁଖ ୪ ବ୍ୟାଟରଙ୍କୁ ହରାଇ ସଙ୍କଟରେ ଥିଲା। ଏଭଳି ସ୍ଥିତିରେ ଡେଭିଡ୍ ୩୭ ବଲରେ ୬ ଚୌକା ଓ ୧୧ ଛକା ସହିତ ୧୦୨ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଏହା ଅଷ୍ଟ୍ରେଲିଆ ପାଇଁ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଦ୍ରୁତତମ ଶତକ। ତେବେ ଟେଷ୍ଟ ଖେଳୁଥିବା ଦେଶ ବିପକ୍ଷରେ ଏହା ଚତୁର୍ଥ ଦ୍ରୁତତମ ଟି୨୦ ଶତକ। ଡେଭିଡ୍‌ଙ୍କୁ ଓ୍ୱେନ (୩୬ ରନ, ୨ ଚୌକା ଓ ୩ ଛକା) ଆବଶ୍ୟକୀୟ ସମର୍ଥନ ଦେଇଥିଲେ। ୱେଷ୍ଟଇଣ୍ଡିଜ ଲାଗି ରୋମାରିଓ ଶେଫର୍ଡ ୨ ଓ ଜାସନ ହୋଲ୍ଡର ୧ ଉଇକେଟ ନେଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ୍ ଟିମ୍ ଡେଭିଡ୍।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍: ୨୦ ଓଭରରେ ୨୧୪/୪ (ସାଇ ହୋପ୍-୧୦୨*, ବ୍ରାଣ୍ଡନ କିଙ୍ଗ-୬୨, ମିଚେଲ ଓ୍ୱେନ-୧/୨୩, ନାଥନ ଏଲିସ-୧/୩୭)।
ଅଷ୍ଟ୍ରେଲିଆ: ୧୬.୧ ଓଭରରେ ୨୧୫/୪ (ଟିମ ଡେଭିଡ୍-୧୦୨*, ମିଚେଲ ଓ୍ୱେନ-୩୬*, ମିଚେଲ ମାର୍ଶ-୨୨, ରୋମାରିଓ ଶେଫର୍ଡ-୨/୩୯)।

# ଆଶେସ ପୂର୍ବରୁ ଇଂଲଣ୍ଡକୁ ସ୍ମିଥ୍‌ଙ୍କ ଚେତାବନୀ

**ଲଣ୍ଡନ, ୨୬।୭ (ପି.ଟି.)**

ଚଳିତ ବର୍ଷ ନଭେମ୍ବରରେ ଆଶେସ ସିରିଜ୍ ଲାଗି ବେନ ଷ୍ଟୋକ୍ସଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ଦଳ ଅଷ୍ଟ୍ରେଲିଆ ଟୁର କରିବ। ଏହି ଟୁର ପୂର୍ବରୁ ଅଷ୍ଟ୍ରେଲିଆର ସିନିୟର ବ୍ୟାଟର ଷ୍ଟିଭ ସ୍ମିଥ ଇଂଲଣ୍ଡ ଦଳକୁ ଚେତାବନୀ ଦେଇଛନ୍ତି। ଭାରତ ବିପକ୍ଷ ସିରିଜ୍‌ରେ ଫ୍ଲାଟ ପିଚ୍‌ରେ ଭଲ ପ୍ରଦର୍ଶନ କରୁଥିବା ଇଂଲଣ୍ଡ ବ୍ୟାଟରଙ୍କୁ ଅଷ୍ଟ୍ରେଲିଆରେ ବ୍ୟାଟିଂ ଫ୍ରେଣ୍ଡଲି ପିଚ୍ ମିଳିବ ନାହିଁ ବୋଲି ସ୍ମିଥ୍ କହିଛନ୍ତି। ଇଂଲଣ୍ଡ ବ୍ୟାଟରଙ୍କୁ ଅଷ୍ଟ୍ରେଲିଆରେ ଅଧିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ସେମାନେ ସ୍ୱଦେଶରେ ଫ୍ଲାଟ ପିଚ୍‌ରେ ଖେଳୁଛନ୍ତି, ଯାହାକି ବ୍ୟାଟରଙ୍କୁ ସୁହାଉଛି। ଗତ ୩ରୁ ୪ ବର୍ଷରେ ଅଷ୍ଟ୍ରେଲିଆର ପିଚ୍ ଟପ ଅର୍ଡର ବ୍ୟାଟରଙ୍କ ଲାଗି ଖୁବ୍ ଚ୍ୟାଲେଞ୍ଜିଂ ରହୁଛି। ଆଗାମୀ ଆଶେସ ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ସିରିଜ୍ ହେବ ବୋଲି ସ୍ମିଥ୍ କହିଛନ୍ତି। ଏତଦ୍ ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ମୁଁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ସିରିଜ୍‌କୁ ଦେଖୁଛି। ଏହି ସିରିଜ୍‌ରେ ଖୁବ୍ ଭଲ କ୍ରିକେଟ୍ ଖେଳାଯାଉଛି। ଏଣୁ ମୋ ମତରେ ଚଳିତ ଆଶେସ ଖୁବ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବ।

# ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର ଆରମ୍ଭ


ବରୁଣ କୁମାର ନାଏକ

**ଭୁବନେଶ୍ୱର, ୨୬।୭ (ତପନ ସ୍ୱାଇଁ)**

ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶନିବାର ଭିନ୍‌ଟେଜ୍ କ୍ଲବ ପରିସରରେ ଆରମ୍ଭ ହୋଇଛି। ଓଏସିସ କନ୍‌ଭେନଶନ ଆଣ୍ଡ ଲନ୍‌ର ଏମ୍‌ଡି ମିଶାଲ ସ୍ୱାଇଁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଟୁର୍ନାମେଣ୍ଟ ଅଧ୍ୟକ୍ଷ ଶ୍ୟାମ ଅଗ୍ରୱାଲ, ନିର୍ଦ୍ଦେଶକ ନିଶାନ୍ତ ବିଶ୍ୱାଳ ଓ ଅନ୍ୟ ପ୍ରତିଯୋଗୀମାନେ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ମୋଟ ୨୩ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାକିର ଅଲୀ ଖାଁ, ଶ୍ୟାମ ଅଗ୍ରୱାଲ, ଅଲତାଫ ଅଲୀ, ସନ୍ଦୀପ ଅଗ୍ରୱାଲ, ପି. ଗୋବିନ୍ଦ ରାଓ, ଅଭିଳାସ ମହାନନ୍ଦ, ରୁମିତ ଗୁପ୍ତା, ଆଶିଷ ପାତ୍ର, ପ୍ରିୟଗୋବିନ୍ଦ ମହାପାତ୍ର, ଅମିତ ସିଂ, ସାଗର ସ୍ୱାଇଁ, ଚିରଞ୍ଜୀବ ସିଂ, ଆଦିତ୍ୟ ହଳଧର, ଚେତନ ଆନନ୍ଦ, ମିଶାଲ ସ୍ୱାଇଁ, ବରୁଣ କୁମାର ନାଏକ, ଦେବୀ ପ୍ରସାଦ ସାହୁ, ଜ୍ଞାନ ଦାସ ପ୍ରମୁଖ ବିଜୟୀ ହୋଇଛନ୍ତି। ବରୁଣ କୁମାର ନାଏକଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା। ପ୍ରଥମ ଦିବସ ଖେଳ ଶେଷରେ ମିଶାଲ ସ୍ୱାଇଁ, ଜ୍ଞାନ ଦାସ, ଜାକିର ଅଲୀ ଖାଁ ଓ ପି. ଗୋବିନ୍ଦ ରାଓ ପ୍ରମୁଖ ମୁଖ୍ୟ ଡ୍ରକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

# ଚିନ୍ନାସ୍ୱାମୀ ଷ୍ଟାଡିୟମ ବଡ଼ ଇଭେଣ୍ଟ ଲାଗି ଅସୁରକ୍ଷିତ

**ବେଙ୍ଗାଲୁରୁ, ୨୬।୭**

ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ବଡ଼ ଇଭେଣ୍ଟ ଆୟୋଜନ କରିବା ଲାଗି ସୁରକ୍ଷିତ ନୁହେଁ ବୋଲି ଶନିବାର ଘୋଷଣା କରାଯାଇଛି। ଗତ ଜୁନ ୪ ତାରିଖରେ ଷ୍ଟାଡିୟମରେ ନିକଟରେ ଘଟିଥିବା ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟଣାର ତଦନ୍ତ ଲାଗି କର୍ଣାଟକ ସରକାରଙ୍କ ପକ୍ଷରୁ ଜଷ୍ଟିସ ଜନ ମାଇକେଲ ଡି' କୁନହା କମିଶନକୁ ନିଯୁକ୍ତ କରାଯାଇଥିଲା। ଏହି ପ୍ୟାନେଲ ତା'ର ତଦନ୍ତ ରିପୋର୍ଟକୁ ସରକାରଙ୍କ ନିକଟରେ ଦାଖଲ କରିଛି। ରିପୋର୍ଟରେ ବଡ଼ ଇଭେଣ୍ଟ ଆୟୋଜନ ଲାଗି ଷ୍ଟାଡିୟମର ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଯାଇଛି।

ଷ୍ଟାଡିୟମର ଡିଜାଇନ ଓ ଢାଞ୍ଚା ବଡ଼ ଧରଣର ସମାବେଶ ଲାଗି ଅନୁପଯୁକ୍ତ ଓ ସୁରକ୍ଷିତ ନୁହେଁ। ଏହାର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରା ସିଧାସଳଖ ଜନସାଧାରଣଙ୍କ ଫୁଟ୍‌ପାଥରେ ଖୋଲୁଛି। ପ୍ରବେଶ ସ୍ଥଳରେ ଭିଡ ପାଇଁ ପ୍ରଶସ୍ତ ଓ ସଂଗଠିତ ସ୍ଥାନ ନାହିଁ। ଯାହା ଫଳରେ ଦର୍ଶକଙ୍କୁ ବାଧ୍ୟ ହୋଇ ଫୁଟ୍‌ପାଥ ଧାଡ଼ି କରିବାକୁ ପଡୁଛି। ଏଥିଯୋଗୁ ଯାନବାହନ ଓ ଜନସାଧାରଣଙ୍କ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏଥିସହିତ ଏହା ଅସାମାଜିକ ବ୍ୟକ୍ତିଙ୍କୁ ଭିଡରେ ସାମିଲ ହେବାକୁ ସୁଯୋଗ ଦେଉଛି। ବିଶେଷ କରି ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥାର ଅଭାବ ଥିବା ବେଳେ ଏହା ବିପଦକୁ ଆହୁରି ବଢ଼ାଇ ଦେଉଛି। ଏସବୁ ତଥ୍ୟକୁ ଧ୍ୟାନରେ ରଖି ଷ୍ଟାଡିୟମ ଅଧିକାରୀଙ୍କୁ ବଡ଼ ସଂଖ୍ୟାରେ ଦର୍ଶକ ଯୋଗ ଦେବାକୁ ଥିବା ଇଭେଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ କମିଶନ ସୁପାରିଶ କରିଛି। ଭବିଷ୍ୟତରେ ନିର୍ମାଣ ହେବାକୁ ଥିବା ଭେନ୍ୟୁ ଅନ୍ତର୍ଜାତୀୟ ଷ୍ଟାଣ୍ଡର୍ଡର କରାଯିବା ଦରକାର। ସେଥିରେ ଧାଡ଼ିରେ ଛିଡ଼ା ହେବା ପାଇଁ ସାର୍ବଜନୀନ ରାସ୍ତାଠାରୁ ଅଲଗା ସ୍ଥାନ ନିର୍ମାଣ ସହିତ ବଡ଼ ସଂଖ୍ୟାରେ ଲୋକଙ୍କ ପ୍ରବେଶ ଓ ପ୍ରସ୍ଥାନ ଲାଗି ଗେଟ୍ସରେ ପର୍ଯ୍ୟାପ୍ତ ସ୍ଥାନ ରଖାଯିବା ଦରକାର। ବଡ଼ ସଂଖ୍ୟାରେ ଲୋକଙ୍କୁ ନିୟନ୍ତ୍ରଣ କରିବା ପାଇଁ ପର୍ଯ୍ୟାପ୍ତ ପାର୍କିଂ ଓ ଡ୍ରପ୍ ଅଫ୍ ଭିତ୍ତିଭୂମି ଭଳି ଅନ୍ତର୍ଜାତୀୟ ସୁରକ୍ଷା ମାନଦଣ୍ଡ ପାଳନ କରାଯିବାର ଆବଶ୍ୟକତା ରହିଥିବା କମିଶନ ପକ୍ଷରୁ କୁହାଯାଉଛି। ଭିତ୍ତିଭୂମିରେ ସେଭଳି ପରିବର୍ତ୍ତନ କରା ନ ଯିବା ପର୍ଯ୍ୟନ୍ତ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବଡ଼ ସଂଖ୍ୟାରେ ଦର୍ଶକଙ୍କ ଲାଗି ଇଭେଣ୍ଟ ଆୟୋଜନ କରିବା ଜାରି ରଖିବା ଦ୍ୱାରା ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିପଦ ରହିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।






1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ